RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 8 PAGES ● ₹ 6/-

# ନିତିଦିନ NITIDIN

www.nitidin.com
twitter.com/nitidintoday
facebook.com/nitidintoday

MONDAY
5 MAY 2025
ସୋମବାର
୫ ମେ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 ● ISSUE 344 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୦ ● ସଂଖ୍ୟା ୩୪୪ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

## ଦୀଘା ଦିଅଁ ବିବାଦ ପ୍ରସଙ୍ଗରେ ତନାଘନା

# ରାମକୃଷ୍ଣ ଦାସ ମହାପାତ୍ରଙ୍କୁ କୈଫିୟତ୍ ତଲବ



**ପୁରୀ,୪।୫/ଏନ୍ଏନ୍ଏସ୍:**

### ସିଂହଦ୍ୱାର ଥାନାରେ ମାମଲା ରୁଜୁ

ନିଜର ଦ୍ୱନ୍ଦ୍ୱାତ୍ମକ ବୟାନ ଦ୍ୱାରା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅଗଣିତ ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ମାନସରେ ବିଭ୍ରାନ୍ତି ସୃଷ୍ଟି କରିବା ଏବଂ ଶ୍ରୀମନ୍ଦିର ଗରିମା କ୍ଷୁଣ୍ଣ କରିବା ଅଭିଯୋଗରେ ଦଇତାପତି ସେବକ ରାମକୃଷ୍ଣ ଦାସ ମହାପାତ୍ରଙ୍କୁ ପଚରା ଉଚରା ସହ କୈଫିୟତ୍ ତଲବ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ନୋଟିସ୍ ପାଇବାର ୭ ଦିନ ମଧ୍ୟରେ କୈଫିୟତ୍ ଦାଖଲ କରିବାକୁ ସମୟ ଦିଆଯାଇଛି। ଏହି ସମୟ ଭିତରେ ସନ୍ତୋଷଜନକ କୈଫିୟତ୍ ହସ୍ତଗତ ନହେଲେ, ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ ଅନୁଯାୟୀ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସ୍‌ରେ କୁହାଯାଇଛି। ଏହା ସହ ସିଂହଦ୍ୱାର ଥାନାରେ ରାମକୃଷ୍ଣ ଦାସ ମହାପାତ୍ରଙ୍କ ନାଁରେ ଏତଲା ଦେଇଛନ୍ତି ଶ୍ରୀଜଗନ୍ନାଥ ସେନା। ଦାରୁ କାଠ କିପରି ଦୀଘା ଗଲା ସେନେଇ ଏତଲାରେ ଲେଖା ହୋଇଛି।

ପ୍ରକାଶ ଯେ ପଶ୍ଚିମବଙ୍ଗ ଦୀଘା ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା/ଉଦ୍‌ଘାଟନ ଉତ୍ସବରେ ଯୋଗଦାନ କରି ଏବଂ ଶ୍ରୀମନ୍ଦିର ଚତୁର୍ଦ୍ଧାମୂର୍ତ୍ତିଙ୍କର ନବକଳେବର ବକଳା ଦାରୁରେ ନିର୍ମିତ ମୂର୍ତ୍ତି ସେହି ଦୀଘା ମନ୍ଦିରକୁ ପ୍ରଦାନ କରିଥିବା ଶ୍ରୀ ଦାସ ମହାପାତ୍ର ବଙ୍ଗୀୟ ଗଣମାଧ୍ୟମକୁ ସାକ୍ଷାତକାର୍ ଦେଇଥିବା ଅଭିଯୋଗ ହୋଇଥିଲା। ପରେ ଓଡ଼ିଶା ଗଣମାଧ୍ୟମରେ ସେ ଏହାକୁ ଖଣ୍ଡନ କରିଥିବା ବେଳେ ଅନ୍ୟ ନିମ୍ବକାଠରେ ବିଗ୍ରହ ନିର୍ମାଣ କରି ନେଇ ନିଜେ ତାହାକୁ ପ୍ରତିଷ୍ଠା କରିଥିବା କହିଥିଲେ।

ତେବେ ନବକଳେବରରେ ସଂଗୃହୀତ ଦାରୁ ମଧ୍ୟରୁ ବଳକା ଦାରୁ ଶ୍ରୀମନ୍ଦିର 'ଦାରୁଘର'ରେ ସଂରକ୍ଷିତ ରହିବାର ବିଧି ରହିଥିବା ବେଳେ ଆବଶ୍ୟକ ସମୟରେ କେବଳ ଶ୍ରୀଜିଉମାନଙ୍କ ବ୍ୟବହାରରେ ବିନିଯୋଗର ବିଧି ତଥା ପରମ୍ପରା ରହିଛି। ଜଣେ ଅଭିଜ୍ଞ ତଥା ବରିଷ୍ଠ ଦଇତାପତି ଭାବେ ସେନେଇ ଅବଗତ ଥାଇ ମଧ୍ୟ ଶ୍ରୀ ଦାସ ମହାପାତ୍ର ଏଭଳି ବୟାନ ଦେବା ଦ୍ୱାରା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମାନସରେ ବିଭ୍ରାନ୍ତି ସୃଷ୍ଟି ହୋଇଥିବା ନୋଟିସ୍‌ରେ କୁହାଯାଇଛି। ଦଇତାପତି ଶ୍ରୀ ଦାସ

▶▶ ୫

## ପାକିସ୍ତାନ ଉପରେ ଆଉ ଏକ ୱାଟର୍ ଷ୍ଟ୍ରାଇକ୍

# ଚେନାବ ଜଳ ବନ୍ଦକଲା ଭାରତ

**ନୂଆଦିଲ୍ଲୀ, ଇସଲାମାବାଦ୍,୪।୫/ଏଜେନ୍ସି:**



ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ଭାରତ ସାମରିକସ୍ତରରେ ପାକିସ୍ତାନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଶଙ୍କାକୁ ନେଇ ବିଶ୍ୱସ୍ତରରେ ଚର୍ଚ୍ଚା ଜୋର୍ ଧରିଛି। ଭାରତୀୟମାନେ ମଧ୍ୟ ଏପରି କିଛି ଦେଖିବାକୁ ଚାହୁଁଛନ୍ତି। କିନ୍ତୁ ଭାରତ ସରକାର ହୁଏତ ସାମରିକ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ପାକିସ୍ତାନକୁ ଏପରି କିଛି ପରିସ୍ଥିତିର ଦ୍ୱାରଦେଶ ପର୍ଯ୍ୟନ୍ତ ନେଇଯିବାକୁ ଚାହୁଁଛନ୍ତି, ଯାହାର ପରିଣାମ ସାମରିକ କାର୍ଯ୍ୟାନୁଷ୍ଠାନ ଠାରୁ ମଧ୍ୟ ବହୁଗୁଣରେ ଅଧିକ ଭୟଙ୍କର ହୋଇପାରେ। ଭାରତ ସରକାରଙ୍କ କାର୍ଯ୍ୟକ୍ରମରୁ ଏପ୍ରକାର ମନୋଭାବ ସ୍ପଷ୍ଟ ପ୍ରତିଫଳିତ ହେଉଛି।

ରିପୋର୍ଟ ଅନୁସାରେ ଭାରତ ପୂର୍ବରୁ ସିନ୍ଧୁ ଜଳ ଚୁକ୍ତିକୁ ରଦ୍ଦ କରିସାରିଥିବା ବେଳେ ରବିବାର ଆକସ୍ମିକ ଭାବେ ଚେନାବ ନଦୀ ଜଳ ପ୍ରବାହକୁ ବନ୍ଦ କରିଦେଇଛି। ଜମ୍ମୁର ରାମବନ୍ ଠାରେ ଚେନାବ ନଦୀ ଉପରେ ନିର୍ମିତ ବଗଲିହାର ଡ୍ୟାମ୍ ଦେଇ ପାକିସ୍ତାନକୁ ଯାଉଥିବା ଚେନାବ ନଦୀର ପାଣିକୁ ଭାରତ ଅଟକାଇ ଦେଇଛି। ଏହାସହିତ କିଶନଗଙ୍ଗା ଡ୍ୟାମ୍‌ରୁ ମଧ୍ୟ ପାକିସ୍ତାନକୁ ଜଳ ବନ୍ଦ କରିବା ଦିଗରେ ପଦକ୍ଷେପ ନେବାକୁ ଭାରତ ସରକାର ଯୋଜନା କରୁଥିବା ସୂଚନା ମିଳିଛି। ଚେନାବ ନଦୀ ଜଳକୁ ରୋକିବା ଦ୍ୱାରା ପାକିସ୍ତାନକୁ କୂଟନୈତିକ ସ୍ତରରେ ଆଉ ଏକ ବଡ଼ ଝଟ୍‌କା ଦେଇଛି ଭାରତ। ଦିନକ ପୂର୍ବେ ଭାରତ ସରକାର ପାକିସ୍ତାନ ସହ ସମସ୍ତ ପ୍ରକାର ବାଣିଜ୍ୟିକ ସମ୍ପର୍କକୁ ବନ୍ଦ କରିଥିଲେ। ଏପରିକି ଦ୍ୱିପାକ୍ଷିକ ପୋଷ୍ଟାଲ୍ ସେବାକୁ ମଧ୍ୟ ଭାରତ ସରକାର ରଦ୍ଦ କରିଦେଇଥିଲେ। ପାକିସ୍ତାନ ପୂର୍ବରୁ ହିଁ ଦେବାଳିଆ ସ୍ଥିତିରେ ଥିବା ବେଳେ ଭାରତ ସରକାରଙ୍କ ଏପ୍ରକାର କୂଟନୈତିକ ପ୍ରହାର ପରେ ପ୍ରହାରକୁ ନେଇ ପାକିସ୍ତାନରେ ହାହାକାର ସ୍ଥିତି ଉପୁଜି ହୋଇଛି।

ପ୍ରକାଶ, ବିଶ୍ୱ ବ୍ୟାଙ୍କର ମଧ୍ୟସ୍ଥତାରେ ଭାରତ-ପାକିସ୍ତାନ ମଧ୍ୟରେ ୧୯୬୦ରେ ସିନ୍ଧୁ ଜଳ

▶▶ ୫

### ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ବାୟୁସେନା ମୁଖ୍ୟ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭାରତୀୟ ବାୟୁସେନା ମୁଖ୍ୟ ଏୟାରଚିଫ୍ ମାର୍ଶଲ୍ ଅମରପ୍ରୀତ୍ ସିଂହ ରବିବାର ସାକ୍ଷାତ୍ କରିଛନ୍ତି। ରବିବାର ଅନୁଷ୍ଠିତ ବୈଠକ ମଧ୍ୟ ପ୍ରାୟ ୪୦ ମିନିଟ୍ ଧରି ଚାଲିଥିଲା ବୋଲି ସୂଚନା ମିଳିଛି। ଦିନକ ପୂର୍ବରୁ ନୌସେନା ମୁଖ୍ୟ ଆଡମିରାଲ୍ ଦିନେଶ ତ୍ରିପାଠୀ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସାକ୍ଷାତ୍

▶▶ ୫

# ଆହୁରି ୩ ଦିନ ପ୍ରବଳ ବର୍ଷା


**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:**

ଓଡ଼ିଶାରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ଲାଗି ରହିଛି। ଆଗାମୀ ୧୦ ତାରିଖ ଯାଏ ବର୍ଷା ଲାଗି ରହିବ। ଆଗାମୀ ୩ ଦିନ ପ୍ରବଳ ବର୍ଷା ସହ କୁଆପଥର ମାଡ଼ ହେବାର ଆଶଙ୍କା ରହିଛି। ଆସନ୍ତା ୪୮ ଘଣ୍ଟା ପାଇଁ ବର୍ଷା ନେଇ ସାରା ରାଜ୍ୟକୁ ସତର୍କ କରାଯାଇଛି। ସେହିପରି ବିଜୁଳି ଘଡ଼ଘଡ଼ି ଓ ଝଟକା ପବନ ଘଣ୍ଟା ପ୍ରତି ୫୦ରୁ ୬୦ କିମି ବେଗରେ ବହିବ। ଯାହାକୁ ନେଇ କିଛି ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ କୁଆପଥର ବର୍ଷା ସହ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ନେଇ ମୟୂରଭଞ୍ଜ, ମାଲକାନଗିରି ଓ କୋରାପୁଟ ଏହି ୩ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ସେହିଭଳି ଉପକୂଳ ଓ ଏହାର ପାର୍ଶ୍ୱବର୍ତ୍ତୀ ଜିଲ୍ଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କେନ୍ଦୁଝର, ନବରଙ୍ଗପୁର, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏସବୁ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ଝଟ୍‌କା ପବନର ବେଗ ୩୦ରୁ ୪୦ କିମି ରହିବ। ଆସନ୍ତାକାଲି ପ୍ରବଳ ବର୍ଷା ନେଇ ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର ଓ ଗଜପତି ଏହି ୫ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ଏସବୁ ଜିଲ୍ଲାରେ କୁଆପଥର ବର୍ଷା ସହ ବିଜୁଳି ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ଏହାସହ ଝଟକା ପବନର ବେଗ ୫୦ରୁ ୬୦ କିମି ରହିବ। ସେହିପରି ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ରାୟଗଡ଼ା, ଅନୁଗୁଳ, ଢେଙ୍କାନାଳ, ସୁନ୍ଦରଗଡ଼, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏସବୁ ଜିଲ୍ଲାରେ ବର୍ଷା, ବିଜୁଳି ଘଡ଼ଘଡ଼ି ସହ ଝଟକା ପବନର ବେଗ ୪୦ରୁ ୫୦ କିମି ରହିବ। ୬ ତାରିଖରେ ମଧ୍ୟ ବର୍ଷା ସହ ବିଜୁଳି

▶▶ ୫

# ସଡ଼କ ଦୁର୍ଘଟଣାରେ ଗଲା ୫ ଜୀବନ

### ଆଇରନ୍ ଟ୍ରକ୍ ନେଲା ଆଉ ୨ ମୁଣ୍ଡ



**ପାରାଦୀପ,୪।୫/ଏନ୍ଏନ୍ଏସ୍:**

ଶନିବାର ପୂର୍ବାହ୍ଣରେ ଏକ ଦ୍ରୁତଗାମୀ ଆଇରନ୍ ବୋଝେଇ ଟ୍ରକ୍ ଧାଡ଼ି ଭାଙ୍ଗି ଆସି ଜନୈକ ସ୍କୁଟି ଚାଳକଙ୍କ ଉପରେ ମାଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣାକୁ ୧୨ଘଣ୍ଟା ନ ପୂରୁଣୁ ଶନିବାର ବିଳମ୍ବିତ ରାତିରେ ଏକ ଆଇରନ୍ ଟ୍ରକ୍ ଧକ୍କାରେ ୨ଜଣଙ୍କ ଜୀବନ ଯାଇଛି। ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଶନିବାର ବିଳମ୍ବିତ ରାତିରେ ମରାମତି ହେଉଥିବା ଏକ ଟିପର୍‌କୁ ଏକ ଦ୍ରୁତଗାମୀ ଆଇରନ୍ ଟ୍ରକ୍ ଧକ୍କାଦେବାରୁ ଦୁଇ ଟିପର୍ ଡ୍ରାଇଭର୍‌ଙ୍କ ମୃତ୍ୟୁ ଘଟିଛି। ମୃତକ ରତ୍ନାକର ସ୍ୱାଇଁ ଓ ଚନ୍ଦନ ଜେନା ବୋଲି ଜଣାପଡ଼ିଛି।

ସୂଚନା ମୁତାବକ ବନ୍ଦରର ଆଇ-୧୦ ପ୍ଲଟ୍ ନିକଟରେ ଟିପର୍ ଡ୍ରାଇଭର୍ ଗାଡ଼ି ରଖି

▶▶ ୫

### ଟ୍ରାକ୍ଟର୍ ଓଲଟି ୩ ମୃତ

**ଚଣ୍ଡିଖୋଲ,୪।୫/ଏନ୍ଏନ୍ଏସ୍:**

ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ବାହାଦୁରନଗର ଗ୍ରାମ ଗଡ଼ାଣିରେ ଏକ ଅଭାବନୀୟ ଘଟଣା ଘଟିଛି। ଗତକାଲି ରାତି ପ୍ରାୟ ୧୧ଟା ବେଳେ ଏକ ଟ୍ରାକ୍ଟର୍ ଓଲଟି ପଡ଼ିବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ଚଣା ବ୍ଲକ୍ ଗୋପାଳପୁର ପଞ୍ଚାୟତ କଳାଶ୍ରୀ ଦଳେଇ ସାହିର ୱାର୍ଡ ସଭ୍ୟା ବେଙ୍ଗ ଦଳେଇ (୫୫), ସ୍ୱାମୀ ଉଛବ ଦଳେଇ (୬୦) ଓ ନାତି ଦୁର୍ଯ୍ୟୋଧନ ଦଳେଇ(୧୪)। ଏହି ଘଟଣାରେ ଟ୍ରାକ୍ଟର୍ ଚାଳକଙ୍କ ସହ ଆଉ ଜଣେ ଗୁରୁତର ଭାବେ ଆହତ ହୋଇଥିବା ଜଣାଯାଇଛି। ମୃତକମାନେ ଘର ନିକଟ ମାତକାତପୁର ଠାରେ ଲିଜ୍‌ରେ ନେଇଥିବା ଏକ ପୋଖରୀକୁ ମାଛ ଧରିବାକୁ ଯାଇ ଫେରୁଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରାକ୍ଟର୍‌ର ଚାଳକ ଏମାନଙ୍କୁ ଦେଖି ହଠାତ୍ ବ୍ରେକ୍ ମାରିବାରୁ ଘଟଣାସ୍ଥଳରେ ଟ୍ରାକ୍ଟରଟି ଓଲଟି ପଡ଼ିଥିଲା। ଫଳରେ ଉକ୍ତ ଟ୍ରାକ୍ଟର୍ ତଳେ ଏମାନେ ଚାପି ହୋଇ ଯାଇଥିଲେ। ପରେ ସେମାନଙ୍କୁ ଉଦ୍ଧାର କରାଯାଇ ବଡ଼ଚଣା ଡାକ୍ତରଖାନାରେ

▶▶ ୫

# ପ୍ରଶାସନିକ ସୀମା ପୁନର୍ଗଠନ ନେଇ ବିଜ୍ଞପ୍ତି




**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:**

ଓଡ଼ିଶା ସରକାର ଦେଶରେ ଆଗାମୀ ଜନଗଣନା ପାଇଁ ବିଭିନ୍ନ ପ୍ରଶାସନିକ ଅଞ୍ଚଳର ସୀମା ନିର୍ଦ୍ଧାରଣ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସରକାର ଚଳିତ ବର୍ଷ ଜୁନ୍ ୩୦ ପୂର୍ବରୁ ଜିଲା, ଉପ-ବିଭାଗ, ତହସିଲ, ରାଜସ୍ୱ ଗ୍ରାମ ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି) ଆଦି ପ୍ରଶାସନିକ ଏକକର ସୀମାରେ ପରିବର୍ତ୍ତନକୁ ଅନୁମତି ଦେଇଛନ୍ତି। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଆଜି ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛି। ବିଜ୍ଞପ୍ତି ଅନୁଯାୟୀ, ଆଗାମୀ ଜନଗଣନା ପାଇଁ ପ୍ରଶାସନିକ ସୀମା ଜୁଲାଇ ୧ ତାରିଖରେ ସ୍ଥିର କରାଯିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳ ନିକଟରେ ଆଗାମୀ ଜନଗଣନା ସମୟରେ ଜାତି ଗଣନା କରିବା ପାଇଁ ଏକ ପ୍ରସ୍ତାବକୁ ଅନୁମୋଦନ କରିଛି। ରିପୋର୍ଟ ଅନୁଯାୟୀ, କେନ୍ଦ୍ର ସରକାର ୨୦୨୬ରେ ଦେଶରେ ଜନସଂଖ୍ୟା ଗଣନା କରିପାରନ୍ତି।

**ଜୁନ୍ ୩୦ ଡେଡ୍‌ଲାଇନ**

# ବଢୁଛି ବାଂଲାଦେଶୀ ସଂଖ୍ୟା, ଆଗକୁ ବଡ଼ ବିପଦ

**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍**



ପହେଲଗାମ୍ ଆତଙ୍କୀ ହମଲା ପରେ ଭାରତ ସରକାରଙ୍କ ନିର୍ଦ୍ଦେଶରେ ରାଜ୍ୟରେ ଥିବା ସମସ୍ତ ପାକିସ୍ତାନୀ ନାଗରିକଙ୍କୁ ତଡ଼ିବାକୁ ପ୍ରକ୍ରିୟା ଜାରି ରହିଛି। ହେଲେ ଓଡ଼ିଶାରେ ଯେଉଁଭଳି ଭାବେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢ଼ି ଚାଲିଛି, ତାହା ଦିନେ ରାଜ୍ୟ ତଥା ଭାରତ ପାଇଁ ବଡ଼ ବିପଦ ସୃଷ୍ଟି କରିବ। ଯଦି ସରକାର ଆଗୁଆ ସତର୍କ ନ ହେବେ, ତାହାଲେ ଆଗକୁ ପାକିସ୍ତାନ ଆତଙ୍କବାଦୀଙ୍କ ଭଳି ସମସ୍ୟା ସୃଷ୍ଟିହେବ ବୋଲି ମତପ୍ରକାଶ ପାଇଛି।

ବାଂଲାଦେଶରେ ହିଂସା ପରେ ସେହି ଦେଶରୁ ବାଂଲାଦେଶୀ ଓ ରୋହିଙ୍ଗ୍ୟା ଅନୁପ୍ରବେଶକାରୀ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରବେଶ କରିବା ଆଶଙ୍କା କରି ବିଜେପି ସରକାର ଆସୁ ଆସୁ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ପ୍ରତି ତହସିଲ୍, ବ୍ଲକ୍ ଓ ଥାନାସ୍ତରରେ ତୁରନ୍ତ କମିଟି ଗଠନ ହୋଇଥିଲା। ଉକ୍ତ କମିଟି ରିପୋର୍ଟ ଆଧାରରେ ବାଂଲାଦେଶୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା ହୋଇଥିଲା। ହେଲେ ଗଠିତ କମିଟି କେଉଁ ସ୍ଥିତିରେ ଅଛି ତାହା ଅସ୍ପଷ୍ଟ। ଫଳରେ ବାଂଲାଦେଶୀଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧିହେବା ଯୋଗୁ ରାଜ୍ୟର ଅପରାଧିକ ମାମଲା ବଢ଼ିବା ସହିତ ରାଜ୍ୟ ତଥା ଦେଶର ସୁରକ୍ଷା ବିପଦରେ ପଡ଼ିଛି।

ତେବେ ଏହି ବାଂଲାଦେଶୀଙ୍କ ମଧ୍ୟରୁ କିଏ ରାଜମିସ୍ତ୍ରୀ ତ କିଏ ଗାଁକୁ ଗାଁ ବୁଲି ଫେରି କରୁଛନ୍ତି। କେତେକ ସମୁଦ୍ରରୁ ମାଛ ମାରିବାରେ ଟ୍ରଲର୍ ବୋଟ୍‌ରେ ନିୟୋଜିତ ହେଉଛନ୍ତି। ଦିନରେ ଶ୍ରମିକ ଓ ବ୍ୟବସାୟୀ, ଆଉ ରାତିରେ ସେମାନେ ସାଜୁଛନ୍ତି ଅପରାଧୀ। ପ୍ରଥମେ ବାଂଲାଦେଶୀମାନେ ସମୁଦ୍ର ପଥରେ ଭୁଟ୍‌ଭୁଟି ସହାୟତାରେ ବା ପଶ୍ଚିମବଙ୍ଗ ଦେଇ ଓଡ଼ିଶା ପ୍ରବେଶକରି ସ୍ଥାନୀୟ କାର୍‌ପଟଦାର୍ ନେତାଙ୍କ ସହାୟତାରେ ଝାଟିମାଟି ଘର ନିର୍ମାଣ କରି ରହିବା ପରେ ପରବର୍ତ୍ତୀ ସମୟରେ ସେମାନଙ୍କ ସମ୍ପର୍କୀୟ ଆସି ସେଠାରେ ବସ୍ତିକରି ରହୁଛନ୍ତି। ଅନେକ ଅନୁପ୍ରବେଶକାରୀ ବେଆଇନ ଭାବେ ପ୍ରମାଣପତ୍ର ପ୍ରସ୍ତୁତ କରି ଭାରତୀୟ ନାଗରିକ ହୋଇଥିବା ଅଭିଯୋଗ ହେଉଛି। ଏପରିକି ବେଆଇନ ଭାବେ ଆଧାର କାର୍ଡ ହାତେଇ କେତେକ ଭାରତୀୟ ଭାବେ ଦର୍ଶାଇ ବିଦେଶକୁ ଯାଇଥିବା ଅଭିଯୋଗ ହୋଇଛି।

ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟରେ ୧୧ ଜିଲ୍ଲାରେ ମୋଟ୍ ୧ ଲକ୍ଷ ୫୭,୪୩୨ ଜଣ ବାଂଲାଦେଶୀ ଚିହ୍ନଟ ହୋଇଥିବା ଦର୍ଶାଯାଇଛି। ସେଥିରେ ମାଲକାନାଗିରି ଜିଲ୍ଲାରେ ସର୍ବାଧିକ ୧ ଲକ୍ଷ ୪,୨୩୩ ବୋଲି ଦର୍ଶାଯାଇଛି। ମାତ୍ର ବାଂଲାଦେଶରେ ହିଂସା ପରେ ସ୍ଥିତି ହୋଇଛି ଭିନ୍ନ। ପଶ୍ଚିମବଙ୍ଗ ଓ କେନ୍ଦ୍ରାପଡ଼ାର ରାଜନଗର ବାଟେ ସମୁଦ୍ରପଥରେ ହଜାର ହଜାର ସଂଖ୍ୟାରେ ବାଂଲାଦେଶୀ ଓଡ଼ିଶା ପ୍ରବେଶ କରିଥିବା କୁହାଯାଉଛି। ଏମାନଙ୍କ ମୋଟ୍ ସଂଖ୍ୟା ୩ଲକ୍ଷରୁ କମ୍ ହେବ ନାହିଁ ବୋଲି ଅନୁମାନ କରାଯାଉଛି। କେବଳ ରାଜଧାନୀରେ ୪୦ ହଜାରରୁ ଅଧିକ ନିର୍ମାଣ ଓ ଫେରିବାଲା କାର୍ଯ୍ୟରେ ସାମିଲ ହୋଇଥିବା ବେସରକାରୀ ସୂତ୍ରରୁ ଜଣାପଡ଼ିଛି। ସେହିପରି ରାଜ୍ୟର କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ, ପାରାଦୀପ, ପୁରୀ, ବ୍ରହ୍ମପୁର, ବାରିପଦା, ବଲାଙ୍ଗୀର, ବରଗଡ଼, ସୁନ୍ଦରଗଡ଼ ଭଳି ବିଭିନ୍ନ ସହରରେ ବାଂଲାଦେଶୀମାନେ ପଶ୍ଚିମବଙ୍ଗରୁ ଆସିଥିବା କହି ବସ୍ତିରେ ରହୁଛନ୍ତି। ପରେ ସେମାନେ ବହୁ ଅପରାଧିକ କାର୍ଯ୍ୟରେ ଲିପ୍ତହୋଇ କୌଶଳରେ ପୁଲିସ୍‌କୁ ଚକମା ଦେଇ ଖସି ଯାଉଛନ୍ତି। ତହସିଲ, ବ୍ଲକ୍ ଓ ଥାନାରେ ଗଠିତ କମିଟି ସେତେଟା କାମ କରୁନଥିବାରୁ ବାଂଲାଦେଶୀଙ୍କୁ ଚିହ୍ନଟ କରିବା ଜିଲ୍ଲା ପ୍ରଶାସନ ପକ୍ଷରେ ସମ୍ଭବ ହୋଇନାହିଁ।

ଗତ ଶୀତ ଅଧିବେଶନ କାଳରେ ଶାସକ ବିଜେପି ସଭ୍ୟ ସନାତନ ବିଜୁଳି ବାଂଲାଦେଶ ଅନୁପ୍ରବେଶକାରୀଙ୍କ ପ୍ରସଙ୍ଗ ପ୍ରଥମେ ବିଧାନସଭାର ଶୂନ୍ୟକାଳରେ ଉଠାଇ ଚିନ୍ତା ପ୍ରକଟ କରିଥିଲେ। ସେ କହିଥିଲେ, ରାଜଧାନୀ ସମେତ ରାଜ୍ୟର ପ୍ରାୟ ଅଧିକାଂଶ ସହରରେ ବାଂଲାଦେଶୀମାନେ କାୟାବିସ୍ତାର କରିସାରିଲେଣି। ପ୍ରଥମେ ସେମାନେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି ଓ ପରେ ସୁଯୋଗ ଅନୁସାରେ ବସ୍ତିରେ ରହି ବିଭିନ୍ନ ଅପରାଧିକ କାର୍ଯ୍ୟରେ ସାମିଲ ହେଉଛନ୍ତି।

ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ସେପ୍ଟେମ୍ବର ୨ରେ ବିଧାନସଭାରେ କହିଥିଲେ, ଓଡ଼ିଶାର ସମୁଦ୍ର ଉପକୂଳବର୍ତ୍ତୀ

▶▶ ୫

**ରାଜଧାନୀରେ ପ୍ରାୟ ୬୦ ହଜାରରୁ ଊର୍ଦ୍ଧ୍ୱ ନିର୍ମାଣ କାର୍ଯ୍ୟରେ ସାମିଲ**

**ବିଭିନ୍ନ ସହରରେ ବସ୍ତି ସୃଷ୍ଟି କରି ଅପରାଧିକ କାର୍ଯ୍ୟରେ ଲିପ୍ତ**

**ଚିହ୍ନଟ ପାଇଁ ତହସିଲ୍, ବ୍ଲକ୍, ଥାନାରେ ଗଠିତ କମିଟିର ସ୍ଥିତି ଅସ୍ପଷ୍ଟ**

# ୭୦୦ ଫୁଟ୍ ତଳକୁ ଖସିଲା ସେନା ଗାଡ଼ି, ୩ ଯବାନ୍ ସହିଦ୍



**ଶ୍ରୀନଗର,୪।୫/ଏଜେନ୍ସି:**

ଜମ୍ମୁ-କାଶ୍ମୀରର ରାମବନ ଜିଲ୍ଲାର ବ୍ୟାଟେରି ଚସ୍‌ମା ନିକଟରେ ରବିବାର ପୂର୍ବାହ୍ନ ପ୍ରାୟ ୧୧,୩୦ ମିନିଟ୍ ସମୟରେ ଏକ ସେନା ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏବଂ ଏହି ଅଘଟଣରେ ୩ ଯବାନ୍ ସହିଦ୍ ହୋଇଥିବା ଭଳି ଅଭାବନୀୟ ଘଟଣା ସମ୍ପର୍କରେ ସୂଚନା ମିଳିଛି। ରିପୋର୍ଟ ଅନୁସାରେ ଏନ୍ଏଚ୍-୪୪ ଦେଇ ଭାରତୀୟ ଆର୍ମିର ଏକ ବଡ଼ କନ୍‌ଭୟ ପାଟ୍ରୋଲିଂ ଅନ୍ତର୍ଗତ ଜମ୍ମୁରୁ ଶ୍ରୀନଗର ଅଭିମୁଖେ ଯାଉଥିବା ବେଳେ ଏହାର ଅଂଶ ରହିଥିବା ଗୋଟିଏ ଟ୍ରକ୍ ରାମବନ୍ ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଘାଟି ଅଞ୍ଚଳ ହୋଇଥିବାରୁ ଟ୍ରକ୍ ଚଳାଉଥିବା ଯବାନ୍ (ଡ୍ରାଇଭର୍) ଭାରସାମ୍ୟ ହରାଇବାରୁ ଟ୍ରକ୍‌ଟି ପ୍ରାୟ ୭୦୦ ଫୁଟ୍ ତଳକୁ ଖସିପଡ଼ିଥିଲା। ସକାଳ ୧୧ଟା ୩୦ ସମୟରେ ଘଟିଥିବା ଏହି ଦୁର୍ଘଟଣାରେ ଡ୍ରାଇଭର୍‌ଙ୍କ ସମେତ ଅନ୍ୟ ୨ ଯବାନ୍ ମଧ୍ୟ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ସୂଚନା ମିଳିବା ମାତ୍ରେ ସ୍ଥାନୀୟ ପୁଲିସ୍ ଟିମ୍, ଏସ୍‌ଡିଆର୍‌ଏଫ୍ ଟିମ୍, ସେନାବାହିନୀ ଏବଂ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର କାର୍ଯ୍ୟ କରାଯାଇଥିଲା।

ସେନା ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ସହିଦ୍‌ମାନେ ହେଲେ କନଷ୍ଟେବଲ ଅମିତ କୁମାର, ସୁଜିତ କୁମାର ଏବଂ ମାନ ବାହାଦୁର। ସହିଦ୍‌ଙ୍କ ମୃତଦେହ ଉଦ୍ଧାର କରାଯାଇ ରାମବନ ଜିଲ୍ଲା ହସ୍ପିଟାଲ୍‌କୁ ଅଣାଯାଇଥିବା ଜଣାପଡ଼ିଛି। ତେବେ ସହିଦ୍‌ଙ୍କ ଉଦ୍ଦେଶ୍ୟରେ ସମ୍ମାନ ଜଣାଇବା ପାଇଁ ସେନାପକ୍ଷରୁ ଏକ ଶୋକସଭାର ଆୟୋଜନ କରାଯାଇଥିଲା। ଅନ୍ୟପକ୍ଷେ ବରିଷ୍ଠ ସେନା ଅଧିକାରୀମାନେ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ, ପହଲଗାମ

▶▶ ୫

# ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**କଣ୍ଟିଲୋ,୪।୫/ଏନ୍ଏନ୍ଏସ୍:** ଖଣ୍ଡପଡା ବ୍ଲକ ଅନ୍ତର୍ଗତ ବେଣାଗାଡିଆ ଗ୍ରାମ ପଞ୍ଚାୟତ ଅଧୀନ ଗୋପିନାଥପୁର ଗ୍ରାମବାସୀଙ୍କ ସାହାଯ୍ୟ ଓ ସହଯୋଗରେ ଗୋପୀନାଥପୁରଠାରେ ନୂତନ ଭାବେ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ତିନିଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବାରୁ ଜଣାପଡ଼ିଛି। ଗୋପିନାଥପୁର ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଓ ଆର୍ଥିକ ସହାୟତାରେ ନୂତନ ମନ୍ଦିର ପ୍ରତିଷ୍ଠା ସଫଳ ହୋଇପାରିଛି ବୋଲି ଗ୍ରାମବାସୀମାନେ କହିଛନ୍ତି। ଏହିକ୍ରମରେ ୨୯ ତାରିଖ ମଙ୍ଗଳବାର କଳସ ଯାତ୍ରା ସହ ଅଧିବାସ କର୍ମ ଓ ଅଙ୍କୁରାରୋପଣ କରାଯାଇଥିଲା। ୩୦ ତାରିଖ ବୁଧବାର ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବିଗ୍ରହମାନଙ୍କୁ ଗଙ୍ଗାସ୍ନାନ ଓ ପ୍ରାଣ ପ୍ରତିଷ୍ଠା ପୁରୋହିତ ମାନଙ୍କ ଦ୍ୱାରା କରାଯାଇଥିଲା। ସେହିପରି ଗୁରୁବାର ନୂତନ ହନୁମାନ ବିଗ୍ରହ ଓ ପାର୍ଶ୍ୱ ଦେବଦେବୀମାନଙ୍କୁ ଆସ୍ଥାନ ବିଜେ କରାଯାଇ ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ଅନୁଷ୍ଠାନର ସଭାପତି ପ୍ରକାଶ କରିଛନ୍ତି। ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ କର୍ତ୍ତା ଭାବେ ଗଦାଧର ବେହେରା ଓ ପୁରୋଧା ଭାବେ ସଦାଶିବ ମିଶ୍ର, ରମେଶ କୁମାର ହୋତା, ରାଜକିଶୋର ଆଚାର୍ଯ୍ୟ ଓ ରୁଦ୍ରନାରାୟଣ ଆଚାର୍ଯ୍ୟ ପ୍ରମୁଖ ଯୋଗଦାନ କରିଥିଲେ।

## ଓଡ଼ଗାଁ ଏନ୍ଏସି ନିର୍ବାଚନ ପାଇଁ ବାଟ ଫିଟିଲା

# ରାଜନୈତିକ ଦଳ ମଧ୍ୟରେ ଉତ୍ସାହ ବୃଦ୍ଧି

**ଓଡ଼ଗାଁ,୪।୫/ଏନ୍ଏନ୍ଏସ୍:** ଓଡ଼ଗାଁ ଏନ୍ଏସି ନିର୍ବାଚନରେ ରୋକ୍ ଲାଗିଥିବା ଓ ଏନ୍ଏସିବାସୀ ବର୍ଷବର୍ଷ ଧରି ସରକାରଙ୍କ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରସାରିତ ହେବାପରେ ଜିଲ୍ଲା ପ୍ରଶାସନ ମାମଲାରେ ହସ୍ତକ୍ଷେପ କରିଛି। ନିର୍ବାଚନୀ ମାମଲାର ବିଚାର କରି ଏନ୍ଏସି ନିର୍ବାଚନ ପାଇଁ ବାଟ ଫିଟିଥିବା ସ୍ପଷ୍ଟ ହୋଇଛି। ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଏସବୁ ସମ୍ଭବ ହୋଇଥିବା ଜଣାପଡ଼ିଛି। ୨୦୧୭ ମସିହା ଅଗଷ୍ଟ ୧୮ତାରିଖ ଦିନ ଓଡ଼ଗାଁ ଏନ୍ଏସି ମାନ୍ୟତା ହାସଲ କରିବା ପରେ ଓଡ଼ଗାଁରେ ନାହିଁ ନଥିବା ଉତ୍ସାହ ଦେଖିବାକୁ ମିଳିଥିଲା। ଓଡ଼ଗାଁବାସୀ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ନୟାଗଡ଼ ବିଧାୟକ ଡ଼. ଅରୁଣ କୁମାର ସାହୁଙ୍କ ପ୍ରଚେଷ୍ଟା ଯୋଗୁ ଏହା ସମ୍ଭବପର ହୋଇଥିବା କହିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏନ୍ଏସିର ୱାର୍ଡ଼ ସମସ୍ୟାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। ଓଡ଼ଗାଁ ଏନ୍ଏସିର ଜଣେ ସରକାରୀ କର୍ମଚାରୀ ନବକିଶୋର ପାଣିଗ୍ରାହୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ପିଟିସନ ଦାଖଲ କରିଥିଲେ। କୋର୍ଟରେ ପିଟିସନ ଥିବା ଦର୍ଶାଇ ନିର୍ବାଚନ ଉପରେ ସରକାର ଅଙ୍କୁଶ ଲଗାଇଥିଲେ। ହାଇକୋର୍ଟରେ କୌଣସି ତାରିଖ ପଡ଼ିନଥିବା ବେଳେ ଗୋଟିଏ ବି ଶୁଣାଣି ହୋଇନଥିଲା। ଏହି ଖବର ବାରମ୍ବାର ଗଣମାଧ୍ୟମରେ ପ୍ରକାଶିତ ପରେ ସରକାରଙ୍କ ନିଦ ଭାଙ୍ଗିଥିଲା। ହାଇକୋର୍ଟ ଘଟଣାର ପୁଙ୍ଖାନୁପୁଙ୍ଖ ତର୍ଜମା କରି ରିପୋର୍ଟ ପ୍ରଦାନ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ଅପ୍ରେଲ ୨୯ତାରିଖ ଦିନ ନିର୍ବାଚନୀ ମାମଲାର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଶୁଣାଣି କରିଥିଲେ। ଏଥିରେ ଅଭିଯୋଗକାରୀ ନବକିଶୋର ପାଣିଗ୍ରାହୀ, ଜିଲ୍ଲା ନଗର ଉନ୍ନୟନ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ରହିଥିଲେ। ଏହି ୱାର୍ଡ଼ ବର୍ଦ୍ଧିତ ମାମଲା ଆଗକୁ ନବଢ଼ିବାକୁ ଅଭିଯୋଗକାରୀ କହିବା ପରେ ନିର୍ବାଚନ ପାଇଁ ବାଟ ସଫା ହୋଇଥିବା ଏକପ୍ରକାର ନିଶ୍ଚିତ ହୋଇଛି। ୮ବର୍ଷ ଧରି ଓଡ଼ଗାଁ ଏନ୍ଏସିରେ ଅଚଳାବସ୍ଥା ଦେଖା ଦେଇଥିବାବେଳେ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏବେ ଏସବୁ ସମସ୍ୟା ଦୂର ହୋଇଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ଖୁସି ପରିଲକ୍ଷିତ ହୋଇଛି। ବିଜେଡି, ବିଜେପି ଓ କଂଗ୍ରେସ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଥିବା ବେଳେ କେବେ ନିର୍ବାଚନ ତାରିଖ ଚୂଡ଼ାନ୍ତ ହେବ ଓ ଭୋଟର ତାଲିକା ପ୍ରକାଶ ପାଇବ ଏବେ ତା' ଉପରେ ସମସ୍ତଙ୍କ ନଜର ରହିଥିବା ଜଣାପଡ଼ିଛି।




**AFFIDAVIT**

By virtue of an affidavit I declare that as per my Voter Id, Aadhar card, Bank pass book my real name is Hullash Sahoo, W/o- Sukadev Sahoo. But unfortunately is my LIC No- 588417394 (Balugaon Branch). It has changed from Bini Dei, W/o- Sukadev Sahoo. I will known as **Hullash Sahoo** in future as all purposes.

# 'ଆରାଧା' ପକ୍ଷରୁ ପ୍ରେସ୍ ସ୍ୱାଧୀନତା ଦିବସ

**ଫୁଲନଖରା,୪।୫/ଏନ୍ଏନ୍ଏସ୍:** ଆରାଧା କଲଚରାଲ ଏକାଡ଼େମୀ ପକ୍ଷରୁ ପ୍ରେସ ସ୍ୱାଧୀନତା ଦିବସ ବ୍ରାହ୍ମଣଝରିଲୋଠାରେ ପାଳିତ ହୋଇଛି। ଏହି ଉପଲକ୍ଷେ ଏକାଡ଼େମୀ ମୁଖ୍ୟ ଅଜୟ କୁମାର ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ସଦର ପ୍ରେସ୍ କ୍ଲବ୍ ସଭାପତି ସୁରେନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରେସ ସ୍ୱାଧୀନତାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହିତ ଗଣମାଧ୍ୟମ ବାହ୍ୟ ଚାପର ବଶବର୍ତ୍ତୀ ନହୋଇ ମୁକ୍ତ ଭାବରେ କାର୍ଯ୍ୟ କରିବା ଉଚିତ ବୋଲି ମତ ଦେଇଥିଲେ। ବିଶିଷ୍ଟ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀଜୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଗଣମାଧ୍ୟମର କଣ୍ଠରୋଧ କରାନଗଲେ ସାମ୍ପ୍ରତିକ ସାମାଜିକ ବ୍ୟସ୍ଥାରେ ସକରାତ୍ମକ ପରିବର୍ତ୍ତନ ଆସିବବୋଲି ବର୍ଣ୍ଣନା କରିଥିଲେ। ଏହି ଅବସରରେ ସାମ୍ବାଦିକ ମହେଶ୍ୱର ପାତ୍ର, ବିଷ୍ଣୁଚରଣ ନାୟକ, ରାକେଶକୁମାର ହୋତା, ଇଂ.ସେବକ ଶ୍ରୀକାନ୍ତ, ଗଜେନ୍ଦ୍ରନାଥ ଦାସ, ରାଜକିଶୋର ପଣ୍ଡା, ଅଜୟକୁମାର ଦାଶ ଓ ଆଦିତ୍ୟ ଛୋଟରାୟଙ୍କୁ ସମ୍ମାନିତ କରାଯାଇଥିଲା। କଟକ ସଦର ପ୍ରେସ୍ କ୍ଲବ୍ ସମ୍ପାଦକ ପ୍ରତାପକେଶରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନୟାଗଡ଼ ସଙ୍କୁଳ ସାମୂହିକ ଆଚାର୍ଯ୍ୟ କର୍ମଶାଳା



**ଓଡ଼ଗାଁ,୪।୫/ଏନ୍ଏନ୍ଏସ୍:** ନୟାଗଡ ଜିଲ୍ଲା ଓଡ଼ଗାଁ ସ୍ଥିତ ସରସ୍ୱତି ଶିଶୁ ବିଦ୍ୟାମନ୍ଦିରରେ ୩ଦିନ ଧରି ଅନୁଷ୍ଠିତ ହୋଇଥିବା ସଙ୍କୁଳ ଆଚାର୍ଯ୍ୟ କର୍ମଶାଳା ଉଦ୍ଯାପିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ନୟାଗଡ଼ ସଙ୍କୁଳ ମୁଖ୍ୟ ଦିଲ୍ଲୀପ କୁମାର ମିଶ୍ର ଯୋଗଦେଇ ମା' ସରସ୍ୱତୀଙ୍କ ନିକଟରେ ଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ନିମନ୍ତ୍ରିତ ଅତିଥିଭାବେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ, ରଘୁନାଥ ସମବାୟ ମହାବିଦ୍ୟାଳୟ ଅଧକ୍ଷ ରାଜକିଶୋର ସାହୁ, ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟଅଧିକାରୀ ନିଳାଞ୍ଜନ ଦାସ, ଯୁବନେତା ବିଭୁପ୍ରସାଦ ସାହୁ, ଏନଏସି କନିଷ୍ଠଯନ୍ତ୍ରୀ ସତ୍ୟନାରାୟଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କର୍ମଶାଳାକୁ ସମିତି ସଦସ୍ୟ ପ୍ରଦୀପ୍ତ କୁମାର ବିଶ୍ୱାଳ ଓ କୋଷାଧକ୍ଷ ତ୍ରିଲୋଚନ ସାମନ୍ତରା ପରିଚାଳନା କରିଥିବାବେଳେ ନୟାଗଡ ସଙ୍କୁଳ ଅଧିନରେ ଥିବା ୯ଗୋଟି ଶିଶୁ ମନ୍ଦିରରୁ ୧୩୨ଜଣ ପ୍ରଶିକ୍ଷାର୍ଥି ଏହି କର୍ମଶାଳାରେ ଯୋଗଦେଇଥିଲେ। ବିଦ୍ୟାମନ୍ଦିରର ସମସ୍ତ କର୍ମଚାରୀ ସହଯୋଗ କରିଥିବା ଜଣାପଡ଼ିଛି।

# ସୁନ୍ଦରଗ୍ରାମରେ ଖୋଲିଲା ଉପ ସ୍ୱାସ୍ଥ୍ୟକେନ୍ଦ୍ର

**କଣ୍ଟାପଡ଼ା,୪।୫/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକ ବାଗଲପୁର ପଞ୍ଚାୟତ ଅନ୍ତର୍ଗତ ସୁନ୍ଦରଗ୍ରାମଠାରେ ସରକାରୀ ଉପ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ନିଆଳି ବିଧାୟକ ଇଂ. ଛବି ମଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଜି ପୂର୍ବାହ୍ନରେ ଏହାକୁ ଉଦଘାଟନ କରିଛନ୍ତି। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଅନ୍ତର୍ଗତ ଏହି ଉଦଘାଟନୀ ଉତ୍ସବ ଅବସରରେ ବିଜେପି ଯୁବ ସଂଗଠକ ବିପିନ ବେହେରା, ବାଗଲପୁର ପଞ୍ଚାୟତ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ସେଠୀ, କୈଳାସଚନ୍ଦ୍ର ଦାଶ, ସହକାରୀ ଯନ୍ତ୍ରୀ ଇଂ. ଧନଂଜୟ ସାମଲ, କଣ୍ଟାପଡ଼ା ବିଡ଼ିଓ ସ୍ୱପ୍ନିତା ନାୟକ, ଅଶୋକକୁମାର ରଥ, ତୁଷାରକାନ୍ତ ରାଉତରାୟ, ବେଣୁଧର ଜଟ୍ଟ ଓ ଦଳୀୟ କର୍ମୀ ତଥା ସ୍ୱାସ୍ଥ୍ୟ କର୍ମଚାରୀ, ଏଏନଏମ, ଆଶା କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କେନ୍ଦ୍ରଦ୍ୱାରା ସୁନ୍ଦରଗ୍ରାମ, ପିଙ୍ଗାପଡ଼ା, ବଡ଼ଝରିଲୋ, ଚିଉଳପୁର, ଖଣ୍ଡିଆରୀପୁର, ଗୋପାଳଗର, ବାଗଲପୁର ଓ ଦେଉଳୀ ପ୍ରଭୃତି ଅଞ୍ଚଳର ଲୋକମାନେ ସ୍ୱାସ୍ଥ୍ୟ ସେବା ପାଇପାରିବେ। ଆଜିର ଏହି ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମକୁ ନେଇ ସମ୍ପୃକ୍ତ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି।



# ବାପି ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପିତ

**ଅସ୍ତରଙ୍ଗ,୪।୫/ଏନ୍ଏନ୍ଏସ୍:** ବାବା ଗଜାନନ ପୂଜା କମିଟି ଦ୍ୱାରା ଆୟୋଜିତ ବାପି ସ୍ମାରକୀ ମାଷ୍ଟର ଟ୍ୟାଲେଣ୍ଟ୍ ୧୧ ଆନୁକୁଲ୍ୟରେ ପ୍ରଥମ ବାର୍ଷିକ ସଟ୍ ବାଉଣ୍ଡରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ଦିବସରେ ୨ଟି ଦଳ ଭାବେ ପୁଷ୍ପା୧୧ ବେଗୁନିଆ ବସ୍ତ ଏବଂ ଗାଦିବ୍ରହ୍ମ ପାଟଣା ମଧ୍ୟରେ ଖେଳ ହେଇଥିଲା। ଏଥିରେ ପ୍ରଥମେ ପୁଷ୍ପା ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭୫ ରନ ସଂଗ୍ରହ କରିଥିଲା। ୭୬ ରନର ବିଜୟ ଲକ୍ଷ୍ୟ ନେଇ ଗାଦିବ୍ରହ୍ମ ପାଟଣା ମାତ୍ର ୪୮ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଦିବାକର ଛାଟୋଇ, ସମ୍ମାନିତ ଅତିଥି ଅସ୍ତରଙ୍ଗ ଗ୍ରାମପଞ୍ଚାୟତ ସରପଞ୍ଚ ରାମଚନ୍ଦ୍ର କଣ୍ଡି, ପ୍ରେସ୍ କ୍ଲବ୍‌ର ସଭାପତି ଶରତ ପରିଡ଼ା, ସମାଜସେବୀ ସୁବାଷ ପରିଡ଼ା ଯୋଗଦେଇ ଚାମ୍ପିଅନ୍ ଟ୍ରଫି ଓ ରନର୍ସଅପ୍ କପ୍ ପ୍ରଦାନ କରିଥିଲେ। ଏଥିରେ କ୍ଲବ୍‌ର ସଭ୍ୟମାନେ ସହଯୋଗ କରିଥିଲେ।

# ଜଟଣୀରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଜଟଣୀ,୪।୫/ଏନ୍ଏନ୍ଏସ୍:** ଜଟଣୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମାଟ୍ରିକ ପରୀକ୍ଷାର କୃତି ଛାତ୍ରଛାତ୍ରୀଙ୍କୁ ନେଇ ଏକ ଭବ୍ୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମାଟ୍ରିକ ପରୀକ୍ଷା- ୨୦୨୫ ଫଳାଫଳରେ ଇ୧-୧ ଜଣ, ଇ୨-୧୧ ଜଣ, ଛ୧-୧୮ ଜଣ, ଛ୨-୨୭ ଜଣ, ଉ-୩୦ ଜଣ, ଉ-୯ ଜଣ ମୋଟ -୯୬ ଜଣ ସମସ୍ତେ ପାସ କରିଛନ୍ତି ଏବଂ ଏ ବର୍ଷ ମଧ ପୂର୍ବ ବର୍ଷମାନଙ୍କ ଭଳି ବିଦ୍ୟାଳୟର ଶତ ପ୍ରତିଶତ ଫଳାଫଳ ହୋଇଛି। ଆଜିର ସମ୍ବର୍ଦ୍ଧନା ସଭାରେ ପରିଚାଳନା ସମିତିର ସଭାପତି ପ୍ରସନ୍ନ କୁମାର ରଥ ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରିବା ସହ ଧନ୍ୟବାଦ ଦେଇ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା ବିଦ୍ୟାଳୟର ଫଳାଫଳ ଘୋଷଣା କରିବା ସହ ମିଷ୍ଟାନ ବାଣ୍ଟି ସମ୍ବର୍ଦ୍ଧନା କରିଥିଲେ। ଏ ବର୍ଷର ବିଦ୍ୟାଳୟରୁ ରଖିଥିବା ସର୍ବୋଚ୍ଚ ଇ୧ ଛାତ୍ରୀ ସ୍ରୋତସ୍ୱିନୀ ତ୍ରିପାଠୀ-୫୪୨ ନମ୍ବର ସହ ଇ୨-ରେ ଶୁଭମ କୁମାର ବେହେରା, ରାକେଶ କୁମାର ନାୟକ, ଗିରିଜା ଶଙ୍କର ମୁଦୁଲି, ଅଙ୍କିତା ରାଣୀ ମାଝୀ, ଶୁଭମ କୁମାର ସାହୁ, ଦେବସ୍ମିତା ପଣ୍ଡା, ସଞ୍ଚିତା ସାହୁ, ସୁରଜ କୁମାର ପାଢ଼ୀ, ଶୁଭମ ମହାନ୍ତି, ସାହାନା ଆଞ୍ଜୁମ, ଲକ୍ଷ୍ମୀପ୍ରିୟା ନାୟକ ଏହି ୧୨ଜଣଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ଥିଲା। ପ୍ରଧାନ ଆଚାର୍ଯ୍ୟ ଶ୍ରୀ ଜେନା ତାଙ୍କ ବକ୍ତବ୍ୟରେ ସମସ୍ତ ଶ୍ରେୟ ଶିଶୁ, ଅଭିଭାବକ ଓ ଗୁରୁଜୀ ଗୁରୁମା ଦେବା ସହିତ ସମସ୍ତ ଶିଶୁଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ।



# ମଦନପୁର ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଙ୍କ ସଫଳତା

**ମୁଣ୍ଡମୁହାଣ,୪।୫/ଏନ୍ଏନ୍ଏସ୍:** ଜଟଣୀ ବ୍ଲକ ମଦନପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ରୀ ଏ-୧ ସ୍ଥାନ ଅଧିକାର କରି ବିଦ୍ୟାଳୟର ମାନବୃଦ୍ଧି କରିଛନ୍ତି। ବିଦ୍ୟାଳୟର ଚଳିତ ମ୍ୟାଟ୍ରିକ ପରିକ୍ଷାରେ ମଦନପୁର ଗ୍ରାମର କାର୍ତ୍ତିକ ମହାକୁଡଙ୍କ ଝିଅ ଅଙ୍କିତା ମହାକୁଡ ୫୪୨ ନମ୍ବର ସହ ୯୧ ପ୍ରତିଶତ ରଖି ଏହି କୃତିତ୍ୱ ହାସଲ କରିଛନ୍ତି। ସେ ଦିନକୁ ପ୍ରାୟ ୧୦/୧୨ ଘଣ୍ଟା ପରିଶ୍ରମ କରୁଥିଲେ। ସଫଳତାର ଶ୍ରେୟ ତାଙ୍କ ବିଦ୍ୟାଳୟ ଶିକ୍ଷକ ଓ ଟିୟୁସନ ଶିକ୍ଷକଙ୍କୁ ଦେଇଛନ୍ତି। ଏ ନେଇ ବାପା କାର୍ତ୍ତିକଙ୍କ କହିବା କଥା ମୁଁ ଜଣେ ଦିନ ମଜୁରିଆ। ମୁଁ ବେଶୀ ପଢିନଥିବା ବେଳେ ମୋ ଝିଅ ଅଙ୍କିତା ଯେଉଁ ସଫଳତା ପାଇଛି ମୁଁ ଏବଂ ମୋ ପରିବାର ବେଶ୍ ଖୁସି।



# 'ଡାକ୍ତର ହୋଇ ଜନସେବା କରିବି'

**ମୁଣ୍ଡମୁହାଣ,୪।୫/ଏନ୍ଏନ୍ଏସ୍:** ଜଟଣୀ ବ୍ଲକ ଛତାବର ପଞ୍ଚାୟତର ଅରିଶଳ ରାଜକିଶୋର ବିଦ୍ୟାପୀଠର ଜଣେ ଛାତ୍ରୀ ଏ-୧ ସ୍ଥାନ ଅଧିକାର କରି ବିଦ୍ୟାଳୟର ମାନବୃଦ୍ଧି କରିଛନ୍ତି। ବିଦ୍ୟାଳୟର ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ଅରିଶଳ ଗ୍ରାମର ବିଜୟ ପରିଡ଼ାଙ୍କ ଝିଅ ଶୁଭଶ୍ରୀ ପରିଡା ୯୦.୧୬ ପ୍ରତିଶତ ମୋଟ ୫୪୧ ନମ୍ବର ରଖି କୃତିତ୍ୱ ଅର୍ଜନ କରିଛନ୍ତି। ଏନେଇ ଶୁଭଶ୍ରୀଙ୍କ କହିବା କଥା ସେ ସବୁଦିନ ପାଠ ପଢିବା ପାଇଁ ୧୨/୧୩ ଘଣ୍ଟା ଅକ୍ଲାନ୍ତ ପରିଶ୍ରମ କରୁଥିଲେ। ସଫଳତାର ଶ୍ରେୟ ତାଙ୍କ ବାପା, ମା', ସ୍କୁଲ ଓ ଟିୟୁସନ ଶିକ୍ଷକଙ୍କୁ ଦେଇଛନ୍ତି। ସେ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଜନସେବା କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତାଙ୍କ ସଫଳତାରେ ସମସ୍ତେ ବହୁ ଖୁସି ଥିବା କହିଛନ୍ତି।




# ନିଶ୍ଚିନ୍ତକୋଇଲିରେ ବିଶ୍ୱ ଶ୍ରମିକ ଦିବସ




**ନିଶ୍ଚିନ୍ତକୋଇଲି,୪।୫/ଏନ୍ଏନ୍ଏସ୍:** ବିଶ୍ୱ ଶ୍ରମିକ ଦିବସ ଅବସରରେ ଓଡିଶା ଫରେଷ୍ଟ ଉଡ୍ ଏଗ୍ରିକଲଚର ଆଣ୍ଡ ବିଲଡିଂ କନଷ୍ଟ୍ରକସନ୍ ୟୁନିୟନ (ଏ.ଆଇ.ଟି.ୟୁ.ସି), ନିର୍ମାଣ ଶ୍ରମିକ ଓ ବି.କେ.ଏମ୍.ୟୁ ସଂଘ ନିଶ୍ଚିନ୍ତକୋଇଲି ବ୍ଲକ କମିଟି ପକ୍ଷରୁ ରାମକୃଷ୍ଣପୁରଠାରେ ଅବସ୍ଥିତ କଦମ୍ବବିହାରୀ ପୀଠସ୍ଥଳୀରେ ବିଶ୍ୱ ଶ୍ରମିକ ଦିବସ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା କଃ. ତ୍ରିଲୋକ୍ୟନାଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପତାକା ଉତ୍ତୋଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସିପିଆଇ ଜୋନାଲ କମିଟି ସଂପାଦକ କଃ. କସ୍ତୁରୀ ଚରଣ ପାତ୍ର, ସମ୍ମାନୀତ ଅତିଥି ଭାବେ ବିକେଏମ୍ୟୁ ଜିଲ୍ଲା ସଭାପତି ଅରବିନ୍ଦ ପଣ୍ଡା, କଃ. ହିଂମାଂଶୁ ଶେଖର ଭୂୟାଁ, କଃ.ମାଗୁଣୀ ନାୟକ,କଃ. ଝରୀ ବେହେରା ପ୍ରମୁଖ ଉପସ୍ଥିତ ରହି ଶ୍ରମିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ଆନ୍ଦୋଳନ ମାଧ୍ୟମରେ ଶ୍ରମିକମାନଙ୍କ ନାର୍ଯ୍ୟଦାବିର ସମାଧାନ କରାଯାଇ ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ କଃ. ସନାତନ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍ ଟପ୍ପର୍ ଶୁଭମଙ୍କୁ ଅଞ୍ଜଳି ମିଶ୍ର ସ୍ମୃତି ପୁରସ୍କାର



**ଖଣ୍ଡପଡ଼ା,୪।୫/ଏନ୍ଏନ୍ଏସ୍:** ଚଳିତବର୍ଷ ଖଣ୍ଡପଡା ବ୍ଲକ୍‌ସ୍ତରରେ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ୫୪୭ ନଂ ରଖି ଟପ୍ପର ହୋଇଥିବା ଛାତ୍ର ଶୁଭମ ରାଉତଙ୍କୁ ଅଞ୍ଜଳି ମିଶ୍ର ସ୍ମୃତି ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାପଡିଛି। ଏ ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ଶୁଭମଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଅଞ୍ଜଳି ମିଶ୍ର ସ୍ମୃତି କମିଟି ପକ୍ଷରୁ ସୂଚନା ମିଳିଛି। ପ୍ରକାଶଥାଉ କି ଗତ ୨୦୦୩ ମସିହାରୁ ପ୍ରତିବର୍ଷ ଦୀର୍ଘ ୨୩ ବର୍ଷ ଧରି ଖଣ୍ଡପଡା ବ୍ଲକସ୍ତରରେ ମାଟ୍ରିକ ଟପ୍ପର୍‌ମାନଙ୍କୁ ଉତ୍ସାହିତ କରିବା ପାଇଁ ପୁରସ୍କାର ପ୍ରଦାନ କରାଯାଉଥିବା ଜଣାପଡିଛି।

# ମାଟିବଂଶ ଅବଧାନ ସମାଜର ସମ୍ମିଳନୀ



**କୁଆଁପାଳ,୪।୫/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକର କଇଥା ପଂଚାୟତର ଗୋଠମୁହଁଠାରେ ଗତ ୩୦ ତାରିଖ ଦିନ ମାଟିବଂଶ ଅବଧାନ ସମାଜର ଆଞ୍ଚଳିକ ଜିଲ୍ଲା ସ୍ତରୀୟ ସମ୍ମିଳନୀ ଓ ସଂସ୍କାର ମହାସଭା କପିଳ ଚରଣ ପାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତୀତରେ ବହୁ ପୂର୍ବ କାଳରୁ ଚାଟଶାଳୀ ପାଠ ପଢାରେ ମାଟିବଂଶ ଅବଧାନମାନେ ସନାତନ ଧର୍ମ ଓ ଆତ୍ମଜ୍ଞାନ ପ୍ରତ୍ୟେକ ଗ୍ରାମମାନଙ୍କରେ ପିଲାମାନଙ୍କୁ ଖଡି ଧରି ଶିକ୍ଷା ପ୍ରଦାନ କରି ସଂସ୍କାରୀ ମଣିଷ ସୃଷ୍ଟିକରୁଥିଲେ। ସେଥିପାଇଁ ମୁସଲମାନ ଏବଂ ଇଂରେଜ ଶାସନ କାଳରେ ଏହି ମାଟି ବଂଶର ଅବଧାନମାନେ ଶାରିରୀକ ମାନସିକ ଯନ୍ତ୍ରଣା ଭୋଗିବା ସହିତ ଜେଲ୍ ଦଣ୍ଡ ଭୋଗିଥିବା ସଂପର୍କରେ ରାଜ୍ୟ ସହସଂପାଦକ ଅଭିମନ୍ୟୁ ନାୟକ, ପଣ୍ଡିତ ଶ୍ରୀଧର ନାଥ, ହରେକୃଷ୍ଣ ମହାରଣା, କପିଳେଶ୍ୱର ପାଲ, ଶତ୍ରୁଘ୍ନ ନାୟକ, ଅକ୍ଷୟ କୁମାର ନାୟକ, ଅଶୋକ ଗେରୁ , ବିରଞ୍ଚି ନାରାୟଣ ନାଥ, ଶ୍ରୀକାନ୍ତ ପାଲ୍ ପ୍ରମୁଖ ଉକ୍ତ ସମ୍ମିଳନୀରେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସନାତନ ହିନ୍ଦୁ ଧର୍ମକୁ ରକ୍ଷା କରିବାକୁ ଏକତ୍ରିତ ହେବା ପାଇଁ ସେମାନେ ଆହ୍ୱାନ ଦେଇଥିଲେ। ପହଲଗ୍ରାମ୍‌ରେ ସନ୍ତ୍ରାସବାଦୀମାନଙ୍କ ଦ୍ୱାରା ଗଣହତ୍ୟାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ବିଶେଷଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପାକିସ୍ଥାନ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବାକୁ ସ୍ଲୋଗାନ ଦିଆଯାଇଥିଲା। ଆଦିମାତାଙ୍କୁ ପୂଜାର୍ଚ୍ଚନା କରାଯାଇ ଦଶ ଜଣ ବାଳକଙ୍କୁ ନବଖିଅ ଉପବିତ ଧାରଣ ଅତିଥିମାନେ କରାଇଥିଲେ। ଋଷି ଯୁଗର ରୀତି ନିୟମ ଅନୁସାରେ ବେଦ ପୁରାଣ ଉପନିଶେଦକୁ ପାଠ୍ୟ ଖସଡାରେ ସ୍ଥାନ ଦେବା ପାଇଁ ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସଭାରେ ଅଭିରାମ ନାୟକ ସଭାପତିତ୍ୱ କରିଥିଲା ବେଳେ ଶେଷରେଜଗତ୍‌ସିଂହପୁର ଜିଲ୍ଲା ସଭାପତି ପ୍ରମୋଦ କୁମାର ପରମାଣିକ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଲେଲିନ୍ ପରମାଣିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳର ବହୁ ମାଟିବଂଶ ଅବଧାନ ଅଂଶଗ୍ରହଣ କରିଥିଲେ।

# ବସୁଧା ସମାଜ ସେବକ ସଂଘ ପକ୍ଷରୁ ଜଳଛତ୍ର




**ମାହାଙ୍ଗା,୪।୫/ଏନ୍ଏନ୍ଏସ୍:** ପ୍ରଭୁ ଶନିଦେବଙ୍କ ଜଳାଭିଷେକ ଅବସରରେ ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଂଚାୟତସ୍ଥିତ ଗୁଣ୍ଡୁପୁର ଶନିଘାଟ ଠାରେ ବସୁଧା ସମାଜ ସେବକ ସଂଘ ପକ୍ଷରୁ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ତଥା ଅନୁଷ୍ଠାନର ଉପଦେଷ୍ଟା ରବୀନ୍ଦ୍ର ନାଥ କର ଉଦ୍‌ଘାଟକ ଭାବେ ଯୋଗଦେଇ ଏହି ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅନୁଷ୍ଠାନର ସଭାପତି ବିଚିତ୍ରାନନ୍ଦ ସାହୁ, ସଂପାଦକ କ୍ଷୀତିଶ କୁମାର ସାହୁ, ସଦାଶିଷ ସାହୁ, ରମାକାନ୍ତ ଦାସ, ରଜତ କୁମାର ଭୂୟାଁ, ଚିତ୍ତରଂଜନ ସିଂହ, ଜ୍ଞାନରଞ୍ଜନ ସାହୁ, ଗୟାଧର ସିଂହ, ଅଭୟ ସାହୁ, ବିମଳ ସାହୁ, ବିପ୍ରବର ସାହୁ, ମନୋରଞ୍ଜନ ସାହୁ, ସୁରେନ୍ଦ୍ର ଦାସ, ଧନଞ୍ଜୟ ନାଥଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ‘ପଶ୍ଚିମବଙ୍ଗ ଜଗନ୍ନାଥ ଧାମ କରିପାରିବ ନାହିଁ’

**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** ପଶ୍ଚିମବଙ୍ଗର ଦୀଘା ଠାରେ ନିର୍ମିତ ଜଗନ୍ନାଥ ମନ୍ଦିରକୁ ନେଇ ଦେଖାଦେଇଥିବା ବିବାଦ ବଢ଼ିବାରେ ଲାଗିଛି। ଏହି ମନ୍ଦିରକୁ ପଶ୍ଚିମବଙ୍ଗ ସରକାର ଜଗନ୍ନାଥ ଧାମ ଘୋଷଣା କରିଥିବା ବେଳେ ଏହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମନରେ ଆଘାତ ଲାଗିଛି। ଏନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖି କହିଛନ୍ତି ଯେ ପଶ୍ଚିମବଙ୍ଗ ଜଗନ୍ନାଥ ଧାମ କରିପାରିବ ନାହିଁ। ଏନେଇ ପଶ୍ଚିମବଙ୍ଗ ସରକାରଙ୍କୁ ଚିଠି ଲେଖିବୁ। ସେଠାରେ ଜଗନ୍ନାଥ ଧାମ କରିବାର କୌଣସି କାରଣ ନାହିଁ। ସେମାନେ ଜଗନ୍ନାଥ ଧାମ ବୋଲି କହିବାର କିଛି ଜଷ୍ଟିଫିକେସନ ବି ନାହିଁ। ପଶ୍ଚିମବଙ୍ଗରେ ରାଜନୈତିକ ଦୃଷ୍ଟିକୋଣରୁ କ’ଣ ଘଟୁଛି ତାହା ଅଲଗା କଥା କିନ୍ତୁ ଆମ ସଂସ୍କୃତି, ଆମ ମନ୍ଦିର, ସୁରକ୍ଷା, ବ୍ୟବସ୍ଥା ସୁରକ୍ଷିତ ଅଛି ଓ ରହିବ। ସରକାରଙ୍କର ଯାହା ଦାୟିତ୍ୱ ସେ କଥା ତୁଲାଇବୁ। ମୁଖ୍ୟମନ୍ତ୍ରୀ ଆସିବା ପରେ ନିଷ୍ପତ୍ତି ହେବ ବୋଲି ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଏଥିସହ ଯେଉଁ ସେବାୟତମାନେ ସେଠାକୁ ଯାଇଥିଲେ ସେମାନଙ୍କୁ ଡାକି ପଚରାଉଚରା କରାଯାଉଛି। ସେବାୟତମାନେ ଅତିଥି ଭାବେ ଯାଇ ପାରିବେ। କିନ୍ତୁ ଅନ୍ୟ କେଉଁଠି ସେବା ପୂଜା କରିବା ଭୁଲ କଥା ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

**ପଶ୍ଚିମବଙ୍ଗ ସରକାରଙ୍କୁ ଚିଠି ଲେଖିବୁ**



# ସ୍ୱଦେଶୀ ଖେଳ ଆମ ପରମ୍ପରା ଏବଂ ପରିଚୟର ଅବିଚ୍ଛେଦ୍ୟ ଅଙ୍ଗ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** ସ୍ୱଦେଶୀ ଖେଳଗୁଡ଼ିକ କେବଳ ଶାରୀରିକ ପ୍ରତିଯୋଗିତା ନୁହେଁ; ଏଗୁଡ଼ିକ ଆମ ସମ୍ପ୍ରଦାୟ, ଆମର ପରମ୍ପରା ଏବଂ ଆମର ପରିଚୟର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସକ୍ରିୟ ଆଦିବାସୀ ସମ୍ପ୍ରଦାୟର ବାସସ୍ଥାନ ଓଡ଼ିଶା ଏହି ପ୍ରାଚୀନ ଖେଳଗୁଡ଼ିକୁ ସଂରକ୍ଷଣ କରି ରଖିଛି ଏବଂ ଏକ କ୍ରୀଡ଼ା କେନ୍ଦ୍ର ଭାବରେ ଉଭା ହେଉଛି। ଆମେ ଗ୍ରାମୀଣ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଏବଂ ପ୍ରତ୍ୟେକ ପ୍ରତିଭାଶାଳୀ ଖେଳାଳି ଯେପରି ତାଙ୍କର ଚମକ ଦେଖାଇବା ପାଇଁ ଏକ ପ୍ଲାଟଫର୍ମ ପାଇବେ ତାହା ନିଶ୍ଚିତ କରିବାକୁ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି। ଶନିବାର ମୁମ୍ବାଇର ୱେଭ୍ସରେ ଅନୁଷ୍ଠିତ ‘ସ୍ୱଦେଶୀ କ୍ରୀଡ଼ା: ଭାରତରୁ ବିଶ୍ୱ ମଞ୍ଚ ପର୍ଯ୍ୟନ୍ତ’ ଶୀର୍ଷକ ପ୍ୟାନେଲ୍ ଆଲୋଚନାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ସ୍ୱଦେଶୀ କ୍ରୀଡ଼ାର ସମୃଦ୍ଧ ଐତିହ୍ୟ ଏବଂ ଭାରତୀୟ କ୍ଷେତ୍ରରୁ ବିଶ୍ୱସ୍ତରୀୟ କ୍ଷେତ୍ରକୁ ସେମାନଙ୍କର ବୃଦ୍ଧି ପାଉଥିବା ଯାତ୍ରା ଉପରେ ଆଲୋକପାତ କରାଯାଇଥିଲା। ବହୁ ପ୍ରଭାବଶାଳୀ ନୀତି ନିର୍ଦ୍ଧାରକ, ପ୍ରସିଦ୍ଧ କ୍ରୀଡ଼ାବିତ, କ୍ରୀଡ଼ା ଉଦ୍ୟୋଗୀ ଏବଂ ଚିନ୍ତାନାୟକମାନେ ‘ଏକ ସମାନ ଦୃଷ୍ଟିକୋଣ : ଭାରତର ସ୍ୱଦେଶୀ କ୍ରୀଡ଼ାକୁ ଅନ୍ତର୍ଜାତୀୟ ସ୍ୱୀକୃତି ଏବଂ ସଫଳତା ପାଇଁ ପ୍ରେରିତ କରିବା’ ପ୍ରସଙ୍ଗ ନେଇ ଏକତ୍ରିତ ହୋଇଥିଲେ। କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖଡସେ ଖେଲୋ ଇଣ୍ଡିଆ ପଦକ୍ଷେପ ତୃଣମୂଳ ସ୍ତରର ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ଭାରତୀୟ କ୍ରୀଡ଼ାର ଭବିଷ୍ୟତ ଗଠନ କରିବାରେ ଏକ ପରିବର୍ତ୍ତନକାରୀ ଶକ୍ତି ପ୍ରମାଣିତ ହେଉଛି ବୋଲି ମନ୍ତବ୍ୟ ଦେଇଥିଲେ। ସେ ଆହୁରି ଗୁରୁତ୍ୱାରୋପ କରିଥିଲେ ଯେ, ‘କ୍ରୀଡା କେବଳ ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହିତ କରେ ନାହିଁ , ବରଂ ସମ୍ପର୍କକୁ ମଜବୁତ କରେ ଏବଂ ଏକତାକୁ ପ୍ରୋତ୍ସାହିତ କରେ - ଯାହା ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସାରକୁ ପ୍ରତିଫଳିତ କରେ।ପ୍ରୋ କବାଡି ଲିଗର ଲିଗ୍ କମିଶନର ଅନୁପମ ଗୋସ୍ୱାମୀ, ଇରାନର କ୍ରୀଡାବିତ୍ ଫାଜେଲ ଅତ୍ରାଚଲି, ଇଂଲିସ୍ କ୍ରିକେଟ୍ ବୋର୍ଡର ନିୟାମକ ଅଧକ୍ଷ ନିକ୍ କାଉର୍ଡ, ଖୋ-ଖୋ ମହାସଂଘର ସଭାପତି ସୁଧାଂଶୁ ମିତ୍ତଲ, ଫ୍ୟାନକୋଡର ପ୍ରତିଷ୍ଠାତା ୟାନିକ୍ କୋଲାକୋ ନିଜ ନିଜ ବକ୍ତବ୍ୟ ରଖିଥିଲେ।

# ମିଟ୍ ଇନ୍ ଇଣ୍ଡିଆ କନ୍‌କ୍ଲେଭ୍‌ରେ ଓଡ଼ିଶା ପର୍ଯ୍ୟଟନ




**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** ରବିବାର ରାଜସ୍ଥାନ ରାଜଧାନୀ ଜୟପୁରରେ ମିଟ ଇନ ଇଣ୍ଡିଆ କନକ୍ଲେଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ତରଫରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଓଡିଶା ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ ଓ ବିଭାଗୀୟ ଅନ୍ୟ ଅଧିକାରୀବୃନ୍ଦ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱାତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାରେ ପର୍ଯ୍ୟଟନର ବିକାଶ ପାଇଁ ବର୍ତ୍ତମାନର ସରକାରଙ୍କ ପ୍ରୟାସକୁ ପ୍ରଂଶସା କରିଥିଲେ। ଓଡ଼ିଶାର ପର୍ଯ୍ୟଟନ ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ଅନ୍ୟ ସମସ୍ତ ରାଜ୍ୟ ପାଇଁ ଅନୁକରଣୀୟ ବୋଲି ସେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜସ୍ଥାନ ଉପ ମୁଖ୍ୟମନ୍ତ୍ରୀ ଦିବ୍ୟା କୁମାରୀ ମଧ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଓଡିଶା ପର୍ଯ୍ୟଟନର ସମ୍ଭାବ୍ୟ ବିକାଶ ଓ ଆହ୍ୱାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡିଶାରେ ମାଇସ ଟୁରିଜିମର ସମ୍ଭାବ୍ୟ ବିକାଶ ବିଷୟରେ ବିଶିଷ୍ଟ ନିବେଶକମାନଙ୍କ ସହ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଆଲୋଚନା କରିଥିଲେ।

**ଓଡ଼ିଶାର ପଦକ୍ଷେପ ଅନ୍ୟ ରାଜ୍ୟ ପାଇଁ ଅନୁକରଣୀୟ:କେନ୍ଦ୍ରମନ୍ତ୍ରୀ**

# ଅପିଲ୍ ମାମଲା ଫଏସଲା ପାଇଁ କ୍ୟାମ୍ପ୍ କୋର୍ଟ



**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** ନାଗରିକ-କୈନ୍ଦ୍ରିକ ଶାସନ ଏବଂ ସମୟାନୁବର୍ତ୍ତୀ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ରବିବାର ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ନାଗରିକ କେନ୍ଦ୍ରିକ ଆଭିମୁଖ୍ୟ ସୁନିଶ୍ଚିତ କରିବା ଏବଂ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ୧୯୮୨ ଅନୁଯାୟୀ ଦାୟର ଅପିଲ୍ ମାମଲାଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଉଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ସହ ଜଡିତ ଅପିଲ୍ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ଅପିଲ୍ କର୍ତ୍ତୃପକ୍ଷ ପ୍ରମୁଖ ସଚିବ ଆଜିର ଶୁଣାଣିରେ ଅଧକ୍ଷତା କରିଥିଲେ। ୮୦୦ ରୁ ଅଧିକ ବିଚାରାଧୀନ ଆପିଲ୍ ମାମଲା ମଧ୍ୟରୁ ଦିନବ୍ୟାପୀ ଶୁଣାଣିରେ ମୋଟ ୨୦୦ ମାମଲା ଗ୍ରହଣ ଏବଂ ଫଏସଲା କରାଯାଇଥିଲା। ଏହି ଆବେଦନଗୁଡ଼ିକ ଓଡ଼ିଶା ବିକାଶ ପ୍ରାଧିକରଣ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ବିରୋଧରେ ନାଗରିକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହିତ ଜଡ଼ିତ। ସମ୍ପ୍ରତି, ଆପିଲେଟ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ, ଆଇନ ଅନୁଯାୟୀ ଅପିଲ୍ ମାମଲା ପରିଚାଳନା ସକାଶେ ନିଯୁକ୍ତ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ – ପୌର ପ୍ରଶାସନ ନିର୍ଦ୍ଦେଶକ, ସ୍ୱତନ୍ତ୍ର ସଚିବ ଏବଂ ଅତିରିକ୍ତ ସଚିବଙ୍କ ମାନଙ୍କୁ ସରକାରୀ ନିର୍ଦ୍ଦେଶ ପ୍ରାପ୍ତ ହୋଇଛି।

# ଗଞ୍ଜାମ ପୁଲିସର ସ୍ପେସିଆଲ୍ ଡ୍ରାଇଭ୍,୧୮ ଗିରଫ

## ୧୭ ବନ୍ଧୁକ, ୬୬ ଗୁଳି, ୪ ଖୋକା ଜବତ





**ବ୍ରହ୍ମପୁର,ଛତ୍ରପୁର,୪।୫/ଏନ୍ଏନ୍ଏସ୍:** ଅପରାଧ ଦମନ କ୍ଷେତ୍ରରେ ଗଞ୍ଜାମ ପୁଲିସକୁ ବଡ଼ ସଫଳତା ମିଳିଛି। ଗଞ୍ଜାମ ପୁଲିସ ପକ୍ଷରୁ ଜିଲ୍ଲାରେ ଚାଲିଥିବା ସ୍ପେସିଆଲ୍ ଡ୍ରାଇଭ୍ ମାଧ୍ୟମରେ ବିଭିନ୍ନ ଅଞ୍ଚଳର ୧୮ ଜଣ ଅପରାଧୀଙ୍କୁ ଗିରଫ କରାଯାଇଛି। ଏନେଇ ମୋଟ୍ ୬ଟି ମାମଲା ରୁଜୁ ହୋଇଥିବା ବେଳେ ଗିରଫ ଅପରାଧୀଙ୍କ ନିକଟରୁ ୧୭ଟି ବନ୍ଧୁକ, ୧୬ଟି ମୋବାଇଲ, ୬୬ଟି ଗୁଳି ଏବଂ ୪ଟି ଖୋକା ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ ବିଭିନ୍ନ ଥାନାରେ ମାମଲା ରହିଥିବା ନେଇ ଆଜି ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ସୂଚନା ଦେଇଛନ୍ତି।

ଗଞ୍ଜାମ ପୁଲିସ୍ ଜିଲ୍ଲାରେ ଗତ କିଛିଦିନ ହେବ ଅପରାଧିକ କାର୍ଯ୍ୟକଳାପ ଦୃତ ଗତିରେ ବଢ଼ିଚାଲିଥିଲା। ହଣାମରା, ହତ୍ୟା, ହତ୍ୟା ଉଦ୍ୟମ ଭଳି ହିଂସାକାଣ୍ଡ ଘଟଣା ବାରମ୍ବାର ଘଟିଥିବା ବେଳେ ଲୋକଙ୍କ ନିଦ ହଜିଯାଇଥିଲା। ଲୋକେ ପୁଲିସ୍‌ର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଜିଲ୍ଲାରେ କିଛି ଅପରାଧୀଙ୍କ ନିକଟରେ ବନ୍ଧୁକ ରହିଥିବା ଏବଂ ସେମାନେ ଅପରାଧିକ କାର୍ଯ୍ୟକଳାପ ଘଟାଇବା ପାଇଁ ଯୋଜନା କରୁଥିବା ନେଇ ପୁଲିସ ପାଖରେ ସୂଚନା ପହଞ୍ଚିଥିଲା। ଅପରାଧିକ କାର୍ଯ୍ୟରେ ବ୍ରେକ୍ ଲଗାଇବା ପାଇଁ ଗଞ୍ଜାମ ପୁଲିସ୍ ଅଣ୍ଟା ଭିଡ଼ିଥିଲା। ଗତ ଦୁଇ ସପ୍ତାହ ଧରି ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନେତୃତ୍ୱରେ ସ୍ପେସିଆଲ ଡ୍ରାଇଭ୍ ଆରମ୍ଭ ହୋଇଥିଲା। ଏହି ଅଭିଯାନ ମାଧ୍ୟମରେ ଗଞ୍ଜାମ ପୁଲିସ୍ ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ଉ କରି ଅପରାଧୀଙ୍କୁ ଗିରଫ କରାଯିବା ସହ ସେମାନଙ୍କ ଠାରୁ ବନ୍ଧୁକ, ଗୁଳି ଆଦି ଜବତ କରାଯାଇଛି। ଗଞ୍ଜାମ ପୁଲିସ ଜିଲ୍ଲାର ଶେରଗଡ଼, ଚମାଖଣ୍ଡି, ପୋଲସରା, କୋଟିନଡ଼ା, ଆସ୍କା ଓ ଭଞ୍ଜନଗର ଥାନା ଅଞ୍ଚଳରେ ଚଢ଼ଉ କରି ୧୮ ଜଣ ଅପରାଧୀମାନଙ୍କୁ ଗିରଫ କରିଛି। ସେମାନଙ୍କ ନାମରେ ପୂର୍ବରୁ ମଧ ବିଭିନ୍ନ ଥାନାରେ ଅପରାଧିକ ମାମଲା ରହିଛି। ଅପରାଧିଙ୍କ ନିକଟରୁ ବିପୁଳ ପରିମାଣର ବନ୍ଧୁକ ଜବତ ହୋଇଥିବା ବେଳେ ତାହା କେଉଁଠାରୁ ଆସିଛି, କେଉଁମାନେ ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି, ବନ୍ଧୁକ କେଉଁମାନେ ସପ୍ଲାଇ କରୁଥିଲେ ଆଦି ବିଭିନ୍ନ ଦିଗକୁ ନେଇ ପୁଲିସ୍ ଖୋଳତାଡ଼ ଆରମ୍ଭ କରିଛି। ବିହାରର ମୁଙ୍ଗେର ଅଞ୍ଚଳରୁ ବନ୍ଧୁକ ଏଠାକୁ ଆସୁଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଅଧିକ ତଦନ୍ତ ଚାଲିଥିବା ନେଇ ଆଇଜି କହିଛନ୍ତି। ଅପରାଧୀମାନଙ୍କ ନେଟ୍‌ୱର୍କ ଅନ୍ୟ ରାଜ୍ୟ ସହ ରହିଛି କି ନାହିଁ ସେ ନେଇ ମଧ ତଦନ୍ତ କରାଯାଉଛି। ଆଗାମୀ ଦିନରେ ଏକ ଟିମ୍ ଅନ୍ୟ ରାଜ୍ୟକୁ ଯାଇ ତଦନ୍ତ କରିବ ବୋଲି ଆଇଜି କହିଥିଲେ। ଜିଲ୍ଲାରେ ଅପରାଧୀ ନିୟନ୍ତ୍ରଣ ପାଇଁ ସ୍ପେସିଆଲ୍ ଡ୍ରାଇଭ୍ ଅଭିଯାନ ଆଗକୁ ମଧ ଜାରି ରହିବ ବୋଲି ଏଠାରେ ସୂଚନା ଦିଆଯାଇଥିଲା। ଅପରାଧ ନିୟନ୍ତ୍ରଣରେ ଏହି ଅଭିଯାନ ସହାୟକ ହେଉଥିବା ବେଳେ ସଫଳତାର ଶ୍ରେୟ ସମ୍ପୃକ୍ତ ଥାନାର ଥାନା ଅଧିକାରୀ, ପୁଲିସ୍ କର୍ମଚାରୀଙ୍କୁ ମଧ ଆଇଜି ଦେଇଥିଲେ। ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ଏଏସ୍‌ପି ରଞ୍ଜିତ କୁମାର ପୃଷ୍ଟି, ଆସକା ଏସ୍‌ଡିପିଓ ସନ୍ତୋଷ ଜେନା, ପୁରୁଷୋତ୍ତମପୁର ଏସ୍‌ଡିପିଓ ଦୀପକ ମିଶ୍ରଙ୍କ ସମେତ ସମସ୍ତ ଥାନା ଅଧିକାରୀ ଉପସ୍ଥିତ ଥିଲେ ।

## ନିଟ୍-ୟୁଜି ପ୍ରବେଶିକା ପରୀକ୍ଷା

# ଓଡ଼ିଶାରୁ ୬୦ ହଜାର ପରୀକ୍ଷାର୍ଥୀ

**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** ନ୍ୟାସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି ପକ୍ଷରୁ ରବିବାର ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ୍) ୟୁଜି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ଣ ୨ଟାରୁ ପରୀକ୍ଷା ଆରମ୍ଭ ହୋଇ ସନ୍ଧ୍ୟା ୫ ଟା ଯାଏଁ ୩ ଘଣ୍ଟା ଧରି ହୋଇଥିଲା। ପେନ୍ ଓ ପେପର ଫର୍ମାଟରେ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ଜୁନ ୧୪ ତାରିଖରେ ଫଳ ପ୍ରକାଶ ପାଇବ।

ତେବେ ଚଳିତ ବର୍ଷ ଓଡ଼ିଶାରୁ ପ୍ରାୟ ୬୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ନିଟ ପରୀକ୍ଷା ଦେଇଛନ୍ତି। ଓଡ଼ିଶାରେ ଭୁବନେଶ୍ୱର, କଟକ , ବରଗଡ଼, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ମୟୂରଭଞ୍ଜ, ଝାରସୁଗୁଡ଼ା, ଯାଜପୁର ଜଗତସିଂହପୁର, ନବରଙ୍ଗପୁର, କେନ୍ଦ୍ରାପଡ଼ା, ନୂଆପଡ଼ା, ଅନୁଗୁଳ, ବଲାଙ୍ଗୀର, ସୁବର୍ଣ୍ଣପୁର, ମାଲକାନଗିରି, ପୁରୀ, ଗଞ୍ଜାମ, ରାୟଗଡ଼ା, ପାରଳାଖେମୁଣ୍ଡି, ସୁନ୍ଦରଗଡ଼, ବଲାଙ୍ଗୀର ଓ କଳାହାଣ୍ଡି ଭଳି ଜିଲ୍ଲାରେ ନିଟ ପରୀକ୍ଷା ପାଇଁ କେନ୍ଦ୍ର ହୋଇଥିଲା। ବିଶେଷ ଭାବରେ କେନ୍ଦ୍ରକୁ ଅତ୍ୟାଧୁନିକ ଯନ୍ତ୍ରପାତି, ମୋବାଇଲ ଡିଜିଟାଲ ଘଣ୍ଟା ଓ କାଲକୁଲେଟର ନେବା ପାଇଁ ନିଷେଧ କରାଯାଇଥିଲା।

**ଜୁନ୍ ୧୪ରେ ଫଳ ପ୍ରକାଶ**

# ‘ଶେଷ ସୋପାନରେ ରାଜ୍ୟ ସଭାପତି ଚୟନ’

**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** ଓଡ଼ିଶା ଗସ୍ତରେ ଆସିବେ ଅମିତ ଶାହା। ତାଙ୍କର ଓଡ଼ିଶା ଗସ୍ତ ବେଶ ଗୁରୁତ୍ୱପୂର୍ଣ୍ଣ ରହିଛି। ତେବେ ଶାହାଙ୍କ ଗସ୍ତ ପୂର୍ବରୁ ବିଜେପି ରାଜ୍ୟ ସଭାପତି ଚୟନ ବିଳମ୍ବ ପ୍ରସଙ୍ଗ ଉପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ରାଜ୍ୟ ସଭାପତି ଚୟନ ଶେଷ ସୋପାନରେ ଅଛି। ଯେ କୌଣସି ସମୟରେ ଘୋଷଣା ହୋଇପାରେ। ରାଜ୍ୟ ସଭାପତି ଚୟନ ସମସ୍ତଙ୍କ ମତାମତ ନେଇ ସହମତ ଭିତ୍ତିରେ ହେବ।



ଏହାଛଡ଼ା ଶ୍ରୀ ପୂଜାରୀ କହିଛନ୍ତି ଯେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଓଡ଼ିଶା ଗସ୍ତ ଏକ ସ୍ୱାଭାବିକ ପ୍ରକ୍ରିୟା। ଏହି ସମୟରେ ସେ ଅନେକ କାର୍ଯ୍ୟକ୍ରମର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟରେ ଶାହ ଆସିବା କହିବାଟା ଭୁଲ୍ ହେବ। ସରକାରୀ କାର୍ଯ୍ୟକ୍ରମ ପରେ ସେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଭେଟିବେ। ବିଜେପିରେ ସଭାପତି ଚୟନ ସର୍ବସମ୍ମତି ନିଷ୍ପତ୍ତି କ୍ରମେ ହୋଇଥାଏ। ବିଜେପି ହେଉଛି ଏକମାତ୍ର ଦଳ ଯେଉଁଠି ଦଳର ଜଣେ ସାଧାରଣ କାର୍ଯ୍ୟକର୍ତ୍ତା ଜିଲ୍ଲା ସଭାପତି, ରାଜ୍ୟ ସଭାପତି କିମ୍ବା ଜାତୀୟସ୍ତରରେ ସଭାପତି ହୋଇଥାନ୍ତି। ଅତୀତରେ ଅନେକ ବ୍ୟକ୍ତି ଛୋଟ କାର୍ଯ୍ୟକର୍ତ୍ତାରୁ ଜାତୀୟସ୍ତରରେ ଦଳର ବଡ଼ ବଡ଼ ଦାୟିତ୍ୱ ସମ୍ଭାଳିଛନ୍ତି।

ସେ କହିଛନ୍ତି, ରାଜ୍ୟ ସଭାପତି ଚୟନ ଶେଷ ସୋପାନରେ ଥିବାବେଳେ ଯେ କୌଣସି ମୁହୂର୍ତ୍ତରେ ଘୋଷଣା ହୋଇପାରେ। ଦେଶର ଅନେକ ଆଞ୍ଚଳିକ ଦଳରେ ଜଣେ ବ୍ୟକ୍ତି ସଭାପତି ରହି ଆସିଛନ୍ତି। କିନ୍ତୁ ଆମେ ଜାତୀୟ ଦଳ ହୋଇଥିବାରୁ ଆମ ପ୍ରକ୍ରିୟା ବିଳମ୍ବ ହୁଏ। ଅନ୍ୟ ଦଳର ସଭାପତି ଚୟନ ପୂର୍ବ ନିର୍ଦ୍ଧାରିତ। ତେଣୁ ଦଳର ଆଭ୍ୟନ୍ତରୀଣ ବ୍ୟାପାରକୁ ନେଇ ଆମେ କହିବାଟା ଭୁଲ୍ ହେବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

## ଖାନ୍‌ନଗର ବ୍ରିଜ୍ ଅଘଟଣ

# ଦୋଷୀଙ୍କ ବିରୋଧରେ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ:ମନ୍ତ୍ରୀ

**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** ଖାନ୍‌ନଗର ବ୍ରିଜ୍ ଅଘଟଣ ପଛର କାରଣ କ’ଣ ତାହା ଖୁବଶୀଘ୍ର ଉନ୍ମୋଚିତ ହେବ ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଘଟଣାକୁ ରାଜ୍ୟସରକାର ଖୁବ୍ ଗୁରୁତର ସହ ଗ୍ରହଣ କରିଛନ୍ତି। ଏଥିସହିତ ବିଭାଗ ପକ୍ଷରୁ ୩ ଜଣିଆ ବୈଷୟିକ କମିଟି ଗଠନ କରାଯାଇଛି। କମିଟି ସବୁ ଦିଗକୁ ଅନୁଧ୍ୟାନ ସହ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ୧୫ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବ। ଯଦି ଏଥିରେ କାହାରି ସମ୍ପୃକ୍ତି ଜଣା ପଡ଼େ ପରବର୍ତ୍ତୀ ସମୟରେ ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଆଇନ୍‌ମନ୍ତ୍ରୀ କହିଛନ୍ତି କଟକ ଖାନନଗର ନିକଟରେ ୬ ଲେନ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଏପରି ଘଟଣା କାହିଁକି ଏବଂ କେଉଁ ପରିସ୍ଥିତରେ ଘଟିଲା ସେ ସମ୍ପର୍କରେ ଗଠିତ ବୈଷୟିକ କମିଟି ସବୁ ଦିଗକୁ ଅନୁଧ୍ୟାନ ସହ ପୁଙ୍ଖାନୁପୁଙ୍ଖ ତଦନ୍ତ କର ରିପୋର୍ଟ ପ୍ରଦାନ କରିବ।

ସୂଚନାଯୋଗ୍ୟ, ଖାନନଗରରେ ବ୍ରିଜ୍ କାମ ଜାରି ରହିଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି କାମ ପାଇଁ ଏକ ଘରୋଇ କଂପାନୀକୁ ଦାୟିତ୍ୱ ଦିଆଯାଇଛି। ଅନ୍ୟ ଦିନ ଭଳି ଶନିବାର ମଧ ଏଠାରେ ନିର୍ମାଣ କାମ ଚାଲିଥିଲା। କିନ୍ତୁ ଅପରାହ୍ଣରେ ଅଘଟଣ ଘଟିଥିଲା। ବ୍ରିଜ୍ ଉପରେ କିଛି ଶ୍ରମିକ କାମ କରୁଥିବା ବେଳେ ଅନ୍ୟମାନେ ବ୍ରିଜ୍ ତଳେ ଥିଲେ। ଅଚାନକ ବ୍ରିଜ୍ ଉପରୁ ସ୍ଲାବ ପଡ଼ିଯିବା କାରଣରୁ ୫ ଜଣ ଶ୍ରମିକ ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ କଟକ ବଡ଼ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ୩ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ନେଇ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ନିର୍ଦ୍ଦେଶ କ୍ରମେ ପୂର୍ତ୍ତ ବିଭାଗ ପକ୍ଷରୁ ୩ ଜଣିଆ ବୈଷୟିକ କମିଟି ଗଠନ ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି କମିଟିରେ ପୂର୍ତ୍ତ ବିଭାଗ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଅଧକ୍ଷ ଥିବାବେଳେ ରୋଡସ୍-୨ର ମୁଖ୍ୟ ଯନ୍ତ୍ରୀ ଏବଂ କଟକର ଅତିରିକ୍ତ ଜିଲ୍ଲାପାଳ ସଦସ୍ୟ ରହିଛନ୍ତି।

**୧୫ ଦିନରେ ରିପୋର୍ଟ ଦେବେ ତଦନ୍ତ କମିଟି**



## ଇସିଆଇ ପକ୍ଷରୁ ଆରମ୍ଭ ହେବ 'ସମଗ୍ର ଏପ୍ ପ୍ଲାଟଫର୍ମ'

**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** ଉପଯୋଗକର୍ତ୍ତା ଅନୁଭବକୁ ଉନ୍ନତ କରିବା ପାଇଁ ୪୦ଟି ଅତିରିକ୍ତ ଆଇଟି ଆପ୍ 'ସମଗ୍ର ଏପ୍ ପ୍ଲାଟଫର୍ମ' ମଧ୍ୟରେ ଅନ୍ତର୍ଭୁକ୍ତ କରାଯିବ। ନିର୍ବାଚନ ଆୟୋଗ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରୂପେ ଭୋଟର, ନିର୍ବାଚନ ଅଧିକାରୀ, ରାଜନୈତିକ ଦଳ ଏବଂ ସିଭିଲ ସୋସାଇଟି ପାଇଁ ଏକ ସୁବିଧାଜନକ ଏବଂ ସହଜ ଡିଜିଟାଲ୍ ଇଣ୍ଟରଫେସ୍ ବିକାଶ କରୁଛନ୍ତି। ଏହି ନୂତନ ପ୍ଲାଟଫର୍ମ ଇସିଆଇ ନେଟ୍ ନାମରେ ଜଣାଯିବ ଓ ୪୦ରୁ ଅଧିକ ଏସିଆଇର ପୂର୍ବତନ ଏପ୍ସ୍‌କୁ ଏକତ୍ରିତ କରିବ। ଇସିଆଇନେଟ୍ ଏକ ଆକର୍ଷଣୀୟ ଇଣ୍ଟରଫେସ୍ ଓ ସହଜ ଉପଯୋଗକର୍ତ୍ତା ଅନୁଭବ ଦେଇଥିବା ଏକ ଏକମାତ୍ର ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ। ଏହା ଦ୍ୱାରା ଉପଯୋଗକର୍ତ୍ତାମାନେ ବହୁତ ଆପ୍ ଡାଉନଲୋଡ୍ କରିବା ଓ ବିଭିନ୍ନ ଲଗଇନ୍ ମନେ ରଖିବାର ଅସୁବିଧାରୁ ମୁକ୍ତ ହେବେ। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଦ୍ୱାରା ଏହି ପ୍ଲାଟଫର୍ମର କଳ୍ପନା ମାର୍ଚ୍ଚ ୨୦୨୫ ରେ ହୋଇଥିବା ସିଇଓ ସମ୍ମିଳନୀରେ ହୋଇଥିଲା। ଇସିଆଇନେଟ୍ ଉପଯୋଗକର୍ତ୍ତାଙ୍କୁ ତାଙ୍କର ଡେସ୍କଟପ୍ କିମ୍ବା ସ୍ମାର୍ଟଫୋନ୍ ଦ୍ୱାରା ଉପଯୁକ୍ତ ତଥ୍ୟ ଅନୁଗମନ କରିବାର ସୁବିଧା ଦେଇଥିବ। ତଥ୍ୟ ସଠିକ୍ ରହିବାକୁ, ସେଗୁଡିକୁ କେବଳ ଅଧିକୃତ ଏସିଆଇ ଅଧିକାରୀମାନଙ୍କ ଦ୍ୱାରା ଇନ୍‌ପୁଟ୍ କରାଯିବ। ଯଦି କୌଣସି ଦ୍ୱନ୍ଦ୍ୱ ଘଟେ, ତେବେ ବିଧିବଦ୍ଧ ଫର୍ମରେ ଭରାଯାଇଥିବା ପ୍ରାଥମିକ ତଥ୍ୟକୁ ବୈଧ ଧରାଯିବ। ଏହି ନୂତନ ପ୍ଲାଟଫର୍ମରେ ୪୦ ଟି ଏପ୍ସ୍‌କୁ ଅନ୍ତର୍ଭୁକ୍ତ କରାଯିବ ବୋଲି ଜଣାପଡିଛି।

## ମାଆ ଓ ଝିଅକୁ ଦୁଷ୍କର୍ମ ଅଭିଯୋଗ

**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** ରାଜଧାନୀରେ ପୁଣି ଚାଞ୍ଚଲ୍ୟ। ଉଭଭ ମା ଓ ନାବାଳିକା ଝିଅକୁ ଦୁଷ୍କର୍ମ ହୋଇଥିବା ବଡ଼ଗଡ଼ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗ ପାଇବା ପରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ଜଣେ ସହାୟକ ଭାବେ କାର୍ଯ୍ୟ କରନ୍ତି। ସେ ଉଭୟ ମା ଓ ଝିଅ ସହ ସମ୍ପର୍କ ରଖିଥିଲେ। ମା କିନ୍ତୁ ଏକଥା ଜାଣି ନଥିଲେ। ମାଆ ଏକଥା ଜାଣିବା ପରେ ଅଭିଯୁକ୍ତ ସହାୟକ ନାମରେ ଥାନାରେ ଅଭିଯୋଗ କରିଥିଲେ। ପରେ ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବିଶ୍ୱ ଏଙ୍କିଲୋଜିଂ ସ୍ପଣ୍ଡିଲାଇଟିସ୍ ଦିବସ

**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** ଓଡ଼ିଶା ଆର୍ଥ୍ରାଇଟିସ୍ ଏବଂ ରିୟୁମାଟୋଲୋଜି ଫାଉଣ୍ଡେସନ୍ ଟ୍ରଷ୍ଟ (ଓଏଆରଏଫଟି)ଦ୍ୱାରା ଶୈଳଶ୍ରୀ ବିହାର ଠାରେ ବିଶ୍ୱ ଏଙ୍କିଲୋଜିଂ ସ୍ପଣ୍ଡିଲାଇଟିସ୍ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଓଏଆରଏଫଟି ଏବଂ ଓଡ଼ିଶା ଆର୍ଥ୍ରାଇଟିସ୍ ଓ ରିଉମାଟୋଲୋଜି ସେଣ୍ଟର (ଓଏଆରସି ) ମିଳିତ ଆନୁକୂଲ୍ୟରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓଏଆରସିର ମେଡିକାଲ୍ ନିର୍ଦ୍ଦେଶକ ତଥା ରାଜ୍ୟର ରିଉମାଟୋଲୋଜିଷ୍ଟ ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ପରିଡ଼ା ଓ ଓଏଆରସି ଶୈଳଶ୍ରୀ ବିହାର ଶାଖାର ମୁଖ୍ୟ ପରାମର୍ଶଦାତା, ରିଉମାଟୋଲୋଜିଷ୍ଟ ଡାକ୍ତର ଦେବାଶିଷ ମାଇକାପ୍ ଏହି ରୋଗର ପ୍ରାରମ୍ଭିକ ଚିହ୍ନଟ ଓ ଏହାର ଚିକିତ୍ସାରେ ଅଗ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଡିଏଭି ସ୍କୁଲ୍ ଛକ ପର୍ଯ୍ୟନ୍ତ ଏକ ୱାକାଥନର ଆୟୋଜନ କରାଯାଇଥିଲା। ଏହି ୱାକାଥନକୁ ଭୁବନେଶ୍ୱର ଉତ୍ତର ବିଧାନସଭା ବିଧାୟକ ସୁଶାନ୍ତ କୁମାର ରାଉତ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଚିକିତ୍ସକ ଏବଂ ଭାରତୀୟ ରିଉମାଟୋଲୋଜି ସଂଘର ପୂର୍ବତନ ସଭାପତି ଡାକ୍ତର ମନୋଜ ଛୋଟରାୟ ଓ ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କରଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଲୋକମାନଙ୍କୁ ଏହି ରୋଗ ବିଷୟରେ ସଚେତନ କରାଇଥିଲେ। ପ୍ରତିଷ୍ଠାତା ଚୈତନ୍ୟ ଚନ୍ଦ୍ର ପରିଡ଼ା ଏହାର ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଆଙ୍କିଆଲ୍ ସ୍ପଣ୍ଡିଲୋଆର୍ଥ୍ରାଇଟିସ୍ ରୋଗ ସମ୍ପର୍କରେ ପ୍ରତିବର୍ଷ ମେ ମାସର ପ୍ରଥମ ଶନିବାରକୁ ବିଶ୍ୱ ଆଙ୍କିଆଲ୍ ସ୍ପଣ୍ଡିଲୋଆର୍ଥ୍ରାଇଟିସ ଦିବସ ଭାବେ ପାଳନ କରି ଲୋକଙ୍କ ମଧ୍ୟରେ ଏହି ଭିନ୍ନକ୍ଷମ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥାଏ।

### ମହିଳା ଉଦ୍ୟୋଗୀଙ୍କୁ ରାଜ୍ୟପାଳଙ୍କ ଆହ୍ୱାନ

# ନିର୍ଭୀକ ଭାବେ ସ୍ୱପ୍ନ ଦେଖନ୍ତୁ, ଗର୍ବର ସହ ନେତୃତ୍ୱ ନିଅନ୍ତୁ

**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** ମହିଳା ଉଦ୍ୟୋଗୀମାନେ ନିର୍ଭୀକ ଭାବେ ସ୍ୱପ୍ନ ଦେଖନ୍ତୁ, ସାହାସର ସହ ନିର୍ମାଣ କରନ୍ତୁ ଏବଂ ଗର୍ବର ସହ ନେତୃତ୍ୱ ନିଅନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ଆହ୍ୱାନ ଜଣାଇଛନ୍ତି। ରବିବାର ଇଣ୍ଡିଆନ ଚାମ୍ବର ଅଫ୍ କମର୍ସର ଜାତୀୟ ମହିଳା ଏଂଟରପ୍ରିନେଅରସିପ୍ କାଉନ୍‌ସିଲ ଆନୁକୂଲ୍ୟରେ ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ମହିଳା ବାଣିଜ୍ୟ ମେଳା -୨୦୨୫ର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ରାଜ୍ୟପାଳ ନିଜ ଉଦ୍‌ବୋଧନରେ କହିଥିଲେ ଯେ ଆତ୍ମ ମର୍ଯ୍ୟାଦା, ସୃଜନଶୀଳତା ଓ ସାହସର ସହ ମହିଳା ଉଦ୍ୟୋଗୀମାନେ ଭାରତର ବିକାଶ କାହାଣୀର ନୂତନ ଅଧ୍ୟାୟ ଲେଖୁଛନ୍ତି। ସେମାନଙ୍କୁ ଏ ଜାତିର ଗର୍ବ ଏବଂ ଭବିଷ୍ୟତ ପିଢ଼ି ପାଇଁ ଆଲୋକବର୍ତ୍ତିକା ଭାବେ ଅଭିହିତ କରି ଏକ ସମୃଦ୍ଧ ଏବଂ ସଶକ୍ତ ଭାରତର ଦୃଷ୍ଟିକୋଣ ସହିତ ଆଗକୁ ବଢ଼ିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ରାଜ୍ୟପାଳ ପୁଣି କହିଥିଲେଯେ ମହିଳାମାନେ ସର୍ବଦା ସ୍ରଷ୍ଟା, ଯତ୍ନଶୀଳା ଏବଂ ସମାଜ ନିର୍ମାତା ହୋଇ ଆସିଛନ୍ତି। ଅଧୁନା, ସେମାନେ ବ୍ୟବସାୟ, ପ୍ରଯୁକ୍ତି ବିଦ୍ୟା, ବିକାଶ ଓ ସାମାଜିକ ନବସୃଜନ କ୍ଷେତ୍ରରେ ପରିବର୍ତ୍ତନକାରୀର ଭୂମିକା ନିଭାଇଛନ୍ତି। ଏହି ମେଳା ଗୋଟିଏ ଛାତ ତଳେ ବିବିଧତାକୁ ପ୍ରତିନିଧିତ୍ୱ କରିବା ଉତ୍ସାହଜନକ। ଆପଣମାନେ କେବଳ ଉଦ୍ୟୋଗୀ ନୁହଁନ୍ତି, ବରଂ ରାଷ୍ଟ୍ର ନିର୍ମାଣ ଏବଂ ପ୍ରତ୍ୟେକ ସମାବେଶୀ, ସ୍ୱାବଲମ୍ବୀ ଏବଂ ପ୍ରତିଶ୍ରୁତିବଦ୍ଧ ବିକଶିତ ଭାରତର ଆତ୍ମାକୁ ପ୍ରତିନିଧିତ୍ୱ



କରୁଛନ୍ତି। ଯେତେବେଳେ ଜଣେ ମହିଳା ସଫଳ ହୁଅନ୍ତି ଏକ ପରିବାର ପ୍ରଗତି କରେ। ଯେତେବେଳେ ହଜାର ହଜାର ମହିଳା ଏକାଠି ହୁଅନ୍ତି ଦେଶ ପରିବର୍ତ୍ତନ ହୁଏ ଏବଂ ଏହି ବାଣିଜ୍ୟ ମେଳା ସେହି ଗତିଶୀଳ ପରିବର୍ତ୍ତନର ପ୍ରମାଣ ଭାବେ ଉଭା ହୋଇଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଥିଲେ। ଏହି ସମାରୋହର ପ୍ରାରମ୍ଭରେ ଆଇ.ସି.ସି. ଓଡିଶା ଚାପ୍ଟରର ଅଧ୍ୟକ୍ଷ ରାଜୀବ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କନ୍‌ଭେନର୍ ପ୍ରୀତି ପଲ୍ଲବୀ ପଟ୍ଟନାୟକ ଏବଂ କୋ-କନ୍‌ଭେନର୍ ସ୍ୱାତୀ କେଜ୍ରିୱାଲ ବକ୍ତବ୍ୟ ପ୍ରଦାନ କରିଥିଲେ। କୋ-କନ୍‌ଭେନର୍ ସୁମା ଦେବୀ ଦାଶ୍ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବିନ୍ଦୁ ସାହିତ୍ୟ ସମାଜର ବାର୍ଷିକୋତ୍ସବ



**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀ ସଭା କକ୍ଷରେ ବିନ୍ଦୁ ସାହିତ୍ୟ ସମାଜର ଦଶମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ବରିଷ୍ଠ ସାହିତ୍ୟିକ ପ୍ରଫେସର ଡକ୍ଟର ବୈଷ୍ଣବ ଚରଣ ସାମଲ, ସମ୍ମାନିତ ଅତିଥିଭାବେ 'ନିତିଦିନ'ର ସମ୍ପାଦକ ମନୋଜ କୁମାର ମହାପାତ୍ର ଏବଂ ସୁସାହିତ୍ୟିକ ଡକ୍ଟର ରଘୁନାଥ ପାଢ଼ୀ ଶର୍ମା ଯୋଗଦେଇ ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ୨୦୨୪-୨୫ ପାଇଁ 'ବିନ୍ଦୁ ସାହିତ୍ୟ ସମ୍ମାନ' କବି ବାଦଲ କୁମାର ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲାବେଳେ ଦେବବ୍ରତ ଜେନା, ଆଶୁତୋଷ ମେହେର, ସୁରଞ୍ଜନ ପାତ୍ର ଓ ଅନୁରାଧା ମିଶ୍ରଙ୍କୁ 'ବିନ୍ଦୁ ପ୍ରତିଭା ସମ୍ମାନ ୨୦୨୪-୨୫' ପ୍ରଦାନ କରାଯାଇଥିଲା। ସାହିତ୍ୟିକ ପୂର୍ଣ୍ଣାନନ୍ଦ ମହାନ୍ତି ଓ ସାହିତ୍ୟିକା ସ୍ୱପ୍ନା ବେହେରାଙ୍କ ସଂଚାଳନାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ବିନ୍ଦୁ ସାହିତ୍ୟ ସମାଜର ମୁଖପତ୍ର 'ବିନ୍ଦୁ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ମିଶ୍ର ବିନ୍ଦୁ ସାହିତ୍ୟ ସମାଜର ଗଠନ ଓ ଏହାର ଆଭିମୁଖ୍ୟ ସମ୍ପର୍କରେ କହିଥିବାବେଳେ ସଭାପତି ବାଉରିବନ୍ଧୁ ଲେଙ୍କା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅରୁଣ କୁମାର ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ଡଃ ଶଶୀଭୂଷଣ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ବିଜନ ରାୟ ଧନ୍ୟବାଦ ଦେଇଥିଲେ। ପରେ ଶତାଧିକ କବି ଓ କବୟିତ୍ରୀ କବିତା ପାଠ କରିଥିଲେ।

## ତ୍ରୈମାସିକ ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡ୍ସ ବୈଠକ

**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** ୱାର୍ଲ୍ଡ ଗୋଲ୍ଡ କାଉନସିଲର ପ୍ରଥମ ତ୍ରୈମାସିକ ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡ୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତ୍ୟଧିକ ଉଚ୍ଚ ମୂଲ୍ୟରେ ମୋଟ ତ୍ରୈମାସିକ ସୁନା ଚାହିଦା ୧୨୬୦ ଟନ୍ ରହିଥିଲା ଯାହା ବାର୍ଷିକ ଆଧାରରେ ୧% ବୃଦ୍ଧି ହୋଇଛି ବୋଲି ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲ ଇଣ୍ଡିଆର ରିଜିଓନାଲ ସିଇଓ ସଚିନ ଜୈନ କହିଛନ୍ତି। ସେ କହିଥିଲେ ଯେ ଜାନୁଆରୀରୁ ୨୫% ବୃଦ୍ଧି ପାଇଥିବା ଅନ୍ତର୍ଜାତୀୟ ସୁନା ମୂଲ୍ୟରେ ଭାରି ବୃଦ୍ଧି ଦ୍ୱାରା ପରିଚାଳିତ ହୋଇଥିଲା। ସୁନା ମୂଲ୍ୟରେ ଏହି ବୃଦ୍ଧି ଭାରତରେ ସୁନା ଦରକୁ ୧୦ ଗ୍ରାମ ପିଛା ୧ ଲକ୍ଷ ଟଙ୍କାର ରେକର୍ଡ ଉଚ୍ଚ ସ୍ତରରେ ପହଞ୍ଚାଇଛି ଏବଂ ଏହା ଭାରତୀୟ ଉପଭୋକ୍ତାଙ୍କ ମଧ୍ୟରେ ଏକ ସୁରକ୍ଷିତ ସମ୍ପତି ଭାବେ ଏହି ଧାତୁର ଚାହିଦାକୁ ଆହୁରି ମଜଭୁତ କରିଛି। ନିବେଶ ଚାହିଦା ସ୍ଥିର ରହିଛି, ଯାହା ବାର୍ଷିକ ଆଧାରରେ ୭% ବୃଦ୍ଧି ହୋଇ ୪୬.୭ ଟନ ରହିଛି ଯାହାକି ଗୋଲ୍ଡ ଇଟିଏଫ୍, ଡିଜିଟାଲ ଗୋଲ୍ଡ, କଏନ ଓ ବାର୍‌ଗୁଡିକରେ ବଢୁଥିବା ନିବେଶ ଦ୍ୱାରା ପରିଚାଳିତ ହେଉଛି। ସୁନା ଅଳଙ୍କାର ଚାହିଦା ୨୫% ହ୍ରାସ ପାଇ ୭୧.୪ ଟନ ରହିଛି ଯାହା ୨୦୨୪ର ପ୍ରଥମ ତ୍ରୈମାସିକରେ ୯୫.୫ ଟନ୍ ଥିଲା। ୨୦୨୫ର ପ୍ରଥମ ତ୍ରୈମାସିକରେ ସୁନା ଆମଦାନୀ ୮% ବୃଦ୍ଧି ହୋଇ ୧୬୭.୪ ଟନ ରହିଛି ବୋଲି ଶ୍ରୀ ଜୈନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଏମ୍ ଇଣ୍ଡିଆର ଗ୍ରେଟ୍ ସମର ସେଲ୍

**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** ଗ୍ରେଟ୍ ସମର ସେଲ୍‌ରେ ବିଭିନ୍ନ ଉପକରଣରେ ୮୦% ପର୍ଯ୍ୟନ୍ତ ରିହାତି, ଉପକରଣ ଏବଂ ହୋମ୍ ଉପରେ ୮୦% ପର୍ଯ୍ୟନ୍ତ ରିହାତି ସୁବିଧା ରହିଛି ବୋଲି ଏମ୍ ଇଣ୍ଡିଆ ପକ୍ଷରୁ ଆଜି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରଦାନ କରାଯାଉଛି। ଏହି ସୁବିଧା ମାଧ୍ୟମରେ ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କର ପସନ୍ଦର ସାମଗ୍ରୀ କ୍ରୟ କରିବାର ସୁଯୋଗ ପାଇବେ। ପ୍ରିମିୟମ ଟେକ୍ନୋଲୋଜି, ଆପ୍ଲାଏନ୍ସ ଏବଂ ଟିଭି, ଟିସିଏଲ୍ ଏବଂ ହିସେନ୍ସର ଅତ୍ୟାଧୁନିକ ଘରୋଇ ସାମଗ୍ରୀ ସହ ଟାଟା ଉତ୍ପାଦ, ମସଲ୍ ବ୍ଲେଜ୍, ଭୋଲିନି, ଏଚ୍‌ୟୁଏଲ୍, କେଲୋଗ୍ସ ଆଦି ସୁବିଧାରେ ପାଇପାରିବେ। ତେବେ ଲୋକଙ୍କ ସୁବିଧା ଲାଗି ପାଞ୍ଚ ହଜାର ଟଙ୍କାର ପୁରସ୍କାର ସହ ସ୍ୱତନ୍ତ୍ର ଅଫର ମଧ୍ୟ ଦିଆଯିବ। ଲୋକଙ୍କୁ ମଧ୍ୟ ଏହି ବ୍ୟବସ୍ଥାରେ କ୍ୟାସବ୍ୟାକ୍ ସୁବିଧା ମିଳିବ।

## ମହିଳା ଉଦ୍ୟୋଗୀଙ୍କୁ ନୂଆ ଦିଗଦର୍ଶନ ଦେବ 'ନରେକୋ ମାହି'

**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ଆୟୋଜିତ ହୋଇଯାଇଛି ଜାତୀୟ ମହିଳାଙ୍କ ବାଣିଜ୍ୟ ମେଳା। ନରେକୋ ମାହିର ଭୁବନେଶ୍ୱର ମିଟ ଦ୍ୱାରା ଆୟୋଜିତ ଗତ ୨ ତାରିଖ ଅଧିବେଶନକୁ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ କଟକ ବାରବାଟୀର ବିଧାୟିକା ସୋଫିଆ ଫିର୍ଦ୍ଦୋଶ ଏବଂ ଏମଏସଏମଇର ଡେପୁଟି ଡାଇରେକ୍ଟର ନିତିଶା ମାନ୍ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।




ଏହି ଅବସରରେ ମୁଖ୍ୟ ଅତିଥି ବାଚସ୍ପତି ସୁରମା ପାଢୀ କହିଥିଲେ ଯେ ମେଳାରେ ନରେକୋ ମାହିର ମହିଳା ଶାଖା ରିଅଲ ଇଷ୍ଟେଟ୍ କ୍ଷେତ୍ରରେ କାମ କରୁଥିବା ମହିଳାଙ୍କ ଯୋଗଦାନ ଏବଂ କାର୍ଯ୍ୟଦକ୍ଷତା ବିଷୟରେ ପ୍ରତିପାଦନ କରିଛନ୍ତି। ଏହା ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ଅଟେ। ସେହିପରି ମହିଳାଙ୍କ ମଧ୍ୟରେ ଏକ ସୁସ୍ଥ ପ୍ରତିଯୋଗିତା କିଭଳି ଭାବେ ରହିବ ଏବଂ ତାକୁ ନେଇ ରିଅଲ ଇଷ୍ଟେଟ୍ କ୍ଷେତ୍ରରେ ସେମାନେ କାମ କରିବେ ତାହା ଉପରେ ନଜର ରହିବା ଆବଶ୍ୟକ। ଏହି କ୍ଷେତ୍ରରେ ଆଗକୁ ଜାତୀୟ ଅଭିବୃଦ୍ଧି ହାରରେ ସାମିଲ କରାଇବା ପାଇଁ ନରେକୋ ମାହି ଏକ ବଡ଼ ଭୂମିକା ରହିଛି ବୋଲି ବାଚସ୍ପତି କହିଥିଲେ। ସେ ପୁଣି କହିଥିଲେ, ମହିଳା ମାନେ ଏବେ ସଶକ୍ତ ହେବାକୁ ଚାହୁଁଛନ୍ତି। କାହା ଉପରେ ନିର୍ଭରଶୀଳ ନ ହୋଇ ସ୍ୱାଧୀନ ଭାବେ ନିଜ କାର୍ଯ୍ୟ ଦକ୍ଷତା ମାଧ୍ୟମରେ ଆଗକୁ ବଢିବାକୁ ଇଚ୍ଛା କରୁଛନ୍ତି। ଏଣୁ ସେମାନଙ୍କ ପାଇଁ ବିଜନେସ ଗୋଟିଏ ମାଧ୍ୟମ ହୋଇପାରିବ। ତେବେ ଏହି ମେଳା ଦ୍ୱାରା ଯେଉଁ ମହିଳା ମାନେ ନୂଆକରି ନିଜର ଷ୍ଟାର୍ଟଅପ ଗଢିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ଏହା ଉଦାହରଣ ପାଲଟିବ ଏବଂ ରିଅଲଇଷ୍ଟେଟ ମାଧ୍ୟମରେ ଆଗକୁ ବଢିବା ପାଇଁ ପ୍ରେରଣା ଦେବ। ନରେକୋ ମାହିର ଅଧ୍ୟକ୍ଷା ଡ଼ ଅନନ୍ତା ଏସ ରଘୁବଂଶୀ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ନରେକୋ ମାହିର ସଭାପତି ସ୍ମିତା ପାଟିଲ ନିଜର ମତ ରଖିଥିବାବେଳେ ପୂର୍ବୀୟ କ୍ଷେତ୍ରର ଉପ ସଭାପତି ରତ୍ନମାଳା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## 'ଚାନେଲ ପାର୍ଟନର୍ସ ମିଟ୍' ଉଦ୍‌ଯାପିତ

**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** କାମଧେନୁ ପେଣ୍ଟସ୍ ପକ୍ଷରୁ ଦୁଇଦିନିଆ 'ଚାନେଲ ପାର୍ଟନର୍ସ ମିଟ୍' ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜକୁମାର ଶ୍ରୀବାସ୍ତବ କମ୍ପାନୀର ଆକାଂକ୍ଷିତ ଅଭିବୃଦ୍ଧି ଯୋଜନା ଏବଂ ଆଗାମୀ ବିକ୍ରୟ ରଣକୌଶଳ ସମ୍ପର୍କରେ ଉଲ୍ଲେଖ କରିଥିଲେ। ନିକଟ ଭବିଷ୍ୟତରେ ହେବାକୁ ଥିବା ନୂତନ ଉତ୍ପାଦର ବଜାର ପ୍ରବେଶ ଉପରେ ସେ ଡିଲରମାନଙ୍କୁ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଏହା ଏକ ମଜଭୁତ ଅଭିବୃଦ୍ଧି ପଥରେ ଅଗ୍ରସର ହେଉଛି ଏବଂ ନୂତନ ଉତ୍ପାଦଗୁଡ଼ିକର ବଜାର ପ୍ରବେଶ ସହିତ ଏହାର ବଜାର ଅଂଶ ଅଧିକ ସୁଦୃଢ ହେବ। ଉତ୍ପାଦଗୁଡ଼ିକ ଶେଷ-ବ୍ୟବହାରକାରୀଙ୍କ ନିକଟରେ ପହଞ୍ଚାଇବାରେ ପ୍ରତିବଦ୍ଧତା ପାଇଁ ସେ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ପ୍ରଦଶନକାରୀ ଡିଲରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଜୟ ଓଡ଼ିଶା ପକ୍ଷରୁ ରକ୍ତଦାନ ଶିବିର



**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** ଜୟ ଓଡ଼ିଶା ପକ୍ଷରୁ ଭୁବନେଶ୍ୱର ସ୍ଥିତ ରେଡକ୍ରସ ଭବନରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଡିସିସି କ୍ଲବ୍‌ର ସଦସ୍ୟ ବିକ୍ରମ ଦାସଙ୍କ ଜନ୍ମଦିନ ଉପଲକ୍ଷେ ଆୟୋଜିତ ଶିବିରରେ ଜୟ ଓଡ଼ିଶାର ସଂସ୍ଥାପକ ଓ ଅଧ୍ୟକ୍ଷ ରୁଦ୍ର ନାରାୟଣ ସାମନ୍ତରାୟ କହିଥିଲେ ଯେ ଜୟ ଓଡ଼ିଶା ପକ୍ଷରୁ ଆମେ ପୂର୍ବରୁ ଯେପରି ରକ୍ତଦାନ ଶିବିର ଆୟୋଜନ କରୁଥିଲୁ, ସେପରି ଭବିଷ୍ୟତରେ ମଧ୍ୟ ରକ୍ତଦାନ ଉଦ୍ୟମ ଅଧୀନରେ ଏହି ପବିତ୍ର ଅଭିଯାନକୁ ଜାରି ରଖିବୁ। ଏହି ରକ୍ତଦାନ ଶିବିର ନିଜର ଜନ୍ମଦିନ, ଶୁଭ ଦିନ କିମ୍ବା ପୂଣ୍ୟ ପର୍ବରେ ଆୟୋଜନ ମଧ୍ୟ କରିପାରିବେ। ଏହି ଅବସରରେ ଉତ୍ସାହିତ ହୋଇ ବାପୁଜୀ କ୍ଲବ୍‌ର ବିଜୁ ବର୍ଦ୍ଧନ, ମାଆ ମଙ୍ଗଳା ପୂଜା କମିଟିର ସୌମ୍ୟ ପଣ୍ଡା, ବିନାୟକ ୟୁଥ୍ ଆସୋସିଏସନ୍‌ର ଦେବବ୍ରତ ନାୟକ ଓ ଶ୍ରୀ ଗଣେଶ ପୂଜା କମିଟିର ବିକି ଭବିଷ୍ୟତରେ ଜୟ ଓଡ଼ିଶା ସହ ଯୋଡ଼ି ହୋଇ ରକ୍ତଦାନ ଶିବିରର ଆୟୋଜନ କରିବେ ବୋଲି ନିଷ୍ପତ୍ତି ନେଇଥିଲେ।



**ନୂଆ ଓଡ଼ିଆ ଚଳଚ୍ଚିତ୍ର 'ନାୟିକା'ର ନାମ ଘୋଷଣା ସହିତ ପୋଷ୍ଟର ଉନ୍ମୋଚନ କରାଯାଇଛି। ଏହି ଉତ୍ସବରେ ପ୍ରଯୋଜକ ରୁପେଶ କୁମାର ନାୟକ, ସହ ପ୍ରଯୋଜିକା ସଂଗୀତା ବିଷୋୟୀ, ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ ତଥା ବରିଷ୍ଠ ଅଭିନେତ୍ରୀ ମହାଶ୍ୱେତା ରାୟ ପ୍ରମୁଖ ଯୋଗଦେଇଥିଲେ।**

# ପୁରୀ ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି

**ଭୁବନେଶ୍ୱର,୪।୫/ଏନ୍ଏନ୍ଏସ୍:** ଚଳିତ ବର୍ଷ ରଥଯାତ୍ରାରେ ନିରନ୍ତର ସ୍ୱାସ୍ଥ୍ୟସେବା ନିଶ୍ଚିତ କରାଇବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛି। ଏଥିପାଇଁ ବିଭାଗୀୟ ଶାସନ ସଚିବ ଅଶ୍ୱତୀ ଏସ.ଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସଭାଗୃହ ଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟ ବିଭାଗ ଅନ୍ତର୍ଗତ ବିଭିନ୍ନ ନିର୍ଦ୍ଦେଶାଳୟ ତରଫରୁ ବର୍ତ୍ତମାନ ପର୍ଯ୍ୟନ୍ତ କରାଯାଇଥିବା ପ୍ରାକ୍-ପ୍ରସ୍ତୁତିର ସମୀକ୍ଷା କରି ମହାପ୍ରଭୁଙ୍କ ଯାତ୍ରା ସମୟରେ ସେବାୟତ, ଭକ୍ତ, ପର୍ଯ୍ୟଟକଙ୍କୁ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା, ଔଷଧ ଓ ମାନବ ସମ୍ବଳ ଆଗୁଆ ପୁରୀରେ ପ୍ରସ୍ତୁତ ରଖିବା ପାଇଁ ଶ୍ରୀମତୀ ଅଶ୍ୱତୀ ସ୍ୱାସ୍ଥ୍ୟ ବିଭାଗ ଅଧୀନସ୍ଥ ସବୁ ନିର୍ଦ୍ଦେଶାଳୟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ମୁଖ୍ୟତଃ ପୁରୀ ଜିଲ୍ଲାସ୍ଥିତ ବିଭିନ୍ନ ସରକାରୀ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବାର ଦୃଢ଼ୀକରଣ, ଆବଶ୍ୟକୀୟ ସଂଖ୍ୟକ ଫାଷ୍ଟ-ଏଡ୍ କେନ୍ଦ୍ର ସ୍ଥାପନ, ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା, ପୁରୀରେ ଅଧିକ ବିଶେଷଜ୍ଞ, ଡାକ୍ତର, ନର୍ସିଂ ଅଫିସର ଓ ପାରାମେଡିକ୍ସ ନିୟୋଜନ, ଖାଦ୍ୟ ନିରାପତ୍ତା, କୌଣସି ପ୍ରକାର ସମ୍ଭାବ୍ୟ ସଂକ୍ରାମକ ରୋଗର ମୁକାବିଲା ଓ ନିୟନ୍ତ୍ରଣ, ଜନସ୍ୱାସ୍ଥ୍ୟ ଓ ସାଧାରଣ ସଚେତନତା କାର୍ଯ୍ୟ ଆଦି ବିଷୟରେ ଆଲୋଚନା ହୋଇ ଆବଶ୍ୟକୀୟ ନିଷ୍ପତ୍ତିମାନ ନିଆଯାଇଥିଲା। ନବଯୌବନ ଦର୍ଶନ (୨୬ ଜୁନ୍) ରୁ ନୀଳାଦ୍ରୀ ବିଜେ(୮ ଜୁଲାଇ) ପର୍ଯ୍ୟନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କେ.ଡି.ଏମ୍.ଏମ୍ ପୌରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର, ପୋଲିସ ହସ୍ପିଟାଲ, ସାକ୍ଷୀଗୋପାଳ, ମଙ୍ଗଳପୁର, ପିପିଲି ଷ୍ଟେସନ ରୋଡ, ରେବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଟି.ବି.ଆଇ.ଡି.ଏଚ୍ ହସ୍ପିଟାଲ, ଜଗନ୍ନାଥ ମେଡିକାଲ କଲେଜରେ ଅଧିକ ସଂଖ୍ୟକ ବେଡ୍, ଚିକିତ୍ସା ସୁବିଧା ଏବଂ ଔଷଧ ଆଦିର ବ୍ୟବସ୍ଥା କରିବା ପାଇଁ ସ୍ଥିର ହୋଇଥିଲା । ଚଳିତ ବର୍ଷ ଅଧିକ ସଂଖ୍ୟକ ଫାଷ୍ଟ-ଏଡ୍ କେନ୍ଦ୍ର ଖୋଲିବା ପାଇଁ ସ୍ଥିର କରାଯାଇଥିଲା । ଏହି କେନ୍ଦ୍ର ଗୁଡ଼ିକ ୩ ଟି ସିଫ୍ଟରେ ୨୪ ଘଣ୍ଟା ଭିତ୍ତିରେ କାର୍ଯ୍ୟ କରିବେ। ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ୧୨ଟି, ସମୁଦ୍ରକୂଳରେ ୩ଟି, ତାଳ ବଣିଆ ବସ୍ ଷ୍ଟାଣ୍ଡ ଓ ରେଳ ଷ୍ଟେସନରେ ୩ଟି, ପୁରୀ-ଭୁବନେଶ୍ୱର ରାସ୍ତାରେ ୯ଟି, ପୁରୀ-କୋଣାର୍କ ରାସ୍ତାରେ ୪ଟି, ପୁରୀ-ସାତପଡ଼ା ରାସ୍ତାରେ ୨ଟି ଏହିପରି ୩୩ଟି ଫାଷ୍ଟ-ଏଡ୍ ସେବାକେନ୍ଦ୍ର ଖୋଲିବା ପାଇଁ ପ୍ରାଥମିକସ୍ତରରେ ନିଷ୍ପତ୍ତି ହୋଇଛି। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମୁଦ୍ରକୂଳ, ସହର ଭିତର, ପୁରୀ-ଭୁବନେଶ୍ୱର ରାସ୍ତା, ପୁରୀ-କୋଣାର୍କ ରାସ୍ତା ଓ ପୁରୀ-ସାତପଡ଼ା ରାସ୍ତାର ବିଭିନ୍ନ ସ୍ଥାନରେ ଅଧିକ ୩୧ଟି ଆମ୍ବୁଲାନ୍ସ ନିୟୋଜନ କରାଯିବ। ଅତିରିକ୍ତ ୭ଟି ୧୦୮-



ଆମ୍ବୁଲାନ୍ସ ୨୦୩-ଜାତୀୟ ରାଜପଥର ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ନିୟୋଜିତ ହେବ। ରଥଯାତ୍ରା ସମୟରେ ଜରୁରୀକାଳୀନ ସେବା ନିଶ୍ଚିତ କରିବା ପାଇଁ ୩୦୦ରୁ ଅଧିକ ବିଶେଷଜ୍ଞ, ଡାକ୍ତର, ସଂକ୍ରାମକ ରୋଗ ବିଶେଷଜ୍ଞ, ଫାର୍ମାସିଷ୍ଟ, ନର୍ସିଂ ଅଫିସର, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ, ଖାଦ୍ୟ ନିରାପତ୍ତା ଅଫିସର, ଡ୍ରେସର ଏବଂ ସହାୟକମାନଙ୍କୁ ନିୟୋଜିତ କରାଯିବ । ଖାଦ୍ୟ ନିରାପତ୍ତା ଏବଂ ସମ୍ଭାବ୍ୟ ସଂକ୍ରମଣ ନିରାକରଣ ନିମନ୍ତେ ଲଗାତର ତନଖି, ଜଳଉତ୍ସ ବିଶୁଦ୍ଧିକରଣ, ଜଳର ଗୁଣାତ୍ମକ ମାନ ଯାଞ୍ଚ, ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆଦି ଚାଲୁରହିବ। ପର୍ଯ୍ୟାପ୍ତ ପରିମାଣର ଔଷଧ, ବ୍ଲଡ଼ ବ୍ୟାଙ୍କମାନଙ୍କରେ ଅଧିକ ବ୍ଲଡ଼ ୟୁନିଟ ମହଜୁଦ, ତୁରନ୍ତ ସେବା ପ୍ରଦାନକାରୀ ଦଳ ଗଠନ ଓ ଅଧିକ ବେଡ୍ ସ୍ଥାପନ ଆଦି କାର୍ଯ୍ୟ ନିଶ୍ଚିତ କରାଇବା ନିମନ୍ତେ ଶାସନ ସଚିବ ଅଶ୍ୱତୀ ଏସ୍. ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଡାକ୍ତର ବୃନ୍ଦା.ଡି, ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ ଡାକ୍ତର ପୋମା ଟୁଡୁ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନିର୍ଦ୍ଦେଶକ ଡାକ୍ତର ଅମରେନ୍ଦ୍ର ମହାନ୍ତିଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ, ବିଭିନ୍ନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରୂପଭାନୁ ମିଶ୍ର, ଜଗନ୍ନାଥ ମେଡିକାଲ କଲେଜର ଅଧ୍ୟକ୍ଷକ କୌଶିକ ମିଶ୍ର ଆଲୋଚନା ନିମନ୍ତେ ବିଭିନ୍ନ ପ୍ରସ୍ତାବ ଓ ତଥ୍ୟ ଉପସ୍ଥାପନ କରିଥିଲେ।

## ଦୀଘା ଜଗନ୍ନାଥ ମନ୍ଦିର ବିବାଦ ପ୍ରସଙ୍ଗ

# ସିଂହଦ୍ୱାର ଥାନାରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଏତଲା

**ପୁରୀ,୪।୫/ଏନ୍‌ଏନ୍‌ଏସ୍:** ଦୀଘା ଜଗନ୍ନାଥ ମନ୍ଦିର ନେଇ ବିବାଦ ପ୍ରସଙ୍ଗରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ପାଖରେ ପକ୍ଷ ରଖିଲେ ରାମକୃଷ୍ଣ ଦାସମହାପାତ୍ର। ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର ଓ ସଭାପତି ଗଣେଶ ଦାସମହାପାତ୍ର ରଖିଛନ୍ତି ନିଜର ପକ୍ଷ। ପ୍ରାୟ ୧ଘଣ୍ଟା ୧୫ମିନିଟ ଧରି ଚାଲିଥିଲା ପଚରାଉଚରା। ମୁଖ୍ୟ ପ୍ରଶାସକଙ୍କ ପାଖରେ ନିଜର ପକ୍ଷ ରଖିବା ପରେ ଗଣମାଧ୍ୟମକୁ ରାମକୃଷ୍ଣ କି ଗଣେଶ କୌଣସ ପ୍ରତିକ୍ରିୟା ଦେଇ ନାହାନ୍ତି। ଅନ୍ୟପଟେ ଦୀଘା ଜଗନ୍ନାଥ ମନ୍ଦିର ବିବାଦ ପ୍ରସଙ୍ଗ ନେଇ ସିଂହଦ୍ୱାର ଥାନାରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଦିଆଯାଇଛି ଏତଲା। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ସିଂହଦ୍ୱାର ଥାନାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ରଙ୍କ ନାମରେ ଦେଇଛନ୍ତି ଏତଲା। ପ୍ରିୟଦର୍ଶନ ପଟ୍ଟନାୟକ ଅଭିଯୋଗ କରିଛନ୍ତି ଯେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସମସ୍ତ ପରମ୍ପରାକୁ ଭାଙ୍ଗି ଦୀଘାକୁ ଶ୍ରୀଜଗନ୍ନାଥ ଧାମ ଦିଘା କୁହାଯିବା ଏବଂ ପୁରୀ ଶ୍ରୀମନ୍ଦିର ଦାରୁ ଘରୁ ଦାରୁ କାଠ ଚୋରିକରି ସେହି କାଠରେ ମୂର୍ତ୍ତି ତିଆରି କରି ଦୀଘାରେ ଜଗନ୍ନାଥ ମନ୍ଦିରରେ ସ୍ଥାପନା କରିବା ନେଇ ରାମକୃଷ୍ଣ ଦାସମହାପାତ୍ର ନିଜ ମୁହଁରେ ସ୍ୱୀକାର କରିଥିଲେ। ସେହିପରି ଏହି ଘଟଣା ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କାହିଁକି ଦାୟୀ ନୁହନ୍ତି ବୋଲି ପ୍ରଶ୍ନ କରିଛି ଶ୍ରୀଜଗନ୍ନାଥ ସେନା। କାରଣ ଶ୍ରୀଜଗନ୍ନାଥ ମନ୍ଦିର ମେଘନାଦ ପାଚେରି ଭିତରେ ଥିବା ସମସ୍ତ ଜିନିଷର ତତ୍ତ୍ୱାବଧାରକ ହେଲେ ଶ୍ରୀମନ୍ଦିର ପ୍ରଶାସନ। ଶ୍ରୀମନ୍ଦିର ଭିତରୁ ଦାରୁ ଘରୁ ଦାରୁକାଠ କିପରି ନିଆଗଲା ସେ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଦାରୁ କାଠକୁ ଚୋରିକରି ନିଆଗଲା ନା ଶ୍ରୀମନ୍ଦିର ଅଧିକାରୀ ଏହାକୁ ନେବାରେ ସାହାଯ୍ୟ କରିଛନ୍ତି ସେ ନେଇ ଜଗନ୍ନାଥ ସେନା ଆବାହକ ପ୍ରଶ୍ନ ଉଠାଇଛନ୍ତି। ଶ୍ରୀମନ୍ଦିର ଭିତରୁ ଦାରୁ ଘରୁ କାଠ ଚୋରି ହୋଇ ପଶ୍ଚିମବଙ୍ଗ ଯାଇଛି। ତେଣୁ ଶ୍ରୀମନ୍ଦିର ପ୍ରଶାସକ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ଓ ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବା ନେଇ ଏତଲାରେ ଉଲ୍ଲେଖ ରହିଛି। ମୁଦଲାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛି ଶ୍ରୀଜଗନ୍ନାଥ ସେନା।

# ବିଶ୍ୱ ହାସ୍ୟ ଦିବସରେ ଜ୍ଞାନ ହୋତାଙ୍କୁ ଉତ୍କଳଘଣ୍ଟ ହାସ୍ୟରସିକ ଉପାୟନ



**ନୟାଗଡ଼,୪।୫/ଏନ୍‌ଏନ୍‌ଏସ୍:** ମଇ ମାସର ପ୍ରଥମ ରବିବାରକୁ ବିଶ୍ୱ ହାସ୍ୟ ଦିବସ ରୂପେ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲ୍ଲା ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ପକ୍ଷରୁ ବିଶ୍ୱ ହାସ୍ୟ ଦିବସ ବେଶ ଧୁମଧାମରେ ପାଳିତ ହୋଇଯାଇଛି। ନୟାଗଡ଼ ପୁରୁଣାସହର ଜଗନ୍ନାଥ ମନ୍ଦିର ସାମନା ଯଦୁମଣି ମଣ୍ଡପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶାର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସୁର ରାଉତରାୟ ଏବଂ ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବୋଲଗଡ଼ ଏକ୍ସପ୍ରେସ ବ୍ରଜ ସୁବୁଦ୍ଧି, ଡ. କୁଳାଙ୍ଗାର, ଶ୍ରୀ ସତ୍ୟାନାଶ, ଡ. ରମାକାନ୍ତ ମହାପାତ୍ର, ରବୀନ୍ଦ୍ର ରାଉତ, ମିଷ୍ଟର କାଳିଆ, ଆର୍ତ୍ତତ୍ରାଣ, ବାଳକୃଷ୍ଣ, ବିଭୁ, ମନ ମାଷ୍ଟ୍ରେ, ସତ୍ୟବ୍ରତଙ୍କ ସମେତ ବହୁ ବ୍ୟଙ୍ଗ କବି ଯୋଗଦେଇଥିଲେ। ବ୍ୟଙ୍ଗ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତ ବର୍ଷ ଉତ୍କଳ ଘଣ୍ଟ ହାସ୍ୟ ରସିକ ଉପାୟନ-୨୦୨୫ ବ୍ୟଙ୍ଗବାଗୀଶ ଜ୍ଞାନ ହୋତାଙ୍କୁ ପ୍ରଦାନ ସହିତ ନଗଦ ୨୧ହଜାର ଟଙ୍କା ପୁରସ୍କାର ରାଶି, ଉପଢୌକନ ଏବଂ ମାନପତ୍ର ଦେଇ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅନୁରୂପ ଭାବେ ଅନ୍ୟ ହାସ୍ୟ କଳାକାରମାନଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନୁଷ୍ଠାନର ସମ୍ପାଦକ ନିର୍ମଳ ଶୁରଦେଓ ଅତିଥି ପରିଚୟ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, କବି ଅଶୋକ ମଲ୍ଲ, ଲକ୍ଷ୍ମୀଧର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ହସିବା ଦ୍ୱାରା ଦେହ ଓ ମନ ସୁସ୍ଥ ରହେ। ପ୍ରତ୍ୟେକ ମନୁଷ୍ୟ ନିଜେ ହସିବା ସହିତ ଅନ୍ୟ ମାନଙ୍କୁ ହସାଇବା ଆବଶ୍ୟକ। ନୟାଗଡ଼ ମାଟି ବ୍ୟଙ୍ଗ ସାହିତ୍ୟର ମାଟି ଏବଂ ଏଠାରେ ବ୍ୟଙ୍ଗକବି ତଥା ଉତ୍କଳଘଣ୍ଟ ଯଦୁମଣୀ ସମଗ୍ର ରାଜ୍ୟ ତଥା ଦେଶରେ ପ୍ରସିଦ୍ଧି ଅର୍ଜନ କରିଥିବା ବେଳେ ତାଙ୍କର କୃତି ନୟାଗଡ଼ ପାଇଁ ଗୌରବ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ବ୍ୟଙ୍ଗ କବି ଓ ହାସ୍ୟ ଅଭିନେତାମାନେ ଦର୍ଶକଙ୍କୁ ବିଭିନ୍ନ ବ୍ୟଙ୍ଗ ଓ ଅଭିନୟ ଦ୍ୱାରା ବିମୋହିତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ, ସାହିତ୍ୟିକ, ସାମ୍ବାଦିକ ଏବଂ ଜନସାଧାରଣ ଉପସ୍ଥିତ ରହି ମଜା ଉପଭୋଗ କରିଥିଲେ।

# କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି

**ଖଣ୍ଡପଡ଼ା,୪।୫/ଏନ୍‌ଏନ୍‌ଏସ୍:** କାଳବୈଶାଖୀ ପ୍ରଭାବରେ ଖଣ୍ଡପଡା ଓ ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ସହ ପବନ ଅନୁଭୂତ ହୋଇଥିଲା। ପବନର ପ୍ରଭାବରେ ଶହ ଶହ ଗଛର ଡ଼ାଳ ଭାଙ୍ଗି ରାସ୍ତା ଉପରେ ଓ ବାସଗୃହ ଉପରେ ପଡିଥିଲା। ଗଛର ଡ଼ାଳ ଉଚ୍ଚ ଶକ୍ତି ସଂପନ୍ନ ବିଦ୍ୟୁତ ତା'ର ଉପରେ ପଡ଼ିବା ଯୋଗୁଁ ବିଦ୍ୟୁତ ସରବରାହ ବ୍ୟାହତ ହୋଇଥିଲା। ଘଣ୍ଟା ଘଣ୍ଟା ଧରି ବିଦ୍ୟୁତକାଟ ଯୋଗୁଁ ଖଣ୍ଡପଡ଼ା ଅଞ୍ଚଳର ବିଦ୍ୟୁତ ଉପଭୋକ୍ତାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ। ଅଞ୍ଚଳବାସୀଙ୍କୁ ବିଦ୍ୟୁତ ସେବା ଯୋଗାଇ ଦେବା ନିମନ୍ତେ ବିଦ୍ୟୁତ ବିତରଣ କଂପାନୀର କର୍ମଚାରୀମାନେ ଆଜି ଦିନ ତମାମ ବିଭିନ୍ନ ସ୍ଥାନରେ ବିଦ୍ୟୁତ ତାର ଓ ଖୁଣ୍ଟଗୁଡିକ ସଜାଡିବାରେ ବ୍ୟସ୍ତଥିବା ପରିଲକ୍ଷିତ ହୋଇଥିଲା। ସେହିପରି କାଳବୈଶାଖୀ ପ୍ରଭାବରେ ଗ୍ରାମାଞ୍ଚଳରେ କଚ୍ଚା ଘର ଗୁଡିକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

## ରଥ ନିର୍ମାଣର ଚତୁର୍ଥ ଦିବସ

# ତିନି ରଥର ମୋଟ ୨୮ ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ





**ପୁରୀ,୪।୫/ଏନ୍‌ଏନ୍‌ଏସ୍:** ଆଜି ରଥ ନିର୍ମାଣର ଚତୁର୍ଥ ଦିବସରେ ରଥ ନିର୍ମାଣକାରୀ ସେବକମାନେ ସକାଳ ୮ଘଟିକା ପୂର୍ବରୁ ରଥ ଖଳାଠାରେ ଉପସ୍ଥିତ ହୋଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଗତକାଲି ତୃତୀୟ ଦିନର ନିର୍ମାଣ କାର୍ଯ୍ୟ ଶେଷ ସୁଦ୍ଧା ତିନି ରଥଚାଳିକୁ କରତୀ ସେବକ ଯୋଗାଇଥିବା ମୋଟ ୪୦ଗୋଟି ତୁମ୍ବ ଗଡ଼ରୁ ତିନି ରଥର ମହାରଣା ସେବକମାନେ ୬ଟି ଲେଖାଏଁ ମୋଟ ୧୮ଗୋଟି ତୁମ୍ବ ର ଗୋଲେଇ କାର୍ଯ୍ୟ ଶେଷ କରିଥିଲେ। ତେବେ ଆଜିର କାର୍ଯ୍ୟ ଶେଷ ସୁଦ୍ଧା ତିନି ରଥର ମୋଟ ୨୮ଗୋଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ଆଜିର ନିର୍ମାଣ କାର୍ଯ୍ୟ ଶେଷ ସୁଦ୍ଧା ତାଳଧ୍ୱଜ ରଥ ଏବଂ ନନ୍ଦିଘୋଷ ରଥର ମହାରଣା ମାନେ ୧୦ଟି ଲେଖାଏଁ ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ କରିଥିବାବେଳେ ଦେବୀ ରଥର ମହାରଣା ସେବକ ମାନେ ୮ ଗୋଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ କରିଛନ୍ତି। ତିନି ରଥର ୪୨ଗୋଟି ଚକ ପାଇଁ ୪୨ଟି ତୁମ୍ବର ଆବଶ୍ୟକତା ଥିବାବେଳେ କରତୀ ସେବକମାନେ ଆଜି ସୁଦ୍ଧା ୪୧ଗୋଟି ତୁମ୍ବ ଗଡ଼ କରି ଯୋଗାଉଛନ୍ତି। ଚିହ୍ନଟ ହୋଇଥିବା ତୁମ୍ବକାଠକୁ କରତୀ ସେବକମାନେ କଟିଙ୍ଗ୍ କଲାପରେ ଉକ୍ତ ତୁମ୍ବ ଗଡ଼ ପୋଲା ପଡିବା ନଜରକୁ ଆସିବାରେ ତାଳଧ୍ୱଜ ରଥ ମୁଖ୍ୟ ମହାରଣା, ଦେବୀ ରଥ ମୁଖ୍ୟ ମହାରଣା ଏବଂ ରଥ ଅମୀନ ରଥ ଖଳାରେ ଗଚ୍ଛିତ ଥିବା ଅନ୍ୟ ତୁମ୍ବ କାଠକୁ ଚିହ୍ନଟ କରିଛନ୍ତି। ଆସନ୍ତାକାଲି କରତୀ ସେବକ ମାନେ ଚିହ୍ନଟ ତୁମ୍ବକାଠକୁ କଟିଙ୍ଗ କରି ଯୋଗାଇବେ। ଅନ୍ୟପଟେ ଦୋଳବେଦୀ ସ୍ଥିତ ଅସ୍ଥାୟୀ କମାରଶାଳ ପାଇଁ ସେଡ୍ ପ୍ରସ୍ତୁତ ସହ ଶାଳ ପ୍ରସ୍ତୁତ ଶେଷ ହେବା ପରେ ଆଜିଠାରୁ ଶାଳ କାର୍ଯ୍ୟକ୍ଷମ ହୋଇଛି। ଆଜି ସକାଳ ୮ଘଟିକାରେ ତିନି ରଥର ମୁଖ୍ୟ ଓଝା ସେବକ ମାନେ କମାରଶାଳ ପୂଜା ସହ ତିନିରଥର ଚକ ପାଇଁ ଅର କଣ୍ଟା ପ୍ରସ୍ତୁତ କରିଛନ୍ତି। ଆଜିର କାର୍ଯ୍ୟ ଶେଷ ବେଳକୁ ଗୋଟିଏ ଗୋଟିଏ ଚକ ପାଇଁ ଆବଶ୍ୟକ ୬/୭ ଇଞ୍ଚିଆ ଅର କଣ୍ଟା ପ୍ରସ୍ତୁତ ସହ ବାକି ଚକଗୁଡ଼ିକର ଅର କଣ୍ଟା ନିର୍ମାଣ ପାଇଁ ଜି.ଆଇ ଲୁହା ରଡ଼ ମାପ ପ୍ରକାରେ କଟିଂ କରି ରଖିଛନ୍ତି। ରଥ ନିର୍ମାଣର ଚତୁର୍ଥ ଦିବସରେ ୩୮ଜଣ ମହାରଣା, ୧୯ଜଣ ଭୋଇ, ୪ଜଣ କରତିଆ ଏବଂ ୬ଜଣ କମାର ସେବକ ଓ ଜଣେ ରଥଖଳା ସହାୟକ କାର୍ଯ୍ୟରେ ଲାଗିଥିବା ଜଣାଯାଇଛି।

## କୁରାଳ ପୁଲିସ ବିଟ୍ ହାଉସ୍ ଦାୟିତ୍ୱ କାହାର

# ୨୦ହଜାର ଲୋକରେ ଜଣେ କନ୍‌ଷ୍ଟେବଲ, ଜଣେ ହୋମ୍‌ଗାର୍ଡ

**ଓଡ଼ଗାଁ,୪।୫/ଏନ୍‌ଏନ୍‌ଏସ୍:** ଦିନକୁ ଦିନ ଚୋରି, ଡକାୟତି, ଲୁଟ୍, ହତ୍ୟାକାଣ୍ଡ, ବେଆଇନ୍ ନିଶା କାରବାର, ସାଇବର ଠକେଇ, ଚୋରାଚାଲାଣ ଆଦି ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ପ୍ରତି ମୂହୁର୍ତ୍ତରେ ଏଭଳି ଘଟଣାମାନ ଘଟି ଚାଲିଥିଲେ ମଧ୍ୟ ଚୋର କିମ୍ବା ଲୁଟେରାଙ୍କ ଟେର୍ ପାଉନି ପୁଲିସ। ଅନେକ କ୍ଷେତ୍ରରେ ଘଟଣା, ଦୁର୍ଘଟଣାମାନ ଘଟାଇ ଦୁର୍ବୃତ୍ତମାନେ ସହଜରେ ଖସିବାରେ ସଫଳ ହେଉଛନ୍ତି। ଏପରି ସ୍ଥିତିରେ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ କୁରାଳ ପୁଲିସ ବିଟ୍ ହାଉସ ଦାୟିତ୍ୱ କାହାର ବୋଲି ପ୍ରଶ୍ନ ଉଠିଛି। ଏଠାରେ ୨୦ହଜାର ଲୋକଙ୍କୁ ଜଣେ କନେଷ୍ଟବଳ ଓ ଜଣେ ହୋମଗାର୍ଡ଼ରେ ଚାଲିଛି କାର୍ଯ୍ୟ। ସୂଚନା ଅନୁଯାୟୀ ୨୦୧୯ ମସିହାରେ ରାଜନୈତିକ ଉଷ୍ମତାକୁ ଆଖି ଆଗରେ ରଖି କୁରାଳ ଗ୍ରାମରେ ପୁଲିସ ବିଟ୍ ହାଉସ ଖୋଲାଯାଇଥିଲା। ତତ୍କାଳୀନ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମେ କୁରାଳ ପଞ୍ଚାୟତ କାର୍ଯ୍ୟାଳୟରେ ଜଣେ କନେଷ୍ଟବଳ ଓ ଜଣେ ହୋମଗାର୍ଡ଼ଙ୍କୁ ନେଇ କାର୍ଯ୍ୟ ଆରମ୍ଭହେଲା। ବିଟ୍ ହାଉସ ଖୋଲିବାକୁ ୭ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ନା ଏଠି ଅଧିକ ପୁଲିସ କର୍ମଚାରୀ ନିଯୁକ୍ତ ହେଉଛନ୍ତି ନା ଚୋର, ଡକାୟତ, ମଦମାଫିଆ ଧରାପଡୁଛନ୍ତି। କେବଳ ନାମକୁ ମାତ୍ର ଏଠାରେ ବିଟ୍ ହାଉସ ଖୋଲାଯାଇଥିବା ଲୋକେ କହିଛନ୍ତି। ଏହି ପୁଲିସ



ବିଟ୍ ହାଉସ ଉପରେ କୁରାଳ ପଞ୍ଚାୟତ ସମେତ ଗିରିଡ଼ିପଲ୍ଲୀ, ସୁନାମୁହିଁ, ପାଣ୍ଡେରିପଡ଼ା, କୋମଣ୍ଡ, ରୋହିବାଙ୍କ ଆଦି ପଞ୍ଚାୟତର ୨୦ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରନ୍ତି। ଏଠି ବିଟ୍ ହାଉସ୍ ନାହିଁ ନାହିଁରେ ଚାଲିଥିବା ଲୋକେ କହିଛନ୍ତି। ବିଟ୍ ହାଉସକୁ ଅଭିଯୋଗ କରିବାକୁ ହେଲେ କାର୍ଯ୍ୟରେ ଥିବା କନେଷ୍ଟବଳ ଓଡ଼ଗାଁକୁ ପଠାଇ ଦିଅନ୍ତି ବୋଲି ଅନେକ ଅଭିଯୋଗକାରୀ କହିଛନ୍ତି। ସେତିକି ନୁହେଁ, ଏହି ବିଟ୍ ହାଉସର ନିଜସ୍ୱ ଗୃହନଥିବାରୁ ପଞ୍ଚାୟତ ଘରେ ଏହା ଚାଲିଥିବା କୁରାଳ ଗ୍ରାମବାସୀ କହିଛନ୍ତି। ଘରଭଡ଼ା ବାବଦକୁ ପଞ୍ଚାୟତକୁ କୌଣସି ଅର୍ଥ ମିଳୁନାହିଁ। ଏଠି କେବଳ ୨୦ହଜାର ଲୋକଙ୍କୁ ସମ୍ଭାଳିବାକୁ ଜଣେ କନେଷ୍ଟବଳ ଓ ଜଣେ ହୋମଗାର୍ଡ଼ଙ୍କ ମୁଣ୍ଡରେ ଦାୟିତ୍ୱ ନ୍ୟସ୍ତକରି କାମସାରି ଦିଆଯାଇଛି। କୁରାଳ ପଞ୍ଚାୟତ ନୟାଗଡ଼ ଜିଲ୍ଲାରେ ଏକ ପ୍ରମୁଖ ପଞ୍ଚାୟତ ହୋଇଥିବା ଓ ଏହି ରାସ୍ତା ଗଞ୍ଜାମ ସୀମାନ୍ତକୁ ଲାଗିଥିବାରୁ ଚୋର, ଡକାୟତଙ୍କ ପାଇଁ ଏହା ଚରାଭୂଇଁ ପାଲଟିଥିବା ଏବଂ ରାତିସାରା ଏହି ରାସ୍ତାରେ ବେଆଇନ୍ କାରବାର ଚାଲିଥିବାବେଳେ ମଦ୍ୟପମାନେ ଗାଁରେ ହୋହାଲ୍ଲା କରୁଥିବାର ଅଭିଯୋଗ ହୋଇଛି। କୁରାଳ ପୁଲିସ ବିଟ୍ ହାଉସ ବଦଳରେ ଫାଣ୍ଡିର ମାନ୍ୟତା ମିଳିବା ସହିତ ଅଧିକ ସଂଖ୍ୟାରେ ପୁଲିସ କର୍ମଚାରୀ ନିଯୁକ୍ତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।


# ପୁଲିସ ଦ୍ୱାରା ୧୩୪ ଫିଡ୍‌ବ୍ୟାକ୍ ସଂଗ୍ରହ

**ପୁରୀ,୪।୫/ଏନ୍‌ଏନ୍‌ଏସ୍:** ଆଜି ଚନ୍ଦନ ଯାତ୍ରାର ପଞ୍ଚମ ଦିନରେ ଅନେକ ଭକ୍ତଙ୍କ ସମାଗମ ନରେନ୍ଦ୍ରକୋଣ ଠାରେ ହୋଇଥିଲା। ଏହି ଅବସରରେ ପୁରୀ ପୁଲିସ ପକ୍ଷରୁ ଏକ ନୂଆ ପଦକ୍ଷେପ ନିଆଯାଇଥିଲା। ଏହି ସ୍ଥାନରେ ପ୍ରଥମଥର ପାଇଁ ଏକ ଫିଡ୍‌ବ୍ୟାକ ସେଣ୍ଟର ଖୋଲାଯାଇଛି। ଏହି ସେଣ୍ଟରରେ ୧୩୪ ଜଣ ଭକ୍ତ ନିଜର ଅନୁଭୂତି ପରିପ୍ରକାଶ କରିଥିଲେ। ଯେଉଁଥିରୁ ୧୨୦ଜଣ ଏହି ବର୍ଷ ଚନ୍ଦନ ଯାତ୍ରାର ବ୍ୟବସ୍ଥାକୁ ବଡ଼ ଆନନ୍ଦ ଓ ସନ୍ତୋଷ ସହ ବିବେଚନା କରିଥିଲେ। ୧୪ଜଣ ଭକ୍ତ ସାମାନ୍ୟ ପରିବର୍ତ୍ତନ ପାଇଁ ମତ ଦେଇଥିଲେ। ଏହି ଫିଡ଼ବ୍ୟାକ ସେଣ୍ଟର ମାଧ୍ୟମରେ ପୁରୀ ପୁଲିସ ଭକ୍ତଜନଙ୍କ ମତାମତ ଗ୍ରହଣ କରି ବୃହତ ପ୍ରତିକ୍ରିୟା ସଂଗ୍ରହ କରିଛନ୍ତି, ଯାହା ଭବିଷ୍ୟତରେ ଆହୁରି ଉନ୍ନତ ବ୍ୟବସ୍ଥା ଗଠନ ପାଇଁ ସହାୟକ ହେବ। ଏହି ପଦକ୍ଷେପକୁ ଅନ୍ୟାନ୍ୟ ତୀର୍ଥ ସ୍ଥଳ ଓ ବଡ଼ ପୂଜାପର୍ବରେ ମଧ୍ୟ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ନେଉଛି।

## କଣ୍ଟାପଡ଼ାରେ ଫଳକ ରାଜନୀତି

# ଉଦ୍‌ଘାଟିତ ଫଳକ ସକାଳୁ ଗାଏବ୍

**କଣ୍ଟାପଡ଼ା,୪।୫/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ବ୍ଲକ ଅଞ୍ଚଳରେ ଏବେ ଫଳକ ରାଜନୀତି ଯୋର ଧରିଛି। ଉଦ୍‌ଘାଟନୀ ଫଳକରେ କାହା ନାମ ଲେଖାଯିବ, କା ନାମ ବାଦ୍ ପଡ଼ିବ ଏପରି କାର୍ଯ୍ୟ ଏବେ କଣ୍ଟାପଡ଼ା ବ୍ଲକ ପ୍ରଶାସନର ମୁଖ୍ୟ କାର୍ଯ୍ୟ ହୋଇପଡ଼ିଛି। ଯେଉଁଥି ପାଇଁ ଏବେ ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେବାରେ ଲାଗିଛି। ଆଉ ଏପରି ରାଜନୀତିକୁ କାର୍ଯ୍ୟକାରୀ କରାଇବାରେ ବ୍ଲକ ପ୍ରଶାସନ ଶତତ ଚେଷ୍ଟିତ ହୋଇପଡ଼ିଛି। ଯାହାର ପ୍ରମାଣ ମିଳିଛି ଏହି ବ୍ଲକ ଅନ୍ତର୍ଗତ ବାଗଲପୁର ପଞ୍ଚାୟତ ପଞ୍ଚାୟତରେ। କଣ୍ଟାପଡ଼ା ବ୍ଲକ ଅଧ୍ୟକ୍ଷାଙ୍କ ନିଜସ୍ୱ ପଞ୍ଚାୟତରେ ଏପରି ଘଟଣା ଏବେ ସାରା ଅଞ୍ଚଳରେ ଆଲୋଚ୍ୟ ପ୍ରସଙ୍ଗ ହୋଇଛି। ବାଗଲପୁର ପଞ୍ଚାତ ଅନ୍ତର୍ଗତ ସୁନ୍ଦରଗ୍ରାମରେ ନିର୍ମାଣ କରାଯାଇଥିବା ଜନ ଆରୋଗ୍ୟ ମନ୍ଦିରର ଉଦ୍‌ଘାଟନୀ ଫଳକ ପ୍ରଥମେ ଭଙ୍ଗାଯିବା ଓ ପରେ ଅତି ତରବରିଆ ଭାବେ ନୂତନ ଫଳକ ପ୍ରସ୍ତୁତ କରି ପ୍ରଶାସନ ଯେନତେନ ପ୍ରକାରେଣ ଉଦ୍‌ଘାଟନ କରିଥିବା ବେଳେ ଆଜି ସକାଳୁ ଏହି ଫଳକ ଗାଏବ ହୋଇଯାଇଥିବା ଦେଖିବାକୁ ମିଳିଛି। ୪୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କଣ୍ଟାପଡ଼ା ବ୍ଲକ ପ୍ରଶାସନ ତତ୍ତ୍ୱାବଧାନରେ ବାଗଲପୁର ପଞ୍ଚାୟତ ସୁନ୍ଦରଗ୍ରାମରେ ଜନ ଆରୋଗ୍ୟ



ମନ୍ଦିର ନିର୍ମାଣ କରାଯାଇଥିଲା। ଯଦିଓ ଏହି ପ୍ରକଳ୍ପଟି ପୂର୍ବ ସରକାରଙ୍କ ଅମଳରେ ମଞ୍ଜୁର ହୋଇ କାର୍ଯ୍ୟାରମ୍ଭ କରାଯାଇଥିଲା ତେବେ ଏହାର କାର୍ଯ୍ୟ ଶେଷ ହେବା ପରେ କଣ୍ଟାପଡ଼ା ବ୍ଲକ ପ୍ରଶାସନ ଗତ ଶନିବାର ସ୍ଥାନୀୟ ବିଧାୟକଙ୍କ ଦ୍ୱାରା ପ୍ରକଳ୍ପ ଉଦ୍‌ଘାଟନ କରିବାର ବ୍ୟବସ୍ଥା କରାଇଥିଲା। କିନ୍ତୁ ଉଦ୍‌ଘାଟନ ପାଇଁ ପ୍ରସ୍ତୁତ କରାଯାଇଥିବା ଫଳକଟି କେହି ଭାଙ୍ଗି ଦେଇଥିବା ଦେଖିବା ପରେ ଅତି ତରବରିଆ ଭାବେ ପ୍ରଶାସନ ଫଳକ ପ୍ରସ୍ତୁତ କରି ଯେନତେନ ପ୍ରକାରେଣ ଉଦ୍‌ଘାଟନ କାର୍ଯ୍ୟ ଶେଷ କରିଥିଲା। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଆଜି ସକାଳୁ ଫଳକଟି ଲଗାଯାଇଥିବା ସ୍ଥାନରୁ ଗାଏବ ହୋଇଯାଇଥିବା ଦେଖିବାକୁ ମିଳିଛି। ଆଜି ରବିବାର ହୋଇଥିବାରୁ ବ୍ଲକ ପ୍ରଶାସନର ପ୍ରତିକ୍ରିୟା ବିଳିପାରି ନାହିଁ।

## ଆଇଏନ୍‌ଏସ୍ ଚିଲିକା ଅଗ୍ନିବୀର ନିଯୁକ୍ତିରେ ଠକେଇ ମାମଲା

# ଆଉ ଜଣେ ସେନା ଅଧିକାରୀ ରାଜସ୍ଥାନରୁ ଗିରଫ

**ବାଲୁଗାଁ,୪।୫/ଏନ୍‌ଏନ୍‌ଏସ୍:** ଆଇଏନ୍‌ଏସ୍ ଚିଲିକା ପ୍ରଶିକ୍ଷଣ କେନ୍ଦ୍ରରେ ନୌ ସେନା ଅଗ୍ନିବୀର ପଦବୀରେ ନିଯୁକ୍ତି ନିମନ୍ତେ ଆବେଦନକାରୀଙ୍କ ଠାରୁ ଠକେଇ ଘଟଣାରେ ପୂର୍ବରୁ ୩ ଅଭିଯୁକ୍ତ ସେନା ଅଧିକାରୀଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାରେ ସମ୍ପୃକ୍ତ ଆଉ ଜଣେ ଅଭିଯୁକ୍ତ ଜଣେ ନୌସେନା ଅଧିକାରୀ କ୍ରିଷ୍ଣାକାନ୍ତ ସାଇନି(୨୪)ଙ୍କୁ ବାଲୁଗାଁ ପୁଲିସ ରାଜସ୍ଥାନରୁ ଗିରଫ କରିବାରେ ସକ୍ଷମ ହୋଇଥିବା ଜଣାପଡ଼ିଛି। ସୂଚନାଥାଉ କି, ଆଇଏନ୍‌ଏସ୍ ଚିଲିକାରେ ଅଗ୍ନିବୀର ପଦବୀ ନିଯୁକ୍ତି ପ୍ରକ୍ରିୟା ଚାଲିଥିବାବେଳେ ଅଭିଯୁକ୍ତମାନେ ମେଡିକାଲ ଯାଞ୍ଚ, ପୁଲିସ ଭେରିଫିକେସନ୍ ସାର୍ଟିଫିକେଟ ଆଦି ସହାୟତା ଆଳ ଦେଖାଇ ଆବେଦନକାରୀମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟିଥିବା ଘଟଣା ପଦାକୁ ଆସିଥିଲା। ଏ ନେଇ ପ୍ରଶିକ୍ଷଣ କେନ୍ଦ୍ର ଟ୍ରେନିଂ କମାଣ୍ଡାଣ୍ଟ ବାଲୁଗାଁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ କରି ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଥିଲେ। ତେବେ ଏହି ରାକେଟ୍‌ରେ ଆଣ୍ଡାମାନ ନିକୋବର ଆଇଏନଏସ କେଶରୀରେ କାର୍ଯ୍ୟରତ ଆଉ ଦୁଇଜଣ ସେନା ଅଧିକାରୀ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଥିଲା। ଅଭିଯୁକ୍ତ କ୍ରିଷ୍ଣାକାନ୍ତ ଛୁଟିରେ ନିଜଘର ରାଜସ୍ଥାନକୁ ଯାଇଥିବା ଖବର ପାଇ ବାଲୁଗାଁ ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏକ ଟିମ ସେଠାକୁ ଯାଇ ତାଙ୍କୁ ଗିରଫ କରିଥିଲେ। ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ ନିମନ୍ତେ ଟିମ୍ ଆଣ୍ଡାମାନ ନିକୋବର ଖୁବ୍‌ଶୀଘ୍ର ଗସ୍ତ କରିବ ବୋଲି ଆଇଆଇସି ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି।

## ତୁଷାରକାନ୍ତି ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ମଙ୍ଗଳା କ୍ରିକେଟ୍ ଏକାଡେମୀ ଚାମ୍ପିଅନ୍

**ଅସ୍ତରଙ୍ଗ,୪।୫/ଏନ୍‌ଏନ୍‌ଏସ୍:** କାକଟପୁର ହାଇସ୍କୁଲ ପଛ ପଡିଆରେ ଚାଲିଥିବା ଦ୍ୱିତୀୟ ବାର୍ଷିକ ତୁଷାରକାନ୍ତି ସ୍ମାରକୀ ଟ୍ୱେଣ୍ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଦିବସରେ ପୁରୀ ପାୟୋନିୟର କ୍ରିକେଟ କ୍ଲବ କୁ ହରାଇ କାକଟପୁର ମଙ୍ଗଳା ଏକାଡେମୀ କ୍ରିକେଟ କ୍ଲବ ଚାମ୍ପିଅନ୍ ଟ୍ରଫି ହାସଲ କରିଛି। ପ୍ରଥମେ ଟସ୍ ଜିତି କାକଟପୁର ମଙ୍ଗଳା ଏକାଡେମୀ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୨୫ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିଶ୍ୱ ଭୂଷଣ ବିହାରୀ ୩୪ବଲରେ ୫ଟି ଛକା ଓ ୪ଟି ଚୌକା ସହାୟତାରେ ୭୩ରନ ଓ ସରୋଜ ପଣ୍ଡା ୩୭ରନ ସଂଗ୍ରହ କରିଥିଲେ। ୨୨୬ରନ୍‌ର ବିଜୟ ଲକ୍ଷ୍ୟ ନେଇ ପୁରୀ ପାୟୋନିୟର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୯୫ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ମୟଙ୍କ ପଟ୍ଟନାୟକ ୭୩ରନ ସଂଗ୍ରହ କରିଥିଲେ। ଅମ୍ପାୟାର ଭାବେ ସତ୍ୟବ୍ରତ ମହାପାତ୍ର ଓ ତ୍ରିଭୁବନ ଦାଶ ଖେଳ ପରିଚାଳନା କରିଥିଲେ। ଆୟୋଜିତ କ୍ଲବ୍‌ର ଫାଇନାଲ





ଦିବସରେ ସ୍ୱର୍ଗତ ତୁଷାରକାନ୍ତି ମହାନ୍ତିଙ୍କ ସୁପୁତ୍ର ଅମ୍ଳାନ ଅରବିନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବିଧାୟକ ତୁଷାରକାନ୍ତି ବେହେରା, ସମ୍ମାନିତ ଅତିଥି ପୁରୀ ଜିଲ୍ଲା ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଉପଦେଷ୍ଟା ତୁଷାରକାନ୍ତ ଦୀକ୍ଷିତ, ପ୍ରଦୀପ କୁମାର ପଣ୍ଡା, ପ୍ରେମାନନ୍ଦ ଗୋଛାୟତ, ପ୍ରକାଶ ଦାଶ, ଧୀରେନ ଚାନ୍ଦ ପ୍ରମୁଖ ଯୋଗଦେଇ ଚାମ୍ପିଅନ୍ ମଙ୍ଗଳା ଏକାଡେମୀଙ୍କୁ ଦଳକୁ ଟ୍ରଫି ସହ ନଗଦ ଟଙ୍କା ଓ ରନର୍ସ ପାୟୋନିୟର ସ୍ପୋର୍ଟିଂକୁ ରନର୍ସଅପ୍ କପ୍ ସହ ନଗଦ ଟଙ୍କା ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦ ମ୍ୟାଚ ବିଶ୍ୱଭୂଷଣ ବିହାରୀ ଓ ମ୍ୟାନ ଅଫ୍ ଦ ସିରିଜ ଚିତ୍ତ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଲବ୍‌ର ସଭାପତି ଟୁଲୁ ଗୋଛାୟତ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲା ବେଳେ ସଭ୍ୟ ପ୍ରକାଶ, ସଂଗ୍ରାମ, ଅରିନ, ରିତେଶ, ଆକାଶ, ଦୟାନିଧି, ଅମିତ, ଅଭିଷେକ, ଦିପୁ, ରାହୁଲ, ଚନ୍ଦନ, ଦିପୁନା, ପିଙ୍ଗୁଲା, ଅଭିଜିତ, ସୁକାନ୍ତ, ନୀରୋଦ ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକ୍ କଂଗ୍ରେସ ସଭାପତି ମନୋନୀତ

**ଡେଲାଙ୍ଗ,୪।୫/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ବ୍ଲକ କଂଗ୍ରେସ ସଭାପତି ଭାବେ ବରିଷ୍ଠ କଂଗ୍ରେସ କର୍ମୀ ନିର୍ମଳ ପରିଡା ମନୋନୀତ ହୋଇଛନ୍ତି। ଏନେଇ ଓଡିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପ୍ରଶାସକ ସମୀର କୁମାର ରାଉତରାୟ ନିର୍ମଳଙ୍କ ନାମ ଘୋଷଣା କରିଛନ୍ତି। ପୁରୀ ଜିଲ୍ଲା କଂଗ୍ରେସ ସଂଯୋଜକ ରାଜେଶ କୁମାର ମିଶ୍ରଙ୍କ ପ୍ରସ୍ତାବକ୍ରମେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ବ୍ଲକର ସଭାପତିଙ୍କୁ ନିଯୁକ୍ତ କରିଥିବା ଜଣାପଡ଼ିଛି। ନିର୍ମଳଙ୍କ ନାମ ଘୋଷଣା ହେବା ପରେ ତାଙ୍କର ଦଳୀୟ ଶୁଭେଚ୍ଛୁ ଓ ସମର୍ଥକଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି । ଏହି ଅବସରରେ ଡେଲାଙ୍ଗ ବ୍ଲକ ଅର୍ନ୍ତଗତ ମା' ଗଡ଼ଚଣ୍ଡୀ ପୀଠରେ ୨୧ ପଞ୍ଚାୟତର କଂଗ୍ରେସ



ମୁରବୀମାନେ ଏକାଠି ହୋଇ ଏକ ବୈଠକ କରିଥିବା ବେଳେ ସେଠାରେ ନବ ନିଯୁକ୍ତ ବ୍ଲକ ସଭାପତି ଶ୍ରୀ ପରିଡାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ବୈଠକ କଂଗ୍ରେସ ନେତା ବିଶ୍ୱକେସନ ହରିଚନ୍ଦନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥଲା। ଜିଲ୍ଲା ସଂଯୋଜକ ରାଜେଶ ମିଶ୍ର, ମନୋରଞ୍ଜନ ପଟ୍ଟନାୟକ, ପ୍ରକାଶ ପ୍ରଧାନ, ଗୁଣନିଧି ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟକର୍ମୀ ଅଂଶଗ୍ରହଣ କରିଥିଲେ। ସଂଗଠନ ସୁଦୃଢ଼ ହେବା ସହ ପଞ୍ଚାୟତସ୍ତରରେ ଦଳକୁ ମଜଭୁତ କରିବା ପାଇଁ ଆଲୋଚନା କରାଯାଇଥିଲା। ପରେ ଦଳର ଜୋନ୍‌ସ୍ତରୀୟ ଏବଂ ପଞ୍ଚାୟତସ୍ତରୀୟ ବୈଠକ କରାଯାଇ କମିଟି ଗଠନ ହେବ ବୋଲି ନବନିଯୁକ୍ତ ସଭାପତି ଶ୍ରୀ ପରିଡ଼ା ସୂଚନା ଦେଇଥିଲେ।


**ନିତି ଭାରତୀ**

ଯେଉଁଦିନ ଜୀବନର ଚଳାପଥରେ ଆମେ କୌଣସି ସମସ୍ୟାର ସମ୍ମୁଖୀନ ନହେଉ, ସେଦିନ ନିଶ୍ଚିତ ହୋଇଯିବା ଉଚିତ ଯେ ଆମେ ଭୁଲ୍ ବାଟରେ ଚାଲୁଛୁ।

\- ସ୍ୱାମୀ ବିବେକାନନ୍ଦ

# ପହଲଗାଓଁ ଆତଙ୍କବାଦୀ ଆକ୍ରମଣ

ପହଲଗାଓଁରେ ନିରୀହ ଭାରତୀୟ ଟୁରିଷ୍ଟମାନଙ୍କ ଉପରେ ଆତଙ୍କବାଦୀଙ୍କ ନୃଶଂସ ଆକ୍ରମଣ ଓ ୨୬ ଜଣଙ୍କୁ ହତ୍ୟା ସମଗ୍ର ଭାରତବର୍ଷରେ ଆଲୋଡ଼ନ ସୃଷ୍ଟି କରିଛି। ଦଳମତ ନିର୍ବିଶେଷରେ ସମସ୍ତେ ସରକାରଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ସମର୍ଥନ ଜଣାଇଛନ୍ତି। ବିହାରରେ ଏକ ସଭାରେ ଭାଷଣ ଦେବା ଅବସରରେ ପ୍ରଧାନମନ୍ତ୍ରୀ ଶାସକ 'ଅକଳ୍ପନୀୟ- ଶାସ୍ତି' ପାଇଁ ଆତଙ୍କୀଙ୍କୁ, ତାଙ୍କ ସମର୍ଥକଙ୍କୁ, ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛନ୍ତି। ସବୁ ଜାଗାରେ, ଏପରିକି ଜାତିସଂଘରେ ହିନ୍ଦୀରେ ଭାଷଣ ଦେଉଥିବା ମୋଦୀ ପ୍ରଥମ କରି ଇଂରାଜୀରେ ସ୍ପଷ୍ଟ ଭାଷାରେ ଏପରି




**ତପୋଧନ ପଣ୍ଡା**

ଚେତାବନୀ ଦେଇଛନ୍ତି। ଏଥିରୁ ତାଙ୍କ କ୍ରୋଧ ଅନୁମାନ କରାଯାଇପାରେ। ପତ୍ନୀ ପାଖରୁ ପତିକୁ ଟାଣି ନେଇ ଗୁଳି କରିବା, ୪ ବର୍ଷର ଶିଶୁ ଆଗରେ ବାପା, ମା'ଙ୍କୁ ହତ୍ୟା କରିବା ଭଳି ବର୍ବର କାଣ୍ଡ କେବେ କଳ୍ପନା କରା ଯାଇ ନପାରେ। ସମଗ୍ର ବିଶ୍ୱ, ଏପରିକି ଆଫଗାନିସ୍ତାନର ଶାସକ ବର୍ଗ, ଯେଉଁମାନଙ୍କୁ ସମଗ୍ର ବିଶ୍ୱ ଆତଙ୍କବାଦୀ ବୋଲି ଜାଣେ, ସେମାନେ ବି ଦୃଢ଼ ସ୍ୱରରେ 'ଏହା ଆଞ୍ଚଳିକ ସ୍ଥିରତା ଓ ଶାନ୍ତିକୁ ନଷ୍ଟ କରୁଛି' ବୋଲି ମନ୍ତବ୍ୟ ଦେଇଛନ୍ତି ଖୋଲାଖୋଲି ଭାବରେ ପାକିସ୍ତାନ ବିରୁଦ୍ଧରେ। ଏଠାରେ ମଧ୍ୟ କୁହାଯାଇପାରେ ଯେ ଆଫଗାନିସ୍ତାନକୁ ତାଲିବାନ୍ ହାତରେ ଅର୍ପଣ କରି ଆମରିକାର ସୈନିକମାନେ ଚାଲି ଯିବା ପରେ ଯେଉଁ ପ୍ରଚୁର ପରିମାଣରେ ଅସ୍ତ୍ରଶସ୍ତ୍ର ଛାଡ଼ି ଯାଇଥିଲେ, ତାକୁ ସବୁ ତାଲିବାନ୍‌ମାନେ ବହୁ ଦେଶକୁ ବିକ୍ରି କରିଥିଲେ। ସେଥିରୁ ଗୋଟିଏ ବନ୍ଧୁକ ଏମ୍-୪ କାରବାଇନ୍ ଆସଲ୍ଟ ରାଇଫଲ ଧରିଥିଲା ପହଲଗାଓଁରେ ଜଣେ ଆତଙ୍କବାଦୀ। ଏହା ଆଫଗାନିସ୍ତାନରୁ ପାକିସ୍ତାନ ଦେଇ କାଶ୍ମୀର ଉପତ୍ୟକାରେ ପହଲଗାଓଁରେ ପହଞ୍ଚି ଯାଇଥିଲା।

ସମଗ୍ର ବିଶ୍ୱ ଜାଣେ ସୀମା ପାର ଆତଙ୍କବାଦୀ କାର୍ଯ୍ୟକଳାପ କାଶ୍ମୀର ଉପତ୍ୟକାରେ ଚଳାଇ ଆସୁଛି ରାୱଲପିଣ୍ଡି ଆତଙ୍କୀଙ୍କୁ ସମର୍ଥନ କରି ଓ ଯେବେ ଅବସ୍ଥା ଶୋଚନୀୟ ସ୍ତରରେ ପହଞ୍ଚି ଯାଉଛି, ଆର୍ମି ନିରବ ରହୁଛି। ସେମାନେ କ'ଣ ଚାହୁଁଛନ୍ତି ସଂପୂର୍ଣ୍ଣ ଯୁଦ୍ଧ! ପାକିସ୍ତାନ ଆର୍ମି ଏବେ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି ଇରାନ୍ ଓ ଆଫଗାନ୍ ସୀମାରେ। ବେଲୁଚିସ୍ତାନର ସ୍ୱତନ୍ତ୍ରବାଦୀମାନେ ପାକିସ୍ତାନର ଏକ ଟ୍ରେନ୍‌କୁ ହାଇଜାକ୍ କରି ତାଙ୍କ ରାଜ୍ୟକୁ ନେଇ ଯାଇଥିଲେ, ଏହା କାହାକୁ ଅଛପା ନାହିଁ। ଜେନେରାଲ ମୁନୀର, ପାକିସ୍ତାନର ଆର୍ମି ଚିଫ୍, ହୁଏତ ଭାରତ-ବାଂଲାଦେଶ-ପାକିସ୍ତାନ ଯୁଦ୍ଧ ବେଳେ ଛୋଟ ହୋଇଥିବେ ଓ ପାକିସ୍ତାନ ଆର୍ମିର ଅପମାନ ଆତ୍ମସମର୍ପଣର କଥା ଇତିହାସରୁ ତ ଅନ୍ତତଃ ପଢ଼ିଥିବେ। ଏହା ୧୯୭୧ ମସିହାର କଥା। ଏବେ ସେ କହୁଛନ୍ତି କାଶ୍ମୀର ହେଉଛି ଆମର 'ଜୁଗୁଲାର ଭେନ୍'। ସେଠାରେ ଭାରତ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିବା ଆମରି ଭାଇଭଉଣୀଙ୍କୁ ଆମର ପୂର୍ଣ୍ଣ ସମର୍ଥନ ରହିଛି। କେତେ ହାସ୍ୟାସ୍ପଦ ଏକଥା- ବାସ୍ତବତାକୁ ବୁଝିବା କେବେ ସମ୍ଭବ ହେବ ପାକିସ୍ତାନ ଆର୍ମିର? ୨୦୨୩ରେ ଯେବେ ଆରେଷ୍ଟ କଲେ ଇମ୍ରାନ୍ ଖାଁଙ୍କୁ, କିପରି ହଜାର ହଜାର ପାକିସ୍ତାନୀ ଆର୍ମି ବିରୁଦ୍ଧରେ ଟେକା ପଥର ମାଡ଼ କଲେ ଓ ସମଗ୍ର ପାକିସ୍ତାନ ରାସ୍ତାରେ ଧ୍ୱଂସର ନିଆଁ ଲଗାଇ ଦେଲେ! ଏବେ ପାକିସ୍ତାନର ଅର୍ଥ ବ୍ୟବସ୍ଥା ଶୋଚନୀୟ। ସୁଦୀର୍ଘ ୨୪ ଧରି ବିଶ୍ୱ ବ୍ୟାଙ୍କ ଲୋନ୍ ଶୁଝି ପାରି ନ ଥିବାରୁ ବାରମ୍ବାର ବେଲ୍‌ଆଉଟ୍ ହୋଇଛି କେତେବେଳେ ଚୀନ୍‌ଠାରୁ ତ କେତେବେଳେ ସାଉଦି ଆରବ ଆଦି ଦେଶରୁ ଋଣ କରି। ଗତ ବର୍ଷ ପାକିସ୍ତାନ ବିରୁଦ୍ଧିରେ ଘଟିଛି ୧୧୦୦ରୁ ଊର୍ଦ୍ଧ୍ୱ ଟେରର ଆଟାକ୍। ତାଙ୍କ ଭାଷାରେ, ଗୁଡ୍ ଟେରରିଷ୍ଟ ଆଟାକ୍ କରନ୍ତି କାଶ୍ମୀରକୁ ଓ ବ୍ୟାଡ୍ ଆଟାକ୍ କରନ୍ତି ପାକିସ୍ତାନକୁ! ଭାରତ, ପାକିସ୍ତାନ ଭିତରେ ଫରକ ହେଲା- ଭାରତର ବିରୋଧୀ ଦଳଗୁଡ଼ିକ ସମର୍ଥନ କରନ୍ତି ଶାସକ ଦଳକୁ ଏପରି ଅବସ୍ଥାରେ, ମାତ୍ର ପାକିସ୍ତାନର ବିରୋଧୀ ଦଳର ନେତା ଇମ୍ରାନ ଖାଁ ଏବେ ଜେଲ୍‌ରେ। ଭାରତରେ ଆର୍ମି ଅପେକ୍ଷା କରେ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶକୁ, କିନ୍ତୁ ପାକିସ୍ତାନରେ ପ୍ରଧାନମନ୍ତ୍ରୀ ଅପେକ୍ଷା କରନ୍ତି ଆର୍ମି ନିର୍ଦ୍ଦେଶକୁ। ତେବେ ଏହି ଆତଙ୍କୀମାନେ ଟିଆରଏଫ୍ ବା ଦ ରେଜିଷ୍ଟାନ୍ସ ଫ୍ରଣ୍ଟ ଗ୍ରୁପ୍‌ର, ଯେଉଁମାନେ ଲସ୍କର-ଇ-ତାଇବାର ଛାମୁଆ ସଂଗଠନ। ଏମାନଙ୍କର ଆବିର୍ଭାବ ଘଟିଛି ଯେବେ ୩୭୦ ଧାରାକୁ ଉଚ୍ଛେଦ କରାଯାଇ କାଶ୍ମୀରର ସ୍ପେଶିଆଲ୍ ଷ୍ଟାଟସ୍‌କୁ ରଦ୍ଦ କରାଗଲା, ସେବେଠୁ। ସଇଫୁଲା ଖଲିଦ୍ ହେଉଛି ପହଲଗାଓଁ ଆକ୍ରମଣର ମାଷ୍ଟରମାଇଣ୍ଡ୍ ଯେ କି ହାଫିଜ୍ ସୟିଦ୍‌ର ନିକଟତମ ଲୋକ। ସେମାନେ ୨୦ରୁ ଊର୍ଦ୍ଧ୍ୱ ଟେରର ଆଟାକ୍ କରିଛନ୍ତି କାଶ୍ମୀରରେ। ଏଥର ସେମାନେ ଟୁରିଷ୍ଟଙ୍କୁ ଆକ୍ରମଣ କରିଛନ୍ତି କାଶ୍ମୀରରେ ଚାଲିଥିବା ବିକାଶର ଧାରାକୁ ପ୍ରତିହତ କରିବା ପାଇଁ ଓ ଆର୍ଥିକ ଅବସ୍ଥାକୁ କ୍ଷତି ପହଞ୍ଚାଇବା ପାଇଁ। ଏହି ଟିଆରଏଫ୍ ଏବେ ପାକିସ୍ତାନର ଭାରତ ବିରୁଦ୍ଧରେ ଚଳାଇ ଆସୁଥିବା ପ୍ରକ୍ସି ଓ୍ୱାରର ମୁଖା ସାଜିଛି। ଆମର ଇଣ୍ଟେଲିଜେନ୍ସ ସଂସ୍ଥା ସତର୍କ କରାଇ ଥିଲା 'ହଟ୍ ସମର୍ ଇନ୍ କାଶ୍ମୀର' ଓ ୭୦ରୁ ଊର୍ଦ୍ଧ୍ୱ ଆତଙ୍କୀ ସଂସ୍ଥା କାଶ୍ମୀରରେ ସକ୍ରିୟ ଏଥର ଏଇ ଆତଙ୍କୀମାନେ ବାଛି ବାଛି ହିନ୍ଦୁଙ୍କୁ ମାରିଛନ୍ତି।

ତେବେ ଏହି ଘଟଣା ପରେ ପାକିସ୍ତାନ ସହିତ ୧୯୭୦ ମସିହାରେ ହୋଇଥିବା ସିନ୍ଧୁ ଜଳ ବଣ୍ଟନ ଚୁକ୍ତିକୁ ଆମ ଦେଶ ସସ୍‌ପେଣ୍ଡ କରିଛି। ଏବେ ଆମ ଦେଶ ପାକିସ୍ତାନକୁ ନ ଜଣାଇ ବନ୍ଧ ନିର୍ମାଣ କରି ପାରିବ ଜଳର ସ୍ରୋତକୁ ନିୟନ୍ତ୍ରଣ କରିବା ପାଇଁ। ଆମ ଦେଶର ସିନ୍ଧୁ ନଦୀରୁ ଜଳକୁ ପାକିସ୍ତାନକୁ ଯିବ ନାହିଁ। ଏହି ଚୁକ୍ତିରେ ୬ଟି ନଦୀ ସାମିଲ ଥିଲେ। ଏହା ପ୍ରଥମ ଥର ପାଇଁ ଆମ ଦେଶ କରିଛି ପହଲଗାଓଁ ଆଟାକ୍ ପରେ। ରାବି, ବ୍ୟାସ୍ ଓ ସତ୍‌ଲେଜ୍ ନଦୀଗୁଡ଼ିକୁ କୁହାଯାଏ ପୂର୍ବର ନଦୀ ଓ ଚେନାବ୍, ଝେଲମ୍ ଓ ସିନ୍ଧୁ ନଦୀକୁ ପଶ୍ଚିମ ପଟ ନଦୀ। ଏହି ପଶ୍ଚିମ ପଟ ନଦୀଗୁଡ଼ିକର ଜଳ ଉପରେ ପାକିସ୍ତାନ ସଂପୂର୍ଣ୍ଣ ନିର୍ଭର କରେ- ପାଖାପାଖି ୮୦ ପ୍ରତିଶତ ଜଳସେଚନ ପାଇଁ ଓ ନଦୀବନ୍ଧ ଯୋଜନାରୁ ବିଦ୍ୟୁତ୍ ଉତ୍ପାଦନ ପାଇଁ। ଏହା ବନ୍ଦ



ହୋଇଗଲେ ପାକିସ୍ତାନର ଶସ୍ୟ ଉତ୍ପାଦନ ଅର୍ଥ ବ୍ୟବସ୍ଥା ସାଙ୍ଘାତିକ ଭାବରେ ପ୍ରଭାବିତ ହେବ। ୧୯୭୦ ପରେ ଏପରି କେବେ ହୋଇ ନଥିଲା। ଦୁଇ ଦୁଇଟା ଯୁଦ୍ଧ ହୋଇଛି, ଭୟଙ୍କର ଆତଙ୍କୀ ଆକ୍ରମଣ ମୁମ୍ବାଇ ଉପରେ, ବାଲାକୋଟ୍‌ରେ ହୋଇଛି। ତଥାପି ଏହି ଚୁକ୍ତିରେ ହସ୍ତକ୍ଷେପ କରାଯାଇ ନଥିଲା। ମାତ୍ର ସ୍ଥିତି ବଦଳିଛି। ପହଲଗାଓଁରେ ଟୁରିଷ୍ଟଙ୍କ ଆଟାକ୍ କାଶ୍ମୀର ଆର୍ଥିକ ଅଗ୍ରଗତିକୁ ସାଙ୍ଘାତିକ ପ୍ରଭାବିତ କରିବ, କାରଣ ଟୁରିଜମ୍ ହେଉଛି କାଶ୍ମୀରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବାରେ ସବୁଠାରୁ ଶକ୍ତିଶାଳୀ ସେକ୍ଟର। ଏହି ଚୁକ୍ତି ସସ୍‌ପେଣ୍ଡ ହେବା ପରେ ଆମ ଦେଶ ପାକିସ୍ତାନକୁ ଓ୍ୱାଟର ଡାଟା ସେୟାର କରିବ ନାହିଁ। ସିନ୍ଧୁର ଇଦ୍‌ବୃତ୍ତ ଜଳ, ଯାହା ପାକିସ୍ତାନ ମୁକ୍ତ ଭାବରେ ପାଉଥିଲା, ଆଉ ପାଇବ ନାହିଁ। ପାକିସ୍ତାନ ଅଫିସିଆଲମାନେ ଆଉ ଦଦାରଖ କରିବା ପାଇଁ ଭାରତର ସିନ୍ଧୁ ଅବବାହିକାକୁ ଓ ନଦୀବନ୍ଧ ପରିଦର୍ଶନ କରିବାକୁ ଆସି ପାରିବେ ନାହିଁ। ଯଦିଓ ଏହି ଚୁକ୍ତି ସସ୍‌ପେଣ୍ଡ୍ ହେବାର ପ୍ରଭାବ ସଙ୍ଗେ ସଙ୍ଗେ ପାକିସ୍ତାନ ଉପରେ ପଡ଼ିବ ନାହିଁ, କିନ୍ତୁ ସମୟକ୍ରମେ ବର୍ଷେ ଦୁଇ ବର୍ଷ ଭିତରେ ପାକିସ୍ତାନ ବୁଝି ପାରିବ କିପରି ତା' ତଣ୍ଟିକୁ ଚିପା ହେଉଛି ଧୀରେ ଧୀରେ। ଏଥିରେ ପାକିସ୍ତାନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛି- ଏହା ହେଉଛି ଆମ ବିରୁଦ୍ଧରେ ଯୁଦ୍ଧ ଘୋଷଣା ସହିତ ସମାନ। ତେବେ ଏହି ଚୁକ୍ତିକୁ କୁହାଯାଏ 'ଦ ସିକ୍ସଥ୍ ବ୍ଲଣ୍ଡର୍ ଅଫ୍ ନେହରୁ'। ପାକିସ୍ତାନକୁ ଶସ୍ୟଶ୍ୟାମଳା କରୁଥିବା ବେଳେ ଏହି ଚୁକ୍ତି ଦ୍ୱାରା ଭାରତୀୟ ଚାଷ ସାଙ୍ଘାତିକ ପ୍ରଭାବିତ ହେଉଥିଲା। କିନ୍ତୁ ଯେବେ ସହିବାର ସୀମା ଟପିଗଲା ଓ ଆମ ଅର୍ଥ ବ୍ୟବସ୍ଥା ଉପରେ ଆତଙ୍କୀ ଆକ୍ରମଣ ହେଲା, ସେତେବେଳେ ଆମେ ନିରବଦ୍ରଷ୍ଟା ସାଜିବା ଅନୁଚିତ। ଏହା ଏକ ସମୟୋଚିତ ଦୃଢ଼ ପଦକ୍ଷେପ ପାକିସ୍ତାନ ବିରୁଦ୍ଧରେ।

ଏହାର ପ୍ରତିବଦଳରେ ପାକିସ୍ତାନ ସିମ୍‌ଲା ଚୁକ୍ତିକୁ ସସ୍‌ପେଣ୍ଡ୍ କରିଛି, ଯାହା ହୋଇଥିଲା ଆମ ଦେଶ ସହିତ- ୧୯୭୨ ଜୁଲାଇ ୨ ତାରିଖରେ ଇନ୍ଦିରା ଗାନ୍ଧୀ ଓ ଜୁଲ୍‌ଫିକର ଅଲ୍ଲୀ ଭୁଟ୍ଟୋଙ୍କ ସ୍ୱାକ୍ଷରରେ। ଏହା ଅନୁସାରେ ଦୁଇ ଦେଶ ମଧ୍ୟରେ ସବୁ ସମସ୍ୟାର ସମାଧାନ ଦ୍ୱିପାକ୍ଷିକ ଭାବରେ ହେବ, କୌଣସି ତୃତୀୟ ପକ୍ଷ ହସ୍ତକ୍ଷେପ କରି ପାରିବ ନାହିଁ। ଅନେକ ଥର ଏହି ଚୁକ୍ତିକୁ ଉଲ୍ଲଙ୍ଘନ କରିଛି ପାକିସ୍ତାନ। ଏହା ଥିବା ନଥିବା ସହିତ ସମାନ। ଆମ ଦେଶ ଏହାକୁ ଖାତିର କରେ ନାହିଁ। ଆମ ଦେଶ ମଧ୍ୟ ଡିପ୍ଲୋମାଟିକ୍ ଚ୍ୟାନେଲକୁ ମୁକ୍ତ ରଖି ସମଗ୍ର ବିଶ୍ୱର ସମର୍ଥନ ଲୋଡ଼ିଛି ଆତଙ୍କ ଆକ୍ରମଣକୁ ପ୍ରତିହତ କରିବା ପାଇଁ। ଆଉ ବାକି ରହିଲା ବାଲାକୋଟ ଆକ୍ରମଣ ପରେ ଯେପରି ବାୟୁ ସେନା ପାକିସ୍ତାନ ଭିତରେ ପଶି ଟେରର୍ ଲଞ୍ଚ୍ ପ୍ୟାଡ୍‌କୁ ଧ୍ୱଂସ କରିଥିଲା, ତା'ଠାରୁ ଅଧିକ ସ୍ତରର ଆକ୍ରମଣ କେବେ କରିବ ଆମ ଦେଶ।

ଭିଆଇଏମ୍-୭୪୧, ଶୈଳଶ୍ରୀ ବିହାର
ଭୁବନେଶ୍ୱର, ମୋ: ୯୪୩୭୩୦୭୪୮୬

# ବାଘ ସହିତ ମୁହାଁମୁହିଁ

ନିଜକୁ ଈଶ୍ୱରଙ୍କ ଶ୍ରେଷ୍ଠ ସୃଷ୍ଟି ବୋଲି କହି ବାହାସ୍ଫୋଟ ମାରୁଥିବା ମଣିଷ ଅନେକ ସମୟରେ ନିକୃଷ୍ଟ କାର୍ଯ୍ୟ କରି ନିଜ ଶ୍ରେଷ୍ଠତା ଉପରେ ପ୍ରଶ୍ନ ଚିହ୍ନ ଲଗାଏ। ସେ ଜାଣିଶୁଣି ନିଜ ଗୋଡ଼ରେ ନିଜେ କୁରାଢ଼ି ମାରେ। ସେ ଭଲ ଭାବରେ ଜାଣିଛି ଯେ ସୁରକ୍ଷିତ ପରିବେଶ ଓ ପ୍ରକୃତିର ସୁରକ୍ଷା ଦ୍ୱାରା ହିଁ ମଣିଷର ସୁରକ୍ଷା ସମ୍ଭବ। ତା' ସତ୍ତ୍ୱେ ମଧ୍ୟ ସେ ପରିବେଶ ଓ ପ୍ରକୃତିର ବିପର୍ଯ୍ୟୟ କରିବା ପାଇଁ ଅଣ୍ଟା ଭିଡ଼େ। ପ୍ରକୃତିକୁ ସନ୍ତୁଳିତ କରି ରଖୁଥିବା ଜଙ୍ଗଲ ଓ ପାହାଡ଼ ଉପରେ ଦାଉ ସାଧେ। ସନ୍ତୁଳନକୁ ବିଗାଡ଼ି ଦେବାରେ ମନୁଷ୍ୟର ପ୍ରତ୍ୟକ୍ଷ ଭୂମିକା ଆଜି ଆମ ପ୍ରିୟ ପୃଥିବୀର ଜୀବନକୁ କରିଛି ବିପନ୍ନ। ମଣିଷର ଆବଶ୍ୟକତା ମେଣ୍ଟାଇବାକୁ ପ୍ରକୃତି ପ୍ରତିଶ୍ରୁତିବଦ୍ଧ, କିନ୍ତୁ ମଣିଷର



**ଛନ୍ଦା ମିଶ୍ର**

ସୀମାହୀନ ଲୋଭ ପାଇଁ ତା'ର ବା ସାଧ କାହିଁ!

କୁହାଯାଏ, ବାଘ ଥିଲେ ଜଙ୍ଗଲ ଅଛି, ବାଘ ନଥିଲେ ଜଙ୍ଗଲ ବି ନାହିଁ। ହେଲେ ଦିନେ ଭାରତରେ ବସବାସ କରୁଥିବା ଅସଂଖ୍ୟ ବାଘ ଏବେ ମାତ୍ର ହାତ ଗଣତି ହୋଇ ରହି ଯାଇଛନ୍ତି। ଅନେକ ସ୍ଥାନରେ ଜଙ୍ଗଲ ସଫାରୀ କରି ଲୋକେ ବାଘ ଦେଖିବା ପାଇଁ ଯାଉଛନ୍ତି। ଆମେ ଜିମ୍ କର୍ବେଟ ନ୍ୟାସନାଲ ପାର୍କ ଦେଇ ଗଲା ବେଳେ ଆମ ଗାଡ଼ିର ଡ୍ରାଇଭର ଅନୀଲ କହୁଥାନ୍ତି, 'ଅନେକ ଲୋକ ଏହି ଜିମ୍ କର୍ବେଟକୁ ଆସନ୍ତି ବାଘ ଦେଖିବା ଆଶାରେ। ହେଲେ ତାଙ୍କ ଆଶା, ଆଶାରେ ହିଁ ରହିଯାଏ। ତାଙ୍କୁ ହାତୀ ଓ ହରିଣ ଆଦି ଦେଖି ମନକୁ ବୁଝାଇବାକୁ ପଡ଼େ।' ତାଙ୍କ କଥା ଶୁଣି ମୁଁ କହିଲି- ହଁ, ସେମାନେ ସିନା ବାଘ ଦେଖିବାକୁ ଚାହାନ୍ତି, ବାଘର ବି ତ ସେମାନଙ୍କୁ ଦେଖା ଦେବା ପାଇଁ ଆଗ୍ରହ ଥିବା ଆବଶ୍ୟକ ନା...! ଯେଉଁଭଳି ଭାବେ ଜଙ୍ଗଲ ପତଳା ହେଲାଣି, ଆଗକୁ ଆଉ ହାତୀ ଓ ହରିଣ ବି ଦିଶିବେ ନାହିଁ।

ଏହା ଶୁଣି ଡ୍ରାଇଭର ଅନୀଲ କହିଲେ, 'ଆପଣ ଶୁଣି ନାହାନ୍ତି କି, କେମିତି କେବଳ ରିଲ୍ କରିବା ପାଇଁ ତିନୋଟି ଯୁବକ ଜଙ୍ଗଲରେ ନିଆଁ ଲଗାଇ ଦେଇଥିଲେ! ଆଉ ସେଇ ନିଆଁରେ କେତେ ଗଛ, କେତେ ପଶୁପକ୍ଷୀ ପୋଡ଼ି ମରିଗଲେ!' ସେ ହୃଦୟ ବିଦାରକ ଦୃଶ୍ୟ ଆଖି ଆଗରେ ମୋର ଭାସିଗଲା। ଆହାଃ, ନିରୀହ ପ୍ରାଣୀସବୁ ବିକଳ ଚିତ୍କାର କରି ସାହା ଟିକିଏ ପାଇଁ ଏଣେତେଣେ ଦୌଡୁଥିବେ! ଖୁବ୍ ରାଗ ଆସୁଥିଲା ଏପରି ଲୋକଙ୍କ ଉପରେ।

ହଁ, ଆଜି ଆମେ ଯାଉଥିଲୁ କୌଶାନୀ, ଉତ୍ତରାଖଣ୍ଡର ଗୋଟିଏ ପାର୍ବତ୍ୟ ଅଞ୍ଚଳ, ଯାହା ପର୍ଯ୍ୟଟକଙ୍କ ନିକଟରେ ବିଶେଷ ପରିଚିତ ନୁହେଁ। ପ୍ରକୃତରେ ଆମେ ବାହାରି ଥିଲୁ ରାଣୀକ୍ଷେତ ଓ ନୈନିତାଲ। କିନ୍ତୁ ବନ୍ଧୁ ଜଣେ ଏହି କୌଶାନୀରେ ଯାଇ କିଛି ନହେଲେ କେବଳ ସୁର୍ଯୋଦୟଟି ଦେଖି ଆସିବା ପାଇଁ ପ୍ରସ୍ତାବ ଦେଲେ। ଆଉ ଆମେ ବାହାରି ପଡ଼ିଥିଲୁ। ଦିଲ୍ଲୀରୁ ଟ୍ରେନ୍ ଧରି କାଠ ଗୋଦାମ୍, ଆଉ ସେଠାରୁ ଗାଡ଼ିରେ କୌଶାନୀ। କାଠ ଗୋଦାମ୍ ହେଉଛି ସେଠାକାର ନିକଟତମ ରେଳ ଷ୍ଟେସନ। ଆମେ ସେଠାରେ ପହଞ୍ଚିଲା ବେଳକୁ ଦିନ ବାରଟା। ଆମ ପାଇଁ ଉଦ୍ଦିଷ୍ଟ ଗାଡ଼ିଟି ଷ୍ଟେସନଠାରୁ ମାତ୍ର ଗୋଟେ କିଲୋମିଟର ଦୂରରେ ଥିଲେ ବି ଆମ ପାଖରେ ପହଞ୍ଚି ପାରୁ ନଥିଲା। କାରଣ, ହନୁମାନଙ୍କ ଜୟନ୍ତୀ ପାଇଁ ଶୋଭାଯାତ୍ରା ଓ ମାଗଣା ପ୍ରସାଦ ସେବନର ବନ୍ଦୋବସ୍ତ ଯୋଗୁଁ ହୋଇଥିଲା ପ୍ରବଳ ଭିଡ଼। ସେଇ ଭିଡ଼କୁ ଆଡ଼େଇ ଯିବାକୁ ଆମେ ସାଧାରଣ ରାସ୍ତାଠାରୁ ଦୁଇ ଘଣ୍ଟା ଅଧିକ ଗୋଟିଏ ଅଲଗା ରାସ୍ତା ଧରିଲୁ। ଆଉ ପରେ ଜାଣିଲୁ ଯେ ସେହି ରାସ୍ତା ଦେଇ ଯାଇଥିବା ଲୋକେ ତିନି କିଲୋମିଟର ରାସ୍ତାରେ ଚାରି ଘଣ୍ଟା ଧରି ଜାମ୍‌ରେ ପଡ଼ିଥିଲେ।

କାଠ ଗୋଦାମ୍‌ରୁ ବାହାରି ଅଳ୍ପ ବାଟ ଯିବା ପରେ ଆରମ୍ଭ ହୋଇଥିଲା ଜିମ୍ କର୍ବେଟ ଜାତୀୟ ଉଦ୍ୟାନ। ଦୁଇ ପଟେ ଡେଙ୍ଗା ଡେଙ୍ଗା ଶାଳ ପିଆଶାଳର ଜଙ୍ଗଲ, ମଝିରେ ପଡ଼ିଲା କୋଶୀ ନଦୀ। ନଦୀରେ ପାଣି ଖୁବ୍ କମ୍ ଓ ବାଲିଗରଡ଼ା ଖୁବ୍ ବେଶି। କେଉଁଠି କେଉଁଠି ଅଳ୍ପ ଅଳ୍ପ ପାଣି ଦିଶୁଥାଏ। ଭାବୁଥିଲି, ବନ୍ୟ ପ୍ରାଣୀମାନେ ପାଣି ପାଇଁ ଆସି କେତେ ହଇରାଣ ହେଉଥିବେ ସତେ! ତେବେ ଏଇ ନଦୀରେ ବର୍ଷା ଦିନେ ଖୁବ୍ ପାଣି ଥାଏ ବୋଲି ଡ୍ରାଇଭର ଜଣକ କହୁଥିଲେ। ଜିମ୍ କର୍ବେଟର ଅରଣ୍ୟ ଥିଲା ସମତଳ ଭୂମି ଉପରେ। ଆଗରେ ପଛରେ ସଫାରୀ ଗାଡ଼ି ସବୁ ଯାଉଥାଏ ସେଇ ଜଙ୍ଗଲ ଭିତରକୁ। ଆମେ ତାଙ୍କୁ ଛାଡ଼ି ଆଗକୁ ବଢ଼ିଲୁ। ସଞ୍ଜ ବୁଡ଼ିଗଲା ବେଳକୁ ସେ ଜଙ୍ଗଲକୁ ଛାଡ଼ି ଆମେ ଆଗକୁ ଚାଲି ଆସିଥିଲୁ। ଏବେ ଅଙ୍କାବଙ୍କା ପାହାଡ଼ିଆ ରାସ୍ତା ଆରମ୍ଭ ହୋଇ ଯାଇଥିଲା। ପ୍ରଚଣ୍ଡ ଗରମରୁ ଆରମ୍ଭ ହୋଇ ଯାଇଥିଲା ଅଳ୍ପ ଅଳ୍ପ ଶୀତ।

ଜଙ୍ଗଲ ଭିତରେ ଧୀରେ ଧୀରେ ଅନ୍ଧାର ମାଡ଼ି ଆସୁଥିଲା। ଜିମ୍ କର୍ବେଟଠାରୁ ପ୍ରାୟ ଅଶୀ କିଲୋମିଟର ଦୂରରେ ଅଢ଼େଇ ଘଣ୍ଟାର ରାସ୍ତା ପାର କରି ଆମେ ପହଞ୍ଚି ଯାଇଥିଲୁ ରାଣୀକ୍ଷେତରେ। ଫେରିଲା ବାଟରେ ଆମେ ଏଇଠି ଅଟକିବୁ। ଏବେ କୌଶାନୀ ପାଇଁ ଆଗକୁ ବଢ଼ିବାର ସମୟ। ତେବେ ଗାଡ଼ିରେ ବସି ବସି ଚିଟା ଲାଗିଥିଲା। କହିଲି, ଅନୀଲ ବାବୁ କୋଉଠି ଚା ଦୋକାନ ଦେଖି ରଖିବେ। 'ହଁ ମ୍ୟାଡାମ୍, ଆଗରେ ରାଣୀକ୍ଷେତ ଆସୁଛି, ସେଇଠି ଚା ପିଇବା।'

ଗୋଟିଏ ଛକରେ ଆମେ ଅଟକିଲୁ। ଗାଡ଼ିରୁ ଓହ୍ଲାଇ ଛୋଟ ଚା' ଦୋକାନଟି ନିକଟକୁ ଗଲା ବେଳକୁ ଦେହ ଶୀତରେ ଥରି ଉଠିଲା। ଏଠି କ'ଣ ଏତେ ଶୀତ ବୋଲି ଦୋକାନୀଙ୍କୁ ପଚାରିବାରୁ ଦୋକାନୀ କହିଲେ, 'ଏଠି ତ ପାଗ ସବୁବେଳେ ଥଣ୍ଡା ରହେ। ତେବେ ଟିକେ ପୂର୍ବରୁ କୁଆପଥର ପଡ଼ି ଅସରାଏ ବର୍ଷା ହୋଇଗଲାରୁ ଥଣ୍ଡା ବଢ଼ି ଯାଇଛି।' ସନ୍ଧ୍ୟା ସାତଟା ବେଳେ ଶୀତ ଏପରି ହେଉଥିଲା ଯେ ଚା' ଗିଲାସଟି ଧରି ଗାଡ଼ି ଭିତରେ ବସି ଶାଲ୍ ଘୋଡ଼େଇ ହୋଇ ପିଇବା ପାଇଁ ବାଧ କରିଦେଲା। ତେବେ ଅଦା ପଡ଼ିଥିବା କଡ଼ା ଚା' ଦେହ ମନକୁ ତୃପ୍ତ କରିଦେଲା।

ବାସ୍, ଏବେ ପାହାଡ଼ିଆ ରାସ୍ତା ଦେଇ ଜଙ୍ଗଲ ଓ ଜନପଦ ଆଡ଼େଇ ଆଡ଼େଇ ଆମେ ଚାଲିଥିଲୁ ଆଗକୁ। ରାସ୍ତାଘାଟ ସମ୍ପୂର୍ଣ୍ଣ ଶୁନ୍‌ଶାନ୍। କାଁଭାଁ ଗୋଟେ ଦୁଇଟି ଗାଡ଼ି ଆସୁଥାଏ। କେଉଁଠି କେମିତି ଗୋଟିଏ ଯୋଡ଼ିଏ ଲୋକ। ଡ୍ରାଇଭର କହିଲେ, 'ଆଗରୁ ରାଣୀକ୍ଷେତ ଅନେକ ବାର ଆସିଛି, କିନ୍ତୁ କୌଶାନୀ ଏଇ ପ୍ରଥମ। ଏପଟକୁ ପ୍ରାୟ କୌଣସି ପର୍ଯ୍ୟଟକ ଆସନ୍ତି ନାହିଁ।' ଏହିପରି ଆମେ ଗପସପ କରି କରି ଯାଉଥାଉ। ହଠାତ୍ ଗାଡ଼ି ଅଟକାଇ ଦେଲେ ଡ୍ରାଇଭର। କହିଲେ, ଆଗକୁ ଦେଖନ୍ତୁ।

ଆଗରେ ଛିଡ଼ା ହୋଇଥିଲା ବିରାଟ ଗୋଟେ ବାଘ। ରାସ୍ତାର ବାମ ପଟ ପାହାଡ଼ରୁ ଓହ୍ଲାଇ ଡାହାଣ ପଟେ ଥିବା ଗଡ଼ାଣିଆ ରାସ୍ତାକୁ ଯାଉ ଯାଉ ଆମ ଗାଡ଼ି ଦେଖି ଅଟକି ଯାଇଥିଲା। ଆମ ଗାଡ଼ି ରହିଯିବାରୁ ସେ ପୁଣି ପଛକୁ ବୁଲି ବାମ ପଟ ପାହାଡ଼ ଉପରକୁ ଦୁଇ ପାହୁଣ୍ଡ ଯାଇ ବସି ଆମକୁ ଚାହିଁ ରହିଲା। ଯାଙ୍କୁ କହିଲି ଫଟୋ ଉଠାଇ ଦିଅ। ଇଏ ଗାଡ଼ିର କାଚ ଅଳ୍ପ ତଳକୁ କରି ଫଟୋ ଉଠାଇଲା ବେଳକୁ ପଛରୁ ଗୋଟିଏ କାର୍ ଆସି ବାରମ୍ବାର ହର୍ଣ୍ଣ ଦେଇ ଚାଲିଲା। ବାସ୍, ବାଘଟି ଜଙ୍ଗଲରେ ହୋଇଗଲା ଅଦୃଶ୍ୟ।

ଏହା ଥିଲା ଗୋଟେ ନିଆରା ଅନୁଭବ। ଆଗରୁ ନନ୍ଦନକାନନରେ କେତେ ଥର ବାଘ ଦେଖିଛି। କିନ୍ତୁ ପିଞ୍ଜରା ଭିତରେ ଦେଖିବା ଓ ଜଙ୍ଗଲ ଭିତରେ ଜଙ୍ଗଲର ରାଜାକୁ ଦେଖିବା ସତରେ ଖୁବ୍ ଅଲଗା। ଗାଡ଼ି ଭିତରେ ଥିଲି, ପାଖରେ ସମସ୍ତେ ଥିଲେ, ଭୟ ତ ଲାଗିଲା ନାହିଁ; କିନ୍ତୁ କାହିଁକି କେଜାଣି ବାଘର ଆଖିରେ, ତା'ର ମୁହଁରେ ଗୋଟିଏ ନିରୀହ ପଣ ବେଶ୍ ବାରି ହୋଇ ଯାଇଥିଲା। ଦେହରେ କେମିତି ଗୋଟିଏ ଶିହରଣ ଖେଳି ଯାଇଥିଲା। ଡ୍ରାଇଭର କହୁଥିଲେ, ଏଇ ସାତଟା ସାଢ଼େ ସାତଟା ବେଳେ ବାଘ ତ ବାହାରନ୍ତି ନାହିଁ, ଆଜି କାହିଁକି କେଜାଣି! ମୁଁ ମନେ ମନେ ଭାବୁଥିଲି, କିଛି ସମୟ ପୂର୍ବର କଥା, ନିଜେ ହିଁ ତ କହିଥିଲି ବାଘର ବି ତ ମଣିଷଙ୍କୁ ଦେଖିବାକୁ ଆଗ୍ରହ ଥିବା ଦରକାର! ଆଉ ଦୁଇ ଘଣ୍ଟାର ରାସ୍ତା ପାର ହୋଇ ଆମେ ପହଞ୍ଚି ଯାଇଥିଲୁ କୌଶାନୀରେ। ଆମ ପାଇଁ ହୋଇଥିବା ହୋଟେଲରୁ ବାରମ୍ବାର ଫୋନ୍ ଆସୁଥାଏ, ଆପଣ କେତେ ଦୂରରେ ହେଲେଣି କହି।

ସାଢ଼େ ନଅଟାରେ ସେଠି ପହଞ୍ଚି ଗଲାରୁ ସେ ହୋଟେଲବାଲା କହିଲେ, 'ଆପଣଙ୍କୁ ଅପେକ୍ଷା ଥିଲା। ଆପଣଙ୍କୁ ଖାଦ୍ୟ ଦେଇସାରି ଆମେ ଘରକୁ ଯିବୁ।' ଆମେ ଖାଇବୁ କ'ଣ, ଆମ ଗୋଡ଼ ହାତ କୋଲ ମାରି ଯାଉଥାଏ। ପ୍ରବଳ ଶୀତରେ ଆମେ ଥରୁଥାଉ। ବାଧ ହୋଇ ମାଗିଲୁ ରୁମ୍ ହିଟର୍। ରୁମ୍ ହିଟର୍ କିଛି ସମୟ ଚାଲିଲା ପରେ ଟିକେ ସ୍ୱାଭାବିକ ଲାଗିଲା।

ଏସି ତ ଖୁବ୍ ଦୂର, ଏସବୁ ଜାଗାରେ ପଙ୍ଖା ବି ଦେଖିବାକୁ ମିଳେନାହିଁ। ସକାଳ ସାଢ଼େ ଚାରିଟା ବେଳକୁ ନିଦ ଭାଙ୍ଗିଲା। ସୂର୍ଯୋଦୟ ଦେଖିବା ପାଇଁ ଆମେ ବାହାରିଲୁ। ଶୀତ ପୋଷାକ ପିନ୍ଧି ବାହାରକୁ ଆସିଲା ବେଳକୁ ହୋଟେଲରୁ ଫୋନ୍ ଆସିଲା, ନିଜ କୋଠାରୀର ବାଲ୍‌କୋନୀରେ ଛିଡ଼ା ହୋଇ ସୂର୍ଯୋଦୟ ଦେଖିବା ପାଇଁ।

ରାତିର ଅନ୍ଧାରରେ କିଛି ଦେଖି ପାରି ନଥିଲି। ସକାଳେ ମନେହେଲା ସତେ କି ମୁଁ ଆକାଶକୁ ଆସି ଯାଇଛି! ଆମେ ରହୁଥିବା ହୋଟେଲ ତଳେ ଥିଲା ଅସଂଖ୍ୟ ପାହାଡ଼, ପାହାଡ଼ ମଝିରେ ବାଦଲ ସବୁ ଏକାଠି ହୋଇ ଏକ ରକମ ଜମାଟ ବାନ୍ଧି ଯାଇଥାନ୍ତି। ସେ ପର୍ଯ୍ୟନ୍ତ ହିମାଳୟ ପର୍ବତ ଶ୍ରେଣୀ ଦିଶି ନଥାଏ। ଧୀରେ ଧୀରେ ଫର୍ଚ୍ଚା ହେବା ସହ ସୂର୍ଯ୍ୟ ଆସିବାର ସଂକେତ ମିଳିଥିଲା। ଆଉ ସୂର୍ଯ୍ୟଙ୍କ କିରଣ ଯେତେବେଳେ ସେ ହିମ ପାହାଡ଼ ଉପରେ ପଡ଼ିଲା, ଲାଗିଲା ସତେକି ବରଫରେ ଲାଗିଛି ନିଆଁ! ଅପୂର୍ବ ସେ ଦୃଶ୍ୟ, ଭାଷା ଯାହାକୁ ବର୍ଣ୍ଣି ବାକୁ ଅକ୍ଷମ। ଫୁଲ ଫଳରେ ଗଛସବୁ ଲଦି ହୋଇଥାଏ। ତାକୁ ଦେଖି ସାରି କୋଠରୀକୁ ଫେରିଲା ବେଳକୁ ଝୁମୁରୁ ଝୁମୁରୁ ଶବ୍ଦ କରି କିଛି ଗୋଟାଏ ଆସିଲା। ଆସି ଦେଖିଲା ବେଳକୁ ହୋଟେଲ ମାଲିକଙ୍କ କଳା ରୁମୁରୁମିଆ କୁକୁର ଶେରୁ। ମୁଁ ଯେମିତି ଡାକି ଦେଇଛି ସିଧା ଆସି ମୋ ପାଖରେ ହାଜର, ଆଉ ଜିଦି ଯେ ମତେ ଆଉଁସି ଦେ। ବେକରେ ତା'ର ମୋଟା ପଟି ବନ୍ଧା ହୋଇଥାଏ, ଯେଉଁଥିରେ ଲୁହା କଣ୍ଟାସବୁ ଲାଗିଥାଏ। ଏଠାରେ ଗୃହପାଳିତ ପଶୁଙ୍କୁ ଏହିପରି କଣ୍ଟା ଥିବା ପଟି ବେକରେ ବାନ୍ଧି ରଖାଯାଏ, ବାଘ ଦାଉରୁ ରକ୍ଷା କରିବା ପାଇଁ। ପାଖରେ ବିସ୍କୁଟ ବି ନଥିଲା ଶେରୁକୁ ଦେବା ପାଇଁ। କେବଳ ଟିକିଏ ଆଉଁସି ଦେବାରୁ ସେ ଆଉ ମତେ ଛାଡ଼ିବା ପାଇଁ ମନ କଲା ନାହିଁ। ଏପଟେ ଡେରି ହେଉଥିଲା, ରାଣୀକ୍ଷେତ ପାଇଁ ଆମେ ବାହାରିବୁ। ଠିକ୍ ଏଇ ସମୟରେ ହୋଟେଲରେ ଝାଡୁ କରୁଥିବା ଲୋକଟି ଆସି ଡାକିଲେ, ଆରେ ଶେରୁ ତୁ ସେଠି କ'ଣ କରୁଛୁ? ଇଆଡ଼େ ଆ..। ଶେରୁ ଝୁମୁରୁ ଝୁମୁରୁ କରି ଦୌଡ଼ିଗଲା ତାଙ୍କ ସହିତ। ଆମେ ପ୍ରସ୍ତୁତ ହେଲୁ ପରବର୍ତ୍ତୀ ଗନ୍ତବ୍ୟ ସ୍ଥାନ ରାଣୀକ୍ଷେତ ପାଇଁ।

ମୋ: ୯୪୩୭୪୫୩୬୧୦

ନିତିଦିନ
NITIDIN
ସୋମବାର, ୫ ମେ, ୨୦୨୫

# ଜଳ ଅସ୍ତ୍ର

ପହଲଗାମ୍‌ରେ ନିରୀହ ପର୍ଯ୍ୟଟକମାନଙ୍କ ଉପରେ ଆତଙ୍କୀ ଆକ୍ରମଣ ପରେ ସମଗ୍ର ଭାରତବାସୀ ଉତ୍‌କ୍ଷିପ୍ତ ହୋଇ ପଡ଼ିଛନ୍ତି; ପାକିସ୍ତାନ ବିରୁଦ୍ଧରେ ସେମାନଙ୍କ ମନରେ ଜଳୁଥିବା କ୍ରୋଧାଗ୍ନି ପ୍ରଶମିତ ହେବାର ନାଁ ଧରୁନାହିଁ। ପାକିସ୍ତାନ ଅନୁପ୍ରେରିତ ତଥା ପ୍ରଶିକ୍ଷିତ ଆତଙ୍କବାଦୀ, ସେମାନଙ୍କର ପରିଚାଳକବୃନ୍ଦ ଏବଂ ସେହି କେତେ ଜଣ ଭାରତୀୟ, ଯେଉଁମାନେ କି ସେମାନଙ୍କ ସହିତ ଉପରୋକ୍ତ ଆକ୍ରମଣରେ ହାତ ମିଳାଇ ଥିଲେ, ସେମାନଙ୍କ ପ୍ରତି କେଉଁ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଭାରତର ପ୍ରତି ନାଗରିକ କିଛିଟା ଶାନ୍ତି ଲାଭ କରିବେ, ତାହା ବର୍ତ୍ତମାନ ଭାରତ ସମ୍ମୁଖରେ ଏକ ବଡ଼ ଆହ୍ୱାନ। ତେବେ ଆତଙ୍କବାଦର ପ୍ରତିପାଳନ କରୁଥିବା ପାକିସ୍ତାନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଏବଂ ଆକ୍ରମଣ କରିବାର ଯୋଜନା ଓ କାର୍ଯ୍ୟାନ୍ୱୟନ ଅଂଶଟିକୁ ସେନାର ତିନି ବାହିନୀର ମୁଖ୍ୟଙ୍କ ଉପରେ ଛାଡ଼ି ଦିଆଯାଇଛି। ଆନ୍ତର୍ଜାତିକ ସ୍ତରରେ ପାକିସ୍ତାନ ବିରୁଦ୍ଧରେ ଭାରତର କୂଟନୀତିକ ଆକ୍ରମଣ ଜାରି ରହିଥିବା ସହିତ ଭାରତୀୟ ସେନାବାହିନୀର ହାତମୁଠା ଭିତରେ ଏହା ପାଇଁ କେଉଁ ବ୍ୟବସ୍ଥା ରହିଛି, ତାକୁ ନେଇ ସମସ୍ତଙ୍କ ମନରେ ବେଳକୁ ବେଳ ଉତ୍କଣ୍ଠା ବଢ଼ି ଚାଲିଥିବା ବେଳେ ଦୁଇ ଦେଶର ସୀମାରେ ସମସ୍ତେ ଆଶା ଆଶଙ୍କା ଦେଇ ଗତି କରୁଥିବା ମନେ ହେଉଛି, ଯେଉଁଠି ପାକିସ୍ତାନର ସଶସ୍ତ୍ର ସେନାବାହିନୀ ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧ ନିମନ୍ତେ ସମସ୍ତ ପ୍ରକାରର ପ୍ରସ୍ତୁତି ଚଳାଇବା ସଙ୍ଗେ ସଙ୍ଗେ ଯେ କୌଣସି ପ୍ରକାରର ଭାରତୀୟ ଆକ୍ରମଣର ଜବାବ ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ଦୁଇ ଦେଶଙ୍କ ଭିତରେ ପ୍ରକାଶ ପାଇଥିବା ଉତ୍ତେଜନାକୁ ପ୍ରଶମିତ କରିବା ସହିତ ଶାନ୍ତି ବଜାୟ ରଖିବା ପାଇଁ ଏକାଠି ମିଶି କାମ କରିବାକୁ ଉଭୟ ପକ୍ଷଙ୍କୁ ନିବେଦନ କରି ଯୁକ୍ତରାଷ୍ଟ୍ର ଆମେରିକା ଏକ ଶାନ୍ତିର ଦୂତ ଭାବରେ କାମ କରି ଆସୁଛି। ଅବଶ୍ୟ କାଶ୍ମୀରର ଶାନ୍ତି ଶୃଙ୍ଖଳାରେ ବ୍ୟାଘାତ ସୃଷ୍ଟି କରିବା ନିମନ୍ତେ ପାକିସ୍ତାନର ଖଳ ମସୁଧା ବିରୁଦ୍ଧରେ ଭାରତର ଆତ୍ମରକ୍ଷା କରିବା ପାଇଁ ସମସ୍ତ ପ୍ରକାରର ଅଧିକାର ରହିଥିବା ଉପରେ ଆମେରିକା ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ଗୁରୁତ୍ୱାରୋପ କରିଛି। ଆତଙ୍କବାଦକୁ ଏକ ଅସ୍ତ୍ର ଭାବରେ ସମର୍ଥନ କରୁଥିବା ବିପଥଗାମୀ ପାକିସ୍ତାନ ସେନାବାହିନୀ ବିରୁଦ୍ଧରେ ତେଣୁ ଅତୀତ ଭଳି ଭାରତ ଅତ୍ୟନ୍ତ ବାଧ୍ୟବାଧକତାମୂଳକ ପରିସ୍ଥିତିରେ କେଉଁ ପ୍ରକାରର ପନ୍ଥାକୁ ବାଛିବ, ତାହା ଏବେ ସୁଦ୍ଧା ଦେଖିବାକୁ ବାକି ରହିଛି। ପରିସ୍ଥିତି ଉପରେ ଆମେରିକାର ଦୃଷ୍ଟିକୋଣରେ- ଭାରତ ପାକ୍-ଅନୁପ୍ରେରିତ ଆତଙ୍କବାଦର ଏକ ଶିକାର- ହୁଏତ ପରିବର୍ତ୍ତନ ଘଟିପାରେ, କାରଣ ଏହା ଐତିହାସିକ ଭାବରେ ପାକିସ୍ତାନ ସହିତ ସମ୍ପର୍କ ବଜାୟ ରଖି ଆସିଥିବା ସମସ୍ତେ ଜାଣନ୍ତି ଏବଂ ଏହାକୁ ଏତେ କମ୍ ପାଣ୍ଠି ପ୍ରଦାନ କରି ଆସିଛି ଯେ ସେହି ଦେଶ ଚୀନ୍‌ର ଶକ୍ତ ହାତମୁଠା ଭିତରକୁ ଖସି ଯାଉଛି।

ପାକିସ୍ତାନର ଅସଲ ରୂପକୁ ସମଗ୍ର ବିଶ୍ୱ ସମ୍ମୁଖରେ ଖୋଲିଦେବା ପାଇଁ ଭାରତ ହାତରେ ସବୁ ପ୍ରକାରର ବିକଳ୍ପକୁ- ସାମରିକ, କୂଟନୀତିକ ଏବଂ କୌଶଳପୂର୍ଣ୍ଣ- ବ୍ୟବହାର କରିବା ନେଇ ଅଧିକାର ରହିଥିବା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ କ୍ୟାବିନେଟ୍ ସହକର୍ମୀମାନେ ପ୍ରତ୍ୟେକ ମଞ୍ଚରେ କହିଛନ୍ତି। ପହଲଗାମ୍‌ର ଆତଙ୍କୀ ଆକ୍ରମଣର ଅବ୍ୟବହିତ ପରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ୍ ଅତି ସ୍ପଷ୍ଟ ଶବ୍ଦରେ ଆତଙ୍କବାଦର ତୀବ୍ର ନିନ୍ଦା କରିବାକୁ ପଛାଇ ଯାଇ ନଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ସେ କହିଛନ୍ତି ଯେ ଦୁଇ ଦେଶଙ୍କ ସହିତ ତାଙ୍କର ନିବିଡ଼ ସମ୍ପର୍କ ରହିଥିବାରୁ ସେମାନେ 'କୌଣସି ନା କୌଣସି ଉପାୟ ବାହାର କରି ସେମାନଙ୍କ ମଧ୍ୟରେ ଘଟଣାର ସମାଧାନ କରିବା' ସେ ଚାହାନ୍ତି। ତେବେ ପାକିସ୍ତାନ ସହିତ ଆଲୋଚନା କରି ଏ ବାବଦରେ କୌଣସି ନିଷ୍କର୍ଷ ବାହାର କରିବା କ୍ଷେତ୍ରରେ ଭାରତ ଆଗ୍ରହୀ ଥିବା ନେଇ ଏ ଯାବତ୍ କୌଣସି ସଙ୍କେତ ମିଳିନାହିଁ। ନା ମଧ୍ୟ ପାକିସ୍ତାନ ସହିତ କଥାବାର୍ତ୍ତା ଆରମ୍ଭ କରିବାର କୌଣସି ଆବଶ୍ୟକତା ରହିଛି। ସେନାବାହିନୀର ତିନି ଗୋଟିଯାକ ଅଙ୍ଗଙ୍କୁ ସେମାନଙ୍କ ନିମନ୍ତେ ଆବଶ୍ୟକ ଆଦେଶ ପ୍ରଦାନ କରାଯାଇ ସାରିଛି ଏବଂ ଅନୁମତି ମଧ୍ୟ ମିଳି ସାରିଛି କେଉଁଠି ଏବଂ କେତେବେଳେ ସେମାନେ କାର୍ଯ୍ୟାନୁଷ୍ଠାନ କରିବେ, ଆଉ ଭାରତୀୟ ସେନା ଭଲ ଭାବରେ ଆଦେଶର ଅନୁପାଳନ କରିବା ସମସ୍ତଙ୍କୁ ଉତ୍ତମ ରୂପେ ଜଣା। ବୈସରଣ ଉପତ୍ୟକା ଅପରାଧୀମାନଙ୍କୁ ଖୋଜିବା ପାଇଁ ତଦନ୍ତକାରୀ ସଂସ୍ଥାମାନଙ୍କର କୌଣସି ପ୍ରଶଂସନୀୟ କାର୍ଯ୍ୟର ଅନୁପସ୍ଥିତିରେ ପାକିସ୍ତାନ ବିରୁଦ୍ଧରେ ଯେ କୌଣସି ପ୍ରକାରର ଆକ୍ରମଣ ସମାନ ପ୍ରକାରର କାର୍ଯ୍ୟକୁ ଆହ୍ୱାନ ଦେବ, ଯାହା ସମ୍ପନ୍ନ କରା ଯାଇଥିଲା ଗତ ଦଶନ୍ଧିରେ ଉରି ଏବଂ ପୁଲଓ୍ୱାମା ଆକ୍ରମଣ ପରିପ୍ରେକ୍ଷୀରେ।

ଭାରତର ସମସ୍ତ ପ୍ରମୁଖ ବିରୋଧୀ ଦଳ ସାମ୍ପ୍ରତିକ ଆତଙ୍କୀ ଆକ୍ରମଣ ପରେ ସରକାରଙ୍କ ସହିତ ସ୍ୱର ମିଳାଇଛନ୍ତି ଏବଂ ସେମାନଙ୍କ ପକ୍ଷରୁ ପାକ୍ ନାଗରିକମାନଙ୍କ ନିମନ୍ତେ କୌଣସି ପ୍ରକାରର ସହାନୁଭୂତି ଦେଖିବାକୁ ମିଳିନାହିଁ। ଏହା ଆମ ସମସ୍ତଙ୍କୁ ବିଶ୍ୱାସ କରିବାକୁ ପ୍ରେରିତ କରିଛି ଯେ ଶତ୍ରୁ ବିରୁଦ୍ଧରେ ଯେ କୌଣସି ମୁହୂର୍ତ୍ତରେ କାର୍ଯ୍ୟାନୁଷ୍ଠାନ କରାଯାଇପାରେ, ଯଦିଓ ଯେ କେହି ଆଶା କରି ପାରନ୍ତି ଯେ ଅତୀତ ଭଳି ଏହା ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧର ରୂପ ନେଇ ନପାରେ ଯେଉଁଥିରେ ବୈଶ୍ୱିକ ଅର୍ଥନୀତିର ସର୍ବବୃହତ୍ ପାଞ୍ଚ ଗୋଟି ଅର୍ଥନୀତି ମଧ୍ୟରେ ରହିଥିବା ଭାରତ ଢେର୍ କିଛି ହରାଇବାର ଆଶଙ୍କା ରହିଥିବା ବେଳେ ଏକ ତୁଚ୍ଛ ଦେଶ ଯାହାର ଅର୍ଥନୀତି ସମ୍ପୂର୍ଣ୍ଣ ବିଧ୍ୱସ୍ତ ହୋଇ ପଡ଼ିଛି, ତା'ର ଆଉ ବିଶେଷ କିଛି କ୍ଷତି ହେବାର ଆଶା ନାହିଁ। ଏହି ଅବସରରେ ଅନ୍ୟ ଏକ ଭାବିବାର କଥା ହେଉଛି, ପ୍ରୟୋଗ ଅପେକ୍ଷାରେ ରହିଥିବା ସିନ୍ଧୁ ଜଳ ଚୁକ୍ତି ରୂପରେ ପ୍ରଦତ୍ତ ଧମକ ପାକିସ୍ତାନର ଆତଙ୍କ ପ୍ରସାର ଯୋଜନାରେ ଲଗାମ୍ କଷି ପାରିବ କି ନାହିଁ। ଏହାର ପ୍ରଭାବ ପ୍ରମାଣିତ ହେବା ନିମନ୍ତେ ହୁଏତ ଏକ ଦୀର୍ଘ ସମୟ ନେଇପାରେ, କିନ୍ତୁ ପାକିସ୍ତାନର କୃଷି ଏବଂ ତଜ୍ଜନିତ ପରିଣାମ ଖାଦ୍ୟ ସୁରକ୍ଷା ଗୁରୁତର ଆଘାତକୁ ସାମ୍ନା କରିପାରେ, ଯାହା ହୁଏତ କାଶ୍ମୀରରେ ଆଦର୍ଶଗତ ଓ ଧର୍ମଗତ ଆତଙ୍କୀ କାର୍ଯ୍ୟକଳାପକୁ ବନ୍ଦ କରିବା ପାଇଁ ବିଚାର କରିବାକୁ ବାଧ କରିବା ସଙ୍ଗେ ସଙ୍ଗେ ଏହାକୁ ନିଜର ଅର୍ଥନୀତିକ କଲ୍ୟାଣ ଉପରେ ଧ୍ୟାନ ଦେବାକୁ ବାଧ କରିପାରେ। ତେଣୁ ସିନ୍ଧୁ ନଦୀର ଜଳ ଭାରତ ପାଇଁ ମୋଟାମୋଟି ଏକ ସର୍ବୋତ୍କୃଷ୍ଟ ଅସ୍ତ୍ର ସାବ୍ୟସ୍ତ ହେବାର ସମ୍ଭାବନା ରଖେ।

# ଅହମିକାର ଅସ୍ତିତ୍ୱ


ଆମେ ଅନେକ ସମୟରେ ନିଜର ଗୁଣ, ରୂପ, ଯଶ, ଧନ ଇତ୍ୟାଦିକୁ ନେଇ ଖୁସି ହୋଇଥାଉ। ବେଳେବେଳେ ଏହିସବୁ ତତ୍ତ୍ୱର ସଠିକ୍ ପରିଚାଳନା କରି ନ ପାରିଲେ ମଣିଷ ବିପଥଗାମୀ ହୋଇଯାଏ। ଭିତରେ ଅହମିକା ଠୁଳ ହୋଇଥାଏ। ଏହି ଅହମିକା ଓଜନିଆ ପଥର ଭଳି। ଏହାକୁ ନେଇ ଜୀବନର ରାସ୍ତାରେ ଚାଲିବା କଷ୍ଟକର ହୋଇଥାଏ। ଏ ନେଇ କାହାଣୀଟିଏ।

ସୁଫି ସନ୍ଥ ଜୁନୈଦଙ୍କ ପାଖରେ ଜଣେ ଯୁବକ ପହଞ୍ଚିଲା। ତା' ନାଁ ଥିଲା ଶିବଲୀ। ସୁନା କାରିଗର ସୁନାର ଖାଦ ଅଂଶ ଜାଣିବାକୁ ଯେମିତି କଷଟି ପଥରରେ କଷିଥାଏ, ଠିକ୍ ସେମିତି ଜୁନୈଦ୍ କାହାକୁ ଶିଷ୍ୟ କରିବା ପୂର୍ବରୁ ବହୁତ ପରୀକ୍ଷା କରି ଥାଆନ୍ତି। ଅହଂମୁକ୍ତ ନହେବା ଯାଏଁ ସେ କାହାକୁ ଶିଷ୍ୟ ରୂପେ ଗ୍ରହଣ କରନ୍ତି ନାହିଁ। ଶିବଲୀ ପଚାରିଲା- 'କ'ଣ କରିବି ଆଦେଶ ଦିଅନ୍ତୁ।'

ଜୁନୈଦ୍ କହିଲେ- 'ତୁ ଯା ଗନ୍ଧକ (ବାରୁଦ ଜାତୀୟ ଏକ ଦ୍ରବ୍ୟ) ବିକ୍ରି କରିବୁ।'

ଶିବଲୀ ଚାଲିଗଲା। ଗନ୍ଧକ ବିକି ବର୍ଷକ ପରେ ଆସିଲା ଗୁରୁଙ୍କ ନିକଟକୁ। ପଚାରିଲା- 'ଏବେ?'

ଜୁନୈଦ୍ ପୁଣି କହିଲେ- 'ଏବେ ଏ ଭଲ ପୋଷାକ କାଢ଼ିଦେ। ଚିରା ଫଟା ପୋଷାକ ପିନ୍ଧି ଭିକ ମାଗ।'



ପଦାରବିନ୍ଦ

ଶିବଲୀ ଭିକ ମାଗିବାକୁ ଚାଲିଗଲା। ବର୍ଷକ ପରେ ପହଞ୍ଚିଲା ଜୁନୈଦ୍‌ଙ୍କ ନିକଟରେ।

ଜୁନୈଦ୍ କହିଲେ- 'ଲୋକେ ଏବେ ତୋତେ ଅତି ସାଧାରଣ ମଣିଷ ଭାବୁଛନ୍ତି। ତୁ ଲୋକଙ୍କ ଦୃଷ୍ଟିରେ ଗୋଟିଏ ବିରାଟ ମଣିଷ ହୋଇ ନାହୁଁ। ଯଦି ତୋ ମନରେ କୌଣସି ଲୋକଙ୍କ ପ୍ରତି କେବେ ବି ଘୃଣା ଭାବ ଆସିଥିଲା, ଯା' ସେମାନଙ୍କ ନିକଟରେ କ୍ଷମା ପ୍ରାର୍ଥନା କରି ଆସିବୁ।'

ଶିବଲୀ ଗଲା। ଯେଉଁମାନଙ୍କ ପ୍ରତି ଖରାପ ଭାବନା ଆଣିଥିଲା, ସେମାନଙ୍କୁ କ୍ଷମା ମାଗି ଫେରିଲା। ପୁଣି ଜୁନୈଦ୍ ଶିବଲୀକୁ ଭିକ୍ଷା ମାଗିବାକୁ ପଠାଇଲେ। ସେ ଯେଉଁ ଭିକ୍ଷା ସଂଗ୍ରହ କରୁଥିଲା, ତାକୁ ଜୁନୈଦ୍ ଗରିବମାନଙ୍କୁ ବାଣ୍ଟି ଦେଉଥିଲେ। ଦିନେ ଜୁନୈଦ୍ ପଚାରିଲେ ଶିବଲୀକୁ- 'ତୁ ଏବେ କ'ଣ ଅନୁଭବ କରୁଛୁ?'

ଶିବଲୀ କହିଲା- 'ଆଲ୍ଲାଙ୍କ ସୃଷ୍ଟିରେ ଅନ୍ୟ ଜୀବମାନଙ୍କ ଭଳି ମୁଁ ଗୋଟିଏ ସାଧାରଣ ଜୀବ। ପୂର୍ବରୁ ମୋ ଭିତରେ ଥିବା ବିଦ୍ୟା, ରୂପ, ଧନ ଇତ୍ୟାଦିର ଅଭିମାନ ଏବେ ଆଉ ନାହିଁ।'

ଜୁନୈଦ୍ ଜାଣିଲେ ଶିବଲୀ ଏବେ ଅହଂଶୂନ୍ୟ ହୋଇ ଯାଇଛି। ତେଣୁ ତାକୁ ଶିଷ୍ୟ ରୂପେ ଗ୍ରହଣ କରିନେଲେ।

# ଟଟବନ୍ଧ ସୁଦୃଢ଼ୀକରଣ ନାଁରେ ଲକ୍ଷାଧିକ ଟଙ୍କା ହରିଲୁଟ୍ ଅଭିଯୋଗ

## ମେଟାଲ୍ ମୋରମ୍ ବଦଳରେ ମୋରମ୍ ଗୁଣ୍ଡ ବ୍ୟବହୃତ

### ଉଚ୍ଚସ୍ତରୀୟ ତଦନ୍ତ ଦାବି

**ରାଜନଗର,୪।୫/ଏନ୍ଏନ୍ଏସ୍:** ରାଜନଗର ବ୍ଲକ୍ର ତଟବନ୍ଧ ସୁଦୃଢ଼ୀକରଣ ନାଁରେ ଲକ୍ଷାଧିକ ଟଙ୍କା ହରିଲୁଟ୍ ହେଉଥିବା ନେଇ ଅଭିଯୋଗ ହେଉଛି। ହଂସୁଆ ଓ ବ୍ରାହ୍ମଣୀ ନଦୀ ଜୁଆରରୁ ବାଲିସାହିପଟଣା ପଞ୍ଚାୟତର ନୂଆଗାଁଠାରୁ ଚମ୍ପଦିଆ ପର୍ଯ୍ୟନ୍ତ ଏହି ଘେରୀବନ୍ଧ ରହିଛି। ପଦିନୀ-ପଦ୍ମନାଭପୁର ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ଏହି ଲୁଣା ଘେରୀବନ୍ଧର ୨ କିଲୋମିଟର୍ ୫୫୦ ମିଟର୍ ଘେରୀବନ୍ଧ ରାସ୍ତାରୁ ୮୫୦ ମିଟର ରାସ୍ତା ପୂର୍ବରୁ କଂକ୍ରିଟ୍ ହୋଇସାରିଛି। ଅବଶିଷ୍ଟ ୧୭ଶହ ମିଟର୍ ରାସ୍ତା ମଧ୍ୟରୁ ୧୨ଶହ ମିଟର୍ ରାସ୍ତା ମୋରମ ପଡ଼ିଥିବାବେଳେ ୫ଶହ ମିଟର୍ ମାଟି ରହିଛି। ଏହି ଘେରୀବନ୍ଧର ସୁଦୃଢ଼ୀକରଣ ପାଇଁ ପ୍ରାୟ ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାମ କରାଯାଉଥିଲେ ମଧ୍ୟ ସୂଚନା ଫଳକଟିଏ ଲାଗିନାହିଁ। ସବୁଠୁ ବଡ଼କଥା ହେଲା ରାସ୍ତା ନିର୍ମାଣ ନସରୁଣୁ ସେଥିରେ ଘାସ ଉଠିବା ସହ ବର୍ଷାରେ ସ୍ଥାନେ ସ୍ଥାନେ ମୋରମ ଧୋଇ ହୋଇଯାଇଥିବା ଅଭିଯୋଗ ହୋଇଛି।



ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବର୍ଷାଦିନ ନଆସୁଣୁ କାଳବୈଶାଖୀରେ ରାସ୍ତା ଏପରି ଧୋଇ ହୋଇଯାଉଛି। ବର୍ଷାଦିନ ସରିବା ବେଳକୁ ମୋରମ ଥିବ କି ନାହିଁ ସନ୍ଦେହ ହେଉଛି। ତେବେ ୮୦ଭାଗ ମୋରମ ଓ ୨୦ ଭାଗ ବାଲି ପଡ଼ିବା ପରେ ପାଣି ପଡ଼ି ରୋଲର୍ ଚାଲିବା କଥା। ମାତ୍ର ଏହି ରାସ୍ତାରେ ୨୦ ଭାଗ ମୋରମ ସାଙ୍ଗକୁ ୮୦ ଭାଗ ବାଲି ପକାଯାଇ କାମ ସାରି ଦିଆଯାଉଛି। ଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀଙ୍କ ପାଦ ପଡ଼ିନଥିବା ବେଳେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ତତ୍ତ୍ୱାବଧାନରେ କାମ ତଦାରଖ ଦାୟିତ୍ୱ ଦିଆଯାଇଥିବା ଅଭିଯୋଗ ହୋଇଛି। ମୋରମ ବଦଳରେ ମୋରମ ଗୁଣ୍ଡ ପକାଇ କାମ କରାଯାଉଛି। ଠିକାସଂସ୍ଥା ନିମ୍ନମାନର କାମ କରି ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ ଚଲାଇଥିବା ବେଳେ ଯନ୍ତ୍ରୀ ନୀରବଦ୍ରଷ୍ଟା ସାଜିବା ଘଟଣା ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ରାଜନଗର ତଟବନ୍ଧ ବିଭାଗ ସବଡିଭିଜନ୍ ଦାୟିତ୍ୱରେ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଷ କୁମାର ସ୍ୱାଇଁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇନଥିଲେ। ତେଣୁ ଏହି ରାସ୍ତା କାମ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି।

# ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଫ୍ୟୁଚର୍ ଷ୍ଟାର୍ ସ୍ପୋର୍ଟସ ଏକାଡେମୀରୁ ୨ ଖେଳାଳି



**ବାରିପଦା,୪।୫/ଏନ୍ଏନ୍ଏସ୍:** ବିହାରରେ ଚଳିତ ମାସ ୪ରୁ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ମହିଳା ବିଭାଗରେ ଫ୍ୟୁଚର୍ ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ୨ ଜଣ ବାଳିକା ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ସୁମିତ୍ରା ମୁର୍ମୁ ଓ ନମିତା ହେମ୍ବ୍ରମ। ଏ ସମ୍ପର୍କରେ ଖବରପାଇ ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ୍ର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଳ ହାଁସଦା, କୋଚ୍ ରୁପାଲୀ ସୋରେନ, ବାରିପଦା ଶାଖା ପରିଚାଳକ ରଣଜିତ ରାଉତ, ପ୍ରଶିକ୍ଷକ ଚନ୍ଦନ ସିଂ, ରାଜକିଶୋର ପାତ୍ର, ତରଣୀସେନ ନାୟକ ଓ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସଙ୍କ ସମେତ ବହୁ କ୍ରୀଡ଼ାବିତ୍ ଦୁହିଁଙ୍କୁ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି।

# ବାଲ୍ୟ ବିବାହ ନିରୋଧୀ ସଚେତନତା କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା,୪।୫/ଏନ୍ଏନ୍ଏସ୍:** ଜଷ୍ଟ ରାଇଟ୍ସ ଫର୍ ଚିଲ୍ଡ୍ରେନ୍ସ ସଂଗଠନର ମିଳିତ ଆନୁକୂଲ୍ୟରେ ଆରମ୍ଭ କରାଯାଇଥିବା ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନର ଉତ୍କଳ ସେବକ ସମାଜ ଏକ ଅଂଶୀଦାର ଭାବେ ଓଡ଼ିଶାର କଟକ ଓ କେନ୍ଦ୍ରାପଡ଼ାରେ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରିବା ପାଇଁ ବିଭିନ୍ନ ପ୍ରକାର ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଛି। ଏହି ପରିପ୍ରେକ୍ଷୀରେ ଅକ୍ଷୟ ତୃତୀୟା ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବ୍ଲକ୍ର ପୂଜକ, ମୌଲବୀ ଓ ପାଦ୍ରୀ ସମୂହ ଧର୍ମଗୁରୁମାନେ ନିଜ ଧାର୍ମିକ ଅନୁଷ୍ଠାନରେ କୌଣସି ବାଲ୍ୟ ବିବାହ ସମ୍ପୂର୍ଣ୍ଣ ହେବାକୁ ଦେବେନାହିଁ ବୋଲି ଶପଥପାଠ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ଉତ୍କଳ ସେବକ ସମାଜ ପକ୍ଷରୁ ପି ଶ୍ରୀମତୀ ରାଓ, ଅମରେଶ ପାଣି ଓ ତପସ୍ୱିନୀ ଖୁଣ୍ଟିଆ ପ୍ରମୁଖ ନେତୃତ୍ୱ ନେଇ ସମ୍ପାଦନା କରୁଛନ୍ତି।

# ପାଠତ୍ୟାଗୀ ଶିକ୍ଷାର୍ଥୀ ସର୍ଭେ



**ଢେଙ୍କାନାଳ,୪।୫/ଏନ୍ଏନ୍ଏସ୍:** ଶିକ୍ଷା ଓ ପ୍ରଗତି ପରସ୍ପର ପରିପୂରକ। ଶିକ୍ଷା ବିନା ସମାଜର ପ୍ରଗତି ଓ ସମୃଦ୍ଧି ଅସମ୍ଭବ। ଏକ ପ୍ରଗତିଶୀଳ ଓ ସମୃଦ୍ଧଶାଳୀ ସମାଜ ଗଠନ ପାଇଁ ଶିକ୍ଷା ଅପରିହାର୍ଯ୍ୟ। ସମାଜରୁ ପାଠତ୍ୟାଗୀ ପିଲାଙ୍କୁ ଚିହ୍ନଟ କରିବା, ସେମାନଙ୍କୁ ଶିକ୍ଷା ମହାସ୍ରୋତରେ ସାମିଲ୍ କରିବା, ଆସନ୍ତା ଶିକ୍ଷା ବର୍ଷରେ ଛାତ୍ରଛାତ୍ରୀଙ୍କ ପରିମାଣ ଆକଳନ କରିବା ଓ ତଦନୁଯାୟୀ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବା ଉଦ୍ଦେଶ୍ୟରେ ୦ରୁ ୧୮ ବର୍ଷ ଶିଶୁଙ୍କର ସର୍ଭେ କାର୍ଯ୍ୟ ଏପ୍ରିଲ୍ ୩୦ ତାରିଖରୁ ଆରମ୍ଭ ହୋଇଛି। ସଦର ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଦେବବ୍ରତ ନାଥ ଓ ଏମ୍ଆଇଏଏସ୍ ସଂଯୋଜକ ପ୍ରିୟରନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଦର ବ୍ଲକ୍ରେ ସମସ୍ତ ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ଉଚ୍ଚବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି ସର୍ଭେ କାର୍ଯ୍ୟରେ ସାମିଲ୍ ହୋଇଛନ୍ତି। ଶିକ୍ଷକ ଶିକ୍ଷୟିତ୍ରୀମାନେ ଘରକୁ ଘର ବୁଲି ୦ରୁ ୧୮ବର୍ଷ ପିଲାଙ୍କ ତଥ୍ୟ ସଂଗ୍ରହ କରି ସିଆର୍ସିସିଙ୍କ ମାଧ୍ୟମରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ରିପୋର୍ଟ ଦାଖଲ କରୁଛନ୍ତି।

# ବାରିପଦାରୁ ଛାତ୍ର ନିଖୋଜ

**ବାରିପଦା,୪।୫/ଏନ୍ଏନ୍ଏସ୍:** ଭୁବନେଶ୍ୱରର କିଟ୍ ଶିକ୍ଷାନୁଷ୍ଠାନରେ ପଢୁଥିବା +୨ ଛାତ୍ର ନିଖୋଜ ହୋଇଯାଇଛନ୍ତି। ଛାତ୍ର ଜଣକ ହେଲେ ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ଅନ୍ତର୍ଗତ କୋହି ପଞ୍ଚାୟତର ପ୍ରତାପଚନ୍ଦ୍ରପୁର କୁନାସାହିର ଠାକୁରା ମାର୍ଣ୍ଡିଙ୍କ ପୁଅ ବୁଦ୍ଧିଆ ମାର୍ଣ୍ଡି (୧୯)। ସେ ପ୍ରଥମ ଶ୍ରେଣୀରୁ ହିଁ ଭୁବନେଶ୍ୱରର କିଟ୍ରେ ପାଠ ପଢୁଛନ୍ତି। ବୁଦ୍ଧିଆ



ମକର ସମୟରେ ଛୁଟିରେ ଘରକୁ ଆସିଥିଲେ। ଗତ ଏପ୍ରିଲ ୨୦ ତାରିଖରେ ଘରୁ ଭୁବନେଶ୍ୱର କିଟ୍କୁ ଯିବା ପାଇଁ ବାରିପଦାରୁ ବସ୍ରେ ବସିଥିଲେ। ସେଇଠୁ ଆଜିପର୍ଯ୍ୟନ୍ତ ବୁଦ୍ଧିଆଙ୍କର ଆଉ କୌଣସି ପତ୍ତା ମିଳୁନି। ବୁଦ୍ଧିଆଙ୍କ ଫୋନ୍ ନମ୍ବର ମଧ୍ୟ ସୁଇଚ ଅଫ୍ କହୁଛି।ଚ ତେବେ ୨୬ ତାରିଖରେ ବୁଦ୍ଧିଆଙ୍କ ମାଆ ପୁଇଁତା ମାର୍ଣ୍ଡି ଲିଖିତ ଭାବେ ମୋରଡ଼ା ଥାନାରେ ଜଣାଇଥିଲେ। ମୋରଡ଼ା ଥାନାଧିକାରୀ ସୁମିତ କୁମାର ସୋରେନ ଏନେଇ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ତେବେ ଯଦି କେହି ସ୍ୱହୃଦୟ ବ୍ୟକ୍ତି ବୁଦ୍ଧିଆଙ୍କ ଠିକଣା ପାଆନ୍ତି କିମ୍ବା କେହି ଦେଖନ୍ତି ତେବେ ୯୦୭୮୦୨୮୮୯୧ ଓ ୭୮୪୮୯୧୦୪୬୮ ନମ୍ବରରେ ଜଣାଇବା ପାଇଁ ପରିବାର ଲୋକେ ଅନୁରୋଧ କରିଛନ୍ତି। ଅନ୍ୟପଟେ ପୁଲିସ ଶୀଘ୍ର ବୁଦ୍ଧିଆଙ୍କୁ ଖୋଜିବାକୁ ଆଦିବାସୀ ସମ୍ପ୍ରଦାୟର ଗାଁ ମୁଖିଆ ଜୀବନ ମୁର୍ମୁ ଅନୁରୋଧ କରିଛନ୍ତି।

# ବାଗୁଡ଼ି ହାଇସ୍କୁଲ୍ରେ ଜିଲ୍ଲା ଟପ୍ପରଙ୍କୁ ସମ୍ବର୍ଦ୍ଧନା



**ସୋର,୪।୫/ଏନ୍ଏନ୍ଏସ୍:** ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ବାଲେଶ୍ୱର ଜିଲ୍ଲାର ଟପ୍ପର୍ ତଥା ରାଜ୍ୟରେ ପ୍ରଥମ ୧୦ ଜଣଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନ ଅକ୍ତିଆର୍ କରିଥିବା ସୋର ବ୍ଲକ୍ ବାଗୁଡ଼ି ନୋଡାଲ୍ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ଲିପ୍ସିତା ସାହୁ ଭବିଷ୍ୟତରେ ଡାକ୍ତର ହୋଇ ଜନସେବା କରିବେ ବୋଲି ବିଦ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମତପ୍ରକାଶ କରିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୋର ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୋମନାଥ ଦାସ ସଭାପତିତ୍ୱ କରିଥିଲେ। ବ୍ଲକ୍ ବିଜ୍ଞାନ ସଂଯୋଜକ ନିରଞ୍ଜନ ନାୟକ, ଜନାର୍ଦ୍ଦନ ଉଚ୍ଚବିଦ୍ୟାଳୟର ପ୍ରଧାଶିକ୍ଷକ ରମେଶ ଚନ୍ଦ୍ର ବେହେରା, ହେମପ୍ରଭା ଉଚ୍ଚବିଦ୍ୟାଳୟର ଶିକ୍ଷକ ଉମାକାନ୍ତ ବେହେରା, ଓଷ୍ଟା ବ୍ଲକ୍ ସମ୍ପାଦକ ବଳରାମ ସ ଓ ବିଶ୍ୱମ୍ଭର ନାଥ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଚନ୍ଦ୍ର ପୃଷ୍ଟି ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଙ୍କ ସଫଳତାର ଯଶଗାନ କରିବା ସହ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଉପଲକ୍ଷେ ଲିପ୍ସିତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତୋରୀୟ ପ୍ରଦାନ କରାଯାଇ ବିଦ୍ୟାଳୟ ପକ୍ଷରୁ ପ୍ରଧାନଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଲିପ୍ସିତା ଚଳିତ ପରୀକ୍ଷାରେ ୬୦୦ରୁ ୫୮୩ ମାର୍କ ରଖି ଏହି ସଫଳତା ପାଇଛନ୍ତି। ଲିପ୍ସିତା ପିତାମାତା ଓ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ବେହେରାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଙ୍କ ସଫଳତାର ଶ୍ରେୟ ଦେଇଛନ୍ତି। ପରିଶ୍ରମ ଓ ନିଷ୍ଠା ତଥା ଭଗବତ ବିଶ୍ୱାସ ସହ ଅଧ୍ୟୟନ କଲେ ସଫଳତା ନିଶ୍ଚିତ ମିଳିବ ବୋଲି ସେ ପ୍ରକାଶ କରିଛନ୍ତି। ତାଙ୍କ ବାପା ବାଗୁଡ଼ି ସରକାରୀ ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷକ ଓ ମାଆ ଗୃହଣୀ। ସେ ଦୈନିକ ୮ଘଣ୍ଟାରୁ ଅଧିକ ପରିଶ୍ରମ କରୁଥିଲେ। ଲିପ୍ସିତା ଜଣେ ମେଧାବୀ ଛାତ୍ରୀ ସହ ବିଭିନ୍ନ ଜିଲ୍ଲା ତଥା ରାଜ୍ୟସ୍ତରୀୟ ମେଧା ପରୀକ୍ଷାରେ ଅନେକ ସଫଳତା ପାଇଛନ୍ତି।

# କୃତୀ ଛାତ୍ର ତାପସଙ୍କୁ ସମ୍ବର୍ଦ୍ଧନା



**ରାହାମା,୪।୫/ଏନ୍ଏନ୍ଏସ୍:** ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ସରକାରୀ ଉଚ୍ଚବିଦ୍ୟାଳୟ ଶିରୋଳାରେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ରେ ଉତ୍ତୀର୍ଣ୍ଣ ହୋଇଥିବା ତାପସ ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ୍ସ୍ତରରେ ସର୍ବୋଚ୍ଚ ନମ୍ବର ରଖି ତାପସ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କୁଜଙ୍ଗ ଏବିଇଓ ପ୍ରତୀମା ସୂତାର, ସିଆର୍ସିସି ଜିତେନ୍ଦ୍ର ସାର୍ ଓ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତାବାଳା ଦାସ ହାଇସ୍କୁଲ୍ରେ ତାପସଙ୍କୁ ଫୁଲତୋଡ଼ା ଦେଇ ସମ୍ମାନିତ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ତାପସଙ୍କୁ ସ୍ୱାଗତ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହାସହ ରାହାମା ପ୍ରେସ୍ କ୍ଲବ୍ର ସଭାପତି ବିଜୟ କୁମାର ସ୍ୱାଇଁ, ଉପସଭାପତି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସମ୍ପାଦକ ପ୍ରମୋଦ ମଲ୍ଲିକ ଓ ବରିଷ୍ଠ ସାମ୍ବାଦିକ ନୃସିଂହ ଚରଣ ବାରିକ ତାପସଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଢେଙ୍କାନାଳ ସାଂସଦଙ୍କ ହିନ୍ଦୋଳ ନିର୍ବାଚନମଣ୍ଡଳୀ ଗସ୍ତ

## ଶୁଣିଲେ ଲୋକଙ୍କ ଆପତ୍ତି ଅଭିଯୋଗ



**ଢେଙ୍କାନାଳ,୪।୫/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳକୁ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଦିନିକିଆ ଗସ୍ତରେ ଆସି ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ ଗୁଡ଼ିଆକାଟେଣି ଛକରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ସହଦେବ ପୃଷ୍ଟି, ଓଡ଼ାପଡ଼ା ବିଜେପି ମଣ୍ଡଳ ସଭାପତି ମନୋଜ ମହାରଣା, ତପନ ମହାପାତ୍ର ଓ ରଣଜିତ ନାୟକଙ୍କ ନେତୃତ୍ୱରେ ଆଖପାଖ ପଞ୍ଚାୟତର ଜନସାଧାରଣଙ୍କ ବହୁ ଅଭିଯୋଗ ଶୁଣିବା ସହ ତା'ର ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ପରେ ହଳଦିଆବାହାଳର ଦଳୀୟ କର୍ମକର୍ତ୍ତା ବିପ୍ରବର ବେହେରା ଓ ବାଙ୍ଗୁରସିଂହର ପ୍ରଦୀପ ସାହୁଙ୍କ ଘରକୁ ଯାଇ ସ୍ଥାନୀୟ କର୍ମକର୍ତ୍ତାଙ୍କ ସହ ଦଳୀୟ ସଂଗଠନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ହିନ୍ଦୋଳ ବ୍ଲକ୍ ଅନ୍ତର୍ଗତ ପଞ୍ଚପଡ଼ା ଗ୍ରାମକୁ ବ୍ଲକ୍ ଉପାଧ୍ୟକ୍ଷ ବରୁଣ ସର, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ ପ୍ରଧାନ ଓ ବିଜେପି ନେତା ସନ୍ତୋଷ ନାଏକଙ୍କ ସହ ପହଞ୍ଚି ଜିଲ୍ଲା ସମ୍ପାଦକ ସୁଶାନ୍ତ ପତିଙ୍କ ସହ ହିନ୍ଦୋଳର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ହିନ୍ଦୋଳ ଉପଖଣ୍ଡରେ କୃଷିର ଉନ୍ନତି ନିମନ୍ତେ ସ୍ଥାନୀୟ ବଡ଼ଯୋର ପ୍ରକଳ୍ପ ସମ୍ପର୍କରେ ଜଳସେଚନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସହ ଫୋନ୍ରେ କଥା ହୋଇ ପ୍ରକଳ୍ପର ଶୁଭାରମ୍ଭ ନିମନ୍ତେ ଆଲୋଚନା କରିଥିଲେ। ପରେ ପାରିକୂଳ ଜୋନ୍ ପାଇକ ପୁରୁଣାକୋଟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆନୁକୂଲ୍ୟରେ ଚାଲିଥିବା ପ୍ରାଥମିକ ବର୍ଗ ଶିବିରରେ ଶିବିରାର୍ଥୀଙ୍କୁ ଭେଟିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ରବିନ ବାରିକ ଓ ବରିଷ୍ଠ ବିଜେପି ନେତା ଯଶୋବନ୍ତ ରଣଜିତ ରାୟ ସହଯୋଗ କରିଥିଲେ। ପରେ ଖଲିବେରେଣାରେ ଯୁବନେତା ଦୀପକ ବେହେରାଙ୍କ ସହ ଅଲେଖ ଟୁଙ୍ଗି ପରିଦର୍ଶନ ସହ ସ୍ଥାନୀୟ ଅଞ୍ଚଳବାସିନ୍ଦାଙ୍କ ଆପତ୍ତି ଅଭିଯୋଗ ଶୁଣି ଏହାର ସମାଧାନ ପାଇଁ ଚେଷ୍ଟା କରିଥିଲେ।

# ବାଲି ଖାଦାନ ବିବାଦକୁ ନେଇ ଯୁବକଙ୍କୁ ଗୁଳିମାଡ଼

**କେନ୍ଦ୍ରାପଡ଼ା,୪।୫/ଏନ୍ଏନ୍ଏସ୍:** ବାଲି ଖାଦାନକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ବଚସା ହେବାରୁ ଗୋଟିଏପକ୍ଷ ଅପରପକ୍ଷର ଜଣେ ଯୁବକଙ୍କୁ ଗୁଳିମାଡ଼ କରିଛି। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଇଦାଲୋ ପଞ୍ଚାୟତର ବାଲିସାହି ଗ୍ରାମ ନିକଟସ୍ଥ ଲୁଣା-କରାଣ୍ଡିଆ ନଦୀପଠାରେ ଏହି ଗୁଳିକାଣ୍ଡ ଘଟିଛି। ଗୁଳିମାଡ଼ର ଶିକାର ହୋଇଥିବା ଯୁବକ ଜଣକ ହେଲେ ଗରଦପୁର ବ୍ଲକ୍ କୁଦାନଗରୀ ଥାନା ଅନ୍ତର୍ଗତ ଭାରୀଗୋଳ(ବେତରା) ଗ୍ରାମର ଗୌତମ ମଲ୍ଲିକ। ଗୌତମଙ୍କ ବାମ ଜଙ୍ଘରେ ଗୁଳି ବାଜିଛି।

ଗୌତମ ଏକ ସ୍କୁଟିରେ ଚାନ୍ଦୋଳ ବଜାରକୁ କୌଣସି କାର୍ଯ୍ୟରେ ଯାଉଥିଲେ। ତାଙ୍କୁ ୩ ଜଣ ଯୁବକ ୨ଟି ବାଇକ୍ରେ ଅନୁସରଣ କରିଥିଲେ। ଯୁବକମାନେ ଗୌତମଙ୍କୁ ବାଲି ପଠାରେ ଅଟକାଇଥିଲେ। କୌଣସି କଥାକୁ ନେଇ ଅନ୍ୟ ଯୁବକମାନଙ୍କ ସହ ଗୌତମଙ୍କ ବଚସା ହୋଇଥିଲା। ଫଳରେ ଜଣେ ଯୁବକ ପାଖରେ ଥିବା ଏକ ବନ୍ଧୁକରୁ ବନ୍ଧୁକ ବାହାର କରିଥିଲେ। ଏହା ଦେଖି ଗୌତମ ଦୌଡୁଥିବା ବେଳେ ତାଙ୍କ ବାମ ଜଙ୍ଘରେ ଏକ ଗୁଳି ବାଜିଥିଲା। ଫଳରେ ସେ



ଗୁରୁତର ହୋଇ ନଦୀ ପଠାରେ ପଡ଼ି ଯାଇଥିଲେ। ଗୁଳିମାଡ଼ କରି ଅଭିଯୁକ୍ତମାନେ ସେଠାରୁ ଫେରାର୍ ହୋଇଯାଇଥିଲେ। ଏନେଇ ସ୍ଥାନୀୟ ଲୋକେ ଚାନ୍ଦୋଳ ଫାଣ୍ଡି ଓ ସଦର ଥାନାକୁ ଖବର ଦେଇଥିଲେ। ଏଥିସହ ୧୦୮ ଆମ୍ବୁଲାନ୍ସକୁ ମଧ୍ୟ ଖବର ଦେଇଥିଲେ। ପ୍ରଥମେ ଚାନ୍ଦୋଳ ଫାଣ୍ଡି ପୁଲିସ ଓ ପରେ ସଦର ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଗୁଳିମାଡ଼ର ଶିକାର ଯୁବକଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ଡାକ୍ତରଖାନାକୁ ପଠାଇଥିଲେ। ଡାକ୍ତରଖାନାରେ ଯୁବକଙ୍କ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏ ସଂକ୍ରାନ୍ତରେ ସଦର ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଗୁଳିମାଡ଼ ହୋଇଥିବା ପୁଲିସ କହିଛି। ଗୁଳିମାଡ଼ କରିଥିବା ଅଭିଯୁକ୍ତଙ୍କୁ ପୁଲିସ ଧରିବାରେ ସକ୍ଷମ ହୋଇନାହିଁ। ଘଟଣାସ୍ଥଳରୁ ପୁଲିସ ଗୋଟିଏ ଖୋକା ଓ ଏକ ସ୍କୁଟି ଜବତ କରିଛି।

ସଦର ଥାନାଧିକାରୀ ଶୁଭେନ୍ଦୁ ସାହୁଙ୍କ କହିବାନୁଯାୟୀ କୌଣସି ବିବାଦକୁ ନେଇ ଗୌତମଙ୍କ ସହ ଯୁବକମାନଙ୍କର ଝଗଡ଼ା ହୋଇଥିଲା। ଗୌତମ ରବିବାର ମଧ୍ୟାହ୍ନରେ ଖାଦ୍ୟ ଆଣିବା ପାଇଁ ନଦୀ ପଠା ରାସ୍ତାଦେଇ ଚାନ୍ଦୋଳ ବଜାରକୁ ଯାଉଥିଲେ। ଏହି ସମୟରେ ୩ ଜଣ ଯୁବକ ଗୌତମଙ୍କୁ ଅନୁସରଣ କରିଥିଲେ। ଗୌତମ ଗାଡ଼ି ଅଟକିବା ପରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ପରେ ସେମାନେ ଗୌତମଙ୍କୁ ଗୁଳିମାଡ଼ କରିଥିଲେ। ବିଶେଷ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଲୁଣା-କରାଣ୍ଡିଆ ନଦୀରୁ ବାଲି ଉଠାଣକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା। ଦୁଇ ଦିନ ତଳେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଥିଲା। ଗୌତମ ବିପକ୍ଷ ଗୋଷ୍ଠୀର ଜଣେ ଯୁବକଙ୍କୁ ମାଡ଼ ମାରି ଗୁରୁତର କରିଥିଲେ। ତେଣୁ ପ୍ରତିଶୋଧ ନେବା ପାଇଁ ବିପକ୍ଷ ଗୋଷ୍ଠୀର ଯୁବକମାନେ ଗୌତମଙ୍କୁ ଗୁଳିମାଡ଼ କରିଥିବା ଜଣାପଡ଼ିଛି।

# ମା' ଜଗଦମ୍ବା ଟ୍ରଷ୍ଟ ପକ୍ଷରୁ ସରବତ ବଣ୍ଟନ

**କେନ୍ଦୁଝର,୪।୫/ଏନ୍ଏନ୍ଏସ୍:** କେନ୍ଦୁଝର ଗୁଜୁରାଟୀ ସମାଜ ମା' ଜଗଦମ୍ବା ଟ୍ରଷ୍ଟ ପକ୍ଷରୁ ପାରମ୍ପରିକ ଭାବେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଗ୍ରୀଷ୍ମ ସମୟରେ ପଥଚାରୀଙ୍କୁ ବେଲ ସରବତ ବଣ୍ଟାଯାଇ ଏହା ଟ୍ରଷ୍ଟର ସମାଜ ପ୍ରତି ଦାୟିତ୍ୱ ଓ ସହାନୁଭୂତିକୁ ମଧ୍ୟ ଉଜ୍ଜୀବିତ ରଖିବ ବୋଲି ଗୁଜୁରାଟୀ ସମାଜ ପ୍ରକାଶ କରିଛି। ଟ୍ରଷ୍ଟର ଅଧ୍ୟକ୍ଷ ଡକ୍ଟର ନରେନ୍ଦ୍ର କୁମାର ରାଠୋର, ଟ୍ରଷ୍ଟି ପରେଶ କୁମାର ଟାଙ୍କ, ସୋମନାଥ



ସାପ୍ତାହିକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ପ୍ରତି ରବିବାର ସମଗ୍ର ଗ୍ରୀଷ୍ମ ସମୟରେ ଏହା ପୂର୍ବାହ୍ନରେ ଆୟୋଜିତ ହେବ। ଏହି ପଦକ୍ଷେପ କେବଳ ପଥଚାରୀଙ୍କ ତୃଷ୍ଣା ମେଣ୍ଟାଇବାରେ ସାହାଯ୍ୟ କରିବନି ବରଂ ଚାଉଡ଼ା, ସଞ୍ଜୟ ଓ୍ୱସାନି, ରମଣୀକ ଲାଲ ରାଠୋର, ମନୀଷ ପାନଡ଼ିଆ, ହିତେଶ ରାଠୋର, ରାଜେଶ ରାଠୋର ଓ ଜଗଦୀଶ ରାଠୋର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଦୀର୍ଘ ବର୍ଷ ହେଲା ଅଟକିଛି ଗୁରେଇବନ୍ଧ ଗେଟ୍ ନିର୍ମାଣ

**ବାଣପୁର,୪।୫/ଏନ୍‌ଏନ୍‌ଏସ୍:** ଗୁରେଇବନ୍ଧ ହେଉଛି ଶାଳିଆ ନଦୀର ଏକ ବିପଦପୂର୍ଣ୍ଣ ବନ୍ଧ। ଯାହା ଉପରେ ହଜାର ହଜାର ଏକର ଚାଷଜମିରେ ପାଣି ପାଇଁ ନିର୍ଭର କରନ୍ତି ଚାଷୀ। ଦିନଥିଲା ଏ ବନ୍ଧ ଭାଙ୍ଗି ଶହ ଶହ ଚାଷଜମି ପଡିଆ ପଡୁଥିଲା। ତାକୁ ଆଖି ଆଗରେ ରଖି ଦୀର୍ଘବର୍ଷ ପୂର୍ବେ ମୃତ୍ତିକା ସଂରକ୍ଷଣ ବିଭାଗ ଉକ୍ତ ବନ୍ଧକୁ କଂକ୍ରିଟ୍‌ରେ ନିର୍ମାଣ କଲା। କିନ୍ତୁ ତାହା ବର୍ତ୍ତମାନ କୌଣସି କାମରେ ଆସୁନି। ଆଗରୁ ଚାଷୀ ଫସଲ ପାଇଁ ପାଣି ଆଣିବାରେ ଯେଉଁ ଅବସ୍ଥା ହେଉଥିଲେ ଏବେବି ସେହି ଅବସ୍ଥା ଲାଗିରହିଛି। ବର୍ଷାଦିନେ ପାଣିର ବିଶେଷ ଅସୁବିଧା ହେଉନଥିଲେ ମଧ୍ୟ ଗ୍ରୀଷ୍ମଦିନେ ଫସଲ ପାଇଁ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି।

ପ୍ରକାଶଥାଉ କି ଶାଳିଆ ଡ୍ୟାମ ନିର୍ମିତ ପୂର୍ବରୁ ନଦୀରେ ପ୍ରବଳ ବନ୍ୟା ଆସି ତଳିଆ ଅଞ୍ଚଳର ଫସଲ କ୍ଷୟକ୍ଷତି କରାଏ। ତାକୁ ଆଖିଆଗରେ ରଖି ନିର୍ମାଣ କରାଗଲା ଶାଳିଆ ଡ୍ୟାମ୍। ବନ୍ୟା ଦାଉରୁ ସିନା ରକ୍ଷା ପାଇଲେ, କିନ୍ତୁ ତା'ର ଜଳକୁ ସଠିକ୍ ରୂପେ ବିନିଯୋଗ କରିବାରେ ରହିଗଲା ତ୍ରୁଟି। ଯେଉଁ ନଦୀ ଡ୍ୟାମ ତଳୁ ବାହାରି ବାଟରେ ବିଭିନ୍ନ ଶାଖା ନଦୀରେ ରୂପାନ୍ତରିତ ହୋଇ ଚିଲିକାକୁ ପ୍ରବାହିତ ହୋଇଛି, ଯାହାର ଜଳ ଉପରେ ବାଣପୁର ଅଞ୍ଚଳର ଚାଷୀମାନେ ମୁଖ୍ୟତଃ ଚାଷକାର୍ଯ୍ୟ କରିବାକୁ ବିନିଯୋଗ କରନ୍ତି। ଖରିଫ ହେଉ କି ରବି ଚାଷୀମାନେ ଶାଳିଆ ନଦୀର ଜଳକୁ ଉପଯୋଗ କରି ବିଭିନ୍ନ ପନିପରିବା ଓ ଧାନ ଫସଲ ଆମଦାନୀ କରନ୍ତି। ରାଜ୍ୟର ଅନ୍ୟ ଅଞ୍ଚଳରେ ବୋରିଙ୍ଗ ପାଣି ଉପରେ ଚାଷୀ ନିର୍ଭର କରୁଥିବା ବେଳେ ବାଣପୁର ଅଞ୍ଚଳରେ ସରକାର ଏ ପ୍ରକାର ସୁବିଧା କରିନାହାନ୍ତି। କାରଣ ବହୁ ଚାଷ ଜମି ଜଳସେଚିତ। ଚାଷୀମାନେ ଜଳକର ମଧ୍ୟ ସରକାରଙ୍କୁ ଦେଇଥାନ୍ତି। ଏହି ନଦୀର ମୁଖ୍ୟ ଶାଖା ବାଣପୁର ବିଷରପାଟଣା ଦେଇ ଗୋବିନ୍ଦପୁର, ମଙ୍ଗରାଜପୁର, ନନ୍ଦପୁର, ନହରଡିହ, ନରଣଡିହ ପାରିନୁଆଗାଁ, ଭେଷରୀ, ବନ୍ଧମୁଣ୍ଡାଇ ଏହିପରି ଅନେକ ଗ୍ରାମ ଦେଇ ଚିଲିକାରେ ପଡ଼ିଛି। ଏହାର ଜଳ ଉପରେ ପ୍ରାୟ ଶହ ଶହ ଚାଷୀ ନିର୍ଭର କରନ୍ତି। ଗୋବିନ୍ଦପୁରଠାରେ ଏହାରି ଉପରେ ଏକ ବନ୍ଧ ଅଛି, ଯାହାର ନାମ ଗୁରେଇବନ୍ଧ। ଏହି ବନ୍ଧର ପ୍ରାୟ ଶହେଫୁଟ ତଳୁ ଅନ୍ୟ ଏକ ଶାଖା ନଦୀ ଦୋଳମୁଣ୍ଡାଇ ଦେଇ ପ୍ରବାହିତ ହେଉଛି। ବିଗତ ୩୦ବର୍ଷ ତଳେ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା କଂକ୍ରିଟ ବନ୍ଧ ଓ ଗେଟ ନିର୍ମାଣ କରିବାକୁ ଲକ୍ଷ୍ୟ ରଖି କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବନ୍ଧ ନିର୍ମାଣ ହେଲା ସତ, କିନ୍ତୁ ଗେଟ୍ ନିର୍ମାଣ ପାଇଁ ଜାଗା ଛଡ଼ାଯାଇ ଗେଟ୍ ନିର୍ମାଣ କରାଗଲା ନାହିଁ। ଯାହାର ଫଳ ସ୍ୱରୂପ ଶାଳିଆ ନଦୀରେ ଆସୁଥିବା ଜଳ ଉପର ନଦୀରେ ନଯାଇ ଗେଟ୍ ରାସ୍ତା ଦେଇ ତଳକୁ ପ୍ରବାହିତ ହେଉଛି। ବର୍ତ୍ତମାନ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚକରି ଶାଳିଆ ଜଳସେଚନ ବିଭାଗ ନଦୀରେ ସୁରକ୍ଷା ପ୍ରାଚୀର ନିର୍ମାଣ କରୁଥିଲେ ସୁଦ୍ଧା ଉକ୍ତ ବନ୍ଧ ଉପରେ ନଜର ନ ପଡ଼ିବା ସାଧାରଣରେ ଜଳସେଚନ ବିଭାଗର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉପରୋକ୍ତ ଗ୍ରାମଗୁଡିକର ଚାଷୀମାନେ ଏ ସମ୍ପର୍କରେ ଜଳସେଚନ ବିଭାଗ ଅଧିକାରୀମାନଙ୍କୁ ବାରମ୍ବାର ଅବଗତ କଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା କହିଛନ୍ତି। ଯଥାଶୀଘ୍ର ଗୁରେଇବନ୍ଧ ଉପରେ ଚାବି ଘର ନିର୍ମାଣ କରାଯିବାକୁ ସାଧାରଣରେ ଦାବି ଜୋର୍ ଧରିଛି। ନଚେତ ଆଗାମୀ ଦିନରେ ଏ ଅଞ୍ଚଳର ଚାଷୀମାନେ ବିରାଟ ଆନ୍ଦୋଳନ କରିବାର ସଂକେତ ମିଳୁଛି।



**AFFIDAVIT**

By virtue of an affidavit before the Notary, Jagatsinghpur, I, Nalinikanta Barik, aged about 40 years, S/o - Shri Niranjan Barik, Vill / Po- Salamanga, Via - Tirana, Dist- Jagatsinghpur, Pin- 754138 do hereby declare that my daughter's actual name is **N.Pratikshya**, whose date of birth is 20.08.2008 for all purposes.

## ଆଶ୍ରମ ପୋଡ଼ି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଦାବି

**ନୟାହାଟ,୪।୫/ଏନ୍‌ଏନ୍‌ଏସ୍:** ନୟାହାଟ ଅଞ୍ଚଳରେ ଏକ ଆଶ୍ରମ ପୋଡ଼ି ଘଟଣାରେ ସଂପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ବିଜେପି ପକ୍ଷରୁ ଦାବି ହେଉଛି। ପ୍ରକାଶ ଯେ ଇସାଣପୁର ପଞ୍ଚାୟତର ବାଉଁଶପୋଖରୀ କେଳା ସାଇ ନିକଟରେ ଥିବା ବାନା ବାବାଙ୍କ ଆଶ୍ରମକୁ ଏପ୍ରିଲ୍ ମାସ ୨୧ତାରିଖ ବିଳମ୍ବିତ ରାତିରେ ୪ଜଣ ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ିଦେଇଥିବା ଗୋପ ଥାନାରେ ଅଭିଯୋଗ ହୋଇଥିଲା। ସଂପୃକ୍ତ ଅଭିଯୁକ୍ତମାନେ ଖୋଲା ଖୋଲି ଭାବରେ ବୁଲୁଥିବା ବେଳେ ସେମାନଙ୍କୁ ଗିରଫ କରିବା ପାଇଁ ଇସାଣପୁର ପଞ୍ଚାୟତ ବିଜେପି ପକ୍ଷରୁ ଦାବି ହୋଇଛି। ବାନା ବାବାଙ୍କ ଆଶ୍ରମକୁ ପୋଡ଼ି ଘଟଣାରେ ସଂପୃକ୍ତ ଥିବା ଅଭିଯୁକ୍ତମାନେ ଖସିବା ପାଇଁ ପ୍ରୟାସ ଚଳାଇଥିବା ବେଳେ ଅପରାଧୀମାନେ ଯେପରି ଖସି ନଯାନ୍ତି ଏ ଦିଗରେ ପୁରୀ ଏସ୍‌ପି ଦୃଷ୍ଟିଦେବାକୁ ବିଜେପି ସଭାପତି ଲିଙ୍ଗରାଜ ସ୍ୱାଇଁ ଦାବି କରିଛନ୍ତି।

## ଜବରଦଖଲ ଉଚ୍ଛେଦ ନିର୍ଦ୍ଦେଶକୁ ୨ବର୍ଷ ବିତିଲା, ଫଳ ଶୂନ୍

**ନୟାହାଟ,୪।୫/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବେରୀ ଆର୍‌ଆଇ ଅଧୀନରେ ଥିବା ଖାଣିଜିପୁର ମୌଜାର ଏକ ବେସରକାରୀ ଇଂରାଜୀ ଶିକ୍ଷାନୁଷ୍ଠାନ ଦ୍ୱାରା ଗୋଚର ଜମି ଜବରଦଖଲ ଘଟଣାକୁ ନେଇ ପ୍ରଶାସନ ପାଖରେ ଅଭିଯୋଗ ହୋଇଥିଲା। ଚିଠି ନମ୍ବର୍ ୩୮୭ରେ ସେତେବେଳର ରେଭେନ୍ୟୁ ସଚିବ ସୁରେଶ ମହାପାତ୍ର ପୁରୀ ଜିଲ୍ଲାପାଳଙ୍କୁ ଗୋଚର ଜମିକୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଚିଠି ଅନୁସାରେ ଗୋପ ତହସିଲଦାରଙ୍କୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେତେବେଳେ ତହସିଲଦାର ଶେଖ୍ ସାଗିର୍ ବେସରକାରୀ ଇଂରାଜୀ ଶିକ୍ଷାନୁଷ୍ଠାନର ଦଖଲ ଗୋଚର ଜମିକୁ ଉଚ୍ଛେଦ ନକରି ଅନୁଷ୍ଠାନ ସହିତ ସଲାସୁତୁରା କରି ଅନ୍ୟତ୍ର ବଦଳି ହୋଇଯାଇଥିଲେ। ଶନିବାର ସେହି ଗୋଚର ଜମିରେ ଉକ୍ତ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏ ସଂପର୍କରେ ଗୋପ ତହସିଲଦାର ଅନିଲ କୁମାର ମହାନ୍ତିଙ୍କୁ ପଚାରିବାରେ ମୁଁ କାହାକୁ ଗୋଚର ଜମିରେ ସଭା ସମିତି ବା ଉତ୍ସବ ପାଳନ କରିବା ପାଇଁ ଅନୁମତି ଦେଇନାହିଁ। ଜବରଦଖଲ ହୋଇଥିବା ଗୋଚର ଜମି ଖୁବ୍‌ଶୀଘ୍ର ଉଚ୍ଛେଦ କରାଯିବ ବୋଲି କହିଥିଲେ।

## ଟ୍ରକ୍ ପଛକୁ ପିଟିଲା ଟ୍ରକ୍, ଡ୍ରାଇଭର ଗୁରୁତର

**ବାଲୁଗାଁ,୪।୫/ଏନ୍‌ଏନ୍‌ଏସ୍:** ୧୬ନଂ ଜାତୀୟ ରାଜପଥର ବାଲୁଗାଁ ବାଇପାସ ରାସ୍ତା ସୋଲରୀ ଛକ ନିକଟରେ ରବିବାର ମଧ୍ୟାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ଟ୍ରକ୍ ଅନ୍ୟ ଏକ ଟ୍ରକ୍ ପଛକୁ ପିଟିବା ଫଳରେ ଜଣେ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ମନୋଜ କୁମାର ନାୟକ, ଘର ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ସୁନାମୁହିଁ ଗ୍ରାମରେ ବୋଲି ଜଣାପଡିଛି। ଖବରରୁ ପ୍ରକାଶ ଯେ, ଆନ୍ଧ୍ରପ୍ରଦେଶରୁ ଏକ ଲୁହା ଗ୍ରିଲ୍ ବୋଝେଇ ଟ୍ରକ ଭୁବନେଶ୍ୱର ଆସୁଥିଲା। ମନୋଜ ସେଥିରେ ଡ୍ରାଇଭର ଥିଲେ। ମଧ୍ୟାହ୍ନ ପ୍ରାୟ ୧ଘଟିକା ସମୟରେ ବାଲୁଗାଁ ବାଇପାସ୍ ରାସ୍ତାର ସୋଲରୀ ଡାବା ନିକଟରେ ଆଗରେ ଯାଉଥିବା ଏକ ଟ୍ରକ୍ ପଛକୁ ଲୁହା ବୋଝେଇ ଟ୍ରକ୍‌ଟି ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଫଳରେ ଟ୍ରକ୍‌ର ସମ୍ମୁଖ ଭାଗ ଭାଙ୍ଗି ଚୁର୍‌ମାର୍ ହୋଇଯାଇଥିବା ବେଳେ ମନୋଜ ଚାପି ହୋଇ ରହିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ବହୁ ପରିଶ୍ରମ ପରେ ମନୋଜଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ ବାଲୁଗାଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ବାଲୁଗାଁ ପୁଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଦୁଇଟିକୁ ଜବତକରି ତଦନ୍ତ ଚଳାଇଛି।

## ସାରଙ୍ଗଯୋଡ଼ିରେ ବାଦୀପାଲା ଉଦ୍‌ଯାପିତ



**ସାକ୍ଷୀଗୋପାଳ,୪।୫/ଏନ୍‌ଏନ୍‌ଏସ୍:** ଲୋକକଳାଗ୍ରାମ ସାରଙ୍ଗଯୋଡି ପାଲା ମଣ୍ଡପରେ ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଥିବା ବାଦୀପାଲା ଆଜି ଉଦ୍‌ଯାପିତ ହୋଇଛି। ରାଜ୍ୟର ଦୁଇ ଖ୍ୟାତନାମା ଗାୟକ ଅଖଣ୍ଡ ପୁରୀ ଜିଲ୍ଲା ପାଲା ଗାୟକ ପରିଷଦର ସାଂସ୍କୃତିକ ସମ୍ପାଦକ ତଥା ଅର୍କମଣ୍ଡଳ ସମ୍ପାଦକ ଗାୟକ ଅତିବଡ଼ି ମଙ୍ଗରାଜ ବିଶ୍ୱାଳ ଓ ଗାୟକ ତତ୍ତ୍ୱ ବିଭୂଷଣ ସୁବଳ ଚରଣ ମହାପାତ୍ରଙ୍କ ମଧ୍ୟରେ ୫ଦିନ ଅନୁଷ୍ଠିତ ଏହି ବାଦୀପାଲା ଅବସରରେ ଅତ୍ୟନ୍ତ ରୁଚିପୂର୍ଣ୍ଣ ଉଚ୍ଚକୋଟୀର ସାହିତ୍ୟ ଆଲୋଚନା ଦେଖିବାକୁ ମିଳିଥିଲା। ପାଲା କମିଟି କର୍ମକର୍ତ୍ତା ହରିହର ବାରିକ, ସୁଧାକର ନାଠି, କେଦାରନାଥ ମହାପାତ୍ର, ଲକ୍ଷ୍ମୀଧର ମିଶ୍ର, ସୁଶାନ୍ତ କୁମାର ମିଶ୍ର, ମହାଦେବ ମିଶ୍ର, ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରଶାନ୍ତ ସାହୁ, ସନାତନ ସାହୁ, କୃଷ୍ଣଚନ୍ଦ୍ର ନାୟକ, ଗଜେନ୍ଦ୍ର ପଲେଇ ଓ ବୃନ୍ଦାବନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ପଣ୍ଡିତ ରବିନାରାୟଣ ଦାଶଙ୍କ ଦ୍ୱାରା ନାରାୟଣ ପୂଜା କରାଯାଇଥିଲା। ଚଳିତବର୍ଷ ଅଧିକ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ପାଲା ଉପଭୋଗ କରିବା ଉଭୟ ଗାୟକଙ୍କୁ ଉତ୍ସାହିତ କରିଥିଲା। ୪୬ ବର୍ଷ ଧରି ସାରଙ୍ଗଯୋଡି ଦେଶକୋଠ ତତ୍ତ୍ୱାବଧାନରେ ସ୍ଥାନୀୟ ସଂସ୍କୃତିପ୍ରେମୀ ଜନସାଧାରଣ ଏଠାରେ ଏହି ପରମ୍ପରା ବଜାୟ ରଖିଆସିଛନ୍ତି।

## ରାଜ୍ୟ ଟ୍ରକ୍ ମାଲିକ୍ ସଂଘର ସାଧାରଣ ପରିଷଦ ବୈଠକ




**ଆଠଗଡ଼,୪।୫/ଏନ୍‌ଏନ୍‌ଏସ୍:** ଖୁଣ୍ଟୁଣୀ ମାଲ ପରିବହନ ଇଣ୍ଡଷ୍ଟ୍ରୀ ପାଇଁ ଏବେ ଦୁଃଖ ସାଜିଛି ଆରତୀ ଷ୍ଟିଲ ପ୍ଲାଣ୍ଟ୍ ବୋଲି ଆଜି ଖୁଣ୍ଟୁଣୀଠାରେ ଅନୁଷ୍ଠିତ ରାଜ୍ୟ ଟ୍ରକ୍ ମାଲିକ ସଂଘର ସାଧାରଣ ପରିଷଦର ବୈଠକରେ ଖୁଣ୍ଟୁଣୀ ଟ୍ରକ୍ ଆସୋସିଏସନର ସଭାପତି ମନୋଜ କୁମାର ମିଶ୍ର ପ୍ରକାଶ କରିଛନ୍ତି। ଆଜିର ବୈଠକରେ ବିଜେପିର ବରିଷ୍ଠ ନେତା ଅଭୟ କୁମାର ବାରିକଙ୍କୁ ଆସୋସିଏସନର ମୁଖ୍ୟ ପରାମର୍ଶ ଦାତା ଭାବେ ଦାୟିତ୍ୱ ଦିଆଯିବା ସହିତ ଉତ୍ସର୍ଗୀକୃତ ସମ୍ବର୍ଦ୍ଧନା ଦିଆଯାଇଛି। ବୈଠକରେ ରାଜ୍ୟ ଟ୍ରକ ଆସୋସିଏସନର ସାଧାରଣ ସଂପାଦକ ରବି ଶତପଥି ଯୋଗଦେଇ ଟ୍ରକ୍ ମାଲିକ ସଂଘର ଥିବା ଦୀର୍ଘ ଦିନରେ ୪ଗୋଟି ଦାବିକୁ ଉପସ୍ଥାପନା କରିଥିଲେ। ରାଜ୍ୟ ସରକାର ଟ୍ରକ ମାଲ ପରିବହନ ପାଇଁ ୨୦୧୧ ମସିହା ଠାରୁ ଭଡ଼ା ଧାର୍ଯ୍ୟ କରିନାହାନ୍ତି। ଏଣୁ ସରକାର ଟ୍ରକ ପାଇଁ ଭଡ଼ା ଦର ଧାର୍ଯ୍ୟ କରିବା ପ୍ରଥମ ଦାବି, ଦ୍ୱିତୀୟରେ ଟୋଲ ଗେଟ ମାନଙ୍କରେ ଥିବା ଶୁଳ୍କକୁ ଦ୍ରବ୍ୟ ନେଉଥିବା ବ୍ୟକ୍ତିଙ୍କଠାରୁ ଆଦାୟ କରାଯାଉ। ତୃତୀୟରେ ରାସ୍ତାରେ ପୁଲିସମାନଙ୍କ ଦ୍ୱାରା ମାଲ ବୋଝେଇ ଟ୍ରକ୍‌ମାନଙ୍କୁ ଅଟକାଯାଇ ବ୍ୟାଙ୍କ ମାନେ କରୁଥିବା ଦାଦାଗିରିକୁ ବନ୍ଦ କରାଯାଉ ଏବଂ ଚତୁର୍ଥରେ ସରକାର ଟ୍ରକ୍‌ମାନଙ୍କ ଜରିଆରେ କେତେ ପରିମାଣ ମାଲ ପରିବହନ କରିବେ ତାକୁ ଧାର୍ଯ୍ୟ କରନ୍ତୁ ନହେଲେ ଆଗାମୀ ଦିନରେ ଯେଉଁ ବିଶାଳ ଟ୍ରକ ଧର୍ମଘଟ ହେବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ପ୍ରକାଶ କରିଥିଲେ। ନୂତନ ଭାବେ ମୁଖ୍ୟ ପରାମର୍ଶଦାତା ଭାବେ ଦାୟିତ୍ୱ ନେଇଥିବା ଶ୍ରୀ ବାରିକ ରାଜ୍ୟରେ ମୋହନ ସରକାର ଅଛନ୍ତି ଏଣୁ ଏଠାରେ ଏକଛତ୍ରବାଦ ଚଲାଇ ଦିଆଯିବ ନାହିଁ, ସଂଘର ସମସ୍ତ ଦାବିଗୁଡିକ ଯଥାଶିଘ୍ର ସରକାରଙ୍କ ସହିତ ଆଲୋଚନା କରାଯାଇ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଭତ୍ତା ପ୍ରଦାନରେ ବ୍ୟାପକ ଅନିୟମିତତା ଅଭିଯୋଗ

**ନେମାଳ,୪।୫/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ଦାୟିତ୍ୱହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ଭତ୍ତା ପ୍ରଦାନରେ ବ୍ୟାପକ ଅନିୟମିତତା ଓ ତଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଛି। ଏପ୍ରିଲ୍ ମାସ ଶେଷ ହୋଇଥିଲେ ମଧ୍ୟ ବହୁ ଅସହାୟ ହିତାଧିକାରୀ ଭତ୍ତା ନପାଇ ଚରମ ହଟହଟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ଟି ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ଟି ଗ୍ରାମପଞ୍ଚାୟତର ଗରିବ ଅସହାୟ ବିଧବା, ଦିବ୍ୟାଙ୍ଗ ଓ ବୃଦ୍ଧବୃଦ୍ଧାଙ୍କୁ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ଭତ୍ତା ପ୍ରଦାନ କରାଯାଇଥାଏ। ତେବେ ବିଜେଡି ସରକାର କ୍ଷମତାରେ ଥିଲା ବେଳେ ଏହି ବ୍ଲକର ହିତାଧିକାରୀମାନଙ୍କୁ ପ୍ରତିମାସ ୧୫ ତାରିଖ ମଧ୍ୟରେ ନିୟମିତ ଭତ୍ତା ପ୍ରଦାନ କରାଯାଇ ଆସୁଥିଲା। ମାତ୍ର ସରକାର ପରିବର୍ତ୍ତନ ହେବା ପରେ ଭତ୍ତା ପ୍ରଦାନରେ ବ୍ୟାପକ ଅନିୟମିତତା ଦେଖାଦେଇଥିବା ଅଭିଯୋଗ ହୋଇଛି। ବ୍ଲକ ପ୍ରଶାସନ ତରଫରୁ ନିର୍ଦ୍ଧାରିତ ସମୟରେ ଓ ପ୍ରତିମାସରେ ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ କରାଯାଉ ନଥିବାର ଅଭିଯୋଗ ହୋଇଛି।

ଏହି ବ୍ଲକର ବହୁ ହିତାଧିକାରୀଙ୍କୁ ଗ୍ରାମପଞ୍ଚାୟତରେ ଓ କେତେକ ହିତାଧିକାରୀଙ୍କ ଜମାଖାତାରେ ଭତ୍ତା ଟଙ୍କା ପ୍ରଦାନ କରାଯାଇଥାଏ। ତେବେ ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ ଓ ଅହସ୍ୟ ଗୁଳୁଗୁଳି ଲାଗି ରହିଥିବାରୁ ଏପରିସ୍ଥଳେ ବ୍ଲକ ପ୍ରଶାସନ ତରଫରୁ ଅସହାୟ ବୃଦ୍ଧ ବୃଦ୍ଧାମାନଙ୍କୁ ଭତ୍ତା ପ୍ରଦାନ ନିମନ୍ତେ ସୂଚନା ପ୍ରଦାନ କରାଯାଉଛି। ସୂଚନା ମୁତାବକ ହିତାଧିକାରୀମାନେ ବହୁ କଷ୍ଟରେ ଏପରିକି ଗାଡ଼ିଭଡ଼ା କରି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ନେବା ନିମନ୍ତେ ଆସି ଦିନ ଦିନ ଧରି ଅପେକ୍ଷାରେ ରହୁଛନ୍ତି। ସେମାନଙ୍କ ପାଇଁ ପାନୀୟ ଜଳର କୌଣସି ସୁବନ୍ଦୋବସ୍ତ କରାଯାଉ ନଥିବା ଅଭିଯୋଗ ହୋଇଛି। ଅସହାୟ ବୃଦ୍ଧ ବୃଦ୍ଧାମାନେ ପ୍ରଚଣ୍ଡ ରୌଦ୍ରତାପରେ ଭୋକ ଉପାସରେ ପଞ୍ଚାୟତ କାର୍ଯ୍ୟାଳୟରେ ଓ ସ୍ଥଳ ବିଶେଷରେ ଗଛ ଛାଇମୂଳେ ବସି ବସି ନିରାଶରେ ଫେରିବାକୁ ବାଧ ହେଉଥିବାର ଅଭିଯୋଗ ହୋଇଛି। ଶେଷରେ ବିଭିନ୍ନ ଆଳ ଦେଖାଇ ଗ୍ରାମପଞ୍ଚାୟତ ତରଫରୁ ସେମାନଙ୍କୁ ଫେରାଇ ଦିଆଯାଉଥିବା ଅଭିଯୋଗ ହୋଇଛି। ବହୁ ଅସହାୟ ବୃଦ୍ଧ ବୃଦ୍ଧା ପଥିନିମନ୍ତେ ଏହି ଭତ୍ତା ଟଙ୍କା ଉପରେ ନିର୍ଭର କରିଥାନ୍ତି। ମାତ୍ର ପ୍ରଶାସନିକ ଅବହେଳା ଯୋଗୁ ଏହି ବ୍ୟକ୍ତିମାନେ ଚରମ ହଟହଟା ଓ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ବ୍ଲକ ପ୍ରଶାସନ ତରଫରୁ ବାରମ୍ବାର ହିତାଧିକାରୀମାନଙ୍କୁ ହଟହଟା କରାଯିବା ଘଟଣାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ହିତାଧିକାରୀମାନଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ନିମନ୍ତେ ପ୍ରାକ୍ତନ ସରପଞ୍ଚ ରାୟଗୁରୁ ବିଜୟ କିଶୋର ମିଶ୍ରଙ୍କ ସମେତ ବହୁ ବରିଷ୍ଠ ନାଗରିକମାନେ ଦୃଢ଼ ଦାବି କରିଛନ୍ତି।

## ମା' ଶୁଳିଆ ଠାକୁରାଣୀଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ

**କଣ୍ଟିଲୋ,୪।୫/ଏନ୍‌ଏନ୍‌ଏସ୍:** ଚଳିତବର୍ଷ ବେଣାଗାଡିଆ ପଞ୍ଚାୟତ ଅଧୀନ ଗୋପିନାଥପୁର ତଥା ଶୁଳିଆ ଛକରେ ଅଧିଷ୍ଠିତ ମା' ଶୁଳିଆ ଠାକୁରାଣୀଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ ୪ଦିନ ବ୍ୟାପି ଅନୁଷ୍ଠିତ ହେବ ବୋଲି ଗ୍ରାମବାସୀଙ୍କ ଠାରୁ ପ୍ରକାଶ। ଏହି ପର୍ବ ଗତ ବୈଶାଖ ଶୁକ୍ଳପକ୍ଷ ଷଷ୍ଠୀ ଶନିବାରଠାରୁ ଆରମ୍ଭ ହୋଇଯାଇଛି। ଶନିବାର ପ୍ରଥମ ଦିବସରେ ପୁରୋହିତଙ୍କ ଦ୍ୱାରା ଯଜ୍ଞବେଦୀ ଓ ମଣ୍ଡପରେ ମଣ୍ଡଳ ପକା କାର୍ଯ୍ୟ ସହିତ ଅଙ୍କୁରାରୋପଣ କରାଯାଇଥିଲା। ରବିବାର ପ୍ରାତଃ କାଳରେ ଗୋପିନାଥପୁର ଗ୍ରାମର ପୁରୁଷ ଓ ମହିଳା ଭକ୍ତ ଏକତ୍ରିତ ହୋଇ ନିକଟସ୍ଥ ବାଣପୁର ଗ୍ରାମସ୍ଥ ମହାନଦୀ ଘାଟରୁ ଶଙ୍ଖ, ହୁଳହୁଳି, ହରିବୋଲ, ନଦିଆ ସଂକୀର୍ତ୍ତନ ସହିତ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିବା ପରେ ମା'ଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲେ। ପରେ ପୁରୋହିତଙ୍କ ଦ୍ୱାରା କଳସ ସ୍ଥାପନା ପରେ ଯଜ୍ଞ କାର୍ଯ୍ୟର ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାର୍ଷିକ ଉତ୍ସବର ତୃତୀୟ ଦିବସ ସୋମବାର ସକାଳୁ ମା' ଶୁଳିଆ ଠାକୁରାଣୀଙ୍କ ସ୍ନାନ ପରେ ସୂର୍ଯ୍ୟନାରାୟଣ ପୂଜା, ଗୋପୂଜନ, ଶାଳା ପ୍ରତିଷ୍ଠା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହେବ ବୋଲି ଅନୁଷ୍ଠାନର ସଭାପତି ରାଜକିଶୋର ସାମଲ ସୂଚନା ଦେଇଛନ୍ତି।

## ପ୍ରସିଦ୍ଧ ଦକ୍ଷିଣେଶ୍ୱର ଯଜ୍ଞ ଆରମ୍ଭ

**କଣ୍ଟାପଡ଼ା,୪।୫/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ବ୍ଲକ ଓଲଟପୁର ଥାନା ବାଗଲପୁରଠାରେ ଥିବା ପ୍ରସିଦ୍ଧ ତଥା ପୁରାତନ ଶୈବପୀଠ ବାବା ଦକ୍ଷିଣେଶ୍ୱର ମନ୍ଦିରର ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହା ସାତ ଦିନ ଧରି ଚାଲିବ। ଏହି ଉପଲକ୍ଷେ ପ୍ରତ୍ୟହ ସୂର୍ଯ୍ୟପୂଜା, ଆଳତି, ଆହୁତି ଆଦି ନୀତିକାନ୍ତି ବିଧି ମୁତାବକ ସମ୍ପନ୍ନ ହେଉଛି। ମନ୍ଦିର ନିକଟସ୍ଥ ପଡ଼ିଆରେ ଯାତ୍ରା ପାର୍ଟି ପକ୍ଷରୁ ଅପେରା ପରିବେଷଣ ହେଉଥିଲାବେଳେ ଆୟୋଜିତ ମୀନାବଜାରରେ ଶତାଧିକ ଅସ୍ଥାୟୀ ଦୋକାନରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ସଂଧ୍ୟାରେ ଯଜ୍ଞ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଦକ୍ଷିଣେଶ୍ୱର ମନ୍ଦିର ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ପରିଚାଳନା କରୁଥିବା ବେଳେ ଓଲଟପୁର ଥାନା ପୁଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ନିୟୋଜିତ ଅଛନ୍ତି।

## ଔପନ୍ୟାସିକ ଡ. ପଦ୍ମଜ ପାଳଙ୍କ ୭୯ତମ ଜୟନ୍ତୀ




**ଖୋର୍ଦ୍ଧା,୪।୫/ଏନ୍‌ଏନ୍‌ଏସ୍:** ଓଡ଼ିଶାର ପ୍ରଖ୍ୟାତ ଔପନ୍ୟାସିକ ଡକ୍ଟର ପଦ୍ମଜ ପାଳଙ୍କ ୭୯ତମ ଜନ୍ମଦିବସ ପରିପ୍ରେକ୍ଷୀରେ ପଦ୍ମଜ ସାହିତ୍ୟ ଉତ୍ସବ ଆଜି ଖୋରଧା ଟାଉନ ହଲରେ ଅନୁଷ୍ଠିତ ହେବା ସହ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ବିଶିଷ୍ଟ ପ୍ରତିଭାମାନଙ୍କୁ ପଦ୍ମଜ ସମ୍ମାନ ପ୍ରଦାନ କରାଯାଇଛି। ଖୋରଧାର ଚର୍ଯ୍ୟାୟୁଧ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଉକ୍ତ ଉତ୍ସବରେ ଅଭିଷେକ ସିଂ ସାମନ୍ତ ସଭାପତିତ୍ୱ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଶିଷ୍ଟ କଥାକାର ତପନ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ପରେ ମଞ୍ଚ ସଂଯୋଜକ ଗୋପୀ ଗପବାଲା ଅତିଥି ପରିଚୟ ପ୍ରଦାନ କରିଥିଲେ। ପଦ୍ମଜ ଉତ୍ସବ - ୨୦୨୫କୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରି ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର କଥାକାର ପଦ୍ମଜ ପାଳଙ୍କ ବିକଳ୍ପ ନାହିଁ, ଓଡ଼ିଆ ଉପନ୍ୟାସ ପରମ୍ପରାରେ ତାଙ୍କ ସ୍ଥାନ ସ୍ୱତନ୍ତ୍ର ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଓ ବିଶିଷ୍ଟ ଅତିଥି ଭାବେ ସାହିତ୍ୟିକା ସରୋଜିନୀ ସାହୁ ଯୋଗଦେଇ ସମସାମୟିକ ଲେଖକମାନଙ୍କର ବିବିଧ ଶୈଳୀ କିପରି ଓଡ଼ିଆ ସାହିତ୍ୟ ଓ ଜନମାନସକୁ ପ୍ରଭାବିତ କରିଛି ତାହା ଉଲ୍ଲେଖ କରିବା ସହ ପଦ୍ମଜ ପାଳଙ୍କ ସର୍ଜନଶୀଳତାରେ ଥିବା ନିଆରା ଶୈଳୀ, ଭାଷାର ଗାମ୍ଭୀର୍ଯ୍ୟତା, ଚରିତ୍ର ବିଶ୍ଳେଷଣ ଓ ସୁଖପାଠ୍ୟ ଉପସ୍ଥାପନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଫାଉଣ୍ଡେସନ ପକ୍ଷରୁ ଚଳିତ ବର୍ଷ ମନୋନୀତ ହୋଇଥିବା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ବିଶିଷ୍ଟ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ଖୋର୍ଦ୍ଧା ଶିଆଳିଆରେ ଥିବା ନାଟ୍ୟଗ୍ରାମର ପ୍ରତିଷ୍ଠାତା ସୁବୋଧ ପଟ୍ଟନାୟକଙ୍କୁ ମର୍ଯ୍ୟାଦାଜନକ ଖୋରଧା ସମ୍ପଦ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ଓଡ଼ିଶାର ବିଶିଷ୍ଟ କଥାକାର ନିବାରଣ ଜେନାଙ୍କୁ ସମ୍ମାନଜନକ ପଦ୍ମଜ ସାହିତ୍ୟ ସମ୍ମାନ ଓ ଯୁବ ସାହିତ୍ୟିକା ସୁଶ୍ରୀ ରୋଜାଲିନ ମହାରଣାଙ୍କୁ ପଦ୍ମଜ ପ୍ରତୀକ ସମ୍ମାନ ପ୍ରଦାନ କରାଯାଇଥିଲା। ଏହାପରେ ସମ୍ବର୍ଦ୍ଧିତ ପ୍ରତିଭୂମାନେ ଏହି ସମ୍ବର୍ଦ୍ଧନା ପାଇଁ ଅନୁଷ୍ଠାନ ତଥା ପଦ୍ମଜ ପାଳଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବା ସହ ବକ୍ତବ୍ୟ ପ୍ରଦାନ କରିଥିଲେ। ମଞ୍ଚରେ ସବୁଠୁଁ ଆକର୍ଷଣୀୟ ଥିଲା ଡକ୍ଟର ଆଶୁତୋଷ ମିଶ୍ରଙ୍କ ଦ୍ୱାରା ପଦ୍ମଜ ପାଳଙ୍କ ବହୁ ଚର୍ଚ୍ଚିତ ଗଳ୍ପ ସବୁଠୁଁ ସୁନ୍ଦର ପକ୍ଷୀର ଉପସ୍ଥାପନା। ଏହି ପରିପ୍ରେକ୍ଷୀରେ ଡକ୍ଟର ଆଶୁତୋଷ ମିଶ୍ର ଓ ମଞ୍ଚ ସଂଯୋଜକ ଗୋପୀ ଗପବାଲାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବେବିଲତା ଶତପଥି ଓ ଯଶସ୍ୱିନୀ ସାହୁଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଗତଥର କଥାଥିଲାର ଲେଖକ ଅଧ୍ୟାପକ ହୃଷିକେଶ ମହାରଣାଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା। ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଚର୍ଯ୍ୟାୟୁଧର ସମ୍ପାଦିକା ସବିତା ପାଳ। ଓଡ଼ିଶାର ଶତାଧିକ ସାହିତ୍ୟିକ ମଧ୍ୟରେ ଡ. ଇନ୍ଦ୍ରମଣି ଜେନା, ଡ. ମିହିର ସାହୁ, ପକ୍ଷୀଘର ପ୍ରକାଶନୀର ପ୍ରକାଶକ ବନୋଜ ତ୍ରିପାଠୀ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଡ. ନିରଞ୍ଜନ ମହାନ୍ତି, ଡ.ସୁରେଶ ଛୋଟରାୟ, ଜ୍ଞାନ ରଞ୍ଜନ ଦାସ, କବି ବଂଶୀଧର ଦାସ, ଶ୍ୱେତ ପଦ୍ମାସ୍ୱିନି ମହାନ୍ତି, ବିଧାନ ମହାନ୍ତି, ବୃନ୍ଦାବନ ପଣ୍ଡା, ବୈକୁଣ୍ଠନାଥ ରାଜଗୁରୁ, ଜୟଶ୍ରୀ ପଟ୍ଟନାୟକ, କବି ପ୍ରଭାତ ମିଶ୍ର, ପ୍ରିୟଦର୍ଶିନୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଛତ୍ରପଡ଼ାରେ ଶ୍ରୀରାମଲୀଳା ଯାତ୍ରା



**ବେଗୁନିଆ,୪।୫/ଏନ୍‌ଏନ୍‌ଏସ୍:** ରୀତିନୀତି ଓ ପରମ୍ପରା ଅନୁଯାୟୀ ପ୍ରତିବର୍ଷ ଭଳି ଚଳିତବର୍ଷ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକର ବୋତଲମା ପଞ୍ଚାୟତ ଅନ୍ତର୍ଗତ ଛତ୍ରପଡ଼ା ଗ୍ରାମରେ ଶ୍ରୀ ରାମଲୀଳା ଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ୧୦ ତାରିଖରେ ଏହା ଉଦ୍‌ଯାପିତ ହେବ। ପ୍ରଥମ ରଜନୀରେ ସୀତାବିବାହ ଓ ପର୍ଶୁରାମ ଭେଟ, ୩ ତାରିଖ ଦ୍ୱିତୀୟ ରଜନୀରେ ବନବାସ, ୪ ତାରିଖ ତୃତୀୟ ରଜନୀରେ ସୀତାହରଣ, ୫ ତାରିଖ ଚତୁର୍ଥ ରଜନୀରେ ଶବରୀ ଭେଟ ଓ ବାଳି ବଧ, ୬ ତାରିଖ ପଞ୍ଚମ ରଜନୀରେ ଲଙ୍କା ଦହନ, ୭ ତାରିଖ ଷଷ୍ଠ ରଜନୀରେ କୁମ୍ଭକର୍ଣ୍ଣ ଏବଂ ଇନ୍ଦ୍ରଜିତ ବଧ, ୮ ତାରିଖ ସପ୍ତମ ରଜନୀରେ ମହୀରାବଣ ବଧ, ୯ ତାରିଖ ଅଷ୍ଟମ ରଜନୀରେ ରାବଣବଧ, ୧୦ ତାରିଖ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ଅନୁଷ୍ଠିତ ହେବ। ଏଥିନିମନ୍ତେ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ରଘୁନାଥ କଳା ପରିଷଦର ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତ୍ୟେକ ରଜନୀରେ ରାମ ଭକ୍ତମାନେ ବହୁସଂଖ୍ୟାରେ ଯୋଗଦେଇ ଶ୍ରୀ ରାମଲୀଳା ଯାତ୍ରା ଉପଭୋଗ କରିବାକୁ ପରିଷଦ ତରଫରୁ ଜଣାଇ ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ

### ଚେନାବ ଜଳ ବନ୍ଦକଲା ...

ଚୁକ୍ତି କରାଯାଇଥିଲା । ଏହା ଅଧୀନରେ ସିନ୍ଧୁ ଏବଂ ଏହାର ଉପନଦୀଗୁଡ଼ିକର ପାଣିକୁ ଦୁଇ ଦେଶ ମଧ୍ୟରେ ଆବଣ୍ଟନ କରିବାକୁ ନିଷ୍ପତ୍ତି ହୋଇଥିଲା । କିନ୍ତୁ ଭାରତ ସରକାର ଏହି ଚୁକ୍ତିକୁ ହିଁ ବାତିଲ କରିଦେଇଛନ୍ତି । ଫଳରେ ଏବେ ଭାରତ ସରକାର କୌଣସି ସୂଚନା ନଦେଇ ମଧ୍ୟ ନଦୀଜଳକୁ କୌଣସି ମୁହୂର୍ତ୍ତରେ ରୋକିପାରିବେ କିମ୍ବା ପର୍ଯ୍ୟାପ୍ତ ମାତ୍ରାରେ ଛାଡ଼ିଦେଇପାରିବେ । ନିଜ ଦେଶବାସୀଙ୍କୁ ଅଟା, ଚାଉଳ, ଗ୍ୟାସ୍, ପେଟ୍ରୋଲ୍ ଭଳି ମୌଳିକ ସାମଗ୍ରୀ ଯୋଗାଇଦେବା ପାଇଁ ଜୁଝୁଥିବା ପାକିସ୍ତାନ ଏବେ ଚେନାବ ନଦୀ ଅବବାହିକାରେ ବସବାସ କରୁଥିବା ଲୋକଙ୍କ ପାଇଁ ଉପୁଜିବାକୁ ଥିବା ଜଳ ସମସ୍ୟାର ସମାଧାନ କିପରି କରିବ ସେନେଇ ପାକ୍ ସରକାରଙ୍କ ଚିନ୍ତା ବଢ଼ିଯାଇଛି । ଗୋଟିଏ ପଟେ ପାକିସ୍ତାନୀ ସେନା ନିୟମିତ ଭାବେ ସୀମାରେ ଅସ୍ତ୍ରବିରତି ଉଲ୍ଲଂଘନ କରୁଥିବା ବେଳେ ଅନ୍ୟପଟେ ପାକ୍ ସେନା ମୁଖ୍ୟ ଅସୀମ ମୁନିର ଆତ୍ମଗୋପନ କରିଥିବା, ପାକିସ୍ତାନର ଏକାଧିକ ସାଂସଦ ଯୁଦ୍ଧ ପରିସ୍ଥିତିରେ ବିଦେଶ ପଳାୟନ କରିବା ପାଇଁ ଆଗୁଆ ବ୍ୟବସ୍ଥା ତଥା ବିକଳ୍ପ ଗ୍ରହଣ କରିସାରିଥିବା ଭଳି ସମ୍ବାଦ ଆସିବାରେ ଲାଗିଛି । ଏସବୁ ମଧ୍ୟରେ ଭାରତ ସରକାର ଏବେ ପାକିସ୍ତାନ ପୂର୍ବତନ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏବଂ ବିଲାୱଲ୍ ଭୁଟ୍ଟୋଙ୍କ ଏକ୍ସ ଆକାଉଣ୍ଟକୁ ଭାରତରେ ବନ୍ଦ କରିଛନ୍ତି । ଏହା ପୂର୍ବରୁ ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କ ଏକ୍ସ ଆକାଉଣ୍ଟକୁ ମଧ୍ୟ ବନ୍ଦ କରାଯାଇଥିଲା ।

### ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ...

କରିଥିଲେ । ନୌସେନା ମୁଖ୍ୟଙ୍କ ପୂର୍ବରୁ ଭାରତୀୟ ସ୍ଥଳ ସେନାଧ୍ୟକ୍ଷ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ମଧ୍ୟ ମୋଦୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ସାକ୍ଷାତ୍ କରିଥିଲେ । ଏହି ସମୟରେ ତିନି ସେନା ମୁଖ୍ୟ ସେମାନଙ୍କ ପରବର୍ତ୍ତୀ ଯୋଜନା ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିବା ଅନୁମାନ କରାଯାଉଛି ।

ପହଲଗାମ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ମୋଦୀ, ନିୟମିତ ବ୍ୟବଧାନରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ୍ ଡୋଭାଲ୍ ଏବଂ ଦେଶର ସିଡିଏସ୍ ଜେନେରାଲ୍ ଅନୀଲ ଚୌହାନ୍‌ଙ୍କ ସହ ଆଲୋଚନା କରୁଛନ୍ତି । ଏପରି ସ୍ଥଳେ ଭାରତୀୟ ନୌସେନା ଏବଂ ବାୟୁସେନା ମୁଖ୍ୟ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ୍ କରିବାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । ପାକିସ୍ତାନରେ ଆତଙ୍କବାଦୀଙ୍କ ବିରୁଦ୍ଧରେ ଭାରତର ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଏକ ଢାଞ୍ଚା ପ୍ରସ୍ତୁତ କରାଯିବା ଉଦ୍ଦେଶ୍ୟରେ ଏବେ ସେନାବାହିନୀ କାମ କରୁଥିବା କୁହାଯାଉଛି । ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ସିସିଏସ୍ (ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ ବୈଠକ) ବୈଠକରେ ଭାରତୀୟ ସେନାର ୩ ବାହିନୀକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇସାରିଛନ୍ତି । ସିସିଏସ୍ ବୈଠକ ବ୍ୟତୀତ, ପ୍ରଧାନମନ୍ତ୍ରୀ ତିନି ସେନା ମୁଖ୍ୟଙ୍କ ସହ ପୃଥକ୍ ପୃଥକ୍ ବୈଠକ ମଧ୍ୟ ଜାରି ରଖିଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ସେନା ପ୍ରତିକ୍ରିୟା ସମୟ, ପଦ୍ଧତି ଏବଂ ଲକ୍ଷ୍ୟ ସ୍ଥିର କରିବେ । ପ୍ରଧାନମନ୍ତ୍ରୀ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି ଯେ, ଦେଶ ଆତଙ୍କବାଦ ବିରୁଦ୍ଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତିବଦ୍ଧ । କେନ୍ଦ୍ର ସରକାର କହିଛନ୍ତି, ପହଲଗାମ ଆକ୍ରମଣର ଦୋଷୀ ଏବଂ ଷଡ଼ଯନ୍ତ୍ରକାରୀମାନଙ୍କୁ କଠୋର ଦଣ୍ଡ ଦିଆଯିବ । ଏହି ଉତ୍ତେଜନା ମଧ୍ୟରେ, ଭାରତ ସରକାର ପାକିସ୍ତାନ ସହିତ ନିରନ୍ତର କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରୁଛନ୍ତି ।

### ରାମକୃଷ୍ଣ ଦାସ ମହାପାତ୍ରଙ୍କୁ ...

ମହାପାତ୍ରଙ୍କ ଦ୍ୱନ୍ଦ୍ୱାତ୍ମକ ବୟାନ ଅଗଣିତ ଶ୍ରୀଜଗନ୍ନାଥପ୍ରେମୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଧାର୍ମିକ ଭାବନାରେ ଗଭୀର ଆଘାତ ଦେବା ସହ ଶ୍ରୀମନ୍ଦିରର ଗରିମା ଓ ଐତିହ୍ୟକୁ କ୍ଷୁର୍ଣ୍ଣ କରିଥିବା ନୋଟିସ୍‌ରେ ଦର୍ଶାଯାଇଛି । ଏହା ସହିତ ସିଂହଦ୍ୱାର ଥାନାରେ ରାମକୃଷ୍ଣ ଦାସମହାପାତ୍ରଙ୍କ ବିରୁଦ୍ଧରେ ଏତଲା ଦେଇଛନ୍ତି ଶ୍ରୀଜଗନ୍ନାଥ ସେନା । ଦାରୁ କାଠ କିପରି ଦୀଘା ଗଲା ସେନେଇ ଏତଲାରେ ଲେଖା ହୋଇଛି ।

ସୂଚନାଯୋଗ୍ୟ, ଗତକାଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ତିନିଟି ପର୍ଯ୍ୟାୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ଶ୍ରୀମନ୍ଦିରରେ ନବକଳେବର ସମୟରେ ବଳକା ଥିବା ଦାରୁ ସମ୍ପର୍କରେ ଆଲୋଚନା ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଦେଉଳକରଣ, ଚଢ଼ାଉକରଣ, ପାଟଯୋଶୀ ମହାପାତ୍ରଙ୍କ ସହ ଆଲୋଚନା କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ବାଡ଼ଗ୍ରାହୀମାନଙ୍କ ସହ ଏବଂ ତୃତୀୟ ପର୍ଯ୍ୟାୟରେ ତିନି ବିଶ୍ୱକର୍ମା ମହାରଣାଙ୍କ ସହ ଆଲୋଚନା ହୋଇଥିଲା ।

### ଆଇରନ୍ ଟ୍ରକ୍ ନେଲା ...

ମରାମତି ନିମନ୍ତେ ଅନ୍ୟ ଜଣେ ସହଯୋଗୀ ଡ୍ରାଇଭରଙ୍କ ସହାୟତା ନେଇଥିଲେ । ଉଭୟେ ଟିପରକୁ ମରାମତି କରୁଥିବା ସମୟରେ ଓଡି-୦୪-ପି-୯୯୯୩ ନମ୍ବର ବିଶିଷ୍ଟ ଏକ ଆଇରନ୍ ବୋଝେଇ ଟ୍ରକ୍ ଦ୍ରୁତଗତି ଆସି ଟିପର୍ ଆଗକୁ ଧକ୍କା ଦେଇଥିଲା । ଫଳରେ ଟିପର୍ କ୍ୟାବିନ୍ ଭିତରେ ଚାପି ହୋଇ ରହିଥିବା ଦୁଇ ଡ୍ରାଇଭରଙ୍କୁ ଉଦ୍ଧାର ପରେ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାର ପ୍ରତିବାଦରେ ୧୨୦୦ରୁ ଊର୍ଦ୍ଧ୍ୱ ଟିପର୍ ଚାଳକ କ୍ଷତିପୂରଣ ଦାବିରେ ଧାରଣା ଦେଇଥିଲେ । ଏହାକୁ ନେଇ ପାରାଦୀପ ଏଡିଏମ୍ ନିରଞ୍ଜନ ବେହେରା, ଏଏସ୍‌ପି ସ୍ମୃତିରଞ୍ଜନ କର, ପାରାଦୀପ ବନ୍ଦର ଅଧିକାରୀ, ଷ୍ଟିଭେଡର୍ସ ସଂସ୍ଥା ଓ ଡମ୍ପର୍ ମାଲିକ ସଂଘ ମଧ୍ୟରେ ଆଲୋଚନା ହୋଇଥିଲା । ମୃତକଙ୍କ ପରିବାରକୁ ସହାୟତା ଘୋଷଣା ପରେ ଡ୍ରାଇଭର୍‌ମାନେ ଆନ୍ଦୋଳନରୁ ଓହରିଥିଲେ ।

### ଟ୍ରାକ୍ଟର୍ ଓଲଟି ...

ଭର୍ତ୍ତି କରାଯାଇଥିଲା । ସେଠାରେ ବେଙ୍ଗ ଦଳେଇ, ଉଚ୍ଛବ ଦଳେଇ ଓ ଦୁର୍ଯ୍ୟୋଧନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଅନ୍ୟ ଦୁଇଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି । ଏହି ଘଟଣା ପ୍ରଚାରିତ ହେବା ପରେ ଗାଁରେ ଶୋକର ଛାୟା ଖେଳିଯାଇଛି ।

### ଆହୁରି ୩ ଦିନ ପ୍ରବଳ ...

ଘଡ଼ଘଡ଼ି ହେବ । ଝଟକା ପବନର ବେଗ ୪୦ରୁ ୫୦ କିମି ରହିବ । ଯାହାକୁ ନେଇ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବା ନେଇ ସତର୍କ କରାଯାଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ସର୍ବନିମ୍ନ ଦିନର ତାପମାତ୍ରା ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ । ୪ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ । ପରେ ଧିରେ ଧିରେ ତାପମାତ୍ରା ୨ରୁ ୪ ଡିଗ୍ରୀ ବଢ଼ିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନେକ ସ୍ଥାନରେ ବର୍ଷା ହୋଇଥିବା ବେଳେ ମୟୂରଭଞ୍ଜ ଉଦଳାରେ ସର୍ବାଧିକ ୮୪.୦୦ ମିମି ବର୍ଷା ରେକର୍ଡ କରାଯାଇଛି ।

### ୭୦୦ ଫୁଟ୍ ତଳକୁ ଖସିଲା ...

ଆତଙ୍କବାଦୀ ଆକ୍ରମଣ ପରେ ଜମ୍ମୁ-କାଶ୍ମୀର ବିଭିନ୍ନ ପ୍ରାନ୍ତରେ ମାତ୍ରାଧିକ ସୁରକ୍ଷା ବାହିନୀ ମୁତୟନ କରାଯାଇଛି । ଏହାସହିତ, ପୂର୍ବାପେକ୍ଷା ଅଧିକ ପାଟ୍ରୋଲିଂ ମଧ୍ୟ କରାଯାଉଛି । ଏହି ପାଟ୍ରୋଲିଂ ସମୟରେ ଏହି ଦୁର୍ଘଟଣା ଘଟିଥିଲା, ଯେଉଁଥିରେ ୩ ଜଣ ଯବାନ ଶହୀଦ ହୋଇଛନ୍ତି ।

### ବଢ଼ୁଛି ବାଂଲାଦେଶୀ ସଂଖ୍ୟା ...

ଜିଲ୍ଲାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଉପରେ ପୁଲିସ କଡ଼ା ନଜର ରଖିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି । ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ପ୍ରତି ତହସିଲ୍, ବ୍ଲକ୍ ଓ ଥାନା ସ୍ତରରେ କମିଟି ଗଠନ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି ବୋଲି ଶ୍ରୀ ମାଝୀ ସ୍ପଷ୍ଟ କରିଥିଲେ । ମାତ୍ର ରାଜ୍ୟରେ ବାଂଲାଦେଶୀଙ୍କ ବାସ୍ତବ ସ୍ଥିତି ଭିନ୍ନ । ତେଣୁ ରାଜ୍ୟ ସରକାର ଏହା ଉପରେ ଗୁରୁତ୍ୱର ସହ ବିଚାର କରିବା ଦରକାର । ନହେଲେ ଭବିଷ୍ୟତରେ ବିପଦ ସୃଷ୍ଟି ହେବ ।

# ୭୮ ଲକ୍ଷ ଟଙ୍କାର ଠକେଇ ମାମଲା: ୬ ଗିରଫ

**କଟକ,୪।୫/ଏନ୍ଏନ୍ଏସ୍:** ସାଇବର ଥାନା ପୁଲିସକୁ ମିଳିଛି ବଡ଼ ସଫଳତା । ୮୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସାଇବର ଠକେଇ ମାମଲାରେ କଟକ ସାଇବର ଥାନା ପୁଲିସ ୬ ଜଣ ଠକଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ନଗଦ ୪ ଲକ୍ଷ ଟଙ୍କା, ୭ଟି ମୋବାଇଲ ଫୋନ୍, ୧୬ ଏଟିଏମ କାର୍ଡ଼,୧୫ ଜଣଙ୍କ ପାସବୁକ୍, ଚେକବୁକ୍ ଓ ସିମକାର୍ଡ ଜବତ କରାଯାଇଛି ।



## ନଗଦ ୪ ଲକ୍ଷ ଜବତ, ୭ ଲକ୍ଷ ଫ୍ରିଜ୍

ଏଥିସହିତ ପୁଲିସ ୭ଲକ୍ଷ ଟଙ୍କା ଫ୍ରିଜ କରିଛି । ଅଭିଯୁକ୍ତମାନେ ହେଲେ ବିଜୟ ମେହେର (୨୮), ବିଶ୍ୱମ୍ଭର ଖର୍ସେଲ (୨୭), ରାଜେଶ ତାଣ୍ଡି (୨୦), ଅନିଲ ନାୟକ (୨୧), ଶ୍ରୀତମ ମେହେର (୧୯) ଓ ଦୀପକ ଧାରୁଆ (୨୪) ।

ସମସ୍ତ ସାଇବର୍ ଲୁଟେରାଙ୍କ ଘର ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଅଞ୍ଚଳରେ ହୋଇଥିଲା ବେଳେ ଆଜି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କଟକ ଡିସିପି ରିଶିକେଶ ଖିଲାରୀ ସୂଚନା ଦେଇଛନ୍ତି । ଗତ ୨୪ ତାରିଖରେ ଏଲଆଇସିର ଜଣେ ବରିଷ୍ଠ ଅଧିକାରୀ ସାଇବର ଥାନାରେ ୭୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇର ଶିକାର ହୋଇଥିବା କଟକ ସାଇବର ଥାନାରେ ଏତଲା ଦେଇଥିଲେ । ସେ ଏତଲାରେ ଦର୍ଶାଇଥିଲେ ଯେ ଫେବୃଆରୀ ମାସରେ ସେ ଏକ ଟେଲିଗ୍ରାମ ଆଇଡି ମାଧ୍ୟମରେ ସ୍ତ୍ରେଡେକ୍ସ ଗ୍ଲୋବାଲ ଲିମିଟେଡ଼ ନାମକ ଏକ କମ୍ପାନୀ ସହିତ ଯୋଗାଯୋଗ କରିଥିଲା । ନିଜକୁ ପ୍ରିୟା ବଜାଜ ଭାବେ ପରିଚୟ ଦେଇ ଅଭିଯୁକ୍ତ ଜଣକ ଅଭିଯୋଗକାରୀଙ୍କୁ କମ୍ ଦିନରେ ଅଧିକ ଅର୍ଥ ଲାଭ କରାଇବାର ପ୍ରତିଶ୍ରୁତି ଦେଇ ଷ୍ଟକ୍ ମାର୍କେଟରେ ଅର୍ଥ ବିନିଯୋଗ କରିବାକୁ ପ୍ରବର୍ତ୍ତାଇଥିଲା । ଏହାକୁ ବିଶ୍ୱାସ କରି ଏଲ୍ଆଇସିର ବରିଷ୍ଠ ଅଧିକାରୀ ତଥା ଅଭିଯୋଗକାରୀ ବିଭିନ୍ନ ପର୍ଯ୍ୟାୟରେ ସାଇବର୍ ଠକମାନଙ୍କ ଆକାଉଣ୍ଟକୁ ୭୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଟ୍ରାନ୍ସଫର୍ କରିଥିଲେ । ପରେ ସେ ଠକି ଯାଇଛନ୍ତି ବୋଲି ଜାଣିବାକୁ ପାଇଥିଲେ । ଏଣୁ ସେ ସାଇବର ଥାନାରେ ଏତଲା ଦାୟର କରିଥିଲେ । ପୁଲିସ ଉକ୍ତ ଏତଲାକୁ ଆଧାର କରି ଏକ ମାମଲା ରୁଜୁ କରି ଛାନବିନ ଆରମ୍ଭ କରିଥିଲା । ପୁଲିସ କମିଶନରଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ପୁଲିସ ଟିମ ଗଠନ କରାଯାଇଥିଲା । ଏହି ଟିମ୍‌ରେ ଦୁଇଜଣ ଏସିପି, ଜଣେ ଇନ୍ସପେକ୍ଟର, ଜଣେ ସବ୍ ଇନ୍ସପେକ୍ଟର ଓ ୪ଜଣ କନ୍‌ଷ୍ଟେବଲ ଥିଲେ । ଏହି ଟିମ୍ ମାମଲାର ତଦନ୍ତ କରି ବିଭିନ୍ନ ତଥ୍ୟକୁ ବିଶ୍ଳେଷଣ କରି ବଲାଙ୍ଗୀର ଅଭିମୁଖେ ଯାଇ ବଲାଙ୍ଗୀର ପୁଲିସର ସହାୟତାରେ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଥିଲା । ଏହି ମାମଲାରେ ମୁଖ୍ୟ ଅପରାଧିଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି । ସେମାନଙ୍କୁ ଧରିବା ପାଇଁ ଏକ ଟିମ୍ ରାଜ୍ୟ ବାହାରକୁ ଯାଇଥିବା ଡିସିପି ସୂଚନା ଦେଇଛନ୍ତି । ଅପରପକ୍ଷେ ଏଭଳି ଲାଳସାର ବଶବର୍ତ୍ତୀ ନହେବା ଲାଗି ପୁଲିସ ଜନସାଧାରଣଙ୍କୁ ନିବେଦନ କରିଛି ।



# ଜାତୀୟସ୍ତରୀୟ କର୍ମଶାଳା ଓ ଆଲୋଚନାଚକ୍ର

**କଟକ,୪।୫/ଏନ୍ଏନ୍ଏସ୍:** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆନୁକୂଲ୍ୟରେ 'ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଶିକ୍ଷା ଏବଂ ଶୈଶବର ଯତ୍ନ' ଶୀର୍ଷକ ଜାତୀୟ ସ୍ତରୀୟ ଆଲୋଚନା ଚକ୍ର ଓଷ୍ଟା ରାଜ୍ୟ କାର୍ଯ୍ୟାଳୟ ପରିସରସ୍ଥ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ସର୍ବଭାରତୀୟ ସ୍ତରୀୟ କର୍ମଶାଳାରେ ମୁଖ୍ୟଅତିଥି ଭାବେ ସିଏମ୍‌ସି ସୁବାସ ଚନ୍ଦ୍ର ସିଂହ ଯୋଗଦେଇ ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ବିଶ୍ୱ ଶିକ୍ଷକ ସଂଗଠନର ସଭାପତି ଡ. ଅମୀୟ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ବାରବାଟୀ କଟକର ବିଧାୟିକା ସୋଫିଆ ଫିରଦୋସ୍, ଅନ୍ୟତମ ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇଥିଲେ ।




ଏଆଇଏଫ୍ଇଏ.ର ସଭାପତି ସୁଧୀର କୁମାର ଉକ୍ତ କର୍ମଶାଳାରେ ସଭାପତିତ୍ୱ କରିଥିଲେ । ସାଧାରଣ ସମ୍ପାଦକ ନବ କୁମାର କର୍ମାକାର ଆୟୋଜିତ ସଭାର ଉଦ୍ଦେଶ୍ୟ ସଂକ୍ରାନ୍ତରେ ବକ୍ତବ୍ୟ ରଖିଥିଲା ବେଳେ ଓଲ୍‌ଷ୍ଟାର ସଭାପତି ବିକ୍ରମ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଆଲୋଚନାଚକ୍ରରେ ଅଖିଳ ଭାରତୀୟ ଶିକ୍ଷକ ମହାସଂଘର ସମସ୍ତ ପଦାଧିକାରୀଙ୍କ ସମେତ ମିଥିଲେଶ ଶର୍ମା, କୋଷାଧ୍ୟକ୍ଷ ମନୋଜ କୁମାର, ଓଷ୍ଟାର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, କମଳ ଲୋଚନ ବିଶ୍ୱାଳ, ଅଜୟ କୁମାର ସାମଲ,ବିବେକାନନ୍ଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

ବ୍ରିଜ୍ ସ୍ଲାବ୍ ଖସି ୩ ମୃତ୍ୟୁ ଘଟଣା

# ତଦନ୍ତକାରୀ ଟିମ୍‌ର ଯାଞ୍ଚ ଆରମ୍ଭ

**କଟକ,୪।୫/ଏନ୍ଏନ୍ଏସ୍:** କଟକ ଖାନନଗର ରିଂ ରୋଡ୍ ସମ୍ପ୍ରସାରଣ ବେଳେ ବ୍ରିଜ୍ ସ୍ଲାବ୍ ଖସି ୩ ଜଣଙ୍କ ମୃତ୍ୟୁ ହୋଇଥିବା ଘଟଣାରେ ଆଜି ଘଟଣା ସ୍ଥଳରେ ପହଞ୍ଚିଛି ତଦନ୍ତକାରୀ ଟିମ୍ । କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓସାହେବ ସିନ୍ଧେଙ୍କ ନିର୍ଦ୍ଦେଶ ପରେ ସଦର ଉପଜିଲ୍ଲାପାଳ ଦିବ୍ୟ ଜ୍ୟୋତି ସ୍ମୃତି ରଞ୍ଜନ ଦେଓଙ୍କ ନେତୃତ୍ୱରେ ଗଠିତ ଏହି ଟିମ୍‌ରେ ଅଧୀକ୍ଷଣ ଯନ୍ତ୍ରୀ ଡିଭିଜନ-୨ ସ୍ମୃତିରଞ୍ଜନ ପତି ଓ ଶ୍ରମ ଅଧିକାରୀ ପ୍ରସନ୍ନ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଛନ୍ତି । କେଉଁ ପରିସ୍ଥିତିରେ କ୍ରେନ୍ ଭାଙ୍ଗିଲା ସେନେଇ ସବିଶେଷ ଯାଞ୍ଚ କରାଯାଇଛି । ଘଟଣାର ସମ୍ପୂର୍ଣ୍ଣ ଯାଞ୍ଚ ହେବା ସହ ଠିକା ସଂସ୍ଥାକୁ ଏନେଇ ପଚରାଉଚୁରା କରାଯିବ ବୋଲି ଉପଜିଲ୍ଲାପାଳ କହିଛନ୍ତି । ସେହିଭଳି ସମସ୍ତ ଟେକ୍ନିକାଲ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ କରାଯାଉଛି ବୋଲି ଅଧିକ୍ଷଣ ଯନ୍ତ୍ରୀ କହିଛନ୍ତି । ଅପରପକ୍ଷେ ମୃତକମାନଙ୍କର ଶବ ଆଜି ଏସ୍‌ସିବିରେ ବ୍ୟବଚ୍ଛେଦ କରାଯିବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା । ଶବ କିଭଳି ସେମାନଙ୍କ ଘରେ ପହଞ୍ଚିବ ସେନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା । ସୂଚନାଯୋଗ୍ୟ ଏହି ଦୁର୍ଘଟଣାରେ ସାଇଟ୍ ଇଞ୍ଜିନିୟର ବାଲେଶ୍ୱରର ସୌମ୍ୟ ରଞ୍ଜନ ମଲ୍ଲିକ (୩୦), କଟକର ଶିବ ଶଙ୍କର ପଟ୍ଟନାୟକ (୨୮) ଓ ପଶ୍ଚିମବଙ୍ଗ ରାଜ୍ୟର ସୁବାସ ଭକ୍ତ (୪୦) ମୃତ୍ୟୁ ହୋଇଥିଲା ବେଳେ ୨ ଜଣ ଶ୍ରମିକ ଅରୁଣ ବାରିକ ଓ ବିକଳ ଜେନା କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି ।

# କଂଗ୍ରେସ ଅନୁସନ୍ଧାନ କମିଟିର ଖାନନଗର ଦୁର୍ଘଟଣାସ୍ଥଳ ପରିଦର୍ଶନ

**କଟକ,୪।୫/ଏନ୍ଏନ୍ଏସ୍:** ଖାନନଗରଠାରେ ନିର୍ମିତ ହେଉଥବା ବ୍ରିଜର କ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ୩ ଜଣ କର୍ମଚାରୀଙ୍କ ପରିବାରକୁ ଅନ୍ୟୁନ ୫୦ ଲକ୍ଷ ଟଙ୍କା ସାହାଯ୍ୟ ଦେବା ଓ ଆହତ ୨ ଜଣଙ୍କୁ ସମସ୍ତ ଚିକିତ୍ସା ଖର୍ଚ୍ଚ ସହିତ ଅନ୍ୟୁନ ୫ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବା ପାଇଁ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ଦାବି କରିଛନ୍ତି । ଏହି ମର୍ମନ୍ତୁଦ ଦୁର୍ଘଟଣାର କାରଣ ସମ୍ବନ୍ଧରେ ଅନୁସନ୍ଧାନ କରିବା ପାଇଁ ଜଣେ ଅବସରପ୍ରାପ୍ତ ଜଜ୍‌ଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ କରିବା ପାଇଁ ମଧ୍ୟ ସେ ଦାବି କରିଛନ୍ତି । ଆଜି ଅପରାହ୍ନରେ ଡ.ଖୁଣ୍ଟିଆ ଦୁର୍ଘଟଣା ଅଞ୍ଚଳ ପରିଦର୍ଶନ କରିଥିଲେ । ତାଙ୍କ ସହିତ କଂଗ୍ରେସର ପୂର୍ବତନ ଜିଲ୍ଲା ସଭାପତି ଗିରିବାଳା ବେହେରା, କଟକ ପୌର ପରିଷଦର ବିରୋଧଦଳର ନେତା ସନ୍ତୋଷ ଭୋଳ, କର୍ପୋରେଟର ଲିଜାରାଣୀ ରାଉତ, କାମେଶ୍ୱର ରାଓ, ସୁବାସିଷ ପଟ୍ଟନାୟକ, ଅମ୍ରିତା ଦାସ, ପ୍ରଭାତୀ ପଟ୍ଟନାୟକ, ଅଜୟ ଗୋଚ୍ଛାୟତ, ସୁରଜିତ ସାହୁ, ଦିଲ୍ଲୀପ ନାୟକ ଓ ମାମାନି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଦେବା ଓ ଜଣେ ସବ୍‌କଲେକ୍ଟରଙ୍କୁ ଓ ପୂର୍ତ୍ତ ବିଭାଗକୁ ଅନୁସନ୍ଧାନ କରିବା ପାଇଁ ଦାୟିତ୍ୱ ଦେବା ଆଦୌ ଗ୍ରହଣୀୟ ନୁହେଁ । ଗତ କିଛିଦିନ ପୂର୍ବରୁ ଏସ୍‌ବିମେଡିକାଲ କଲେଜରେ, ଛତ୍ରବଜାରରେ ଏଭଳି ଦୁର୍ଘଟଣା ଘଟିଥିଲା । ପୂର୍ତ୍ତ ବିଭାଗ ଓ ସ୍ଥାନୀୟ ଅଫିସରମାନଙ୍କ ସହିତ ଠିକାଦାରମାନଙ୍କର ସୁସମ୍ପର୍କ ଥିବାରୁ ତଦନ୍ତ ରିପୋର୍ଟ ନିରପକ୍ଷ ନ ହେବାର ଆଶଙ୍କା ଅଛି ବୋଲି ଡ. ଖୁଣ୍ଟିଆ କହିଛନ୍ତି ।



# ଏକ ଦେଶ-ଏକ ନିର୍ବାଚନ ଆଲୋଚନାଚକ୍ର

**କଟକ,୪।୫/ଏନ୍ଏନ୍ଏସ୍:** ସ୍ଥାନୀୟ ସାରଳା ଭବନଠାରେ 'ଏକ ଦେଶ -ଏକ ନିର୍ବାଚନ ' ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସାମାଜିକ ସଂଗଠନ କଲ୍ୟାଣ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଫାଉଣ୍ଡେସନର ସଭାପତି ସୌମିତ୍ର ଲେଙ୍କା ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଏବଂ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ ଉପସ୍ଥିତ ଥିବାବେଳେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ, ବରିଷ୍ଠ ଅଧିବକ୍ତା ଶ୍ରୀନିବାସ ମହାନ୍ତି,ଅର୍ଥନୀତିଜ୍ଞ ମିହିର ସାହୁ, ତୁଷାରକାନ୍ତ ଚକ୍ରବର୍ତ୍ତୀ, ଲଲାଟେନ୍ଦୁ ବଡୁ,ସ୍ମୃତି ପଟ୍ଟନାୟକ,ପ୍ରଦୀପ୍ତ ପଟ୍ଟନାୟକଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ଏକ ବିକଶିତ ଭାରତ ଗଢ଼ିବାକୁ ହେଲେ ଏହି ସମ୍ବେଦନଶୀଳ ବିଷୟକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ମୂଳ ଲକ୍ଷ୍ୟ ରହିବା ଦରକାର ବୋଲି ଶ୍ରୀ ଶତପଥୀ କହିଥିଲେ । ସଂଗଠନର ଉପସଭାପତି ଦେବାଶିଷ ରାଉତ ଧନ୍ୟବାଦ୍ ଦେଇଥିଲେ ।

# ଚାଲାଣ ଓ ବନ୍ଧକ ଶିଶୁଶ୍ରମିକଙ୍କ ସ୍ଥିତି ଉଦ୍‌ବେଗଜନକ



**କଟକ,୪।୫/ଏନ୍ଏନ୍ଏସ୍:** ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ସେବକ ସମାଜ, କଟକ ଓ ଜିଲ୍ଲାଶିଶୁ ସୁରକ୍ଷା ୟୁନିଟ(ଡି.ସି.ପି.ୟୁ)ର ମିଳିତ ଆନୁକୂଲ୍ୟରେ ରାଜ୍ୟ ତଥା ରାଜ୍ୟ ବାହାରେ ଶ୍ରମିକ ଚାଲାଣଏବଂ ବନ୍ଧକ ଶ୍ରମିକ ସ୍ଥିତିର ଭୟାବହ ବାସ୍ତବତା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ସେବକ ସମାଜର ସମ୍ପାଦକ ଆଇନଜୀବୀ ଅମୀୟ ଭୂଷଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଗ୍ରାମାଞ୍ଚଳ ପୁଲିସ୍‌ର ସ୍ୱତନ୍ତ୍ର କିଶୋର ନ୍ୟାୟ ଅଧିକାରିଣୀ ସସ୍ମିତା ବାରିକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ପ୍ରଗତି ମହାନ୍ତି, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ । ଆଇନଜୀବୀ ଚିତ୍ତ ରଞ୍ଜନ ମହାନ୍ତି, ଆଇଜିଏମ୍ ତରଫରୁ ଅମିତ କୁମାର ଓ ଆଶିଷ କୁମାର ଦିପ୍ ଶିଶୁ ଚାଲାଣ ଓ ଶିଶୁ ବନ୍ଧକ ଶ୍ରମିକଙ୍କ ପାଇଁ ଥିବା ସାମ୍ବିଧାନିକ ବ୍ୟବସ୍ଥା ଓ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ନିୟୁ ଭିଜନ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ବିକ୍ରମ ଆଦିତ୍ୟ, ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ରାଜ୍ୟ ସଭାପତି ପ୍ରିୟମ୍ବଦା ନାୟକ ଓ ସଭ୍ୟା ଶର୍ମିଳା ଦାସ, ସାଇ ଅନୁଷ୍ଠାନର ତସଲିମା ବାଲିର ଓ ସୁମିତ୍ରା ନାୟକ ପ୍ରମୁଖ ଯୋଗଦେଇଥିଲେ । ଉତ୍କଳ ସେବକ ସମାଜର ନର୍ଦ୍ଦେଶକ ଇଂ. ଅନ୍ୱୟ ଅଭିନବ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ଓଝା ଓ ପ୍ରଶାସନିକ ଅଧିକାରୀ ମଳୟ କୁମାର ଷଡ଼ଙ୍ଗୀ ସଂଯୋଜନା କରିଥିଲେ ।

# 'ଅଶୋକା' ଅତିକ୍ରମ କଲା ୧୦୦ କୋଟିର ମାଇଲ୍‌ଖୁଣ୍ଟ




**କଟକ,୪।୫/ଏନ୍ଏନ୍ଏସ୍:** 'ଏମ୍‌ବିଡି' ଗ୍ରୁପ୍ ଦ୍ୱାରା ପରିଚାଳିତ ପ୍ରମୁଖ ଶୈକ୍ଷିକ ପ୍ରଯୁକ୍ତି ବିଦ୍ୟା ପ୍ଲାଟଫର୍ମ 'ଅଶୋକା' ଏଇ ନିକଟରେ ୧୦୦ କୋଟି ରାଜସ୍ୱର ମାଇଲଖୁଣ୍ଟ ଅତିକ୍ରମ ଉତ୍ସବ ପାଳନ କରିଛି । ପ୍ରାଥମିକରୁ ମାଧ୍ୟମିକ ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଯୁକ୍ତି ବିଦ୍ୟାର ବର୍ଦ୍ଧିତ ପ୍ରଭାବର ଏକ ଶକ୍ତିଶାଳୀ ପ୍ରମାଣ ହେଲା ଏହି ଉତ୍ସବ । ନୋଏଡାସ୍ଥିତ ରାଡିସନ ବ୍ଲୁ ଏମ୍‌ବିଡି ହୋଟେଲରେ ଏମ୍‌ବିଡି ଗ୍ରୁପ୍ର ଅଧ୍ୟକ୍ଷ ସତୀଶବାଲା ମାଲହୋତ୍ରା, ପରିଚାଳନା ନିର୍ଦ୍ଦେଶକ ମୋନିକା ମାଲହୋତ୍ରା କାନ୍ଧାରୀ, ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ସୋନିକା ମାଲହୋତ୍ରା କାନ୍ଧାରୀ ଏବଂ ଅଶୋକାର ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରବୀଣ ସିଂହଙ୍କ ଉପସ୍ଥିତିରେ ଏକ ଗଣମାଧ୍ୟମ ଆଲୋଚନା ସମୟରେ ଏହି ଘୋଷଣା କରାଯାଇଥିଲା ।

ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ପାଇଁ ଶିକ୍ଷାକୁ ଅଧିକ ସୁଗମ, ଆକର୍ଷଣୀୟ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ୨୦୨୨ରେ ୩୦୦ ସ୍କୁଲ ଏବଂ ୧୦ କୋଟି ରାଜସ୍ୱରୁ ଆରମ୍ଭ ହୋଇଥିଲା ଅଶୋକାର ଯାତ୍ରା । ବର୍ତ୍ତମାନ ସୁଦ୍ଧା ଏହା ୪୦୦୦ରୁ ଅଧିକ ସ୍କୁଲ ସହିତ ସହଭାଗିତା କରିବା ସହ ୯.୫ ଲକ୍ଷ ଛାତ୍ରଛାତ୍ରୀ ଏବଂ ୮୦,୦୦୦ ଶିକ୍ଷକଙ୍କୁ ସଶକ୍ତ କରିଛି ଏବଂ ମାତ୍ର ଚାରି ବର୍ଷ ମଧ୍ୟରେ ୧୦୦ କୋଟି ରାଜସ୍ୱ ସଂଗ୍ରହର ଉଲ୍ଲେଖନୀୟ ସ୍ଥିତିରେ ପହଞ୍ଚିଛି । ଏକ ମିଶନ ଭାବରେ ଆରମ୍ଭ ହୋଇଥିବା ଅଶୋକା ଏବେ ଏକ ଆନ୍ଦୋଳନରେ ପରିଣତ ହୋଇଛି - ଯାହା ଭାରତର କାଶ୍ମୀରରୁ କନ୍ୟାକୁମାରୀ ଏବଂ କଚ୍ଛରୁ ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ ବ୍ୟାପ୍ତ । ବର୍ତ୍ତମାନ ଆନ୍ତର୍ଜାତୀୟ ସ୍ତରରେ ମଧ୍ୟପ୍ରାଚ୍ୟ ଏବଂ ଦକ୍ଷିଣ ଆଫ୍ରିକା ଭଳି ଅଞ୍ଚଳରେ ମଧ୍ୟ ଏହା ନିଜର ସ୍ଥିତି ମଜଭୁତ୍ କରିବା ଆରମ୍ଭ କରିଛି । ଏକ ସ୍ପଷ୍ଟ ଦୃଷ୍ଟିକୋଣ ସହିତ ଅଶୋକା ଆଗାମୀ ୨୦୨୮ ସୁଦ୍ଧା ୨୦,୦୦୦ ସ୍କୁଲକୁ ଛୁଇଁବାକୁ ଲକ୍ଷ୍ୟ ରଖିଛି ।

# ଆଦର୍ଶ ପ୍ରତିଭା ବିକାଶ ପରିଷଦର କବିତା ଆସର



**କଟକ,୪।୫/ଏନ୍ଏନ୍ଏସ୍:** ଆଦର୍ଶ ପ୍ରତିଭା ବିକାଶ ପରିଷଦର କବିତା ଆସର ଓ ଆଲୋଚନାଚକ୍ର ଚାଉଳିଆଗ ସ୍ଥିତ ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଡ. ପଣ୍ଡିତ ଅଭୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆସରକୁ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ଡ.ପଣ୍ଡିତ ଚୈତନ୍ୟ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ବିଜୟ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନା, ବରେଣ୍ୟ ଅତିଥି ଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି,ସମ୍ମାନିତ ଅତିଥି ଭାବେ ଆଦିକନ୍ଦ ରାଉତ ଯୋଗଦେଇ ହସ ଓ ରସଯୁକ୍ତ କବିତା ମାନବକୁ ଦୀର୍ଘଜୀବୀ କରିଥାଏ ବୋଲି କହିଥିଲେ । କବି ମନୋରଞ୍ଜନ ପଣ୍ଡା, ଡ. ବସନ୍ତ କୁମାରୀ ନନ୍ଦଙ୍କ ସଂଯୋଜନାରେ କବି ରବୀନ୍ଦ୍ର ନାଥ ପଣ୍ଡା, ଅକ୍ଷୟ କୁମାର ସାହାଣି, ବିମଳ କୁମାର ଦାଶ, ସରୋଜକାନ୍ତ ରଥ, ସଚ୍ଚିଦାନନ୍ଦ କର, ନିବେଦିତା ମହାନ୍ତି, ତିଲୋତ୍ତମା ପାଣିଗ୍ରାହୀ, ଅନ୍ନପୂର୍ଣ୍ଣା ସାହୁ, ମଧୁସ୍ମିତା ମିଶ୍ର, ବନଲତା ମହାପାତ୍ର, ଜୟନ୍ତୀ ପତି ଓ ନଳିନୀପ୍ରଭା ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । କବି ଅଭୟ ପାତ୍ର ଧନ୍ୟବାଦ୍ ଦେଇଥିଲେ ।

## ଆଜିର ଇତିହାସ

- ୧୯୧୬-ପୂର୍ବ ରାଷ୍ଟ୍ରପତି ଜ୍ଞାନୀ ଜୈଲ୍ ସିଂହ ଏହି ଦିନ ଜନ୍ମଗ୍ରହଣ କରିଥିଲେ।
- ୧୯୪୪ - ମହାତ୍ମା ଗାନ୍ଧୀ ଜେଲ୍‌ରୁ ମୁକ୍ତ ହୋଇଥିଲେ।
- ୧୯୪୯-ଦେଶରେ ଝାଡ଼ଖଣ୍ଡ ପାର୍ଟିର ସ୍ଥାପନା ହୋଇଥିଲା।
- ୧୯୮୮-ଏଭେରେଷ୍ଟ ଶିଖରରେ ପ୍ରଥମ ଟେଲିଭିଜନ ପ୍ରସାରଣ କରାଯାଇଥିଲା।
- ୨୦୦୩-ଭାରତ-ବାଂଲାଦେଶ ସଂଯୁକ୍ତ ନଦୀ ଆୟୋଗର ବୈଠକ ସିଲ୍‌ହଟରେ ଆରମ୍ଭ।
- ୨୦୦୬-ସଙ୍ଗୀତ-ନିର୍ଦ୍ଦେଶକ ନୌଶାଦ ଅଲୀ ଦୁନିଆରୁ ବିଦାୟ ନେଇଥିଲେ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ପ୍ରମୋଶନ ଯୋଗ ରହିଛି। ସୁଖର ସାଧନ ମିଳିଯିବ। ଜମି ଓ ବାହନ କିଣିବାର ଯୋଜନା କରିବେ। ବଡ଼ ସୌଦା ବଡ଼ ଲାଭ ଦେବ। ଉନ୍ନତିର ମାର୍ଗ ପ୍ରଶସ୍ତ ହେବ। ସ୍ୱାସ୍ଥ୍ୟ ଚିନ୍ତା ଲାଗି ରହିବ। କାର୍ଯ୍ୟରେ ବାଧା ସମ୍ଭବ।

**ବୃଷ** - ସ୍ୱାସ୍ଥ୍ୟ ଦୁର୍ବଳ ରହିବ। ବାହନ, ମେସିନାରୀ ଓ ଅଗ୍ନି ଆଦିର ପ୍ରୟୋଗରେ ସାବଧାନ ରୁହନ୍ତୁ। ବିବାଦରୁ କ୍ଲେଶ ହେବ। ନେଣଦେଣ ମାମଲା ଭାବିଚିନ୍ତି କରନ୍ତୁ। ବ୍ୟବସାୟ ଠିକ୍ ଚାଲିବ।

**ମିଥୁନ** - ନୂଆ ଯୋଜନା ଆଜି ପ୍ରସ୍ତୁତ କରିବେ। କାର୍ଯ୍ୟପ୍ରଣାଳୀରେ ସୁଧାର ହେବ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ହେବ। ସୁଖର ସାଧନ ସମ୍ଭବ। ନିବେଶ ଶୁଭ ରହିବ। ବ୍ୟବସାୟ ଲାଭଦାୟକ ହେବ। ଧନହାନି ହୋଇପାରେ।

**କର୍କଟ** - କୌଣସି ଏକ ବଡ଼ ଖର୍ଚ୍ଚ ସାମ୍ନାକୁ ଆସିପାରେ। କରଜ ନେବାକୁ ପଡ଼ିପାରେ। କୁସଙ୍ଗତିରୁ ନିଜକୁ ରକ୍ଷା କରନ୍ତୁ। ବିବାଦକୁ ବୃଦ୍ଧି କରାନ୍ତୁ ନାହିଁ। ଚିନ୍ତା ତଥା ଚାପ ରହିବ। ବ୍ୟାପାର ଠିକ୍ ଚାଲିବ। କାର୍ଯ୍ୟକୁଶଳତା କମ୍ ରହିବ।

**ସିଂହ** - ଶୁଭ ସମାଚାର ପାଇବେ। ଆତ୍ମବିଶ୍ୱାସ ବୃଦ୍ଧି ହେବ। ନୂଆ କାମ କରିବାରେ ମନ ଦେବେ। ଦୂର ଯାତ୍ରା ଯୋଗ ରହିଛି। ବ୍ୟାପାରରୁ ଲାଭ ମିଳିବ। ଚାକିରି କ୍ଷେତ୍ରରେ ଶାନ୍ତି ରହିବ। ଶତ୍ରୁ ଭୟ ରହିବ।

**କନ୍ୟା** - କାର୍ଯ୍ୟଭାର ରହିବ। ନେଣଦେଣରେ ଶୀଘ୍ରତା ନକଲେ ଭଲ। ଆୟ ନିଶ୍ଚିତତା ରହିବ। ଏକଦମ୍ ସ୍ୱାସ୍ଥ୍ୟ ଖରାପ ହୋଇଯାଇପାରେ। ଦୁଃଖଦ ସମାଚାର ପାଇବେ। କାମରେ ମନ ଲାଗିବ ନାହିଁ।

**ତୁଳା** - ବାହାରର ଯାତ୍ରା ମନୋରଞ୍ଜନଧର୍ମୀ ହେବ। ସ୍ୱାଦିଷ୍ଟ ଭୋଜନ ମିଳିବ। ବିଦ୍ୟାର୍ଥୀ ବର୍ଗ ସଫଳତା ପାଇବେ। ସମସ୍ୟା କମ୍ ରହିବ। ଶାରୀରିକ କଷ୍ଟ ସମ୍ଭବ। ଅଜ୍ଞାତ ଭୟ ରହିବ। ବ୍ୟାପାରରେ ଲାଭର ଅବସର ପାଇବେ।

**ବିଛା** - ବ୍ୟବସାୟିକ ଯାତ୍ରା ସଫଳ ହେବ। ପ୍ରେମ-ପ୍ରସଙ୍ଗରେ ଅନୁକୂଳତା ରହିବ। ଅପମାନ ହେବା ପରି କୌଣସି କାମ ନକଲେ ଭଲ। କାନୁନୀ ସମସ୍ୟାରେ ସ୍ଥିତି ଅନୁକୂଳ ରହିବ। ମିତ୍ରର ସହଯୋଗ ପାଇବେ।


**ଧନୁ** - ଧନଲାଭର ଅବସର ପାଇବେ। ବୈବାହିକ ପ୍ରସ୍ତାବ ମିଳିପାରେ। ଶାରୀରିକ କଷ୍ଟ ପାଇପାରନ୍ତି। ଅଜ୍ଞାତ ଭୟ ସମସ୍ୟାରେ ପକେଇବ। ତନ୍ତ୍ର-ମନ୍ତ୍ରରେ ରୁଚି ବଢ଼ିବ। ମାର୍ଗଦର୍ଶନ ହୋଇପାରେ।

**ମକର** - ଆଜି ବ୍ୟବସାୟିକ ଯାତ୍ରା ସଫଳ ହେବ। ଲାଭର ଅବସର ପାଇବେ। କୌଣସି ବଡ଼ କାମ କରିବାକୁ ମନ ବଳେଇବେ। ବ୍ୟାପାର ମନ ଅନୁକୂଳ ରହିବ। ନିବେଶ ଶୁଭ ରହିବ। ଘରର ଛୋଟ ସଦସ୍ୟଙ୍କ ଚିନ୍ତା ବଢ଼ିବ।

**କୁମ୍ଭ** - ଆଜି ଅପ୍ରତ୍ୟାଶିତ ଲାଭ ହୋଇପାରେ। ରୋଜଗାର ପ୍ରାପ୍ତିର ପ୍ରୟାସ ସଫଳ ହେବ। ବଡ଼ କମ୍ପାନୀ ସହିତ କାରବାରରେ ଲାଭ ପାଇବେ। ପ୍ରେମ ସମ୍ବନ୍ଧ ପାଇଁ ଦିନଟି ସାମାନ୍ୟ। ବଡ଼ ସମସ୍ୟାର ଅନ୍ତ ହେବ।

**ମୀନ** - ଆଜିର ପ୍ରୟାସ ସଫଳ ହେବ। ସାମାଜିକ ପଦ-ପ୍ରତିଷ୍ଠା ବୃଦ୍ଧି ହେବ। କାମର ପ୍ରଶଂସା ମିଳିବ। ବ୍ୟବସାୟ ମନ ଅନୁକୂଳ ହେବ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ହେବ। କାରବାରର ବିସ୍ତାର ହୋଇପାରେ।

## ଶ୍ରୀମଦ୍ ଭଗବଦ୍‌ଗୀତା




**ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ।**
**ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ୍। (୯/୨୨)**

ଅନନ୍ୟ ଚିତ୍ତରେ ମୋର ଚିନ୍ତାରେ ନିରନ୍ତର ଅବସ୍ଥାନ କରି ଯେଉଁ ଭକ୍ତମାନେ ମୋର ଉପାସନା କରନ୍ତି, ମୁଁ ସେହି ନିତ୍ୟ ଅନୁରକ୍ତ ଭକ୍ତମାନଙ୍କର ଯୋଗ ଓ କ୍ଷେମକୁ ବହନ କରିଥାଏ। ଅର୍ଥାତ ଅପ୍ରାପ୍ତ ବସ୍ତୁର ପ୍ରାପ୍ତିକୁ ଯୋଗ ଓ ପ୍ରାପ୍ତ ବସ୍ତୁକୁ ରକ୍ଷା କରିବାକୁ କ୍ଷେମ କୁହାଯାଏ। ଯୋଗକ୍ଷେମର ଅର୍ଥ ହେଉଛି ସାଂସାରିକ ନିତ୍ୟ ନିର୍ବାହ। ଭଗବାନ ଏଠାରେ କହୁଛନ୍ତି - ଯେଉଁମାନେ ମୋର ଶରଣାଗତ ହେଇ ସବୁବେଳେ ମୋତେ ଚିନ୍ତା କରନ୍ତି ଓ ମୋର ଉପାସନା କରନ୍ତି ସେମାନେ ପ୍ରାର୍ଥନା ନ କଲେ ବି ମୁଁ ତାଙ୍କର ସାଂସାରିକ ସମସ୍ତ ନିର୍ବାହ ନିଜେ କରିଦିଏ। ସକାମ ଭକ୍ତମାନଙ୍କ ପରି ମୋ ଭକ୍ତମାନେ ନାନା ଅଭାବରେ ପଡନ୍ତି ନାହିଁ। ଶ୍ରୀ ରାମକୃଷ୍ଣ କହୁଥିଲେ - ଭକ୍ତ ଯେତେବେଳେ ଗୋଟିଏ ପାଦ ଈଶ୍ୱରଙ୍କ ଆଡକୁ ପକାଏ, ସେତେବେଳେ ଈଶ୍ୱର ଦଶ ପାଦ ପକାଇ ଭକ୍ତ ଆଡକୁ ଆସନ୍ତି।

# ରହସ୍ୟମୟ ସମୁଦ୍ରୀ କ୍ଷେତ୍ର

ପୃଥିବୀରେ ରହିଛି ଏପରି ଅନେକ ରହସ୍ୟମୟ ସ୍ଥାନ ଯେଉଁଗୁଡ଼ିକର ନାମ ଶୁଣିବା ମାତ୍ରେ ଭୟ ଲାଗେ। ଏଥିମଧ୍ୟରୁ ଏକ ଭୟଙ୍କର ସମୁଦ୍ରୀ ଲାଇନ୍ ରହିଛି ଯାହାକୁ ଡେଭିଲ୍ସ ଟ୍ରାଏଙ୍ଗଲ୍ ବୋଲି କୁହାଯାଏ। ଏହି ସମୁଦ୍ରୀ କ୍ଷେତ୍ରଟିର ବେଶ୍ ପ୍ରସିଦ୍ଧି ରହିଥିଲେ ମଧ୍ୟ ତା'ର ଭୟଙ୍କର ତଥ୍ୟ ଓ ଘଟଣାଗୁଡ଼ିକ ଲୋକମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଥାଏ। ଏହି ସ୍ଥାନଟି ସମୁଦ୍ରର ସେହି କ୍ଷେତ୍ରରେ ରହିଛି ଯେଉଁଠାରେ ଶହ ଶହ ଜାହାଜ ଓ ବିମାନ ରହସ୍ୟମୟ ଭାବରେ ଅଦୃଶ୍ୟ ହୋଇଯାଆନ୍ତି। ନା କେବଳ ମଣିଷ, ପକ୍ଷୀମାନେ ମଧ୍ୟ ସେ ସ୍ଥାନରେ ଅଚାନକ ଗାୟବ ହୋଇଯାଆନ୍ତି। ଏହି ସମୁଦ୍ରୀ କ୍ଷେତ୍ରଟି ମୁଖ୍ୟତଃ ମିୟାମୀ, ବରମୁଡ଼ା ଓ ପୁଏର୍ଟୋ ରିକୋ ମଧ୍ୟରେ ଅବସ୍ଥିତ। ଏହାକୁ ବରମୁଡ଼ା ଟ୍ରାଏଙ୍ଗଲ୍ ନାମରେ ସମସ୍ତେ ଜାଣନ୍ତି। ୧୯୫୦ ଦଶକରେ ପ୍ରଥମ ଥର ଏହି କ୍ଷେତ୍ରଟି ଚର୍ଚ୍ଚାର ପରିସରକୁ ଆସିଥିଲା ଯେତେବେଳେ ଏକ ବିମାନ ଓ ତା'ର ଚାଳକଦଳ ସମ୍ପର୍କରେ ଖବର ଆସିଥିଲା। ଏହା ପରଠାରୁ ରହସ୍ୟମୟ ଘଟଣା ପାଇଁ ସ୍ଥାନଟି କୁଖ୍ୟାତ ହୋଇଗଲା। ଲୋକମାନେ ଏହି କ୍ଷେତ୍ରଟିକୁ ନେଇ ଭିନ୍ନ ଭିନ୍ନ କାହାଣୀ କହିବାକୁ ଲାଗିଲେ ଯେଉଁ କାରଣରୁ ଏହାକୁ ଏକ ଅଲୌକିକ କ୍ଷେତ୍ର ବୋଲି କୁହାଗଲା। କିନ୍ତୁ ବୈଜ୍ଞାନିକମାନେ ଏହାକୁ ପାଣିପାଗର ଅସାମାନ୍ୟ ପରିବର୍ତ୍ତନ ସହିତ ଯୋଡ଼ିଥିଲେ। ୧୯୧୮ରେ ସେଠାରେ ଘଟିଥିଲା ଏକ ପ୍ରସିଦ୍ଧ ଘଟଣା ଯେତେବେଳେ ୟୁଏସ୍‌ଏସ୍ ସାଇକ୍ଲୋପ୍ସ ନାମକ ଏକ ଜାହାଜ ସେହି କ୍ଷେତ୍ରରେ ଅଦୃଶ୍ୟ ହୋଇଗଲା। ଏହାପରେ ୧୯୪୫ରେ ପାଞ୍ଚଟି ଆମେରିକାନ୍ ଯୁଦ୍ଧ ବିମାନର ଏକ ଦଳ ଏହି ଟ୍ରାଏଙ୍ଗଲରେ ଅଦୃଶ୍ୟ ହୋଇଗଲେ। ପକ୍ଷୀମାନେ ମଧ୍ୟ ଏହି ସ୍ଥାନ ଉପରେ ଉଡ଼ିଲେ ଅଚାନକ ଦିଗ ପରିବର୍ତ୍ତନ କରିବାର ଦେଖିବାକୁ ମିଳେ। ବୈଜ୍ଞାନିକମାନେ ଏହାକୁ ଏକ ଚୁମ୍ବକୀୟ କ୍ଷେତ୍ର ଭାବରେ ମାନନ୍ତି ଯାହା ଜୀବମାନଙ୍କର ନାଭିଗେସନ୍‌କୁ ପ୍ରଭାବିତ କରିପାରେ। ସେଠାରେ ଅଚାନକ ଶକ୍ତିଶାଳୀ ଜଳଧାରା ଉତ୍ପନ୍ନ ହୁଏ।



# ଗ୍ୟାସ୍ ବାଦଲ ଓ ତାରା

ସାଧାରଣତଃ କୌଣସି ଗ୍ୟାସ୍ ବାଦଲରୁ ଯେତେବେଳେ ଏକା ସହିତ ହଜାର ହଜାର ତାରା ଜନ୍ମ ନିଅନ୍ତି ସେମାନେ କୋଟି କୋଟି ବର୍ଷ ପର୍ଯ୍ୟନ୍ତ ଏକ ସମୂହରେ ବାନ୍ଧି ହୋଇଯାଆନ୍ତି। କିନ୍ତୁ ବୈଜ୍ଞାନିକମାନେ ଏପରି ଏକ ତାରାସମୂହକୁ ଖୋଜିଛନ୍ତି ତାହା ମାତ୍ର ଦୁଇ କୋଟି ବର୍ଷର ପୁରୁଣା ଅଟେ ଓ ଏହାର ତାରାଗୁଡ଼ିକ ନିଜ ନିଜ ରାସ୍ତାରେ ବାହାରି ସାରିଛନ୍ତି। ଏହି ଅଭୂତପୂର୍ବ ଘଟଣା ବୈଜ୍ଞାନିକମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଛି। ୟୁରୋପୀୟ ଅନ୍ତରୀକ୍ଷ ଏଜେନ୍ସିର ଏକ ମିଶନର ଆକଳନ ଅନୁସାରେ ଆମେରିକାର ଏକ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଡିଲନ୍ ହସନ୍ ଓ ତାଙ୍କ ଦଳ ଏହି ଅନୋଖା କ୍ଲଷ୍ଟର୍‌ର ଅନ୍ୱେଷଣ କରିଛନ୍ତି। ଓଫିୟୁଚସ୍ ନାମକ ନକ୍ଷତ୍ର ନାମରେ ଓଫିୟନ୍ ନାମ ଦିଆଯାଇଛି। ଏହି କ୍ଲଷ୍ଟର୍ ପୃଥିବୀ ଠାରୁ ପାଖାପାଖି ୬୫୦ ଆଲୋକବର୍ଷ ଦୂରରେ ଅବସ୍ଥିତ। ଓଫିୟନ୍‌ରେ ପାଖାପାଖି ୧୦୦୦ଟି ଯୁବତାରା ଅଛନ୍ତି ଯେଉଁଗୁଡ଼ିକ ଖୁବ୍ ଦ୍ରୁତଗତିରେ ଆଗକୁ ବଢୁଛନ୍ତି। କିନ୍ତୁ ବହୁତ ଶୀଘ୍ର ଏହି ସମୂହ ଭାଙ୍ଗିଯିବ। କିନ୍ତୁ ସାଧାରଣତଃ ଏହିପରି ତାରାଗୁଡ଼ିକର ସମୂହ ଭାଙ୍ଗିଯିବା ପାଇଁ ଶହ ଶହ ବର୍ଷ ଲାଗିଯାଏ। ଉଦାହରଣସ୍ୱରୂପ ପ୍ଲେୟାଡିଜ୍ କ୍ଲଷ୍ଟର୍‌ର ବୟସ ୧୦ କୋଟି ଓ ବିହାଇଭ୍ କ୍ଲଷ୍ଟର୍ ପାଖାପାଖି ୬୦ କୋଟି ପୁରୁଣା ଓ ଏହି ଦୁଇଟି ଏବେ ବି ଅପେକ୍ଷାକୃତ ଏକଜୁଟ୍ ହୋଇ ଅଛନ୍ତି। ଏହି ମିଶନ ଦ୍ୱାରା ମିଳିଥିବା ଆକଳନରୁ ଜଣାପଡୁଛି ଯେ ତାରାମାନଙ୍କର ଗତିରେ ଅସମାନତା ଅର୍ଥାତ ଭେଲୋସିଟି ଡିସ୍‌ପର୍ସନ୍ ପାଖାପାଖି ୨୦ କି.ମି ପ୍ରତି ସେକେଣ୍ଡ୍ ଅଛି। ଏହାର କ୍ଲଷ୍ଟର୍‌ର ସବୁଠାରୁ ଦ୍ରୁତ ଓ ଧୀମା ତାରାମାନଙ୍କର ଗତିରେ ସେକେଣ୍ଡ୍ ପ୍ରତି ୨୦ କି.ମିର ପାର୍ଥକ୍ୟ ରହିଛି ଯାହା ଏକ ଅସାମାନ୍ୟ ଓ ଅସ୍ଥିର ସ୍ଥିତି ଅଟେ। ଏତେ ଦ୍ରୁତଗତି କାରଣରୁ ଓଫିୟନ୍‌ର ତାରା ପରସ୍ପରର ଗୁରୁତ୍ୱୀୟ ବଳରେ ବାନ୍ଧିହୋଇ ରହିପାରିବେ ନାହିଁ ଓ ବହୁତ ଶୀଘ୍ର ଅଲଗା ହୋଇଯିବେ।




# ବଡ଼ ପରଦାରେ ରିଦ୍ଧିମାଙ୍କ ଡେବ୍ୟୁ

ରିଦ୍ଧିମା କପୁର ଜଣେ ସଫଳ ବିଜ୍‌ନେସ୍‌ୱୁମ୍ୟାନ ଯାହାଙ୍କର ରହିଛି ଜ୍ୱେଲେରୀ ଡିଜାଇନ୍‌ର ବ୍ୟବସାୟ। ଏହା ସହିତ ରିଦ୍ଧିମାଙ୍କର ଏକ ଶକ୍ତିଶାଳୀ ଫ୍ୟାନ୍ ଫଲୋଇଂ ରହିଛି ସୋସିଆଲ୍ ମିଡିଆରେ। ଏକ ରିପୋର୍ଟ ଅନୁସାରେ ରିଦ୍ଧିମା ଏ ସମୟରେ ୪୩ କୋଟିର ମାଲିକାଣୀ। ତାଙ୍କ ପତି ଭରତ ସାହନୀ ୨୫୦ କୋଟି ସମ୍ପତ୍ତିର ମାଲିକ। ରିଦ୍ଧିମା କପୁର ହେଉଛନ୍ତି ଦିବଂଗତ ଅଭିନେତା ଋଷି କପୁର ଓ ନିତୁ କପୁରଙ୍କ ଝିଅ ଓ ଅଭିନେତା ରନ୍‌ବୀର କପୁରଙ୍କ ଭଉଣୀ। ଖବର ଅନୁସାରେ ୪୪ ବର୍ଷ ବୟସରେ ଏବେ ସେ ଆରମ୍ଭ କରିବେ ନିଜର ଅଭିନୟର କ୍ୟାରିୟର୍। ତେବେ ଏହା ପୂର୍ବରୁ ଗତ ବର୍ଷ ନେଟ୍‌ଫ୍ଲିକ୍ସର ୱେବ୍ ସିରିଜ 'ଫେବୁଲସ୍ ଲାଇଭ୍ସ ଭର୍ସସ୍ ବଲିଉଡ୍ ୱାଇଭ୍ସ'ର ତୃତୀୟ ସିଜିନରେ ରିଦ୍ଧିମା ନଜର ଆସିଥିଲେ। କିନ୍ତୁ ଏଥର ପ୍ରଥମ ଥର ରିଦ୍ଧିମା ବଡ଼ ପରଦାରେ ଡେବ୍ୟୁ କରିବେ। ନିଜେ ରିଦ୍ଧିମା ମଧ୍ୟ ଏ ବିଷୟରେ କହିଛନ୍ତି। ବର୍ତ୍ତମାନ ପାହାଡ଼ରେ ତାଙ୍କ ଫିଲ୍ମର ସୁଟିଂ ଚାଲିଛି। ତେବେ ଏହି ଫିଲ୍ମରେ ରିଦ୍ଧିମାଙ୍କ ସହିତ କମେଡି କିଙ୍ଗ୍ କପିଲ୍ ଶର୍ମା ଓ ନୀତୁ କପୁର ନଜର ଆସିପାରନ୍ତି। ରିଦ୍ଧିମା ଜଣେ ଫିଟ୍‌ନେସ୍‌ପ୍ରିୟ ମଣିଷ। ୪୪ ବର୍ଷରେ ମଧ୍ୟ ତାଙ୍କର ସୌନ୍ଦର୍ଯ୍ୟ ଦେଖିବାଯୋଗ୍ୟ। ସୁନ୍ଦର ସ୍ୱାସ୍ଥ୍ୟ ପାଇବା ପାଇଁ ରିଦ୍ଧିମା ବ୍ୟାୟାମ ଓ ଯୋଗ କରନ୍ତି। ପ୍ରାୟତଃ ତାଙ୍କର ବ୍ୟାୟାମ ଓ ଯୋଗ ଆଦିର ଭିଡିଓଜ୍ ସେ ସେୟାର୍ କରନ୍ତି। ଏକ ସଠିକ୍ ଡାଏଟ୍ ପ୍ଲାନ୍‌କୁ ଫଲୋ କରନ୍ତି ରିଦ୍ଧିମା। ଡାଏଟିଂରେ ବିଶ୍ୱାସ କରୁ ନଥିବା ରିଦ୍ଧିମା ସବୁ କିଛି ଖାଇବାକୁ ପସନ୍ଦ କରନ୍ତି। ସେ ଫ୍ୟାସନ୍ ଡିଜାଇନିଂର କୋର୍ସ ମଧ୍ୟ କରିଛନ୍ତି। ରିଦ୍ଧିମା କପୁର ସାହନୀ ଜଣେ ପ୍ରତିଭାଶାଳୀ ମହିଳା ଯିଏ ନିଜର ପରିବାର ଓ କ୍ୟାରିୟର୍‌କୁ ଅଲଗା ପରିଚୟ ଦେଇଛନ୍ତି।



# ବିପ୍ଳବୀ ଧରଣୀଧର ଭୂୟାଁ



କେନ୍ଦୁଝର ଜିଲ୍ଲାର ଏକ ଆଦିବାସୀ ପଲ୍ଲୀ କୁସୁମିତା ଠାରେ ଏକ ଭୂୟାଁ ପରିବାରରେ ୫ ମେ', ୧୮୬୪ରେ ଜନ୍ମଗ୍ରହଣ କରିଥିଲେ ଧରଣୀଧର ଭୂୟାଁ। ମାତାପିତାଙ୍କ କନିଷ୍ଠ ପୁତ୍ର ଭାବେ ଧରଣୀଧର ଥିଲେ ଜଣେ ମେଧାବୀ ଛାତ୍ର। ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ଇଂରାଜୀ ବିଦ୍ୟାଳୟରୁ ସେ ଶିକ୍ଷା ସମାପ୍ତ କରିଥିଲେ। ଶିକ୍ଷା ପ୍ରତି ତାଙ୍କର ଆଗ୍ରହ ଯୋଗୁ କେନ୍ଦୁଝରର ରାଜା ଧନୁର୍ଜୟ ନାରାୟଣ ଭଞ୍ଜ ତାଙ୍କୁ କଟକରେ ଜମିଜମା ସର୍ବେକ୍ଷଣ ପାଠ ପଢ଼ିବାକୁ ପଠାଇଥିଲେ। ଏହାପରେ ସର୍ବେକ୍ଷଣ ନିରୀକ୍ଷକ (ସର୍ଭେ ଓଭରସିଅର୍) ଭାବେ ସେ ନିଯୁକ୍ତି ପାଇଲେ। ତାଙ୍କର ବ୍ୟକ୍ତିତ୍ୱ, ସାଧୁତା, ପରିଶ୍ରମ ଓ ଅଧ୍ୟବସାୟ ଦ୍ୱାରା ଖୁବ୍ କମ୍ ସମୟ ଭିତରେ ରାଜାଙ୍କର ପ୍ରିୟଭାଜନ ହୋଇପାରିଥିଲେ। ଏଥିପାଇଁ ସେ ଷଡ଼ଯନ୍ତ୍ରର ଶିକାର ହୋଇଥିଲେ। ଧରଣୀଧରଙ୍କୁ ବଦନାମ କରି ରାଜାଙ୍କ ନିକଟରେ ଅପ୍ରିୟ କରିବା ଥିଲା ଷଡ଼ଯନ୍ତ୍ରକାରୀଙ୍କର ଉଦ୍ଦେଶ୍ୟ। ଏ ସମୟରେ କେନ୍ଦୁଝର ଓ ସିଂହଭୂମ ରାଜ୍ୟ ମଧ୍ୟରେ ସୀମାକୁ ନେଇ ବିବାଦ ଦେଖାଦେଇଥିଲା। ସେଥିପାଇଁ ଧରଣୀଧରଙ୍କୁ ମାପଚୁପ ପାଇଁ ସୀମାକୁ ପଠାଇ ଦିଆଗଲା। କିନ୍ତୁ ସେଠାରୁ ଫେରିବା ପରେ ତାଙ୍କ ପଦବୀ ସେ ହରାଇଥିଲେ। ଏହାପରେ ରାଜାଙ୍କ ଅତ୍ୟାଚାରକୁ ବିରୋଧ କରି ଭୂୟାଁ ସମ୍ପ୍ରଦାୟ ମେଳି କରିଥିଲେ। କିନ୍ତୁ ଇଂରେଜମାନଙ୍କ ଦ୍ୱାରା ସେହି ମେଳିକୁ ଦମନ କରିଦିଆ ଯାଇଥିଲା। ଧରଣୀଧର ନିଜ ମେଳି ସହାୟତାରେ ସଶସ୍ତ୍ର ଲଢ଼େଇ କରି ରାଜାଙ୍କୁ ଗାଦିରୁ ହଟାଇ ପ୍ରଜାତନ୍ତ୍ର ପ୍ରତିଷ୍ଠା କରିବାକୁ ଚାହିଁଥିଲେ। କିନ୍ତୁ ଇଂରେଜ ସରକାରଙ୍କ ବିଦ୍ରୋହକୁ ଦମନ କରିବାକୁ ଯାଇ ଧରଣୀଧର ବନ୍ଦୀ ହେଲେ ଓ ବିଦ୍ରୋହର ଅବସାନ ଘଟିଥିଲା। ତାଙ୍କୁ ସାତ ବର୍ଷ ଜେଲ୍‌ଦଣ୍ଡ ମିଳିଥିଲା। ବିଦ୍ରୋହୀ ଧରଣୀଧର କାରାଗାରରୁ ମୁକ୍ତି ପାଇବା ପରେ ଅନେକ ବର୍ଷ ତପସ୍ୟାରତ ରହିଲେ। ଏ ସମୟରେ ତାଙ୍କ ସହିତ ସାକ୍ଷାତ କରିବାକୁ ଯାଇଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସଙ୍କ ପରି ଅନେକ ମନୀଷୀ। ଏହାପରେ ପୁରୀରୁ ଆଳିକୁ ଯାଇ ସେ ଆଶ୍ରମ ସ୍ଥାପନା କରି ସନ୍ନ୍ୟାସୀ ଜୀବନ ଅତିବାହିତ କରିଥିଲେ। ଶେଷରେ ୧୬ ମେ', ୧୯୧୪ରେ ତାଙ୍କର ମୃତ୍ୟୁ ହୋଇଥିଲା।


# ବୈଶ୍ୱିକ ସ୍ୱଚ୍ଛତା ଅଭିଯାନ

ସୁରକ୍ଷିତ ଓ ସୁସ୍ଥ ରହିବା ପାଇଁ ହେଲେ ଆମେ ଦିନରେ କେତେ ଥର ହାତ ଧୋଇବା ବହୁତ ଜରୁରୀ ହୋଇଥାଏ। ଏହାକୁ ନିଜର ଦିନଚର୍ଯ୍ୟାରେ ସାମିଲ କରିଲେ ଭାଇରାଲ୍ ସଂକ୍ରମଣ ଓ ଫ୍ଲୁ ପରି ସମସ୍ୟାରୁ ନିଜକୁ ରକ୍ଷା କରିବା ସହିତ ଅନ୍ୟ ଲୋକମାନଙ୍କର ଜୀବନ ମଧ୍ୟ ରକ୍ଷା କରିହେବ। ଏହାର ଗୁରୁତ୍ୱକୁ ଆଖି ଆଗରେ ରଖି ଆଜି ବିଶ୍ୱ ସ୍ତରରେ ହାତ ସ୍ୱଚ୍ଛତା ଦିବସ ପାଳନ କରାଯାଉଛି। ଏହା ଏକ ବୈଶ୍ୱିକ ସଚେତନତା ଅଭିଯାନ। ହାତ ଧୋଇବା କେତେ ମହତ୍ତ୍ୱପୂର୍ଣ୍ଣ ତାହା ଜାଣିବା ଏହି ଦିବସର ଉଦ୍ଦେଶ୍ୟ। ଏହାଦ୍ୱାରା କୀଟାଣୁ, ଭାଇରସ୍ ଓ ସଂକ୍ରମଣକୁ ପ୍ରଭାବୀ ଢ଼ଙ୍ଗରେ ରୋକିହେବ। ୨୦୦୯ରେ ବିଶ୍ୱ ସ୍ୱଚ୍ଛତା ଦିବସର ଆରମ୍ଭ କରିଥିଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। ସେବେଠାରୁ ଆଜିର ଦିନରେ ଏହି ଦିବସକୁ ପାଳନ କରାଯାଏ। ପ୍ରତିବର୍ଷ ପରି ଏ ବର୍ଷର ଥିମ୍‌ର ଉଦ୍ଦେଶ୍ୟ ହାତର ସ୍ୱଚ୍ଛତାର ବିକଳ୍ପ ଗ୍ଲୋଭ୍ସ ନୁହେଁ ଓ ଅନାବଶ୍ୟକ ଗ୍ଲୋଭ୍ସର ବ୍ୟବହାର ଯୋଗୁ ପର୍ଯ୍ୟାବରଣୀୟ ପ୍ରଭାବ ସମ୍ପର୍କରେ ସଚେତନତା ବୃଦ୍ଧି କରେଇବା ଉଚିତ। ଅପରିଷ୍କାର ହାତ ଦ୍ୱାରା ବ୍ୟାପୁଥିବା ବେମାରୀଗୁଡ଼ିକର ସଂକ୍ରମଣକୁ ରୋକିବା ପାଇଁ ହାତର ସ୍ୱଚ୍ଛତାର ଆବଶ୍ୟକତା ରହିଛି। କେବଳ ପାଣି ସାହାଯ୍ୟରେ ହାତର କୀଟାଣୁମାନେ ମରନ୍ତି ନାହିଁ। ଏମାନେ ନିଜକୁ ଓ ଆଖପାଖର ଲୋକମାନଙ୍କୁ ମଧ୍ୟ ବେମାର କରିପାରନ୍ତି। ଏଥିପାଇଁ ହାତର ସ୍ୱଚ୍ଛତା ବହୁତ ଜରୁରୀ।

-ପ୍ରଥମେ ନିଜ ହାତକୁ ପାଣିରେ ଓଦା କରିବେ। ସାବୁନ କିମ୍ବା ହ୍ୟାଣ୍ଡୱାଶ୍‌ର ବ୍ୟବହାର କରି ହାତରେ ଫେଣ ସୃଷ୍ଟି କରାନ୍ତୁ। ଏବେ ଦୁଇ ହାତକୁ ଅତି କମ୍‌ରେ ୨୦-୩୦ ସେକେଣ୍ଡ ଧରି ରଗଡ଼ି ପରିଷ୍କାର କରିବେ। ଆଙ୍ଗୁଳିଗୁଡ଼ିକ ମଧ୍ୟରେ ନଖ ଓ ହାତଗୁଡ଼ିକର ପଛଭାଗକୁ ପରିଷ୍କାର କରିବାକୁ ଭୁଲନ୍ତୁ ନାହିଁ। ଏହାପରେ ପାଣିଦ୍ୱାରା ହାତକୁ ଭଲ ଭାବରେ ପରିଷ୍କାର କରି ଧୋଇ ରୁମାଲ୍ କିମ୍ବା ତଉଲିଆ ସାହାଯ୍ୟରେ ପୋଛି ଦିଅନ୍ତୁ। ପ୍ରତି କାମ କରିବା ପୂର୍ବରୁ ହାତର ସ୍ୱଚ୍ଛତା ଆବଶ୍ୟକ।

# ଅନୋଖା ସହର-କଟରା

ଜାମ୍ମୁ ଓ କାଶ୍ମୀରର ରିଆସୀ ଜିଲ୍ଲାରେ ଅବସ୍ଥିତ ଅନୋଖା ସହର କଟରା। ସେହିଠାରୁ ମାତା ବୈଷ୍ଣୋ ଦେବୀଙ୍କ ଯାତ୍ରା ଆରମ୍ଭ ହୁଏ। ଦେଶ-ବିଦେଶରୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କର ଏହା ଧାର୍ମିକ କେନ୍ଦ୍ରସ୍ଥଳୀ ହୋଇଥିବାରୁ ପବିତ୍ରତା ଓ ଧାର୍ମିକ ବାତାବରଣକୁ ବଜାୟ ରଖିବା ପାଇଁ ସରକାର ସେଠାରେ ପିଆଜ ଓ ରସୁଣର ବ୍ୟବହାର ଉପରେ ସମ୍ପୂର୍ଣ୍ଣ ଭାବରେ ରୋକ ଲଗାଇ ଦେଇଛନ୍ତି। ହିନ୍ଦୁ ଧର୍ମରେ ପିଆଜ ଓ ରସୁଣକୁ ତାମସିକ ଭୋଜନ ଶ୍ରେଣୀରେ ରଖାଯାଇଛି ଯାହା ଶରୀରରେ ଆଳସ୍ୟ, କ୍ରୋଧ ଓ ଅନ୍ୟ ବିକାରଗୁଡ଼ିକୁ ବୃଦ୍ଧି କରାଏ। ଧାର୍ମିକ ମାନ୍ୟତାଗୁଡ଼ିକ ଅନୁସାରେ ପୂଜାପାଠ ଓ ବ୍ରତ ସମୟରେ ତାମସିକ ଭୋଜନ ଠାରୁ ଲୋକମାନେ ଦୂରରେ ରହନ୍ତି। ମାତା ବୈଷ୍ଣୋ ଦେବୀଙ୍କ ମନ୍ଦିରର ମୁଖ୍ୟ ରାସ୍ତାରେ ଅବସ୍ଥିତ ହୋଇଥିବା କାରଣରୁ କଟରାକୁ ସମ୍ପୂର୍ଣ୍ଣ ଭାବରେ ସାତ୍ତ୍ୱିକ ଓ ଶୁଦ୍ଧ ବାତାବରଣର ସ୍ଥାନ ଭାବରେ ଗଣାଯାଏ। କଟରା ହେଉଛି ଏପରି ଏକ ସ୍ଥାନ ଯେଉଁଠାରେ ପିଆଜ ସହିତ ଜଡ଼ିତ କୌଣସି ଦୋକାନ ନାହିଁ ନା ପରିବା ଦୋକାନଗୁଡ଼ିକରେ ମଧ୍ୟ ପିଆଜ ବିକ୍ରି କରାଯାଏ ନାହିଁ। ସେଠିକାର ରେଷ୍ଟୁରାଣ୍ଟଗୁଡ଼ିକ ଶ୍ରଦ୍ଧାଳୁମାନଙ୍କର ସ୍ୱାଦ ଓ ଆସ୍ଥାକୁ ଧ୍ୟାନରେ ରଖି ବିନା ପିଆଜ-ରସୁଣରେ ବହୁତ ସ୍ୱାଦିଷ୍ଟ ସାତ୍ତ୍ୱିକ ଭୋଜନ ପରଷି ଥାଆନ୍ତି। କଟରା ଯେ କେବଳ ଧାର୍ମିକ ଆସ୍ଥାର ପ୍ରତୀକ ତାହା ନୁହେଁ ଏହା ଜଣାଇଦିଏ ଯେ ଯେତେବେଳେ କୌଣସି ସମୁଦାୟର ସମର୍ପଣ ଓ ଆସ୍ଥା ପ୍ରବଳ ହୋଇଯାଏ ପରମ୍ପରାଗୁଡ଼ିକ ମଧ୍ୟ ନିୟମ ଭାବରେ କାମ କରେ। କଟରା କେବଳ ଯେ ମାତାଙ୍କ ପ୍ରବେଶ ଦ୍ୱାର ତାହା ନୁହେଁ ଏପରି ଏକ ଉଦାହରଣ ଯାହା ଆସ୍ଥା ଓ ଅନୁଶାସନର ଅନୋଖା ସଙ୍ଗମକୁ ପ୍ରସ୍ତୁତ କରିଥାଏ।



# ମଇଦିପୁର ରାଜସ୍ୱ ଗ୍ରାମର ମାନ୍ୟତା ଦାବି

**ଯାଜପୁର,୪।୫/ଏନ୍‌ଏନ୍‌ଏସ୍:** ଯାଜପୁର ବ୍ଲକ ସିମିଳିଆ ପଞ୍ଚାୟତ ମଇଦିପୁର ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ନିମନ୍ତେ ଗ୍ରାମର ସମାଜସେବୀ ସ୍ୱର୍ଗତ ଚନ୍ଦ୍ରମଣି ଭୂୟାଁଙ୍କ ଦୁଇ ପୁତ୍ର ବଳରାମ ବିଶ୍ୱପତି ଭୂୟାଁ ଓ ଗୋପୀନାଥ ଗଜପତି ଭୂୟାଁଙ୍କ ନେତୃତ୍ୱରେ ଗ୍ରାମର ଅଧିବାସୀମାନେ ରାଜସ୍ୱ ମନ୍ତ୍ରୀଙ୍କୁ ଭେଟି ତାଙ୍କର ଦାବି ଜଣାଇଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ସରକାରୀ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ଗସ୍ତରେ ଆସିଥିବା ସମୟରେ ତାଙ୍କର ଯାଜପୁର ଜିଲ୍ଲା ପ୍ରଶାସନିକ ଅଧିକାରୀ ମାନଙ୍କ ସହ ଲୋକମାନଙ୍କ ବିଭିନ୍ନ ସମସ୍ୟାର ବୈଠକ ପରେ ମଇଦପୁରର ଗ୍ରାମବାସୀ, ସମାଜସେବୀ ଗୋପୀନାଥ ଗଜପତି ଭୂୟାଁ ଓ ବଳରାମ ବିଶ୍ୱପତି ଭୂୟାଁ ରାଜସ୍ୱ ମନ୍ତ୍ରୀଙ୍କୁ ଭେଟି ତାଙ୍କର ଦାବି ଜଣାଇଥିଲେ। ମଇଦିପୁର ଗ୍ରାମର ମୋଟ ଜନସଂଖ୍ୟା ୧୧୦୦। ୧୫୦ ଘର ଏଠାରେ ବାସ କରୁଥିବା ବେଳେ ତନ୍ମଧ୍ୟରୁ ୫୭୫ ପୁରୁଷ ଓ ୫୨୫ ମହିଳା ରହନ୍ତି। ମଇଦିପୁର ଗ୍ରାମ ସିମିଳିଆ ରାଜସ୍ୱ ଗ୍ରାମର ଏକ ପଡ଼ା ଗ୍ରାମ। ବିଭିନ୍ନ ସରକାରୀ ଯୋଜନା ତଥା ମନରେଗା, ସ୍ୱଚ୍ଛଭାରତ ଯୋଜନା, ବନ୍ୟା/ବାତ୍ୟା ସହାୟତା



ରାଶି ଏବଂ ଅନ୍ୟାନ୍ୟ ସରକାରୀ ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ମଇଦିପୁର ରାଜସ୍ୱ ଗ୍ରାମ ହୋଇ ନଥିବାରୁ ଅଧିବାସୀମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଇଦିପୁର ଗ୍ରାମ ରାଜସ୍ୱ ଗ୍ରାମ ହୋଇ ନଥିବାରୁ ଏହି ଗ୍ରାମବାସୀ ଜମିବାଡ଼ି କିଣା ବିକା ସମୟରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏତଦ୍‌ବ୍ୟତୀତ ଏହି ଗ୍ରାମଟି ବନ୍ୟାପ୍ରବଣ ଅଞ୍ଚଳ ହୋଇଥିବାରୁ ପ୍ରତିବର୍ଷ ବୁଢ଼ା ଓ ଖରସ୍ରୋତରେ ବନ୍ୟାଜଳ ଆସିବାରୁ ରାସ୍ତାଘାଟ କ୍ଷତି ହେବା ସହ ଫସଲ ମଧ୍ୟ ନଷ୍ଟ ହୋଇଥାଏ। ଏହି ବନ୍ୟା କ୍ଷୟକ୍ଷତିର ଅର୍ଥରାଶି ଗ୍ରାମବାସୀ ପାଇବାରୁ ବଞ୍ଚିତ ହୋଇଥାଆନ୍ତି। ଏପରିକି ଗ୍ରାମର ରାସ୍ତାଘାଟ ଶୋଚନୀୟ ଅବସ୍ଥାରେ ରହିଛି। ଚାଷଜନିତ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁ ନାହିଁ। ସାମାନ୍ୟତମ ସହାୟତା ପାଇଁ ମୁଖ୍ୟ ଗ୍ରାମ ଉପରେ ନିର୍ଭର କରିବାକୁ ପଡୁଛି। ଏହି ଗ୍ରାମରେ ସରକାରୀ ଉଚ୍ଚ ବିଦ୍ୟାଳୟ ଅବସ୍ଥିତ ଥିବାରୁ ୧୦ମ ଶ୍ରେଣୀ ପରୀକ୍ଷା ସାର୍ଟିଫିକେଟ୍‌ରେ ଗ୍ରାମର ନାମ ମଇଦିପୁର ଆସୁଥିବା ବେଳେ ଭୋଟରକାର୍ଡ଼ ଓ ଆଧାରକାର୍ଡ଼ରେ ସିମିଳିଆ ଗ୍ରାମର ନାମ ଆସୁଛି। ଯେଉଁଥିପାଇଁ ବିଭିନ୍ନ ସରକାରୀ କ୍ଷେତ୍ର ହେଉ ବା ବ୍ୟାଙ୍କ ଓ ବେସରକାରୀ କ୍ଷେତ୍ରରେ ଏହାକୁ ନେଇ ଗ୍ରାମର ଅଧିବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବିଷୟରେ ୫ ବର୍ଷ ତଳେ ସମାଜସେବୀ ସ୍ୱର୍ଗତ ଚନ୍ଦ୍ରମଣୀ ଭୂୟାଁ ମଇଦିପୁର ଗ୍ରାମକୁ ରାଜସ୍ୱ ଗ୍ରାମ କରିବା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଦାବି ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ପୂର୍ବ ସରକାରରେ ନିଆଯାଇନାହିଁ। ଆଜି ମଇଦିପୁର ଚନ୍ଦ୍ରମଣି ଭୂୟାଁଙ୍କ ଦୁଇ ପୁଅ ବଳରାମ ବିଶ୍ୱପତି ଭୂୟାଁ ଓ ଗୋପିନାଥ ଗଜପତି ଭୂୟାଁଙ୍କ ନେତୃତ୍ୱରେ ଗ୍ରାମବାସୀ ରାଜସ୍ୱ ମନ୍ତ୍ରୀଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛନ୍ତି। ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ଯେ ଏକ ମାସ ମଧ୍ୟରେ ମଇଦିପୁରକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିବ।

# ଯୁବତୀଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ

## ୧୦ ଦିନ ଧରି ଥିଲେ ନିଖୋଜ

**ତାଳଚେର,୪।୫/ଏନ୍‌ଏନ୍‌ଏସ୍:** ତାଳଚେର ଉପଖଣ୍ଡ କଣିହାଁ ଥାନା ଲୋଧାଝରି ଗ୍ରାମର ଜଣେ ଯୁବତୀ ଆଜକୁ ପ୍ରାୟ ଦଶଦିନ ହେବ ନିଖୋଜ ହୋଇଥିବା ଘଟଣା ଚହଳ ପକାଇଥିବା ବେଳେ ଆଜି ଏହାର ଅନ୍ତ ଘଟିଛି। ପ୍ରକାଶ ଯେ ଉକ୍ତ ଯୁବତୀ ୪ବର୍ଷ ଧରି ଭୁବନେଶ୍ୱରର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। କିଛି ଦିନ ତଳେ କମ୍ପାନୀରୁ ଛୁଟିନେଇ ଘରକୁ ବୁଲି ଆସିଥିଲେ। ୨୬ ତାରିଖ ପୁଣି ଭୁବନେଶ୍ୱର ଯିବାକୁ ଘରୁ ବାହାରିଥିଲେ। ତାଳଚେର ରେଳଷ୍ଟେସନରେ ପହଞ୍ଚି ଟ୍ରେନ ନଥିବା ଜାଣିବାକୁ ପାଇଥିଲେ। ତେଣୁ ଅଟୋରିକ୍ସାରେ ତାଳଚେର ରୋଡ୍ ଷ୍ଟେସନ୍‌କୁ ଯାଇଥିଲେ। କିନ୍ତୁ ରିକ୍ସାରେ ଯିବାପରେ ସୁଭଦ୍ରାଙ୍କ ହଠାତ୍ ଫୋନ ସୁଇଚ୍‌ଅଫ୍ ହୋଇଗଲା। ଘର ଲୋକ ଯେତେ ଚେଷ୍ଟା କଲେ ବି ଯୋଗାଯୋଗ କରିପାରିନଥିଲେ। ବହୁ ଖୋଜାଖୋଜି ପରେ ଝିଅକୁ ପାଇନଥିଲେ। ପରିବାର ଲୋକେ ରେଳଷ୍ଟେସନରେ ଥିବା ଫାଣ୍ଡିରେ ଝିଅ ନିଖୋଜ ଥିବା ଲିଖିତ ଅଭିଯୋଗ କରିଥିଲେ। ଝିଅର ବାପା ପଞ୍ଚାନନ ମଧ୍ୟ ଝିଅକୁ ଅଟୋଚାଳକ ଅପହରଣ କରିଥିବା ସନ୍ଦେହ କରି ଥାନାରେ ପ୍ରକାଶ କରିଥିଲେ। ତେବେ ଝିଅର ଫେରିବା ବାଟକୁ ଚାହିଁ ବାପା, ଭାଇ, ଭାଉଜ ରେଳବାଇ ଫାଣ୍ଡିରେ ଅପେକ୍ଷା ରହିଥିବା ବେଳେ ରେଳବାଇ ପୁଲିସ୍ କୋଲିୟରୀ ଥାନାକୁ ପଠାଇ ଦେଇଥିଲା। ସେଠାରୁ ସେମାନେ ନିରାଶ ହୋଇ ଝିଅର ଅନୁସନ୍ଧାନ ଜାରି ରଖିଥିଲେ ବି ଆଜି ଘଟଣାରେ ଏବେ ନୂଆମୋଡ଼ ଆସିଛି। ବଅଁରପାଳ ଥାନା ଭୋଗବେରଣୀ ପଞ୍ଚାୟତ କେନ୍ଦୁପଲ୍ଲୀ ନିକଟସ୍ଥ ଗାଁ ବିଲମାଳରୁ ଆଜି ଯୁବତୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡ଼ିଛି ଯେ ପ୍ରମାଣ ନଷ୍ଟ କରିବାକୁ ଯାଇ ଯୁବତୀଙ୍କୁ ଗଣଦୁଷ୍କର୍ମ ପରେ ଜାଳିପୋଡ଼ି ମାରିଦିଆଯାଇଛି। ଘଟଣା ସ୍ଥଳରେ ବଅଁରପାଳ ପୁଲିସ୍ ପହଞ୍ଚି ଅଧିକ ତଦନ୍ତ ଚଳାଇଛି।

# ବାବା ଶନିଶ୍ଚରଙ୍କ ବାର୍ଷିକ ଉତ୍ସବ

**ଯାଜପୁର,୪।୫/ଏନ୍‌ଏନ୍‌ଏସ୍:** ଯାଜପୁର ଶୁଭସ୍ତମ୍ଭ ନିକଟସ୍ଥ ଶ୍ରୀଶନିଙ୍କ ମନ୍ଦିରରେ ବାବା ଶନିଶ୍ଚରଙ୍କ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବାବା ଶନିଶ୍ଚରଙ୍କ ଦିବସ ବ୍ୟାପି ବିଭିନ୍ନ ପୂଜାନୀତି ଅନୁଷ୍ଠିତ ହୋଇଯାଇଛି। ସକାଳେ ବାବାଙ୍କର ମହାସ୍ନାନ ପରେ ବଡ଼ ସିଂହାର ବେଶ, ଉପଚାର ପୂଜା ସହ ସୂର୍ଯ୍ୟ ପୂଜା ହୋଇଥିଲା। ପରେ ହୋମଯଜ୍ଞ ଅନୁଷ୍ଠିତ ହୋଇ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏହି ଉତ୍ସବରେ ଯାଜପୁର ସହର ଓ ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ବାବା ଶନିଶ୍ଚରଙ୍କର ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଏହି ଉପଲକ୍ଷେ ବାବାଙ୍କର ମନ୍ଦିର ପରିସର ଆକର୍ଷଣୀୟ ସାଜସଜ୍ଜା କରାଯାଇଥିଲା। ବାବାଙ୍କ ମୁଖ୍ୟ ପୂଜକ ଭାସ୍କର ପଣ୍ଡାଙ୍କ ସହ ମୃତ୍ୟୁଞ୍ଜୟ ପଣ୍ଡା ଓ



ଅନ୍ୟ ପୂଜକମାନେ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ବାବା ଶନିଶ୍ଚର ପୂଜାକମିଟିର ସଦସ୍ୟ ଗୋବିନ୍ଦ ଚନ୍ଦ୍ର ଦାସ, କମଳାକାନ୍ତ ନାଥ, ବିପିନ ସାହୁ, ଦେବାଶିଷ ମହାନ୍ତି, ବଟକୃଷ୍ଣ ନାୟକ ଓ ବିଜୟ ସାହୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସନ୍ଧ୍ୟାରେ ଭଜନ ସଂଧ୍ୟା ଅନୁଷ୍ଠିତ ହୋଇଥିଲା।

# ହାତୀ ମୁହଁରୁ ଅଳ୍ପକେ ବର୍ତ୍ତିଲେ ବୃଦ୍ଧ

**ହିନ୍ଦୋଳ,୪।୫/ଏନ୍‌ଏନ୍‌ଏସ୍:** ହିନ୍ଦୋଳ ଉପଖଣ୍ଡରେ ହାତୀ ଆକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ହିନ୍ଦୋଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଦିନ ଦିପହର ରେ ଘରୁ ଗୋଡ଼ କାଢ଼ିବା ଏକ ପ୍ରକାର ମୁସ୍କିଲ ହୋଇପଡ଼ିଲାଣି। ଆଜି ସକାଳ ୬ଟାରେ ହିନ୍ଦୋଳ ଉପଖଣ୍ଡ ବାର୍ଣ୍ଣିଙ୍ଗା ଗ୍ରାମର ଭିକାରୀ ବିଶ୍ୱାଳ ଗ୍ରାମ ନିକଟରେ ଥିବା ନିଜ କାଜୁ ଜଙ୍ଗଲ କୁ କାଜୁ ସଂଗ୍ରହ କରିବାକୁ ଯାଇଥିବା ଲୋକ ତାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କ ସହାୟତାରେ ନିକଟସ୍ଥ ଡାକ୍ତରଖାନାକୁ ଆଣି ଚିକିତ୍ସା କରାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେ ଘରକୁ ଯାଇଥିଲେ। ସେହି ବାର୍ଣ୍ଣିଙ୍ଗା ଗ୍ରାମରେ ଗତ ମାସ ୨୧ ତାରିଖରେ ବୀଣାପାଣି ସାହୁ ସନ୍ଧ୍ୟା ସମୟରେ ହାତୀ ଆକ୍ରମଣର ଶିକାର ହୋଇ କଟକ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଗ୍ରାମରେ ଖୁବ୍ କମ୍ ଦିନରେ ଦୁଇ ଦୁଇଟି ଘଟଣା ଘଟିଯାଇଥିବା



ବେଳେ ଏକ ଦନ୍ତା ହାତୀ ଆକ୍ରମଣ ର ଶିକାର ହୋଇଥିଲେ। ହାତୀଟି ଭିକାରୀଙ୍କୁ ଶୁଣ୍ଢରେ ଫୋପାଡ଼ି ଦେବାରୁ ସେ ଏକ କାଦୁଆ ବିଲରେ ପଡ଼ିଥିଲେ। ଗତକାଲି ବର୍ଷା ଯୋଗୁଁ ବିଲଟି କାଦୁଆ ଥିବାରୁ ଆଘାତ ଜୋର୍ ରେ ଲାଗି ନ ଥିଲା। ସ୍ଥାନୀୟ ଲୋକ ଜୋର୍‌ରେ ପାଟି କରିବାରୁ ହାତୀଟି ଜଙ୍ଗଲ ଆଡ଼କୁ ପଳାଇ ଯାଇଥିଲା। ଫଳରେ ଭିକାରୀ ଏକ ନିଶ୍ଚିତ ମୃତ୍ୟୁ ମୁଖରୁ ବର୍ତ୍ତିଯାଇଥିଲେ। ସ୍ଥାନୀୟ ବେଳେ ସେଠାରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଛି। ବନ ବିଭାଗ ତରଫରୁ ହାତୀ ଆକ୍ରମଣରୁ ସୁରକ୍ଷା ନିମନ୍ତେ ଚେଷ୍ଟା ଜାରି ରହିଥିଲେ ହେଁ ହାତୀ ଆକ୍ରମଣରେ ଲୋକଙ୍କ ସଂଖ୍ୟା ବଢ଼ି ଚାଲିଛି। ପ୍ରାୟ ସମୟରେ ଗୋଟିକିଆ ଦନ୍ତା ହାତୀ ଆକ୍ରମଣ କରୁଥିବା ବେଳେ ବନ ବିଭାଗ ଏହାକୁ ଗୁରୁତ୍ୱ ଦେଇ ଦନ୍ତା ହାତୀକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ଦାବି ହେଉଛି।

# ବାରୋ ଗାଁର ୩ ନମ୍ବର ଓ୍ୱାର୍ଡରେ ପାନୀୟ ଜଳ ସମସ୍ୟା

**କେନ୍ଦ୍ରାପଡ଼ା,୪।୫/ଏନ୍‌ଏନ୍‌ଏସ୍:** ପାଣି ପାଇଁ ମହିଳା ବସିଲେ ଗାଁ ଦାଣ୍ଡରେ। ବସୁଧା ଯୋଜନାରେ ପ୍ରତି ଘରକୁ ପିଇବା ପାନୀୟ ଜଳ ଯୋଗାଣ ପାଇଁ ବସିଛି ପ୍ରତ୍ୟେକ ଲୋକଙ୍କ ଘର ଦୁଆର ମୁହଁରେ ଗୋଟିଏ/ ଦୁଇଟି ଲେଖା ପାଇପ୍ ହେଲେ ପାଣିର ଦେଖାନାହିଁ। ସରପଞ୍ଚଠାରୁ ଆରମ୍ଭ କରି ବିଧାୟକଙ୍କ ନିକଟକୁ ଦୌଡ଼ି ଦୌଡ଼ି ନିରାଶ ହୋଇ ଆଜି ଗାଁର ମହିଳାମାନେ ହାତରେ ଗରା, ବାଲ୍ଟି ଧରି ଗାଁ ଦାଣ୍ଡରେ ବସିଥିଲେ। ଖବର ପାଇ ସରପଞ୍ଚ ଗୋପୀନାଥ ମଲ୍ଲିକଙ୍କୁ ଘଟଣା ସ୍ଥଳରେ ପହଞ୍ଚିବା ପରେ ମହିଳାମାନେ ତାଙ୍କୁ ଘେରିଯାଇଥିଲେ। ଯେତେବେଳେ ନିଜର ହକ ପାଇଁ ମହିଳାମାନେ ସରପଞ୍ଚଙ୍କୁ ତାଙ୍କ ଗୁହାରି ଜଣାଇଲେ ସେତେବେଳେ ସରପଞ୍ଚଙ୍କ ପାଟିରୁ କଥା ବାହାର ନ ଥିଲା। ଏଭଳି ପରିସ୍ଥିତିରେ ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କୁ ଘେରିଯାଇଥିଲେ। ସରପଞ୍ଚ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ ଯେ ରେକଡ଼ିଙ୍ଗ୍ କରନ୍ତୁନି। ଯଦି କରିବେ ମୁଁ ପଳାଇବି। ପ୍ରକାଶ ଯେ ସେହି



ଗ୍ରାମରେ ଥିବା ନଳକୂଅରୁ ବାହାରୁଛି ଗୋଳିଆ ବା ମାଟିଆ ପାଣି। ବଞ୍ଚିବା ପାଇଁ ନିହାତି ପାଣିର ଆବଶ୍ୟକ ଥିବାବେଳେ କେତେକ ଏହି ନଳକୂଅର ପାଣି ନେଇ ପିଉଥିବା ବେଳେ ଆଉ କେତେକ ଗାଁ ମୁଣ୍ଡରେ ଥିବା ପାନୀୟ ଜଳ ଗାଡ଼ିରୁ ପାଣି ନେଇ ବ୍ୟବହାର କରିଥାଆନ୍ତି। ଏଭଳି ଦୃଶ୍ୟ ସାମ୍ନାକୁ ଆସିଛି କେନ୍ଦ୍ରାପଡ଼ା ବ୍ଲକ ଅଧିନସ୍ଥ ବାରୋ ପଞ୍ଚାୟତ ଅଧୀନରେ ଥିବା ବାରୋ ଗାଁର ୩ ନମ୍ବର ଓ୍ୱାର୍ଡରେ। ମହିଳାଙ୍କ ଅଭିଯୋଗ ହେଉଛି ଯେ ପାଣି ଟାଙ୍କିଠାରୁ ଗାଁର ଦୂରତା ଏକ କିଲୋମିଟର। ପ୍ରାୟ ଲୋକ ମୋଟର ଲଗାଇ ପାଣି ନେଉଥିବା କାରଣରୁ ଗାଁର ଶେଷ ମୁଣ୍ଡକୁ ପାଣି ଆସୁନାହିଁ। ଏକ ସ୍ୱତନ୍ତ୍ର ଏକ ପାଣି ଟାଙ୍କି ନିର୍ମାଣ କରାଯାଇ ପାଣି ଯୋଗାଇ ଦିଆଯିବା ଲାଗି ମହିଳାମାନେ ଦାବି କରିଛନ୍ତି। ଆଜି ପାଣି ଯୋଗାଇ ଦେବେ ବୋଲି ସରପଞ୍ଚ ପ୍ରତିଶ୍ରୁତି ଦେଇଥିଲେ।

# ଉତ୍କଳ ସେନା ନିବୃତ୍ତ ସେନାନୀ ସଂଘର ଜଳସେବା ଶିବିର



**ନାଉଗାଁ,୪।୫/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଉତ୍କଳ ସେବା ନିବୃତ୍ତ ସେନାନୀ ସଂଘ ପକ୍ଷରୁ ପହଲଗାମ୍‌ରେ ଆତଙ୍କବାଦୀ ଙ୍କ ଦ୍ୱାରା ନିହତ ହୋଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ନାଉଗାଁ ବ୍ଲକ ନିକଟସ୍ଥ ଶିଖର ଘାଟ,ବାଲିଭଉରି ମୁଖ୍ୟ ରାସ୍ତାର ମୁଗେଇ ଛକ ନିକଟରେ ଏକ ଜଳସେବା ଶିବିର ବରିଷ୍ଠ ଭୂତପୂର୍ବ ସୈନିକ ଗୁନ ଚରଣ ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ସର୍ବ ପ୍ରଥମେ ପହଲଗାମ୍‌ରେ ପ୍ରାଣ ହରାଇଥିବା ନିରିହ ଜନତାଙ୍କ ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଉକ୍ତ ଶିବିରରେ ଗ୍ରୀଷ୍ମ ରିତୁରେ ରାସ୍ତାରେ ଯାଉଥିବା ବାଟୋଇ ତଥା ଯାତ୍ରୀ ମାନଙ୍କୁ ସଂଘ ପକ୍ଷରୁ ଜଳଦାନ କରିବା ସହିତ ରାସ୍ତାରେ ଯାତାୟତ କରୁଥିବା ଯାତ୍ରୀ ତଥା ବାହାନ ଚାଳକ ମାନଙ୍କୁ ସଡ଼କ ସୁରକ୍ଷା ବିଷୟରେ ସଚେତନତାର ବାର୍ତ୍ତା ପ୍ରଦାନ ହୋଇଥିଲା। ସେବାରୁ ନିବୃତ୍ତ ହେଲାପରେ ମଧ୍ୟ ମାତୃଭୂମି ପ୍ରତି ନିଜର କର୍ତ୍ତବ୍ୟକୁ ସେମାନେ ବଜାୟ ରଖିଛନ୍ତି। ସଂଘ ପକ୍ଷରୁ ଏହିପରି ପ୍ରତି ବର୍ଷ ଜିଲ୍ଲାର ବିଭିନ୍ନ ବ୍ଲକରେ ଜଳ ସେବା ସହିତ ଅନ୍ୟାନ୍ୟ ଜନକଲ୍ୟାଣ କାର୍ଯ୍ୟକ୍ରମ ପାଇଁ ଉତ୍କଳ ସେବା ନିବୃତ ସେନାନୀ ସଂଘ ଜଗତସିଂହପୁର ଜିଲ୍ଲାରେ ପ୍ରଶଂସାର ପାତ୍ର ପାଲଟିଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଯୁବକମାନେ ମଧ୍ୟ ସାହାଯ୍ୟ କରିବା ସହିତ ସଂଘର ଅନ୍ୟ ସଦସ୍ୟ ଆଡ଼୍‌ଭାଇଜର ସୁକାନ୍ତ କୁମାର ମହାନ୍ତି, ଗୋପାଳ ମହାପାତ୍ର, ଜଟାଧାରୀ ନାଥ, ହରେକୃଷ୍ଣ ବାରିକ, ଜଗନ୍ନାଥ ଦାସ, ଉମେଶ ଚନ୍ଦ୍ର ସ୍ୱାଇଁ, ଯୁଗଳ କିଶୋର ମହାନ୍ତି, ପର୍ଶୁରାମ ମହାପାତ୍ର, ପ୍ରିୟ ରଞ୍ଜନ ସାହୁ ଓ ଯୁଗନ୍ ଜ୍ୟୋତି ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସମସ୍ତ ପ୍ରକାର ସହାୟତା କରିଥିଲେ।

# ମୁଗୁପାଳ ଉଚ୍ଚ ବିଦ୍ୟାଳୟର ଶତପ୍ରତିଶତ ସଫଳତା

**କୁଆଖିଆ,୪।୫/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଚଳିତ ମାଟ୍ରିକ ପରୀକ୍ଷା ଶତ ପ୍ରତିଶତ ସଫଳତା ଲାଭ କରିଛି। ବିଦ୍ୟାଳୟର ୩ ଜଣ ଛାତ୍ରଛାତ୍ରୀ ଏ୧, ୫ ଜଣ ଛାତ୍ରଛାତ୍ରୀ ଏ୨ ଓ ୧୭ ଜଣ ବି ୧କ୍ରମରେ ଶତପ୍ରତିଶତ ସଫଳତା ଲାଭ କରିଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ସ୍ନେହମୟୀ ଜେନା ଓ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କୃତୀ ଛାତ୍ରଛାତ୍ରୀ ଜ୍ୟୋତିର୍ମୟୀ ସାହୁ (୫୫୪), ଯୋଗେଶ କୁମାର ସାହୁ (୫୫୨), ଆତ୍ମଜିତ ଷଡ଼ଙ୍ଗୀ (୫୪୪) ଓ ଅନ୍ୟ ସମସ୍ତଙ୍କୁ ମିଠା ଖୁଆଇ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ବିଦ୍ୟାଳୟର ଆଲୁମ୍‌ନି ପ୍ରମୋଦ କୁମାର ଦାଶ, ଶ୍ୟାମ ସୁନ୍ଦର ଦାଶ, ସମିତି ସଭ୍ୟ ନରୋତ୍ତମ ସାହୁ ଓ ଗ୍ରାମବାସୀ ଶିକ୍ଷକ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ରାଜନଗରର ନୂତନ ତହସିଲଦାର ଯୀଶୁକୃଷ୍ଣ ଦାସ

**ରାଜନଗର,୪।୫/ଏନ୍‌ଏନ୍‌ଏସ୍:** ରାଜନଗର ତହସିଲଦାର ଅମୀୟ କେତନ ସ୍ୱାଇଁଙ୍କ ବଦଳି ହୋଇଛି। ତାଙ୍କ ସ୍ଥାନରେ ନବରଙ୍ଗପୁରରେ ଡେପୁଟି ସବ୍‌ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରୁଥିବା ଯୀଶୁକୃଷ୍ଣ ଦାସଙ୍କୁ ରାଜନଗର ତହସିଲଦାର ରୂପେ ନିଯୁକ୍ତି ଦିଆଯାଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ପତ୍ରରେ ପ୍ରକାଶ ପାଇଛି। ତହସିଲଦାର ଶ୍ରୀ ସ୍ୱାଇଁଙ୍କୁ କେନ୍ଦ୍ରାପଡ଼ାର ଡେପୁଟି କଲେକ୍ଟର ଭାବେ ନିଯୁକ୍ତି ମିଳିଥିବା ଜଣାପଡ଼ିଛି।

# କୃତି ଛାତ୍ରଙ୍କୁ ସମ୍ବର୍ଦ୍ଧନା

**ମାର୍ଶାଘାଇ,୪।୫/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ତାଳସଙ୍ଗା ପଞ୍ଚାୟତ ମାଣିକପୁରସ୍ଥିତ ନୃସିଂହଜୀଉ ଉଚ୍ଚ ବିଦ୍ୟାଳୟର ଛାତ୍ର ଅମିତ ମଲ୍ଲଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି ବିଜେପି ନାରୀ ନେତ୍ରୀ ଉଷାରାଣୀ ମିଶ୍ର। ଚଳିତ ମାଟ୍ରିକ ପରୀକ୍ଷାରେ ଅମିତ ୫୫୪ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଅମିତଙ୍କ ଏହି କୃତିତ୍ୱ ପାଇଁ ନାରୀ ନେତ୍ରୀ ଶ୍ରୀମତୀ ମିଶ୍ର ତାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି।

# ହାତୀ ଆକ୍ରମଣରେ ବୃଦ୍ଧା ଗୁରୁତର

**କାମାକ୍ଷାନଗର,୪।୫/ଏନ୍‌ଏନ୍‌ଏସ୍:** ଦୀର୍ଘ ଦିନର ବ୍ୟବଧାନ ପରେ ଢେଙ୍କାନାଳ ବନଖଣ୍ଡ ଜିରାଳ ଫରେଷ୍ଟ ସେକ୍ସନରେ ଦନ୍ତା ଆତଙ୍କ ଦେଖାଦେଇଛି। ସକାଳୁ ମର୍ଣ୍ଣିଂଓ୍ୱାର୍କରେ ଯାଇଥିବା ବେଳେ ଦନ୍ତା ଆକ୍ରମଣରେ ବୃଦ୍ଧା ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ ଜିରାଳ ଫରେଷ୍ଟ ସେକ୍ସନ କଇରାନାଳୀ ଗ୍ରାମର ରଜନୀ ରାଉତ। ସୂଚନା ଅନୁସାରେ ରଜନୀ ଆଜି ଭୋର ସମୟରେ ନିଜ ଘରୁ ବାହାରି ମର୍ଣ୍ଣିଂଓ୍ୱାର୍କ ରେ ଯାଇଥିବାବେଳେ ହଠାତ୍ ଦନ୍ତା ସହ ମୁହାଁମୁହିଁ ହୋଇଥିଲେ। ଫଳରେ ଦନ୍ତାଟି ତାଙ୍କୁ ଟେକି କଚାଡ଼ି ଦେଇଥିଲା। ଭାଗ୍ୟବଶତଃ ସେ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ କିଛି ସ୍ଥାନୀୟ ଲୋକ ତାଙ୍କୁ ଦନ୍ତା କବଳରୁ ଉଦ୍ଧାର କରିଥିଲେ। ଖବର ପାଇ ବନବିଭାଗ ପହଞ୍ଚି ଗୁରୁତର ରଜନୀଙ୍କୁ ଚିକିତ୍ସା ପାଇଁ ଜିରାଳ ମେଡିକାଲ୍‌ରେ ଭର୍ତ୍ତି କରିଥିବା ବେଳେ ଦୀର୍ଘ ଦିନର ବ୍ୟବଧାନ ପରେ ଦନ୍ତା ଆତଙ୍କକୁ ନେଇ ସ୍ଥାନୀୟ ଅଞ୍ଚଳ ରେ ଭୟର ବାତାବରଣ ଦେଖାଦେଇଛି।

# କେନାଲରେ ବୁଡ଼ି ଯୁବକ ମୃତ

**ତାଳଚେର,୪।୫/ଏନ୍‌ଏନ୍‌ଏସ୍:** ଆଜି ମଧ୍ୟାହ୍ନରେ ଟଙ୍କଧର କିଷାନ୍ (୩୭) ତାଳଚେର ରେଙ୍ଗାଳି ଦକ୍ଷିଣ କେନାଲକୁ ଗାଧୋଇବାକୁ ଯାଇ ସେଠାରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ କେନ୍ଦୁଝର ଜିଲ୍ଲା ତେଲକୋଇ ଅଞ୍ଚଳର ବୋଲି ଜଣାପଡ଼ିଛି। ସେ ଏଠାରେ



ଦୀର୍ଘବର୍ଷ ହେବ ରହି ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଏହି ଘଟଣା ପ୍ରଚାରିତ ହେବାପରେ ତାଳଚେର ଅଗ୍ନିଶମ ବିଭାଗ ସେଠାରେ ପହଞ୍ଚି ବହୁ ଖୋଜାଖୋଜି ପରେ ମୃତଦେହ ଉଦ୍ଧାର କରିଥିଲା। ମୃତଦେହ ଉଦ୍ଧାର କରାଯାଇଥିବା ସ୍ଥାନରୁ ହାଣ୍ଡି, ଡେକ୍‌ଚି ଓ ବ୍ୟାଗ୍ ଜବତ କରାଯାଇଛି। ତାଙ୍କ ଭାଇ କେହି ତାକୁ ମାରି କେନାଲରେ ପକାଇ ଦେଇଥିବା ଅଭିଯୋଗ କରିଛନ୍ତି। ସେ କେବଳ ଅନ୍ତଃବସ୍ତ୍ର ଖଣ୍ଡେ ପିନ୍ଧିଥିବା ଦେଖାଯାଇଥିଲା। ଅଗ୍ନିଶମ ବିଭାଗ ମୃତଦେହକୁ ଉଦ୍ଧାର କରି ପୁଲିସକୁ ହସ୍ତାନ୍ତର କରଛି। ପୁଲିସ୍ ତାଳଚେର ମଣ୍ଡପାଳ ଡ଼ାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ ଜାରି ରଖିଛି।

# ମା' ବିରଜା ବିଶ୍ୱଶାନ୍ତି ମହାଯଜ୍ଞ

**ରସୁଲପୁର,୪।୫/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ ବରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମରେ ବିଷ୍ଣୁ ପୀଠ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ତ୍ରିଦିବସୀୟ ମା' ବିରଜା ବିଶ୍ୱଜ୍ୟୋତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରେ ମହାଆଡମ୍ବରରେ କଳସ ଯାତ୍ରା ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପକୁ ଆସିଥିଲା। ପରେ ସବୁ ଦିନ ସୂର୍ଯ୍ୟ ପୂଜା, ଗୋ ପୂଜା,



ଗୁରୁ ପୂଜା, ଷୋଡ଼ଶ ଉପଚାର ପୂଜା, ଗୀତା ପାଠ, ପରେ ସପ୍ତସତି ଚଣ୍ଡୀ ମନ୍ତ୍ରରେ ଆହୁତି ଦିଆଯାଇଥିଲା। ସନ୍ଧ୍ୟାରେ ଆଳତି ପରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା। କର୍ତ୍ତା ଭାବେ ପ୍ରଶାନ୍ତ ନାୟକ, କର୍ତ୍ତ୍ରୀ ସବିତା ରାଣୀ ନାୟକ ଦାୟିତ୍ୱ ସମ୍ପନ୍ନ କରିଥିଲେ। ପଣ୍ଡିତ ଆଲୋକ ଚନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀନିବାସ ପଣ୍ଡା, ତ୍ରିଲୋଚନ ପଣ୍ଡା, ଚକ୍ରଧର ପଣ୍ଡା, ପବିତ୍ର ଦାଶ, ଅଭିଜିତ ପଣ୍ଡା, ବୁବୁନା ପଣ୍ଡା, କାହ୍ନୁ ଦାଶ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ମା' ବିରଜାଙ୍କ ଯଜ୍ଞସ୍ଥଳରେ ପ୍ରତ୍ୟେହ ବହୁ ଭକ୍ତ ପହଞ୍ଚି ମା'ଙ୍କ ଆଶୀର୍ବାଦ ଲାଭ କରିଥିଲେ। ମା'ଙ୍କ ଆଶୀର୍ବାଦ ପାଇବା ପାଇଁ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯଜ୍ଞସ୍ଥଳିରେ ପହଞ୍ଚିଥିଲେ। ଜିତେନ୍ଦ୍ର ନାୟକ, ରାଜାରାମ ରାଉତ, ଭୈରବ ରାଉତ, ପ୍ରଶାନ୍ତ ରାଉତ, ବିକ୍ରମ ରାଉତ, ଗିରିଧାରୀ ନାୟକ, ତରୁଣ ବେହେରା, ମନୁଆ ରାଉତ, ରାମଚନ୍ଦ୍ର ଦାଶ, ବାଇଧର ରାଉତ, ଦୁଃଶାସନ ନାୟକ, ମଦନ ଦାଶ, ଚିଲା ମହାନ୍ତି, ବାବା ପାତ୍ରଙ୍କ ସମେତ ବେତଣ୍ଡା ଗ୍ରାମବାସୀ ପରିଚାଳନାରେ ସହଯୋଗ କରଥିଲେ।

# ଡକାୟତି ଘଟଣାର ପର୍ଦ୍ଦାଫାସ୍, ୨ ଗିରଫ

**ତାଳଚେର,୪।୫/ଏନ୍‌ଏନ୍‌ଏସ୍:** ତାଳଚେର କୋଲିୟରୀ ଥାନା ଦେଉଳବେଡ଼ା ଅଞ୍ଚଳର ଅଶୋକ ଦାସଙ୍କ ଘରୁ ଗତ ବୁଧବର ସନ୍ଧ୍ୟାରେ ଏକ ବଡ଼ ଧରଣର ଡ଼କାୟତି ହୋଇଥିଲାବେଳେ ଆଜି ଏହାର ପର୍ଦ୍ଦାଫାସ୍ ହୋଇଛି। ପୁଲିସ ୨ ଜଣ ଡକାୟତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ପରିବାର ଲୋକ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିବାବେଳେ ଡକାୟତମାନେ ଘର କବାଟ ଭାଙ୍ଗି ପ୍ରାୟ ୮୦ଭରି ସୁନା ଏବଂ ୧ଲକ୍ଷ ଟଙ୍କା ନେଇଯାଇଥିବା ପରିବାର ଲୋକ ଅଭିଯୋଗ କରିଥିଲେ। ଦୁର୍ବୃତ୍ତମାନେ ଘର ଭିତରେ ପଶି ୮୦ଭରି ସୁନା ଓ ୧ଲକ୍ଷ ଟଙ୍କା ନେବାପରେ ଅନ୍ୟାନ୍ୟ ନାମୀଦାମୀ ଜିନିଷପତ୍ର ଖୋଜାଖୋଜି କରୁଥିବା ବେଳେ



ପରିବାର ଲୋକେ ଘରେ ପହଞ୍ଚି ଯାଇଥିଲେ। କବାଟ ଭଙ୍ଗା ଯାଇଥିବା ଦେଖି ତୁରନ୍ତ ଭିତରୁ ଯାଇ ଦେଖିଲା ବେଳକୁ ଦୁର୍ବୃତ୍ତମାନେ ଲୁଟାପାଟ୍ କରୁଥିଲେ। ଦୁର୍ବୃତ୍ତମାନେ ଚମ୍ପଟ ମାରୁଥିବା ବେଳେ ପରିବାର ଲୋକ ତାଙ୍କୁ କାବୁ କରିବାକୁ ଯାଇ ସେମାନଙ୍କ ଭୁଜାଲି ଓ ରଡ୍‌ମାଡ଼ର ଶିକାର ହୋଇ ଲହୁଲୁହାଣ ହୋଇଥିଲେ। ଏପରିକି ଦୁର୍ବୃତ୍ତମାନେ ପ୍ରମାଣ ନଷ୍ଟ କରିବାକୁ ଯାଇ ଘରେ ଲାଗିଥିବା ସିସିଟିଭି ହାର୍ଡଡିସ୍କ ନେଇ ଯାଇଥିଲେ। ଧସ୍ତାଧସ୍ତି ବେଳେ ହାର୍ଡଡିସ୍କ୍ ଓ କିଛି ଅଳଙ୍କାର ମଧ୍ୟ ଖସି ପଡ଼ିଥିଲା। ଏ ସମ୍ପର୍କରେ ପରିବାର ଲୋକେ କୋଲିୟରୀ ଥାନାରେ ଲିଖିତ ଅଭିଯୋଗ କରିବାପରେ ଆଜି ପୁଲିସ ପକ୍ଷରୁ ଭିନ୍ନଭିନ୍ନ ସ୍ଥାନରେ ଚଢ଼ଉ କରି ଭଦ୍ରକ ଜିଲ୍ଲା ଧୁଷୁରୀ ଗ୍ରାମର ଗିରିଶ ନାଏକ (୪୦) ଓ ଯାଜପୁର ପଞ୍ଚଳର ଅଭିମନ୍ୟୁ ସାହୁ (୨୫)ଙ୍କ ନିକଟରୁ କିଛି ସୁନା ଜବତ ସହିତ ସେମାନଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଏଥିରେ ଆଉ କେଉଁ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ତଦନ୍ତ ସାପେକ୍ଷ।

**ଆଜିର ମ୍ୟାଚ୍**
ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ ଦିଲ୍ଲୀ କ୍ୟାପିଟାଲ
ସମୟ: ସନ୍ଧ୍ୟା ୭.୩୦, ଭେନ୍ୟୁ: ହାଇଦ୍ରାବାଦ
ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ

## ରିୟାନ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ରାଜସ୍ଥାନ ପରାଜିତ

# ୧ ରନ୍‌ରେ ଜିତିଲା କୋଲକାତା

### ଆଇପିଏଲ୍ ଇତିହାସରେ ପ୍ରଥମ
### ୬ ବଲ୍‌ରେ ୬ ଛକା ମାରିଲେ ରିୟାନ୍





**କୋଲକାତା,୪।୫/ଏଜେନ୍ସି:** ରବିବାର କୋଲକାତା ଇଡେନ୍ ଗାର୍ଡେନ୍‌ରେ ଆଇପିଏଲ୍‌ର ୫୩ତମ ମ୍ୟାଚ୍ ଖେଳାଯାଇଛି। କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଏବଂ ରାଜସ୍ଥାନ ରୟାଲ୍ସ (ଆରଆର୍) ମଧ୍ୟରେ ଖେଳାଯାଇଥିବା ଏହି ରୋମାଞ୍ଚକ ମ୍ୟାଚ୍‌ରେ କେକେଆର୍ ମାତ୍ର ୧ ରନ୍‌ରେ ବିଜୟୀ ହୋଇଛି। କେକେଆର୍ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। କେକେଆର୍ ପାଇଁ ଓପନିଂ ଯୋଡି ଭାବେ ପଡ଼ିଆକୁ ଓହ୍ଲାଇଥିବା ସୁନୀଲ ନାରିନ୍ ଏବଂ ରେହମନୁଲାହ ଗୁରବାଜ୍ ମିଳିତ ଭାବେ ଦଳ ପାଇଁ ୧୩ ରନ୍ କରିଥିବା ବେଳେ ପ୍ରଥମ ୱିକେଟ୍ ଭାବେ ସୁନୀଲ ନାରିନ୍ ଆଉଟ୍ ହୋଇଥିଲେ। ରାଜସ୍ଥାନ ପାଇଁ ଡେବ୍ୟୁ କରିଥିବା ଯୁବ ବୋଲର ଯୁଦ୍ଧବୀର ସିଂହଙ୍କ ଏକ ବଲ୍‌ରେ ସୁନୀଲ କ୍ଲିନ୍‌ବୋଲ୍ଡ ହୋଇଥିଲେ। ପରେ ଅଧିନାୟକ ଅଜିଙ୍କ୍ୟ ରାହାଣେ, ଗୁରବାଜ୍‌ଙ୍କ ସହ ମିଶି ଦଳୀୟ ସ୍କୋରକୁ କିଛି ମାତ୍ରାରେ ଆଗକୁ ବଢ଼ାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଦଳୀୟ ସ୍କୋର ୬୯ ରନ୍ ଏବଂ ତାଙ୍କ ବ୍ୟକ୍ତିଗତ ସ୍କୋର ୩୫ ରନ୍ ଥିବା ବେଳେ ଗୁରବାଜ୍ ମଧ୍ୟ ନିଜ ୱିକେଟ୍ ହରାଇଥିଲେ। ସେ ତିକ୍ଷଣାଙ୍କ ବଲ୍‌ରେ ହେଟ୍‌ମାୟରଙ୍କ ହାତରେ କ୍ୟାଚ୍‌ଆଉଟ୍ ହୋଇ ପାଭିଲିୟନ୍ ଫେରିଥିଲେ। ତେବେ ରାହାଣେ ଏବଂ ରଘୁବଂଶୀ ମିଳିତ ଭାବେ ଦଳୀୟ ସ୍କୋରକୁ ଏକ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇବାରେ ସଫଳ ହୋଇଥିଲେ। ରାହାଣେ ବ୍ୟକ୍ତିଗତ ଭାବେ ୩୦ ରନ୍ କରି ପାଭିଲିୟନ୍ ଫେରିବା ବେଳକୁ ଦଳୀୟ ସ୍କୋର ୧୧୧ରେ ପହଞ୍ଚିସାରିଥିଲା। ରାହାଣେଙ୍କ ପରେ ପଡ଼ିଆକୁ ଆସିଥିବା ଆନ୍ଦ୍ରେ ରସେଲ୍ ପ୍ରଥମରୁ ଧିମା ଖେଳ ଆରମ୍ଭ କରିଥିଲେ ମଧ୍ୟ ପରେ ବିସ୍ଫୋରକ ଖେଳ ଖେଳିଥିଲେ। ସେ ମାତ୍ର ୨୫ ବଲ୍‌ରୁ ଅର୍ଦ୍ଧଶତକ (୫୭ ରନ୍) ହାସଲ କରିଥିଲେ। ସେହିପରି ରଘୁବଂଶୀ ବ୍ୟକ୍ତିଗତ ଭାବେ ୪୪ ରନ୍ କରି ପାଭିଲିୟନ୍ ଫେରିଥିଲେ। ଦଳ ପାଇଁ ରିଙ୍କୁ ସିଂହ ୬ ବଲ୍‌ରେ ୧୯ରନ୍ ଯୋଡିଥିଲେ। ଫଳରେ ନିର୍ଦ୍ଧାରିତ ୨୦ ଓଭର ସୁଦ୍ଧା କେକେଆର୍ ୪ ୱିକେଟ୍ ବିନିମୟରେ ୨୦୬ରନ୍ କରିନେଇଥିଲା।

୨୦୭ ରନ୍‌ର ଲକ୍ଷ୍ୟ ନେଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ରାଜସ୍ଥାନ କିନ୍ତୁ ପ୍ରଥମରୁ ଝଟ୍‌କା ଖାଇଥିଲା। ଦଳୀୟ ସ୍କୋର ମାତ୍ର ୫ ରନ୍ ଥିବା ବେଳେ ୧୪ ବର୍ଷୀୟ ସେନ୍‌ସେସନ୍ ଷ୍ଟାର ପରଫର୍ମର ଭାବେ ଚର୍ଚ୍ଚାରେ ଥିବା ବୈଭବ ରଘୁବଂଶୀ (୪ରନ୍) କ୍ୟାଚ୍‌ଆଉଟ୍ ହୋଇଯାଇଥିଲେ। ସେ ବୈଭବ ଆରୋରାଙ୍କ ଘାତକ ବୋଲିଂର ଶିକାର ହୋଇଥିଲେ। ପରେ ଜୈସ୍‌ୱାଲ୍ ୨୧ ବଲ୍‌ରୁ ୩୪ ରନ୍ କରି ୩ୟ ୱିକେଟ୍ ଭାବେ ଆଉଟ୍ ହୋଇଥିଲେ। ୬.୬ ଓଭର ସୁଦ୍ଧା ଦଳୀୟ ସ୍କୋର ମାତ୍ର ୬୬ ରନ୍ ହୋଇଥିବା ବେଳେ ରାଜସ୍ଥାନର ୩ଟି ମୂଲ୍ୟବାନ୍ ୱିକେଟ୍ ପତନ ହୋଇସାରିଥିଲା। ପରେ ପରେ ଧ୍ରୁବ ଜୁରେଲ, ହସରଙ୍ଗା ଏବଂ ହେଟମାୟାର ମଧ୍ୟ ନିଜ ୱିକେଟ୍ ହରାଇଥିଲେ। ଦଳର ୬ଷ୍ଠ ୱିକେଟ୍ ଭାବେ ହେଟମାୟାର ଆଉଟ୍ ହେବା ବେଳକୁ ଦଳୀୟ ସ୍କୋର ୧୬୩ ରହିଥିଲା। ଏହାପରେ ରାଜସ୍ଥାନ ଅଧିନାୟକ ରିୟାନ୍ ପରାଗ୍‌ଙ୍କ ଠାରୁ ଏକ ଲଢୁଆ ଇନିଂସ ଦେଖିବାକୁ ମିଳିଥିଲା। ସେ ୪୫ ବଲ୍‌ରୁ ୯୫ ରନ୍‌ର ଏକ ବଡ଼ ଇନିଂସ ଖେଳିଥିଲେ ମଧ୍ୟ ନିଜ ଶତକୁ ବଞ୍ଚିତ ହୋଇଥିଲେ। ତେବେ ତାଙ୍କର ଏହି ୯୫ରନ୍‌ର ବିସ୍ଫୋରକ ଇନିଂସରେ ୮ ଛକା ଏବଂ ୬ ଚୌକା ସାମିଲ ରହିଛି। କେବଳ ସେତିକି ନୁହେଁ ସେ କ୍ରମାଗତ ୬ଟି ବଲ୍‌ରେ ୬ଟି ଛକା ମାରିବାର ମଧ୍ୟ ଏକ ବିରଳ କୃତୀତ୍ୱ ହାସଲ କରିଛନ୍ତି। ସେ ମୋଇନ୍ ଅଲ୍ଲୀଙ୍କ ଶେଷ ୫ଟି ବଲ୍‌ରୁ ୫ଟି ଛକା ମାରିଥିବା ବେଳେ ବରୁଣ ଚକ୍ରବର୍ତ୍ତୀଙ୍କ ଓଭରରେ ପ୍ରଥମ ବଲ୍‌କୁ ଛକା ମାରିଥିଲେ। ଶୁଭମ୍ ଦୁବେ ଅପରାଜିତ ରହି ୧୪ ବଲ୍‌ରୁ ୨୫ ରନ୍ କରିଥିଲେ ମଧ୍ୟ ଏହା ଦଳ ପରାଜୟକୁ ଏଡାଇପାରିନଥିଲା। ନିର୍ଦ୍ଧାରିତ ୨୦ ଓଭର ଶେଷ ସୁଦ୍ଧା ରାଜସ୍ଥାନ ରୟାଲ୍ସ ୮ ୱିକେଟ୍ ବିନିମୟରେ ୨୦୫ ରନ୍ କରିବାକୁ ସକ୍ଷମ ହୋଇପାରିଥିଲା। ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚ୍ଚର, ଯୁଦ୍ଧବୀର ସିଂ, ମହିସ ତିକ୍ଷଣା ଏବଂ ରିୟାନ୍ ପରାଗ କୋଲକତାର ଗୋଟିଏ ଲେଖାଏ ୱିକେଟ୍ ହାସଲ କରିଥିଲେ। ସେହିପରି କୋଲକତା ପକ୍ଷରୁ ବୈଭବ ଆରୋରା ଗୋଟିଏ ୱିକେଟ୍ ନେଇଥିବା ବେଳେ ମୋଇନ୍ ଅଲ୍ଲୀ, ହର୍ଷିତ୍ ରାଣା, ବରୁଣ ଚକ୍ରବର୍ତ୍ତୀ ୨ଟି ଲେଖାଏ ୱିକେଟ୍ ହାସଲ କରିଥିଲେ।

### ଆଇପିଏଲ୍ ୨୦୨୫ ପଏଣ୍ଟ୍ ଟେବଲ୍

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଫଳ ଶୂନ୍ୟ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|
| ବେଙ୍ଗାଲୁରୁ | ୧୧ | ୮ | ୩ | ୦ | ୧୬ | +୦.୪୮୨ |
| ପଞ୍ଜାବ | ୧୧ | ୭ | ୩ | ୧ | ୧୫ | +୦.୩୭୬ |
| ମୁମ୍ବାଇ | ୧୧ | ୭ | ୪ | ୦ | ୧୪ | +୧.୨୭୪ |
| ଗୁଜରାଟ | ୧୦ | ୭ | ୩ | ୦ | ୧୪ | +୦.୮୬୭ |
| ଦିଲ୍ଲୀ | ୧୦ | ୬ | ୪ | ୦ | ୧୨ | +୦.୩୬୨ |
| କୋଲ୍‌କାତା | ୧୧ | ୫ | ୫ | ୧ | ୧୧ | +୦.୨୪୯ |
| ଲକ୍ଷ୍ନୌ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ରାଜସ୍ଥାନ | ୧୨ | ୩ | ୯ | ୦ | ୬ | -୦.୭୧୮ |
| ହାଇଦ୍ରାବାଦ | ୧୦ | ୩ | ୭ | ୦ | ୬ | -୧.୧୯୨ |
| ଚେନ୍ନାଇ | ୧୧ | ୨ | ୯ | ୦ | ୪ | -୧.୧୧୭ |



# ୩୭ ରନ୍‌ରେ ହାରିଲା ଲକ୍ଷ୍ନୌ

### ପଞ୍ଜାବର କ୍ରମାଗତ ୨ୟ ବିଜୟ


**ନୂଆଦିଲ୍ଲୀ,୪।୫/ଏଜେନ୍ସି:** ରବିବାର ଖେଳାଯାଇଥିବା ଆଇପିଏଲ୍‌ର ୫୪ତମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ୩୭ ରନ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସକୁ ପରାସ୍ତ କରିଛି। ସେହିପରି କ୍ରମାଗତ ୨ୟ ବିଜୟ ସହ ପଞ୍ଜାବ କିଙ୍ଗ୍‌ସ ପଏଣ୍ଟ ଟେବୁଲର ୨ୟ ସ୍ଥାନକୁ ଉନ୍ନୀତ ହୋଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପଞ୍ଜାବର ୱିକେଟ୍ କିପିଂ ତଥା ବ୍ୟାଟିଂ ଦାୟିତ୍ୱ ସମ୍ଭାଳୁଥିବା ପ୍ରଭସିମରନ୍ ସିଂହ ୪୮ ବଲ୍‌ରୁ ୯୧ ରନ୍‌ର ଏକ ବିସ୍ଫୋରକ ଇନିଂସ୍ ଖେଳିଥିଲେ। ପ୍ରିୟାଂଶ ଆର୍ଯ୍ୟା ବିଫଳ ହୋଇଥିଲେ। ସେ ୪ ବଲ୍‌ରୁ ମାତ୍ର ୧ ରନ୍ କରି ଆଉଟ୍ ହୋଇଯାଇଥିଲେ। ଅଧିନାୟକ ଶେୟସ ଆୟର ମଧ୍ୟ ୨୫ ବଲରୁ ୪୫ରନ୍ କରିପାରିଥିଲେ। ଜୋସ୍ ଇଂଲିଶ୍ ୩୦ ରନ୍‌ର ପାଳି ଖେଳିଥିଲେ। ତେବେ ଦଳ ୨୦ ଓଭର ସୁଦ୍ଧା ୫ ୱିକେଟ୍ ହରାଇ ୨୩୬ ରନ୍‌ର ଏକ ବିଶାଳ ଲକ୍ଷ୍ୟ ଲକ୍ଷ୍ନୌ ସମ୍ମୁଖରେ ରଖିଥିଲା। ଜବାବରେ ଲକ୍ଷ୍ନୌର ବ୍ୟାଟ୍ସମ୍ୟାନ୍‌ମାନେ ମାତ୍ର ୧୯୯ ରନ୍‌ରେ ହିଁ ପହଞ୍ଚିପାରିଥିଲେ। ଅଧିନାୟକ ଋଷଭ ପନ୍ତ ଆଜି ପୁଣିଥରେ ବିଫଳ ସାବ୍ୟସ୍ତ ହୋଇଥିଲେ। ନିକୋଲାସ୍ ପୁରନ୍, ମିଚେଲ ମାର୍ସ, ମାରକ୍ରମ୍ ମଧ୍ୟ ବିଫଳ ହୋଇଥିଲେ। ତେବେ ଆୟୁଷ ବଡୋନୀ ଏବଂ ଅବଦ୍ଦୁଲ ସମାଦ୍ ଲଢୁଆ ଇନିଂସ ଖେଳିଥିଲେ। ଆୟୁଷ ୪୦ ବଲ୍‌ରୁ ୭୪ ରନ୍ ଏବଂ ସମାଦ୍ ୨୪ ବଲ୍‌ରୁ ୪୫ ରନ୍ କରିଥିଲେ। ଦଳ ୨୦ ଓଭରରେ ୭ ୱିକେଟ୍ ହରାଇ ୧୯୯ ରନ୍ କରିପାରିଥିଲା।

## ଦେଶ ବିଦେଶ

### କରାଚିରେ ପହଞ୍ଚିଲା ତୁର୍କୀ ଯୁଦ୍ଧ ଜାହାଜ

**କରାଚୀ,୪।୫/ଏଜେନ୍ସି:** ଜମ୍ମୁ-କାଶ୍ମୀରର ପହଲଗାମ୍ ଜିଲ୍ଲା ବୈସାରନ୍ ଘାଟିରେ ଗତ ୨୨ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ସାଧାରଣ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଭାରତର ଆକ୍ରମଣ ଭୟରେ ଥରହର ହୋଇପଡ଼ିଛି ପାକିସ୍ତାନ। ପରିସ୍ଥିତିକୁ ଦୃଷ୍ଟିରେ ରଖି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହ୍‌ବାଜ ସରିଫ ସମର୍ଥନ ହାତେଇବା ଲାଗି ତୁର୍କୀ ରାଷ୍ଟ୍ରପତି ରେଚେପ ତାଇପେ ଏର୍ଦୋଗାନ୍‌ଙ୍କ ଶରଣ ପଶିଛନ୍ତି। ଏସବୁ ମଧ୍ୟରେ ତୁର୍କୀର ଏକ ବଡ଼ ଯୁଦ୍ଧ ଜାହାଜ 'ଟିସିଜି ବୁୟୁକାଡା' କରାଚିରେ ପହଞ୍ଚିଥିବା ସୂଚନା ମିଳିଛି। ତେବେ ତୁର୍କୀ ଯୁଦ୍ଧ ଜାହାଜ ପଠାଇବା ପ୍ରସଙ୍ଗ ଦୁଇ ଦେଶ ମଧ୍ୟରେ ସାମୁଦ୍ରିକ ସହଯୋଗ ବୃଦ୍ଧି ଦିଗରେ ଏକ ପଦକ୍ଷେପ ବୋଲି କୁହାଯାଉଛି। ଭାରତ ପାକିସ୍ତାନକୁ ଆତଙ୍କବାଦୀ ଆକ୍ରମଣର ଜବାବ ଦେବାକୁ ରଣନୀତି ପ୍ରସ୍ତୁତ କରୁଥିବାବେଳେ ତୁର୍କୀର ଏହି ପଦକ୍ଷେପ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

### ସ୍ୱୀକାର କଲେ ରାହୁଲ ଗାନ୍ଧୀ
# ଅପରେସନ୍ ବ୍ଲୁ ଷ୍ଟାର୍ କଂଗ୍ରେସର ଭୁଲ୍ ଥିଲା



**ବୋଷ୍ଟନ୍,୪।୫/ଏଜେନ୍ସି:** କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ କଂଗ୍ରେସର ଏକ ବଡ଼ ଭୁଲ୍‌କୁ ସ୍ୱୀକାର କରିଛନ୍ତି। ରାହୁଲ କହିଛନ୍ତି, ୮୦ ଦଶକରେ ତତ୍କାଳୀନ କଂଗ୍ରେସ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା 'ଅପରେସନ୍ ବ୍ଲୁ ଷ୍ଟାର' ନିଶ୍ଚିତ ରୂପେ ଏକ ଭୁଲ୍ ନିଷ୍ପତ୍ତି ଥିଲା। ପୂର୍ବରୁ ମଧ୍ୟ ସେ ସର୍ବସାଧାରଣରେ ଏହି ଭୁଲ୍‌କୁ ସ୍ୱୀକାର କରିସାରିଛନ୍ତି ଏବଂ ଏବେ ମଧ୍ୟ କରୁଛନ୍ତି। କେବଳ ସେତିକି ନୁହେଁ ସେସମୟରେ କଂଗ୍ରେସ କରିଥିବା ଏହି ଭୁଲ୍ ପାଇଁ ସେ ଉତ୍ତରଦାୟୀ ହେବାକୁ ମଧ୍ୟ ପ୍ରସ୍ତୁତ ବୋଲି ରାହୁଲ କହିଛନ୍ତି।

ରିପୋର୍ଟ ଅନୁସାରେ ପ୍ରାୟ ୨ ସପ୍ତାହ ପୂର୍ବେ ଆମେରିକାର ବ୍ରାଉନ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାହୁଲ ଯୋଗଦେଇଥିଲେ। ଏହି ସମୟରେ, ଜଣେ ଶିଖ୍ ଛାତ୍ର ରାହୁଲ ଗାନ୍ଧୀଙ୍କୁ ଅପରେସନ ବ୍ଲୁ ଷ୍ଟାର ସମ୍ପର୍କରେ ପ୍ରଶ୍ନ କରିଥିଲେ। ଛାତ୍ରଜଣକ କହିଥିଲେ ଆମେ ଅଭିବ୍ୟକ୍ତିର ବା ମତବ୍ୟକ୍ତ କରିବାର ସ୍ୱାଧୀନତା ଚାହୁଁ, ଯାହାକି କଂଗ୍ରେସ ଶାସନ ସମୟରେ ନଥିଲା। ଏତଦ୍‌ବ୍ୟତୀତ ଆନନ୍ଦପୁର ସାହିବ ପ୍ରସ୍ତାବ ଦଳିତଙ୍କ ଅଧିକାର ବିଷୟରେ କଥା ହୋଇଥିବା ବେଳେ କଂଗ୍ରେସ କିନ୍ତୁ ଏହାକୁ ବିଚ୍ଛିନ୍ନତାବାଦୀ ବୋଲି କହୁଛି। କୋର୍ଟ ସଜ୍ଜନ କୁମାରଙ୍କୁ ଦଣ୍ଡ ଦେଇଥିଲେ, କିନ୍ତୁ ଆଜି ମଧ୍ୟ କଂଗ୍ରେସରେ ସଜ୍ଜନ କୁମାରଙ୍କ ଭଳି ଅନେକ ଲୋକ ଅଛନ୍ତି ବୋଲି ନିର୍ଭିକ ଭାବେ ଶିଖ୍ ଛାତ୍ରଜଣକ ରାହୁଲଙ୍କୁ କହିଥିଲେ। ତେବେ ଛାତ୍ରଙ୍କ ଏପରି ପ୍ରଶ୍ନରେ ସାମାନ୍ୟ ଅପ୍ରସ୍ତୁତ ହୋଇପଡିଥିବା ରାହୁଲ କିନ୍ତୁ ପରବର୍ତ୍ତୀ ସମୟରେ ନିଜକୁ ପ୍ରକୃତିସ୍ଥ କରିବା ସହ ଉପରୋକ୍ତ ବୟାନ୍ ପୂର୍ବକ ଘଟଣାକୁ ସ୍ୱୀକାର କରିଥିଲେ। ଏହି ଘଟଣା ୨ ସପ୍ତାହ ପୂର୍ବର ହୋଇଥିବା ବେଳେ ରବିବାର ଏହାର କିଛି ଭିଡିଓ ଆଂଶିକ ଆଂଶିକ ଭାବେ ସାମ୍ନାକୁ ଆସିଛି। ଏହି ଭିଡିଓ ସାମ୍ନାକୁ ଆସିବା ପରେ ଏହା ଭାଇରାଲ୍ ହେବାରେ ଲାଗିଛି। ବିଜେପି ଆଇଟି ସେଲ୍ ମୁଖ୍ୟ ଅମିତ ମାଲବ୍ୟ କହିଛନ୍ତି ଏବେ ରାହୁଲ ଗାନ୍ଧୀଙ୍କୁ କେବଳ ଭାରତରେ ନୁହେଁ ବରଂ ବିଦେଶରେ ମଧ୍ୟ ସମାଲୋଚନା କରାଯାଉଛି। କଂଗ୍ରେସର ସବୁ ଭୁଲ୍, ତ୍ରୁଟି ସମୟକ୍ରମେ ସମସ୍ତେ ବୁଝିପାରିବେ।

ପ୍ରକାଶ, ୧୯୮୦ ଦଶକରେ, ତତ୍କାଳୀନ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱାଧୀନ ଭାରତ ସରକାର ପଞ୍ଜାବରେ ବଢୁଥିବା ଆତଙ୍କବାଦ ବିରୁଦ୍ଧରେ ଅପରେସନ ବ୍ଲୁ ଷ୍ଟାର ଆରମ୍ଭ କରିଥିଲେ। ଏଥିରେ ସଶସ୍ତ୍ର ଆନ୍ଦୋଳନର ନେତୃତ୍ୱ ନେଉଥିବା ଭିଣ୍ଡରାୱାଲେ ନିହତ ହୋଇଥିଲେ ଏବଂ ଅକାଳୀ ପକ୍ଷଙ୍କୁ ବହୁତ କ୍ଷତି ପହଞ୍ଚିଥିଲା। ଏହା ପରେ, ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କରି ସୁରକ୍ଷା କର୍ମୀ (ଶିଖ୍ ଯବାନ୍) ଗୁଳି କରି ହତ୍ୟା କରିଥିଲେ। ଏହା ପରେ ଦେଶବ୍ୟାପୀ ଶିଖ୍ ବିରୋଧୀ ଦଙ୍ଗା ହୋଇଥିଲା। ସରକାରୀ ସଂଖ୍ୟା ଅନୁଯାୟୀ, ଏହି ଦଙ୍ଗାରେ ୩,୦୦୦ରୁ ଅଧିକ ଶିଖ୍ ମୃତ୍ୟୁବରଣ କରିଥିଲେ।

# ବିଏସ୍ଏଫ୍ ଯବାନ୍‌ଙ୍କ କବ୍‌ଜାରେ ପାକ୍ ରେଞ୍ଜର

**ନୂଆଦିଲ୍ଲୀ,୪।୫/ଏଜେନ୍ସି:** ଭାରତୀୟ ସୀମା ସୁରକ୍ଷା (ବିଏସଏଫ୍) ଯବାନ ରାଜସ୍ଥାନର ଭାରତ-ପାକିସ୍ତାନ ସୀମାରୁ ଜଣେ ପାକିସ୍ତାନୀ ରେଞ୍ଜରଙ୍କୁ ନିଜ କବ୍‌ଜାକୁ ନେଇଥିବା ସୂଚନା ମିଳିଛି। ଏହି ପାକ୍ ରେଞ୍ଜର ଜଣକ ଶ୍ରୀଗଙ୍ଗାନଗରରେ ରହି ପାକିସ୍ତାନ ପାଇଁ ଗୁଇନ୍ଦା କାମ କରୁଥିବା ଅଭିଯୋଗ ହୋଇଛି। ଅଟକ ପାକିସ୍ତାନୀ ରେଞ୍ଜରଙ୍କୁ ବିଏସଏଫ୍ ରାଜସ୍ଥାନ ଫ୍ରଣ୍ଟିୟର ଏବେ ଜେରା କରିବା ଆରମ୍ଭ କରିଛି। ପଚରାଉଚରା କରୁଥିବା ଜଣାପଡ଼ିଛି। ପ୍ରକାଶ, ଗତ ୨୩ରେ ପାକିସ୍ତାନୀ ସୈନିକମାନେ ଭୁଲ୍‌ବଶତଃ ପାକିସ୍ତାନ ସୀମାକୁ ଚାଲିଯାଇଥିବା ଜଣେ ବିଏସଏଫ୍ ଯବାନଙ୍କୁ ଗିରଫ କରିଥିଲା ପାକିସ୍ତାନ। ପାକିସ୍ତାନ ଏ ପର୍ଯ୍ୟନ୍ତ ଉକ୍ତ ବିଏସ୍ଏଫ୍ ଯବାନ୍‌ଙ୍କୁ ମୁକ୍ତ କରିନାହାନ୍ତି। ଅନ୍ୟ ଏକ ରିପୋର୍ଟ ଅନୁସାରେ ପଞ୍ଜାବ ପୁଲିସ୍ ଅମୃତସରରୁ ୨ଜଣ ଗୁପ୍ତଚରଙ୍କୁ ଗିରଫ କରିଥିବା ସମ୍ବାଦ ହସ୍ତଗତ ହୋଇଛି। ଅଭିଯୁକ୍ତମାନେ ଭାରତୀୟ ସେନାର ଗତିବିଧି ସହ ଗୋପନୀୟ ସୂଚନା ସବୁକୁ ପାକିସ୍ତାନକୁ ଦେଉଥିବା ପ୍ରମାଣ ମିଳିଛି।


### ୟୁରୋପୀୟ ସଂଘକୁ ସିଧା ଶୁଣାଇଲେ ଜୟଶଙ୍କର
# ଆମକୁ ସହଯୋଗୀ ଆବଶ୍ୟକ, ଉପଦେଷ୍ଟା ନୁହେଁ



**ନୂଆଦିଲ୍ଲୀ,ୱାଶିଂଟନ୍,୪।୫/ଏଜେନ୍ସି:** ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ଯେଉଁଠି ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଘନୀଭୂତ ହେବାରେ ଲାଗିଛି, ଏପରି ଏକ ସମୟରେ ଭାରତୀୟ ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ଏକ ବଡ଼ ବିବୃତି ସାମ୍ନାକୁ ଆସିଛି। କେତେକ ପ୍ରସଙ୍ଗରେ ଭାରତ ପକ୍ଷ ସ୍ପଷ୍ଟ କରିବାକୁ ଯାଇ ଜୟଶଙ୍କର ସମଗ୍ର ୟୁରୋପୀୟ ସଂଘକୁ ଚେତାଇ ଦେଇଛନ୍ତି ଯେ, ଭାରତକୁ ବାସ୍ତବରେ ସହଯୋଗୀ ବା ଅଂଶୀଦାରଙ୍କ ଆବଶ୍ୟକତା ରହିଛି, ଜ୍ଞାନଦେବା ବାଲାଙ୍କର ନୁହେଁ। ପ୍ରକାଶ, ଜୟଶଙ୍କରଙ୍କ ଏପ୍ରକାର ବୟାନ୍ ଏପରି ଏକ ସମୟରେ ଆସିଛି ଯେତେବେଳେ ୟୁରୋପୀୟ ସଂଘ ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନାକୁ ହ୍ରାସ କରିବା ପାଇଁ, ଶାନ୍ତି ସ୍ଥାପନ କରିବା ପାଇଁ ତଥା ମଧ୍ୟସ୍ଥତା କରିବା ପାଇଁ ପ୍ରସ୍ତାବ ଦେଇଛି। ଭାରତ ଓ ପାକିସ୍ତାନ କୂଟନୈତିକ ଆଲୋଚନା ମାଧ୍ୟମରେ ନିଜର ବିବାଦ ସମାଧାନ କରନ୍ତୁ ଓ ଉତ୍ତେଜନା ହ୍ରାସ କରନ୍ତୁ ବୋଲି ୟୁରୋପୀୟ ସଂଘ ଗତ କାଲି ପରାମର୍ଶ ଦେଇଥିଲା । ଏହାକୁ ନେଇ ଭାରତ କ୍ଷୁବ୍ଧ ହୋଇଛି । ତେବେ ୟୁରୋପୀୟ ସଂଘର ଏପ୍ରକାର ପ୍ରସ୍ତାବ ଉପରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ୟୁରୋପ ସମେତ ସମଗ୍ର ବିଶ୍ୱକୁ ଏକ ସ୍ପଷ୍ଟ ଏବଂ ସିଧାସଳଖ ବାର୍ତ୍ତା ଦେଇଛନ୍ତି। ଜୟଶଙ୍କର କହିଛନ୍ତି, ଭାରତ ସହିତ ସୁସମ୍ପର୍କ ରକ୍ଷା ପାଇଁ ୟୁରୋପକୁ ମଧ୍ୟ କିଛି ସମ୍ବେଦନଶୀଳତା ଏବଂ ସ୍ୱାର୍ଥର ପାରସ୍ପରିକ କ୍ରିୟା ଦେଖାଇବାକୁ ପଡିବ।

ଆୟୋଜିତ ଆର୍କଟିକ୍ ସର୍କଲ ଇଣ୍ଡିଆ ଫୋରମ୍-୨୦୨୫ରେ ଯୋଗଦେବା ଅବସରରେ ଜୟଶଙ୍କର କହିଛନ୍ତି "ଭାରତକୁ ସହଯୋଗୀଙ୍କ ଆବଶ୍ୟକତା ଅଛି, ଉପଦେଷ୍ଟାଙ୍କର ନୁହେଁ। ଭାରତ ପାରସ୍ପରିକ ସମ୍ମାନ ଏବଂ ବୁଝାମଣା ପ୍ରଦର୍ଶନ କରୁଥିବା ଦେଶମାନଙ୍କ ସହିତ କାମ କରିବାକୁ ଚାହୁଁଛି। ସେ ୟୁରୋପୀୟ ସମୁଦାୟକୁ କଟାକ୍ଷ କରି କହିଥିଲେ ଯେ କିଛି ୟୁରୋପୀୟ ଦେଶଙ୍କ ମୂଲ୍ୟବୋଧ ଓ କର୍ମରେ ବିରାଟ ପାର୍ଥକ୍ୟ ରହିଛି। ଏକ ପାରସ୍ପରିକ ଆଲୋଚନା ଅଧିବେଶନ ପରିପ୍ରେକ୍ଷୀରେ ଜୟଶଙ୍କର କହିଛନ୍ତି ଯେ, ଭାରତ ସର୍ବଦା 'ରୁଷ୍‌ର ବାସ୍ତବବାଦ' ନୀତିକୁ ସମର୍ଥନ କରିଆସିଛି ଏବଂ ସମ୍ବଳ ପ୍ରଦାନକାରୀ ଏବଂ ଗ୍ରାହକ ଭାବରେ ଭାରତ ଏବଂ ରୁଷ୍ ମଧ୍ୟରେ 'ମହତ୍ୱପୂର୍ଣ୍ଣ ସମନ୍ୱୟ' ଏବଂ 'ପରିପୂରକତା' ରହିଛି। ଏହାର ଅର୍ଥ ନୁହେଁ ଯେ ଭାରତ ଆମେରିକୀୟ ବାସ୍ତବବାଦର ସମର୍ଥକ ନୁହେଁ। ଭାରତ ଆମେରିକୀୟ ବାସ୍ତବବାଦ ନୀତିକୁ ମଧ୍ୟ ଦୃଢ଼ତାର ସହ ସମର୍ଥନ କରେ। ତେବେ ରୁଷ୍‌କୁ ସାମିଲ ନକରି ରୁଷ୍-ୟୁକ୍ରେନ ଯୁଦ୍ଧ ବିବାଦର ସମାଧାନ ଖୋଜିବା ପାଇଁ ୟୁରୋପୀୟ ସମୁଦାୟଙ୍କ ପ୍ରୟାସ ଉପରେ ମଧ୍ୟ ଜୟଶଙ୍କର ପ୍ରଶ୍ନ ଉଠାଇଥିଲେ ଏବଂ ଏହା 'ବାସ୍ତବବାଦର ମୌଳିକତାକୁ ଚ୍ୟାଲେଞ୍ଜ କରିଛି ବୋଲି କହିଥିଲେ। ପ୍ରକାଶ, ଆର୍କଟିକ୍ ସର୍କଲ ଇଣ୍ଡିଆ ଫୋରମ୍-୨୦୨୫ରେ ବିଭିନ୍ନ ଦେଶର ବୈଦେଶିକ ମନ୍ତ୍ରୀମାନେ ବିଶ୍ୱସ୍ତରରେ ଘଟୁଥିବା ବିକାଶର ବିଶ୍ୱସ୍ତରୀୟ ପରିଣାମ ଏବଂ ପରିବର୍ତ୍ତିତ ବିଶ୍ୱ କ୍ରମ ଏହି ଅଞ୍ଚଳକୁ କିପରି ପ୍ରଭାବିତ କରୁଛି ସେସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

# ଚିରନିଦ୍ରାରେ ୧୨୮ ବର୍ଷୀୟ ଯୋଗଗୁରୁ




**ବାରାଣସୀ,୪।୫/ଏଜେନ୍ସି:** ଦେଶର ସର୍ବବୟୋଜ୍ୟେଷ୍ଠ ବିଶିଷ୍ଟ ଯୋଗଗୁରୁ ତଥା ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ସ୍ୱାମୀ ଶିବାନନ୍ଦ ୧୨୮ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଉତ୍ତରପ୍ରଦେଶର ବାରଣାସୀ ଠାରେ ଥିବା ନିଜ କୁଟୀରରେ ସେ ଦେହତ୍ୟାଗ କରିଛନ୍ତି। ଶିବାନନ୍ଦ ୮ ଅଗଷ୍ଟ ୧୮୯୭ରେ ବ୍ରିଟିଶ୍ ଇଣ୍ଡିଆ ଅଧୀନସ୍ଥ ସିଲହଟ୍ (ବର୍ତ୍ତମାନ ବାଂଲାଦେଶର ଅଂଶ) ଠାରେ ଜନ୍ମଗ୍ରହଣ କରିଥିଲେ। ଅତ୍ୟନ୍ତ ଗରିବ ପରିବାରରେ ଜନ୍ମ ନେଇଥିବା ଶିବାନନ୍ଦ ମାତ୍ର ୬ ବର୍ଷ ବୟସରେ ନିଜ ମା' ବାପା ଓ ଭଉଣୀଙ୍କୁ ହରାଇଥିଲେ। ଜୀବନର ସବୁକିଛି ହରାଇବା ପରେ ସେ ନବାଦ୍ୱିପ୍ (ପଶ୍ଚିମବଙ୍ଗ)ସ୍ଥିତ ଗୁରୁଜୀଙ୍କ ଆଶ୍ରମକୁ ଚାଲିଆସିଥିଲେ। ପରେ ସେ ଗୁରୁଜୀଙ୍କ ଆଦେଶକ୍ରମେ ଆଧାତ୍ମିକ ଗୁରୁ ଓଁକାରାନନ୍ଦ ଗୋସ୍ୱାମୀଙ୍କ ପାଖକୁ ଯିବା ପାଇଁ କାଶୀ ଅଭିମୁଖେ ଯାତ୍ରା କରିଥିଲେ। ସ୍ୱାମୀ ଶିବାନନ୍ଦଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଯୋଗକୁ ସମର୍ପିତ ତାଙ୍କ ଜୀବନ ଆଜିର ଯୁବପୀଢିକୁ ପ୍ରେରଣା ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ପୋଷ୍ଟ କରିଛନ୍ତି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଟ୍ୱିଟ୍ କରି ସ୍ୱାମିଜୀଙ୍କ ପରଲୋକଗତ ସମ୍ବାଦ ପାଇଁ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଶିବାନନ୍ଦ ନିଜ ଜୀବନକୁ ପରୋପକାର, ମାନବ କଲ୍ୟାଣ ତଥା ଆଧାତ୍ମିକ ଚିନ୍ତନ ଦିଗରେ ସମର୍ପିତ କରିଥିଲେ। ଯୋଗ କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ ଏବଂ ପ୍ରଚାର, ପ୍ରସାର ପାଇଁ ୨୦୨୨ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ। କୋଭିଡ୍ ପରି ଏକ ମାରାତ୍ମକ ମହାମାରୀ ସମୟରେ ମଧ୍ୟ ଶିବାନନ୍ଦ ସମ୍ପୂର୍ଣ୍ଣ ସୁସ୍ଥ ରହିଥିଲେ। ଯୋଗ ଏବଂ ଦୈନନ୍ଦିନ ଖାଦ୍ୟାଭ୍ୟାସକୁ ସେ ଏହାର ଶ୍ରେୟ ଦେଇଥିଲେ। ଏହାପୂର୍ବରୁ ୨୦୧୯ରେ ମଧ୍ୟ ସ୍ୱାମୀ ଶିବାନନ୍ଦଙ୍କୁ ଯୋଗରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra